# ଧରିତ୍ରୀ
DHARITRI

ରାୟଗଡ଼ା, ସୋମବାର, ଜୁନ୍ ୧୦ /୨୦୧୯ (୧୬ ପୃଷ୍ଠା) Rayagada, Monday, June 10 / 2019 ★

୯ମ ଭାଗ ୧୨୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




**୩୪ ବର୍ଷରେ ସୋନମ୍**

ଅଭିନେତ୍ରୀ ସୋନମ୍ କପୁର ରବିବାର ୩୪ବର୍ଷରେ ପଦାର୍ପଣ କରିଛନ୍ତି। ଘନିଷ୍ଠ ସାଙ୍ଗସାଥୀ ଏବଂ ପରିବାର ସଦସ୍ୟଙ୍କ ମେଳରେ ସେ ଜନ୍ମଦିନ ପାଳନ କରିଛନ୍ତି।

୦୨

୧୫

**ମ୍ଲାଡେନୋଭିଚ୍‌ଙ୍କୁ ଦ୍ୱିତୀୟ ଫ୍ରେଞ୍ଚ ଓପନ ଟାଇଟଲ**

ଫ୍ରାନ୍ସର କ୍ରିଷ୍ଟିନା ମ୍ଲାଡେନୋଭିଚ୍ ଦ୍ୱିତୀୟ ଥର ଫ୍ରେଞ୍ଚ ଓପନ୍ ଟେନିସ୍ ମହିଳା ଡବଲ୍ସ ଟାଇଟଲ ଜିତିଛନ୍ତି।



## ■ ହାଟବେଳେ ଭୁଶୁଡ଼ିଲା ପରିତ୍ୟକ୍ତ ରାଇସ୍ ମିଲ୍ ପାଚେରି

# ଚପିଗଲା ଚାରି ଜୀବନ

**ଢେଙ୍କାନାଳ ଅଫିସ,୯।୬**

ହାଟର ନାଁ ଅଳସୁଆ। ହେଲେ ହାଟୁଆମାନେ ଆଦୌ ଅଳସୁଆ ନୁହନ୍ତି। ସେଥିପାଇଁ ପ୍ରତି ସପ୍ତାହର ଶେଷ ଦିନରେ ଭାରି ଭିଡ଼ ହୁଏ ଢେଙ୍କାନାଳ ଷ୍ଟେଶନ ବଜାର ରୋଡ୍‌ରେ ଥିବା ଏହି ହାଟରେ। ସବୁଥର ପରି ରବିବାର ବି ବସିଥିଲା ହାଟ। ଭଲ ବେପାର ଆଶାରେ ଆସିଥିଲେ ବ୍ୟବସାୟୀ। ତାଜା ପରିବା ନେବାକୁ ପହଞ୍ଚିଥିଲେ ଗରାଖ। କିଣା ବିକା ଜୋର୍ ଧରୁଥିବା ବେଳେ ହଠାତ୍ ଘଟିଗଲା ଏକ ଦୁର୍ଘଟଣା। ସକାଳ ୮ଟା ୧୫ରେ ଭୁଶୁଡ଼ି ପଡ଼ିଲା ହାଟ ନିକଟରେ ଥିବା ଏକ ପରିତ୍ୟକ୍ତ ରାଇସ୍ ମିଲ୍‌ର ପାଚେରି, ଯାହା ତଳେ ଚପିଗଲା ୪ ବ୍ୟବସାୟୀଙ୍କ ଜୀବନ। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି। ଏଥିସହିତ ଆହତମାନଙ୍କ ଚିକିତ୍ସା ବିନା ମୂଲ୍ୟରେ କରାଯିବ ବୋଲି ସେ କହିଛନ୍ତି।

ସକାଳ ସାଢ଼େ ୭ଟାରୁ ଆରମ୍ଭ ହୋଇଥିଲା ଢେଙ୍କାନାଳ ପୌର ପରିଷଦ ଅଧୀନରେ ଥିବା ଅଳସୁଆ ହାଟ। ଅପରାହ୍ନ ଯାଏ ଏହା ଚାଲିବାକୁ ଥିବାରୁ ଖରାରୁ ବର୍ତ୍ତିବା ପାଇଁ କେତେଜଣ ବ୍ୟବସାୟୀ ହାଟ ପାର୍ଶ୍ୱ ଡି. ହଂସରାଜ ନାମକ ଏକ ପରିତ୍ୟକ୍ତ ରାଇସ୍‌ମିଲ୍‌ର ପାଚେରି ଛାଇରେ ବସିଥିଲେ। କିଛି ଗ୍ରାହକ ସମ୍ପୃକ୍ତ ବେପାରୀଙ୍କଠାରୁ ପରିବା କିଣୁଥିବା ବେଳେ ୧୦ରୁ ଅଧିକ ବାଇକ୍ ସେଠାରେ ରହିଥିଲା। ଏହି ସମୟରେ ହଠାତ୍ ୪୦ ବର୍ଷ ପୁରୁଣା ଉକ୍ତ ପାଚେରି ଭୁଶୁଡି ପଡିଥିଲା। ଫଳରେ ଏହା ତଳେ ବସିଥିବା ସଦର ଥାନା ଚାଇଁପୁରପାଟଣାର ସଂଗ୍ରାମ ସାହୁ(୨୫), ଗେଙ୍ଗୁଟିଆ ଗ୍ରାମର ରାମଚନ୍ଦ୍ର ସାହୁ(୩୨), ଗୁରୁଜଙ୍ଗର ଅଭିମନ୍ୟୁ ବିଶ୍ୱାଳ(୬୫), ତୁମୁସିଙ୍ଗା ଥାନା ପଣ୍ଡୁଆ ଫାଣ୍ଡି କମଗରା ସିଦ୍ଧପଡା ଗ୍ରାମର ମାୟାଧର ମଲିକ(୭୦) ଚାପି ହୋଇଯାଇଥିଲେ। ପରିବା ନେବାକୁ ଆସିଥିବା ସୋଗର କଣପାଳ ଗ୍ରାମର କିଣା ବେହେରା(୪୫), ସଦରଥାନା ଗୁଣ୍ଡିଚାପଡା ଗ୍ରୀଡ୍‌ର ସୁରକ୍ଷା କର୍ମୀ ଭାବେ କାମ କରୁଥିବା ଗଁଦିଆ ଥାନା ନୂଆଗଡର କାମେଶ ପାତ୍ର ଓ ରାସୋଳ ଥାନା ଗଞ୍ଜରା ଗ୍ରାମର ଶରତ ରାଉତ(୬୦) ମଧ ପାଚେରି ତଳେ ରହିଯାଇଥିଲେ। ହାଟରେ ଉପସ୍ଥିତ ଲୋକେ ପାଚେରି ତଳୁ ସମସ୍ତଙ୍କୁ ବାହାର କରିବାକୁ ଉଦ୍ୟମ କରୁଥିବା ବେଳେ ଖବରପାଇ ଟାଉନ ଥାନା ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ। ଗୁରୁତର ଅବସ୍ଥାରେ ୭ଜଣଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ହେଲେ ସେଠାରେ ଡାକ୍ତର ୪ ବେପାରୀ ସଂଗ୍ରାମ ସାହୁ, ରାମଚନ୍ଦ୍ର ସାହୁ, ଅଭିମନ୍ୟୁ ବିଶ୍ୱାଳ ଓ ମାୟାଧର ମଲିକଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ୩ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ତୁରନ୍ତ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଘଟଣାରେ ସାମାନ୍ୟ ଆହତ ହୋଇଥିବା ଢେଙ୍କାନାଳ ସହର ଟାଉନ ପ୍ଲାନିଂ ଅଞ୍ଚଳର ୨ଜଣଙ୍କୁ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ଖବରପାଇ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ, ଏସ୍‌ପି ଅନୁପମା ଜେମ୍‌ସ ପ୍ରମୁଖ ଘଟଣାସ୍ଥଳ ଓ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ମୃତକଙ୍କ ପରିବାରକୁ ରେଡକ୍ରସ ପକ୍ଷରୁ ୨୫ ହଜାର ଟଙ୍କା ଲେଖାଏ ସହାୟତା ଦିଆଯାଇଥିବା ବେଳେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସଂକ୍ରାନ୍ତରେ ଟାଉନ ଥାନାରେ ନଂ. ୧୯/୨୦୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଅନ୍ୟପଟେ ମୃତ ବ୍ୟବସାୟୀଙ୍କ ପରିବାରକୁ ଅଧିକ କ୍ଷତିପୂରଣ ଦାବିରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସାମାନ୍ୟ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏହି ସମୟରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ବିଧାୟକ ସୁଧୀର କୁମାର ସାମଲ, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ସଦର ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର ପ୍ରମୁଖ ପହଞ୍ଚି ମୃତକଙ୍କ ପରିବାରକୁ ବୁଝାଶୁଝା କରିଥିଲେ। ଅଧିକ ସହାୟତା ପାଇଁ ରାଜ୍ୟ ସରକାରଙ୍କୁ ପ୍ରଶାସନ ପକ୍ଷରୁ ଲିଖିତ ଭାବେ ଜଣାଯାଇଛି ବୋଲି ଅତିରିକ୍ତ ଜିଲାପାଳ ସୂଚନା ଦେବାପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଏହି ଦୁର୍ଘଟଣା ପରେ ପୌରସଂସ୍ଥା ପକ୍ଷରୁ ତୁରନ୍ତ ଅଳସୁଆ ହାଟ ପାର୍ଶ୍ୱରେ ଥିବା ଉକ୍ତ ପରିତ୍ୟକ୍ତ ପାଚେରିର ଅନ୍ୟ ଅଂଶ ସହ ପରିତ୍ୟକ୍ତ ଘର ଗୁଡ଼ିକୁ ଜେସିବି ମେଶିନ ସାହାଯ୍ୟରେ ଭଙ୍ଗା ଯାଇଥିଲା।

ଏ ସମ୍ପର୍କରେ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ କହିଛନ୍ତି, ଏହା ଅତ୍ୟନ୍ତ ଦୁଃଖଦ ଘଟଣା। ମୃତ ବ୍ୟବସାୟୀଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରାଯାଇ ତୁରନ୍ତ ରେଡକ୍ରସ ପକ୍ଷରୁ ୨୫ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଇଛି। କଟକରେ ୩ ଗୁରୁତରଙ୍କ ଚିକିତ୍ସାର ତଦାରଖ କରାଯାଉଛି। ଯେଉଁମାନେ ସାମାନ୍ୟ ଆହତ ହୋଇଥିଲେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଛାଡି ଦିଆଯାଇଛି। ରାଇସମିଲ୍ କରିଥିବା ସଂସ୍ଥା କିଭଳି ଲିଜ୍ ନେଇଥିଲେ ଏବଂ କେବେଠାରୁ ତାହା ବନ୍ଦ ପଡିଥିଲା ସେ ସମ୍ପର୍କରେ ତଦନ୍ତ କରାଯାଇ ନୋଟିସ୍ ଜାରି କରାଯିବ ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ହାଟ ପାର୍ଶ୍ୱରେ ଥିବା ବିପଦସଙ୍କୁଳ ସମସ୍ତ ପାଚେରି, ଘରଗୁଡ଼ିକୁ ଭଙ୍ଗାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।



ପରିତ୍ୟକ୍ତ ରାଇସ୍ ମିଲର ପାଚେରି ଭୁଶୁଡ଼ି ଯାଇଛି।

- ■ କଟକରେ ଚାଲିଛି ୩ ଗୁରୁତରଙ୍କ ଚିକିତ୍ସା
- ■ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଲେଖାଏ ସହାୟତା
- ■ ରେଡକ୍ରସ ପକ୍ଷରୁ ମିଳିଲା ୨୫ ହଜାର ଟଙ୍କା
- ■ ରାଇସ୍ ମିଲ୍ ମାଲିକଙ୍କୁ ନୋଟିସ୍ କରିବ ପ୍ରଶାସନ

# ଧାଓ୍ୱନ ଧମାକା



**ଲଣ୍ଡନ, ୯।୬–**

ସ୍ଥାନୀୟ କେନିଙ୍ଗଟନ ଓଭାଲ ଗ୍ରାଉଣ୍ଡରେ କ୍ୟାରିୟରର ଅନ୍ୟତମ ସ୍ମରଣୀୟ ଇନିଂସ ଖେଳିଛନ୍ତି ଭାରତର ଶିଖର ଧାଓ୍ୱନ। ଚଳିତ ଆଇସିସି ବିଶ୍ୱକପର ରବିବାର ଅନୁଷ୍ଠିତ ମ୍ୟାଚରେ ସେ ଅଷ୍ଟ୍ରେଲିଆ ବୋଲରଙ୍କୁ ଧୂଲେଇ କରି ହାସଲ କରିଛନ୍ତି ୧୭ତମ ଦିନିକିଆ ଶତକ। ୧୦୯ ବଲ୍ ଖେଳି ୧୬ ଚୌକା ସହାୟତାରେ ସେ ୧୧୭ ରନ ସ୍କୋର କରିଛନ୍ତି। ଧାଓ୍ୱନଙ୍କ ଧମାକାଦାର ଶତକ ବଳରେ ଭାରତ ୫୦ ଓଭରରେ ୫ ଉଇକେଟ ହରାଇ ୩୫୨ ରନର ବୃହତ୍ ସ୍କୋର କରିଛି। ସେ ଶତକ ହାସଲ କରିବା ସହ ଓପନିଂ ଯୋଡ଼ିରେ ରୋହିତ ଶର୍ମାଙ୍କ ସହ ୧୨୭ ଏବଂ ଦ୍ୱିତୀୟ ଉଇକେଟ ଯୋଡ଼ିରେ ଅଧିନାୟକ ବିରାଟ କୋହଲିଙ୍କ ମୂଲ୍ୟବାନ ୯୩ ରନର ଭାଗୀଦାରି ଗଢ଼ିଛନ୍ତି।

**ଶିଖର ଧାଓ୍ୱନ**
- ■ ୧୧୭ ରନ
- ■ ୧୦୯ ବଲ
- ■ ୧୬ ଚୌକା
- ■ ଷ୍ଟ୍ରାଇକ୍ ହାର ୧୦୭.୩୪

# ପୁଣି ଲେଉଟିଲା ତାତି

**ଭୁବନେଶ୍ୱର,୯।୬(ବ୍ୟୁରୋ)**

ପୁଣି ତାତି ଲେଉଟିଛି। ଶନିବାର ଅପେକ୍ଷା ରବିବାର ତାପମାତ୍ରା ବୃଦ୍ଧି ପାଇଛି। ପଶ୍ଚିମ ଓଡ଼ିଶାର ଅଧିକାଂଶ ଅଞ୍ଚଳରେ ତାପମାତ୍ରା ୪୦ଡିଗ୍ରୀ ଉପରେ ରହିଥିଲା। ପ୍ରବଳ ଖରା ସାଙ୍ଗକୁ ଗୁଳୁଗୁଳି ଜନସାଧାରଣଙ୍କୁ ଅସ୍ତବ୍ୟସ୍ତ କରିଦେଉଛି। ଘର ଭିତରେ ମଧ ଗୁଳୁଗୁଳି ଅନୁଭୂତି ହେଉଛି। ରବିବାର ଅନୁଗୋଳ, ଝାରସୁଗୁଡ଼ା, ସମ୍ବଲପୁର, ହୀରାକୁଦ, ଭବାନୀପାଟଣା, ବଲାଙ୍ଗୀର, ଟିଟିଲାଗଡ଼, ମାଲକାନଗିରି, ସୋନପୁର ଆଦି ୯ ସହରରେ ତାପମାତ୍ରା ୪ଡିଗ୍ରୀ ଟପିଥିଲା। ସମ୍ବଲପୁର ସର୍ବାଧିକ ୪୩.୬ଡିଗ୍ରୀ ତାପମାତ୍ରା ରହିଥିବା ବେଳେ ହୀରାକୁଦ ୪୩.୧, ଟିଟିଲାଗଡ଼ ୪୨.୬, ଝାରସୁଗୁଡ଼ା ୪୨.୨, ବଲାଙ୍ଗୀର ୪୨, ମାଲକାନଗିରି ୪୧, ସୋନପୁର ୪୦.୮, ଭବାନୀପାଟଣା ୪୦.୫ ଓ ଅନୁଗୋଳ ୪୦.୪ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଭୁବନେଶ୍ୱରରେ ତାପମାତ୍ରା ୩୭.୭ଡିଗ୍ରୀ ରହିଥିବା ବେଳେ କଟକରେ ୩୬.୫ଡିଗ୍ରୀ ରହିଥିଲା। ସେପଟେ କେରଳରେ ମୌସୁମୀ ଛୁଇଁବା ପରେ ଓଡ଼ିଶାରେ ମୌସୁମୀ କେବେ ପହଞ୍ଚିବ, ତାକୁ ନେଇ ସମସ୍ତଙ୍କର ଅପେକ୍ଷା। ଆଉ ୬ଦିନ ମଧ୍ୟରେ ଓଡ଼ିଶାରେ ମୌସୁମୀ ଛୁଇଁବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ ☞ପୃଷ୍ଠା–୪

**୪୦ ଡିଗ୍ରୀ ଟପିଲା ୯ ସହର**




### ପଶ୍ଚିମବଙ୍ଗରେ ଥମୁନି ରାଜନୈତିକ ହିଂସା

# ସନ୍ଦେଶଖାଲିରେ ୮ କର୍ମୀଙ୍କୁ ହତ୍ୟା

**କୋଲକାତା/ନୂଆଦିଲ୍ଲୀ,୯।୬(ପି.ଟି./ଆଇଏଏନ୍ଏସ୍)–**

ପଶ୍ଚିମବଙ୍ଗରେ ନିର୍ବାଚନ ପୂର୍ବରୁ କୁହୁଳୁଥିବା ଧୂଆଁର ନିଆଁ ଏବେ ବି ଜଳୁଛି। ରାଜ୍ୟର ବିଭିନ୍ନ ସ୍ଥାନରେ ହିଂସା ଜାରି ରହିଥିବାବେଳେ ୨୪ ପ୍ରଗଣା ଜିଲାରେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ବିରୋଧୀ ଭାଜପା କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ଉଭୟ ଦଳର ୮ କର୍ମୀଙ୍କ ଜୀବନ ଯାଇଥିବାବେଳେ ଅନ୍ୟ କେତେଜଣ ଆହତ ଓ ନିଖୋଜ ହୋଇଯାଇଥିବା କୁହାଯାଉଛି। ଏହି ପ୍ରସଙ୍ଗକୁ ନେଇ ଦୁଇଦଳ ପରସ୍ପର ଉପରେ ଦୋଷାରୋପ କରି ମୁହାଁମୁହିଁ ହୋଇଛନ୍ତି। କେନ୍ଦ୍ର ସରକାର ରବିବାର ଏହାର ନିନ୍ଦା କରିବା ସହ ଆଇନଶୃଙ୍ଖଳା ବଜାୟ ରଖିବା ଲାଗି ପଦକ୍ଷେପ ନେବା ସକାଶେ ରାଜ୍ୟକୁ ଏକ ଆଡଭାଇଜରି ଜାରି କରିଛନ୍ତି। ଉତ୍ତେଜନାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

ପଶ୍ଚିମବଙ୍ଗରେ ଲୋକ ସଭା ନିର୍ବାଚନ ବେଳେ ☞ପୃଷ୍ଠା–୪

**ଟିଏମ୍‌ସି-ଭାଜପା ସଂଘର୍ଷ**
- ■ ପୋଲିସ କହୁଛି ୫ ନିହତ
- ■ ନିଖୋଜଙ୍କୁ ଠାବ ପାଇଁ ଚାଲିଛି ତଲାସି
- ■ ପରସ୍ପରକୁ ଦାୟୀ କଲେ ଦୁଇଦଳ
- ■ ଶାନ୍ତି ବଜାୟ ପାଇଁ ନିର୍ଦ୍ଦେଶନାମା ଜାରି କଲା କେନ୍ଦ୍ର

**ଆଜିର ସମ୍ପାଦକୀୟ**

**ଖଣିରେ ମୃତ୍ୟୁ**

**ଆଜିର ମନ୍ତବ୍ୟ**

" ଆତଙ୍କବାଦର ମୂଳୋତ୍ପାଟନ ପାଇଁ ସାମୂହିକ ଉଦ୍ୟମ ଲୋଡ଼ା।

–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ


NECC NATIONAL EGG CO-ORDINATION COMMITTEE 09.06.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 111 | 172 | 182 |
| CTC | 111 | 172 | 182 |
| DKL | 109 | 170 | 180 |
| BDK | 109 | 170 | 180 |
| BLS | 109 | 170 | 180 |
| ANG | 109 | 170 | 180 |

*Conditions Apply

Eggs Retail Price- 41/-Dozen
Issued in the Interest of Consumers


**କିଛି ତଥ୍ୟ**

ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି)ରେ ମାସିକ ୩.୯ କୋଟି ବିଜ୍‌ନେସ ଟୁ ବିଜ୍‌ନେସ୍ (ବିଟୁବି) ଇନଭଏସ୍ ଜେନେରେଟ ହେଉଛି।

– ଜିଏସ୍‌ଟିଏନ୍








“ ଶତ୍ରୁଙ୍କ ଘରେ ପଶି ମାରିବୁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନ ପ୍ରଚାର ବେଳେ କହି ବୁଲୁଥିଲେ। ଆତଙ୍କବାଦ ନିରୋଧୀ କାର୍ଯ୍ୟାନୁଷ୍ଠାନ ପାକିସ୍ତାନରେ ନୁହେଁ, ବରଂ କଶ୍ମୀରରେ ନିଆଯାଇଛି, ଯାହାକି ଭାରତର ଏକ ଅଙ୍ଗ।

-ଶରଦ ପାୱାର, ଏନ୍‌ସିପି ମୁଖ୍ୟ



### ଥମୁନି ଲଜ୍ଜା: ଆଲିଗଡ଼, ହମିରପୁର ପରେ ଭୋପାଳ

# ନାବାଳିକାଙ୍କୁ ବଳାତ୍କାର, ହତ୍ୟା

ଭୋପାଳ,୯।୬(ପି.ଟି./ ଆଇଏଏନ୍‌ଏସ୍)

ଉତ୍ତରପ୍ରଦେଶର ଆଲିଗଡ଼ ଓ ହମିରପୁର ପରେ ମଧ୍ୟପ୍ରଦେଶ ରାଜଧାନୀ ଭୋପାଳରେ ଘଟିଛି ଆଉ ଏକ ଲଜ୍ଜାଜନକ ଘଟଣା। ଭୋପାଳର କମଳାନଗରରେ ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ତଣ୍ଟିଚିପି ହତ୍ୟା କରାଯାଇଛି। ୮ ବର୍ଷୀୟା ଝିଅଙ୍କ ମୃତଦେହ ରବିବାର ଏକ ନାଳରୁ ଉଦ୍ଧାର କରାଯିବା ପରେ ଚାଞ୍ଚଲ୍ୟ ଖେଳିଯାଇଛି। ଏହି ମାମଲାରେ ୬ ପୋଲିସ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି।




ଭୋପାଳସ୍ଥିତ କମଳାନଗର ଥାନା ମଣ୍ଡୱା ବସ୍ତିର ଜଣେ ନାବାଳିକା ଶନିବାର ରାତି ପ୍ରାୟ ୮ଟାରେ କିଛି ସାମଗ୍ରୀ କିଣିବା ପାଇଁ ଘରୁ ବାହାରିଥିଲେ। ସେ ନ ଫେରିବାରୁ ଘର ଲୋକେ ତାଙ୍କୁ ବହୁ ଖୋଜାଖୋଜି କରିଥିଲେ। ତାଙ୍କର ପତ୍ତା ନ ମିଳିବାରୁ ପରିବାର ଲୋକେ କମଳାନଗର ଥାନାରେ ଝିଅ ନିଖୋଜ ଥିବା ନେଇ ରିପୋର୍ଟ କରିଥିଲେ। ହେଲେ ପୋଲିସ ଏହାକୁ ଗମ୍ଭୀରତା ସହ ନେଇ ନ ଥିଲା। ରାତି ୧୧ଟାରେ ଜଣେ କର୍ପୋରେଟରଙ୍କଠାରୁ ଫୋନ୍ କଲ୍ ପାଇବା ପରେ ପୋଲିସର ନିଦ ଭାଙ୍ଗିଲା। ମାତ୍ର କିଛି ଲାଭ ହେଲାନାହିଁ। ରବିବାର ସକାଳ ୫ଟାରେ ସମ୍ପୃକ୍ତ ଅଞ୍ଚଳର ଏକ ନାଳରୁ ନାବାଳିକାଙ୍କ ମୃତଦେହ ମିଳିଲା। ହାମିଦିଆ ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ ବେଳେ ଏହାକୁ ନେଇ ଉତ୍ତେଜନା ଦେଖାଦେଇଛି। ନିଖୋଜ ରିପୋର୍ଟ ପାଇବା ପରେ ସମ୍ପୃକ୍ତ ଅଞ୍ଚଳରେ ପୋଲିସ ମୁତୟନ କରାଯାଇ ତଲାସି ଚଳାଇଥିଲେ ଏପରି ଘଟି ନ ଥାନ୍ତା ବୋଲି ପରିବାର ଓ ଉତ୍ତ୍ୟକ୍ତ ଲୋକେ ଅଭିଯୋଗ କରିଛନ୍ତି। କର୍ତ୍ତବ୍ୟରେ ଅବହେଳା ପାଇଁ ୬ ପୋଲିସ ଅଧିକାରୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ନାବାଳିକାଙ୍କୁ ବଳାତ୍କାର ପରେ ତଣ୍ଟିଚିପି ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଛି। ତାଙ୍କୁ ଧରାଇଦେଲେ ୨୦ ହଜାର ଟଙ୍କା ଦିଆଯିବ ବୋଲି ପୋଲିସ ପକ୍ଷରୁ ଘୋଷଣା କରାଯାଇଛି।

ଏହାର ଦୁଇଦିନ ପୂର୍ବରୁ ଉଜ୍ଜୟିନୀରେ ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଅଭିଯୋଗରେ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରାଯାଇଥିଲା। ମଧ୍ୟପ୍ରଦେଶରେ ନାବାଳିକାଙ୍କ ପ୍ରତି ଯୌନ ଉତ୍ପୀଡ଼ନ ଘଟଣା ରାଜ୍ୟ ରାଜନୀତିକୁ ସରଗରମ କରିଛି। ଭୋପାଳର ନବନିର୍ବାଚିତ ଏମ୍‌ପି ପ୍ରଜ୍ଞା ସିଂ ଠାକୁର ସଦ୍ୟ ଘଟଣାର ନିନ୍ଦା କରିବା ସହ ପୀଡ଼ିତାଙ୍କ ଘରକୁ ଯାଇ ସମବେଦନା ଜଣାଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗ୍‌ବିଜୟ ସିଂ ମଧ୍ୟ ନାବାଳିକାଙ୍କ ଘରକୁ ଯାଇ ଏହାର ନିନ୍ଦା କରିଛନ୍ତି। ମୁଖ୍ୟମନ୍ତ୍ରୀ କମଲନାଥ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେଇଛନ୍ତି। ୟୁପିର ହମିରପୁର ଜିଲାରେ ଜଣେ ୧୦ ବର୍ଷୀୟା ଝିଅଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି। ଦଳିତ ନାବାଳିକା ଜଣକ ଶୁକ୍ରବାର ରାତିରେ ତାଙ୍କ ଘର ବାହାରେ ମା'ଙ୍କ ସହ ଶୋଇଥିଲେ। କେତେଜଣ ଦୁର୍ବୃତ୍ତ ତାଙ୍କୁ ଉଠାଇନେଇ ଏକ ଶ୍ମଶାନ ଘାଟରେ ଗଣବଳାତ୍କାର ପରେ ହତ୍ୟା କରିଥିଲେ। ନାବାଳିକାଙ୍କ ମୃତଦେହ ଏକ ବୁଦାରୁ ଉଦ୍ଧାର ହୋଇଛି। ୫ ଅଭିଯୁକ୍ତ ଗିରଫ ହୋଇଛନ୍ତି।

### ନାଳରୁ ମିଳିଲା ୮ ବର୍ଷୀୟା ଝିଅଙ୍କ ମୃତଦେହ

### ୬ ପୋଲିସ ନିଲମ୍ବିତ



## ସାଧ୍ୱୀ ପ୍ରାଚୀଙ୍କୁ ଆଲିଗଡ଼ ମନା

ଆଲିଗଡ଼,୯।୬(ପି.ଟି.): ହିନ୍ଦୁତ୍ୱବାଦୀ ନେତା ସାଧ୍ୱୀ ପ୍ରଜ୍ଞା ରବିବାର ଆଲିଗଡ଼ର ତପ୍ପାଲ ସହରକୁ ଯାଉଥିବାବେଳେ ଉତ୍ତେଜନା ଆଶଙ୍କାରେ ତାଙ୍କୁ ରୋକାଯାଇଛି। ହତ୍ୟାର ଶିକାର ହୋଇଥିବା ଅଢ଼େଇ ବର୍ଷୀୟା ଝିଅଙ୍କୁ ନ୍ୟାୟ ପ୍ରଦାନ ଦାବିରେ ରୁଣ୍ଡ ହୋଇଥିବା ଲୋକଙ୍କୁ ଘଉଡ଼ାଇବା ପାଇଁ ପୋଲିସକୁ ବଳ ପ୍ରୟୋଗ କରିବାକୁ ପଡ଼ିଛି। ଅନ୍ୟପକ୍ଷରେ ପୀଡ଼ିତାଙ୍କ ପରିବାର ଲୋକେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଙ୍କୁ ଭୋଟିବାକୁ ମନା କରିଦେଇଛନ୍ତି। ଗିରଫ ୪ ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡ ଦିଆଯାଉ ବୋଲି ସେମାନେ ଦାବି କରିଛନ୍ତି। ମେ ୩୦ରେ ନିଖୋଜ ହୋଇଯାଇଥିବା ନାବାଳିକାଙ୍କ ମୃତଦେହ ଜୁନ୍ ୨ରେ ଏକ ଅଳିଆ ଗଦାରୁ ମିଳିଥିଲା। ୧୦ ହଜାର ଟଙ୍କା ପାଇଁ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୁକ୍ତମାନେ ପୋଲିସ ନିକଟରେ ସ୍ୱୀକାର କରିସାରିଛନ୍ତି।



### ବିହାର ବାହାରେ ଏନ୍‌ଡିଏର ନୁହନ୍ତି ନୀତୀଶ

## ୪ ରାଜ୍ୟରେ ଏକାକୀ ଲଢ଼ିବ ଜେଡିୟୁ



ଜେଡିୟୁ କାର୍ଯ୍ୟକାରିଣୀ ବୈଠକରେ ଅଧ୍ୟକ୍ଷ ନୀତୀଶ କୁମାର, ଉପାଧ୍ୟକ୍ଷ ପ୍ରଶାନ୍ତ କିଶୋର ଓ ସାଧାରଣ ସମ୍ପାଦକ କେ.ସି. ତ୍ୟାଗୀ।

ପାଟନା,୯।୬(ଆଇଏଏନ୍‌ଏସ୍)

ଗତ ଲୋକ ସଭା ନିର୍ବାଚନରେ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଭାଜପା ନେତୃତ୍ୱାଧୀନ ଏନ୍‌ଡିଏରେ ସାମିଲ ହୋଇଥିଲା। ନିର୍ବାଚନ ଶେଷ ହେବା ପରେ ବିହାର ମୁଖ୍ୟମନ୍ତ୍ରୀ ତାଙ୍କ ମନୋଭାବରେ ପରିବର୍ତ୍ତନ କରିଛନ୍ତି। ବିହାର ବାହାରେ ନୀତୀଶ ଏନ୍‌ଡିଏର ନୁହନ୍ତି। ଅର୍ଥାତ୍ ବିହାର ଭିନ୍ନ ଅନ୍ୟ ରାଜ୍ୟ ବିଧାନସଭା ନିର୍ବାଚନରେ ଜେଡିୟୁ ଏକାକୀ ଲଢ଼ିବାକୁ ରବିବାର ନିଷ୍ପତ୍ତି ନେଇଛି। ନୀତୀଶଙ୍କ ବାସଭବନରେ ଅନୁଷ୍ଠିତ ଦଳର ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ଜେଡିୟୁ ଜମ୍ମୁ-କଶ୍ମୀର, ଝାଡଖଣ୍ଡ, ହରିୟାଣା ଏବଂ ଦିଲ୍ଲୀ ବିଧାନସଭା ନିର୍ବାଚନ ଏକାକୀ ଲଢ଼ିବା ଲାଗି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଦଳ ଅଧ୍ୟକ୍ଷ ନୀତୀଶଙ୍କ ସମେତ ଉପାଧ୍ୟକ୍ଷ ପ୍ରଶାନ୍ତ କିଶୋର, ବିଭିନ୍ନ ରାଜ୍ୟର ଜେଡିୟୁ ସଭାପତି ଓ ବରିଷ୍ଠ ନେତା ତଥା ଏମ୍‌ପି ଓ ବିଧାୟକମାନେ ଯୋଗଦେଇଥିଲେ।

ଲୋକ ସଭା ନିର୍ବାଚନରେ ଏନ୍‌ଡିଏ ସହଯୋଗୀ ଭାବେ ଜେଡିୟୁ ବିହାରରେ ୧୭ ଆସନରେ ଲଢ଼ି ୧୬ଟିରେ ଜିତିଥିଲା। ତେବେ ଗୋଟିଏ ମନ୍ତ୍ରୀ ପଦ ଯଚାଯିବାରୁ ଦଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ତ୍ରିମଣ୍ଡଳରେ ସାମିଲ ହୋଇ ନ ଥିଲା। ଏବେ ଅନ୍ୟ ରାଜ୍ୟରେ ଜେଡିୟୁ ଏକାକୀ ଲଢ଼ିବା ନିଷ୍ପତ୍ତି ଭାଜପାକୁ ବିହାର ମୁଖ୍ୟମନ୍ତ୍ରୀଙ୍କ ଠିକଣା ଜବାବ ବୋଲି କୁହାଯାଉଛି। ବିହାର ବାହାରେ ଦଳକୁ ସୁଦୃଢ଼ କରିବା ଲାଗି ନୀତୀଶ ଜେଡିୟୁ କର୍ମୀ ଓ ନେତାମାନଙ୍କୁ ଅନୁରୋଧ କରିଛନ୍ତି। ମାସେବ୍ୟାପୀ ହେବାକୁ ଥିବା ନୂଆ ସଦସ୍ୟ ସଂଗ୍ରହ ଅଭିଯାନ ଉପରେ ଗୁରୁତ୍ୱ ଦେବା ଲାଗି ସେ ପରାମର୍ଶ ଦେଇଛନ୍ତି। ଗତବର୍ଷ ୫୦ ଲକ୍ଷ ନୂଆ ସଦସ୍ୟ ସଂଗ୍ରହ ଲାଗି ଦଳ ଲକ୍ଷ୍ୟଧାର୍ଯ୍ୟ କରିଥିଲା। ପଞ୍ଚାୟତଠାରୁ ଆରମ୍ଭ କରି ଜାତୀୟ ସ୍ତର ପର୍ଯ୍ୟନ୍ତ ନୂଆ ସଦସ୍ୟ ସଂଗ୍ରହ ମାଧ୍ୟମରେ ଦଳକୁ ମଜଭୁତ କରିବାକୁ ଜେଡିୟୁ ଯୋଜନା କରିଛି।

### ଯୋଗୀଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ

## ଟିଭି ଚ୍ୟାନେଲ୍ ମୁଖ୍ୟ, ସମ୍ପାଦକ ଜେଲ ଗଲେ

ନୋଇଡା,୯।୬(ପି.ଟି.)

ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବିରୋଧରେ ମାନହାନିକାରୀ କାର୍ଯ୍ୟକ୍ରମ ପ୍ରସାରଣ କରି ଏକ ଘରୋଇ ଟେଲିଭିଜନ ନ୍ୟୁଜ୍ ଚ୍ୟାନେଲ ମୁଖ୍ୟ ଏବଂ ଏହାର ସମ୍ପାଦକ ଜେଲ୍ ଯାଇଛନ୍ତି। ନେଶନ ଲାଇଭ୍ ଚ୍ୟାନେଲ ମୁଖ୍ୟ ଇଶିକା ସିଂ ଏବଂ ସମ୍ପାଦକ ଅନୁଜ ଶୁକ୍ଲାଙ୍କୁ ଶନିବାର ପୋଲିସ ଗିରଫ କରିଥିଲା। ରବିବାର ତାଙ୍କୁ ସ୍ଥାନୀୟ ଅଦାଲତରେ ହାଜର କରାଯିବା ପରେ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଗୌତମବୁଦ୍ଧ ନଗର ଏସ୍‌ଏସ୍‌ପି ବୈଭବ କ୍ରିଷ୍ଣା କହିଛନ୍ତି। ନୋଇଡାର ଏହି ଟିଭି ଚ୍ୟାନେଲରେ ୬ ତାରିଖରେ ଏକ ବିତର୍କ କାର୍ଯ୍ୟକ୍ରମରେ ଜଣେ ମହିଳା ଆଦିତ୍ୟନାଥଙ୍କ ବିରୋଧରେ ମାନହାନିକାରକ ମନ୍ତବ୍ୟ ଦେଇଥିଲେ। ମହିଳାଙ୍କ ମନ୍ତବ୍ୟର ସତ୍ୟାସତ୍ୟ ଯାଞ୍ଚ ନ କରି ଏହାକୁ ପ୍ରସାରଣ କରିଥିବାରୁ ଏକ ରାଜନୈତିକ ଦଳର କର୍ମୀଙ୍କ ଅଭିଯୋଗ କ୍ରମେ ଉକ୍ତ ଚ୍ୟାନେଲ ମୁଖ୍ୟ ଓ ସମ୍ପାଦକଙ୍କ ବିରୋଧରେ ଆଇପିସିର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଥିଲା। ତଦନ୍ତ ବେଳେ ଉକ୍ତ ଚ୍ୟାନେଲର ଆବଶ୍ୟକ ଲାଇସେନ୍ସ ନ ଥିବା ଜଣାପଡିବାରୁ ଆଇପିସିର ଧାରା ୪୨୦ ଏବଂ ୪୬୭ରେ ମାମଲା ରୁଜୁ ହୋଇଛି।

## ମାଳଦ୍ୱୀପ ଅଫିସରଙ୍କୁ ପ୍ରଶିକ୍ଷଣ ଦେବ ଭାରତ

ନୂଆଦିଲ୍ଲୀ,୯।୬(ପି.ଟି.)

ଭାରତର ପ୍ରମୁଖ ସିଭିଲ୍ ସର୍ଭିସ ପ୍ରଶିକ୍ଷଣ ଅନୁଷ୍ଠାନ ନ୍ୟାଶନାଲ୍ ସେଣ୍ଟର ଫର୍ ଗୁଡ୍ ଗଭର୍ନାନ୍ସ (ଏନ୍‌ସିଜିଜି) ମାଳଦ୍ୱୀପର ୧୦୦୦ ଅଫିସରଙ୍କୁ ଆଗାମୀ ୫ ବର୍ଷ ମଧ୍ୟରେ ପ୍ରଶିକ୍ଷଣ ଯୋଗାଇଦେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତ ଅବସରରେ ମାଳଦ୍ୱୀପ ସିଭିଲ୍ ସର୍ଭିସେସ୍ କମିଶନ ଏଥିପାଇଁ ଏନ୍‌ସିଜିଜି ସହ ରାଜିନାମା ସ୍ୱାକ୍ଷର କରିଛି। ମାଳଦ୍ୱୀପ ଏହାର ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କୁ ପ୍ରତିକ୍ଷଣ ପାଇଁ ମନୋନୀତ କରି ପଠାଇବ।






### ଶ୍ରୀଲଙ୍କା ନେତାଙ୍କୁ ଭେଟିଲେ ମୋଦି

## ଆତଙ୍କବାଦ ବିରୋଧରେ ମିଳିତ କାର୍ଯ୍ୟାନୁଷ୍ଠାନ ଆହ୍ୱାନ

କଲମ୍ବୋ,୯।୬(ପି.ଟି.)

ଦ୍ୱିରାଷ୍ଟ୍ରୀୟ ଗସ୍ତର ଦ୍ୱିତୀୟ ଚରଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର କଲମ୍ବୋରେ ପହଞ୍ଚି ଶ୍ରୀଲଙ୍କା ରାଷ୍ଟ୍ରପତି ମୈତ୍ରିପାଲ ସିରିସେନା ଓ ଅନ୍ୟ ଶୀର୍ଷ ନେତାମାନଙ୍କ ସହ ଆଲୋଚନା କରିଛନ୍ତି। ଆତଙ୍କବାଦ ଉଭୟଙ୍କ ପାଇଁ ବିପଦ ବୋଲି ସେମାନେ ଏକମତ ହେବା ସହ ଏହା ବିରୋଧରେ ମିଳିତ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ଉପରେ ଜୋର ଦେଇଛନ୍ତି। ଗତ ଏପ୍ରିଲରେ ଇଷ୍ଟର ପାଳନ ବେଳେ ଶ୍ରୀଲଙ୍କାରେ ଆତଙ୍କବାଦୀଙ୍କ ଆକ୍ରମଣରେ ୨୫୦ ଜଣ ନିହତ ହୋଇଥିଲେ। ଏହାପରେ ପ୍ରଥମ ବିଦେଶୀ ନେତା ଭାବେ ପ୍ରଧାନମନ୍ତ୍ରୀ ମୋଦି ସେଠାକୁ ଯାଇ ଆକ୍ରମଣରେ କ୍ଷତିଗ୍ରସ୍ତ ଚର୍ଚ୍ଚ ପରିଦର୍ଶନ କରିବା ସହ ମୃତକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଶ୍ରୀଲଙ୍କାରେ ଜଣେ ମୁସଲମାନ ପ୍ରଭାକରନ ମୁଣ୍ଡ ଟେକୁଥିବା ରାଷ୍ଟ୍ରପତି ସିରିସେନା ସତର୍କ କରାଇଦେବା ସହ ଏହା ବିରୋଧରେ ସବୁ ସମ୍ପ୍ରଦାୟ ଏକାଠି ହେବାକୁ ଆହ୍ୱାନ ଦେଇଥିଲେ। ସୂଚନାଯୋଗ୍ୟ, ଏଲ୍‌ଟିଟିଇର ପ୍ରତିଷ୍ଠାତା ଭେଲାପିଲାଇ ପ୍ରଭାକରନ୍ ଶ୍ରୀଲଙ୍କାରେ ହଜାର ହଜାର ଲୋକଙ୍କ ଜୀବନ ନେଇଥିଲା। ଦୀର୍ଘଦିନର ସାମରିକ କାର୍ଯ୍ୟାନୁଷ୍ଠାନ ପରେ ୨୦୦୯ରେ ପ୍ରଭାକରନ ନିହତ ହୋଇଥିଲା। ଯଦି ଆମେ ଏକାଠି ନ ହେବା ପୁଣି ଏକ ଯୁଦ୍ଧର ସମ୍ମୁଖୀନ ହେବାକୁ ପଡିବ ବୋଲି ସିରିସେନା କହିଛନ୍ତି।

କଲମ୍ବୋରେ ପହଞ୍ଚିବା ପରେ ମୋଦିଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ମୋଦି ରାଷ୍ଟ୍ରପତି ଭବନ ପରିସରରେ ଏକ ଅଶୋକ ଚାରା ରୋପଣ କରିଥିଲେ। ରାଷ୍ଟ୍ରପତି ସିରିସେନା ଓ ମୋଦିଙ୍କ ମଧ୍ୟରେ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ ସମ୍ମାନାର୍ଥେ ସିରିସେନା ଏକ ଭୋଜିର ଆୟୋଜନ କରିବା ସହ ତାଙ୍କୁ ଧ୍ୟାନରତ ବୁଦ୍ଧ ପ୍ରତିମୂର୍ତ୍ତିର ଏକ ପ୍ରତିକୃତି ଉପହାର ଦେଇଥିଲେ।

ପ୍ରଧାନମନ୍ତ୍ରୀ କଲମ୍ବୋରେ ରହୁଥିବା ଭାରତୀୟମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ ସେମାନଙ୍କର ଉଚ୍ଚ ପ୍ରଶଂସା କରିଛନ୍ତି। ଗତ ୫ ବର୍ଷ ମଧ୍ୟରେ ଭାରତର ଛବିରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି । ଏହା ପଛରେ ପ୍ରବାସୀ ଭାରତୀୟମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିବା ପ୍ରଧାନମନ୍ତ୍ରୀ କହିଥିଲେ।



କଲମ୍ବୋରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶ୍ରୀଲଙ୍କା ପ୍ରତିପକ୍ଷ ରାନିଲ ବିକ୍ରମସିଙ୍ଘେ ସ୍ୱାଗତ କରୁଛନ୍ତି।

## ୩ ବଗି ଜଳିଗଲା

ସିଲ୍‌ଚର(ଆସାମ),୯।୬(ଆଇଏଏନ୍‌ଏସ୍)

ଆସାମର ସିଲ୍‌ଚର ଷ୍ଟେଶନରେ ରବିବାର ଛିଡ଼ାହୋଇଥିବା ଏକ ଏକ୍ସପ୍ରେସ୍ ଟ୍ରେନ୍‌ର ୩ଟି ବଗି ଜଳିଯାଇଛି। ଏଥିରେ କେହି ମୃତାହତ ହୋଇନାହାନ୍ତି। ସିଲ୍‌ଚର-ତ୍ରିଭେନ୍ଦ୍ରମ୍ ଏକ୍ସପ୍ରେସ୍ ଶନିବାର ମଧ୍ୟରାତ୍ରରେ ସିଲ୍‌ଚର ଷ୍ଟେଶନରେ ପହଞ୍ଚିଥିଲା। ମଙ୍ଗଳବାର ସକାଳେ ଏହା ସିଲ୍‌ଚର ଛାଡ଼ିଥାନ୍ତା। ରବିବାର ସକାଳେ ଏହାର ସ୍ଲିପର କ୍ଲାସ୍ ବଗିରେ ନିଆଁ ଲାଗି ଅନ୍ୟ ବଗିକୁ ବ୍ୟାପିଯାଇଥିଲା। ନିଆଁ ଲାଗିବାର କାରଣ ଜଣାପଡି ନାହିଁ।

## ଅନ୍ତର୍ଜାତୀୟ କିଡ୍‌ନୀ ର୍‍ୟାକେଟ୍‌ରେ ୧୩ ଡାକ୍ତର

ନୂଆଦିଲ୍ଲୀ,୯।୬(ଆଇଏଏନ୍‌ଏସ୍)

ଦିଲ୍ଲୀର ୧୩ ଜଣ ଜଣାଶୁଣା ଘରୋଇ ସର୍ଜନ ଅନ୍ତର୍ଜାତୀୟ କିଡ୍‌ନୀ ପ୍ରତିରୋପଣ ର୍‍ୟାକେଟରେ ସମ୍ପୃକ୍ତ ଥିବା ଜଣାପଡିବା ପରେ ସେମାନେ ଏବେ ଉତ୍ତରପ୍ରଦେଶ ପୋଲିସ୍‌ର ତଦନ୍ତ ପରିସରକୁ ଆସିଛନ୍ତି। ସେମାନଙ୍କ ମଧ୍ୟରେ କେତେଜଣ ୟୁରୋଲୋଜିଷ୍ଟ ମଧ୍ୟ ଅଛନ୍ତି। ଏହି ର୍‍ୟାକେଟ୍‌ର ଚେର ତୁର୍କୀ ଏବଂ କେତେକ ମଧ୍ୟପ୍ରାଚ୍ୟ ଦେଶକୁ ଲମ୍ବିଛି। କିଡ୍‌ନୀ ର୍‍ୟାକେଟରେ ସମ୍ପୃକ୍ତି ଅଭିଯୋଗରେ ପୁଷ୍ପୱତି ସିଙ୍ଘାଣିଆ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ (ପିଏସ୍‌ଆର୍‌ଆଇ)ର ସିଇଓ ଡ. ଦୀପକ ଶୁକ୍ଲାଙ୍କୁ ଗିରଫ କରାଯାଇଥିବାବେଳେ ଫୋର୍ଟିସ୍ ହସ୍ପିଟାଲ୍‌ର ଦୁଇଜଣ ପ୍ରମୁଖ ଡାକ୍ତରଙ୍କୁ ନୋଟିସ୍ ଜାରି ହୋଇଛି। କେନ୍ଦ୍ରୀୟ ଦିଲ୍ଲୀରେ ଥିବା ଅନ୍ୟତମ ପ୍ରମୁଖ ହସ୍ପିଟାଲ ବିରୋଧରେ ମଧ୍ୟ ତଦନ୍ତ ଜାରି ରହିଥିବାରୁ ଖୁବ୍‌ଶୀଘ୍ର ଅଧିକ ଡାକ୍ତର ଗିରଫ ହେବା ସମ୍ଭାବନା ରହିଛି। ମାନବ ଅଙ୍ଗ ପ୍ରତିରୋପଣ ଆଇନର ଉଲ୍ଲଂଘନ ଅଭିଯୋଗରେ ଫର୍ଟିସ୍ ହସ୍ପିଟାଲକୁ ନୋଟିସ ଜାରି ହୋଇଥିବା କାନପୁର ଏସ୍‌ଏସ୍‌ପି ଅନନ୍ତ ଦେଓ କହିଛନ୍ତି। ଦଲାଲଙ୍କ ମାଧ୍ୟମରେ ଗରିବ ରୋଗୀଙ୍କୁ ଶୋଷଣ କରୁଥିବା ଦିଲ୍ଲୀର ଅନ୍ୟ ଏକ ହସ୍ପିଟାଲ ବିରୋଧରେ ମଧ୍ୟ ତଦନ୍ତ ଆରମ୍ଭ ହୋଇଛି। କେତନ କୌଶିକ୍ ନାମକ ଡାକ୍ତରଙ୍କୁ ପୋଲିସ ଖୋଜୁଛି। କିଡ୍‌ନୀ ପ୍ରତିରୋପଣ ପାଇଁ ସେ ତୁର୍କୀ, ୟୁଏଇ ଏବଂ ଅନ୍ୟ ମଧ୍ୟପ୍ରାଚ୍ୟ ଦେଶରୁ ରୋଗୀଙ୍କୁ ଆଣିଥାନ୍ତି। ଉକ୍ତ ର୍‍ୟାକେଟରେ ବିଭିନ୍ନ ଅଞ୍ଚଳ ପାଇଁ ଭିନ୍ନ ଭିନ୍ନ ଗ୍ରୁପ୍ କାମ କରୁଥିବା ଏସ୍‌ଏସ୍‌ପି କହିଛନ୍ତି।

### [ଇତିହାସର ଆଇନାରେ]

## ଜୁନ୍ ୧୦ର ପ୍ରମୁଖ ଘଟଣା

୧୯୬୭ ଜୁନ୍ ୧୦ରେ ଇସ୍ରାଏଲ୍ ଏବଂ ସିରିଆ ମଧ୍ୟରେ ୬ ଦିନ ଯୁଦ୍ଧର ପରିସମାପ୍ତି ପରେ ଦୁଇ ଦେଶ ଅସ୍ତ୍ରବିରତି ପାଇଁ ରାଜି ହୋଇଥିଲେ। ଏହି ଯୁଦ୍ଧକୁ ଜୁନ୍ ୱାର ମଧ୍ୟ କୁହାଯାଏ। ୧୯୬୭ ଜୁନ୍ ୫ରୁ ୧୦ ମଧ୍ୟରେ ଇସ୍ରାଏଲ୍ ଏବଂ ଇଜିପ୍ଟର ପଡୋଶୀ ଦେଶ ଜୋର୍ଡାନ୍ ଓ ସିରିଆ ମଧ୍ୟରେ ଯୁଦ୍ଧ ସଂଗଠିତ ହୋଇଥିଲା।

୧୯୮୦ ଜୁନ୍ ୧୦ରେ ଦକ୍ଷିଣ ଆଫ୍ରିକୀୟ ନେତା ନେଲ୍‌ସନ ମାଣ୍ଡେଲାଙ୍କ ଆହ୍ୱାନରେ ଆଫ୍ରିକୀୟ ନ୍ୟାଶନାଲ କଂଗ୍ରେସ ବର୍ଣ୍ଣବିଦ୍ୱେଷ ବିରୋଧରେ ଲଢ଼େଇ ପାଇଁ ପ୍ରସ୍ତୁତ ହୋଇଥିଲା। ଆଫ୍ରିକୀୟ ନ୍ୟାଶନାଲ କଂଗ୍ରେସ (ଏଏନ୍‌ସି) ହେଉଛି ରିପବ୍ଲିକ୍ ଅଫ୍ ସାଉଥ୍ ଆଫ୍ରିକାର ଗଭର୍ନିଂ ପଲିଟିକାଲ ପାର୍ଟି। ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣବିଦ୍ୱେଷ ଆନ୍ଦୋଳନ ପରେ ଏହା ଦେଶର ଶାସକ ଦଳ ହୋଇ ରହିଆସିଥିଲା।

## ସାଥୀଙ୍କ ଗହଣରେ ଜନ୍ମଦିନ ପାଳିଲେ ସୋନମ୍

ମୁମ୍ବାଇ: ଅଭିନେତ୍ରୀ ସୋନମ୍ କପୁର ରବିବାର ୩୪ବର୍ଷରେ ପଦାର୍ପଣ କରିଛନ୍ତି। ଏଥିପାଇଁ ଘନିଷ୍ଠ ସାଙ୍ଗସାଥୀ ଏବଂ ପରିବାର ସଦସ୍ୟଙ୍କ ମେଳରେ ସେ ଜନ୍ମଦିନ ପାଳନ କରିଛନ୍ତି। ତାଙ୍କ ମାତାପିତା ସୁନୀତା ଓ ଅନିଲ କପୁର, ଭଉଣୀ ରେହା କପୁର, ବାନ୍ଧବୀ ମାସାବା ଗୁପ୍ତା, ପୂଜା ଧିଙ୍ଗ୍ରା, ସମ୍ଯୁକ୍ତ ନାୟର, କୁନାଲ ରାୱଲ ଏବଂ ଶେହଲା ଖାନ୍ ଜନ୍ମଦିନ ଉତ୍ସବର ମଜା ଉଠାଇଛନ୍ତି। ଅନିଲଙ୍କ ବନ୍ଧୁ ଅନୁପମ ଖେର ମଧ୍ୟ ସୋନମ୍‌ଙ୍କ ପାର୍ଶ୍ୱରେ ଥାଇ ପୋଜ୍ ଦେଇଛନ୍ତି। ଅନିଲ ତାଙ୍କ କନ୍ୟାଙ୍କ ଜନ୍ମଦିନରେ ସୋସିଆଲ ମିଡିଆରେ ସ୍ୱତନ୍ତ୍ର ବାର୍ତ୍ତା ପୋଷ୍ଟ କରିଛନ୍ତି। ସୋନମ୍‌ଙ୍କୁ ହାପି ବାର୍ଥ ଡେ ଜଣାଇ ଅନିଲ ଲେଖିଛନ୍ତି, 'ତୋ ପାଇଁ ଆମେ କେତେ ଗର୍ବିତ ତାହା ଭାଷାରେ ବର୍ଣ୍ଣନା କରିପାରିବୁ ନାହିଁ।' ରେହା ମଧ୍ୟ ଭଉଣୀକୁ ଅଭିନନ୍ଦନ ଜଣାଇ ଇନ୍‌ଷ୍ଟାଗ୍ରାମ୍‌ରେ ବାର୍ତ୍ତା ଦେଇଛନ୍ତି, 'ତୋ ବିନା ମୁଁ ବଞ୍ଚିପାରିବି ନାହିଁ।' ସୋନମଙ୍କ ସ୍ୱାମୀ ମଧ୍ୟ ଏକ ଫଟୋ ପୋଷ୍ଟ କରି 'ଚିରଦିନର ଗର୍ଲଫ୍ରେଣ୍ଡ' ବୋଲି ବର୍ଣ୍ଣନା କରିଛନ୍ତି। 'ବୀର ଦି ୱେଡିଂ'ର ସହ-ଅଭିନେତା ସ୍ୱରା ଭାସ୍କର ମଧ୍ୟ ସୋନମଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୋନମ୍‌ଙ୍କ ଅଭିନୀତ ଅନେକ ଫିଲ୍ମ ମଧ୍ୟରୁ ଚର୍ଚ୍ଚିତ ସିନେମାଗୁଡ଼ିକ ହେଉଛି, 'ପ୍ରେମ ରତନ ଧନ ପାୟୋ', 'ଏକ ଲଡ୍‌କୀ କୋ ଦେଖା ତୋ ଐଶା ଲଗା', 'ଖୁବ୍‌ସୁରତ୍', 'ରନ୍‌ଝାନା', 'ସାୱାରିୟା' ଏବଂ 'ଐଶା'।






# ଦିଲ୍ଲୀ ଗଲେ ମୁଖ୍ୟମନ୍ତ୍ରୀ

- ୧୧ରେ ମୋଦିଙ୍କୁ କରିବେ ସାକ୍ଷାତ
- ୧୫ରେ ନୀତି ଆୟୋଗ ବୈଠକରେ ଯୋଗଦାନ
- ଏକାଧିକ ପ୍ରସଙ୍ଗରେ କରିପାରନ୍ତି ଆଭିମୁଖ୍ୟ ସ୍ପଷ୍ଟ

ଭୁବନେଶ୍ୱର,୯।୬(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ନୂଆଦିଲ୍ଲୀ ଗସ୍ତ କରିଛନ୍ତି। ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ୫ମ ଥର ଶପଥ ନେବା ପରେ ପ୍ରଥମଥର ଦିଲ୍ଲୀ ଗସ୍ତ କରିଛନ୍ତି। ଏହି ଗସ୍ତ ସମୟରେ ଆସନ୍ତା ୧୧ ତାରିଖରେ ମୁଖ୍ୟମନ୍ତ୍ରୀ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ଚଳିତ ମାସ ୧୫ରେ ନୀତି ଆୟୋଗରେ ବୈଠକରେ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାକୁ ବାଦ୍ ଦେଲେ ବିଭିନ୍ନ ମନ୍ତ୍ରଣାଳୟ ଯାଇ ରାଜ୍ୟରେ ଚାଲୁଥିବା ବିଭିନ୍ନ କାର୍ଯ୍ୟକ୍ରମ ଅଗ୍ରଗତି ଏବଂ ବକେୟା କେନ୍ଦ୍ରୀୟ ଅର୍ଥ ରାଶି ନେଇ ଆଲୋଚନା କରିବେ ବୋଲି ଜଣାପଡ଼ିଛି।

ସଂଘୀୟ ବ୍ୟବସ୍ଥାରେ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ କୌଣସି ନୂଆ କଥା ନୁହେଁ। ହେଲେ ସାମ୍ପ୍ରତିକ ପରିସ୍ଥିତିରେ କେନ୍ଦ୍ର-ରାଜ୍ୟ ମଧ୍ୟରେ ବିବାଦ ରହିଥିବା କିଛି ପ୍ରସଙ୍ଗରେ ପୂର୍ଣ୍ଣଚ୍ଛେଦ ପଡ଼ିବା ଆଶା କରାଯାଉଛି। ସେହିଦୃଷ୍ଟିରୁ ବିଚାର କଲେ ଆୟୁଷ୍ମାନ ଯୋଜନା ଏବଂ ପିଏମ୍-କିଷାନ ଯୋଜନା ନେଇ ଆଲୋଚନା ହେବାର ଆଭାସ ମିଳୁଛି। ପ୍ରଥମେ ରାଜ୍ୟ ଆୟୁଷ୍ମାନ ଯୋଜନାକୁ ନେଇ ନାସ୍ତିବାଣୀ ଶୁଣାଇଥିଲା। ହେଲେ ନିକଟରେ କେନ୍ଦ୍ରୀୟ ଟିମ୍ ସହ ପ୍ରଥମ ପର୍ଯ୍ୟାୟ ଆଲୋଚନା ସରିଛି। ରାଜ୍ୟର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସହ ଆୟୁଷ୍ମାନର ମିଶ୍ରଣକୁ ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି। ତେଣୁ ଓଡ଼ିଶା ରଖିଥିବା ସର୍ତ୍ତରେ କେନ୍ଦ୍ର ରାଜି ହୋଇଗଲେ, ଆୟୁଷ୍ମାନ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ ହେବା ନେଇ ବାଟ ଫିଟିବ ବୋଲି କୁହାଯାଉଛି। ସେହିପରି ପିଏମ୍-କିଷାନ ତାଲିକାକୁ ନେଇ କେନ୍ଦ୍ର-ରାଜ୍ୟ ବିବାଦ ରହିଛି। ଓଡ଼ିଶା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ତାଲିକା ଦେବ କି ନାହିଁ, କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ପିଏମ୍-କିଷାନ ପରି ରାଜ୍ୟ ସରକାର କାଳିଆ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ତେଣୁ କେନ୍ଦ୍ର ମାଗୁଥିବା ମୁତାବକ ତାଲିକା ନେଇ ରାଜ୍ୟର ଆଭିମୁଖ୍ୟ ଉପରେ ଓଡ଼ିଶାର ନଜର ରହିବ। ନିକଟରେ ସାମୁଦ୍ରିକ ଝଡ଼ ଫନୀ ଦ୍ୱାରା ଓଡ଼ିଶା ଉପକୂଳ ବହୁଳ କ୍ଷତିଗ୍ରସ୍ତ ହୋଇଛି। ପୁରୀ ଜିଲାର ପର୍ଯ୍ୟଟନ ଏବଂ ବିଦ୍ୟୁତ ଭିତ୍ତିଭୂମି ଧ୍ୱଂସ ପାଇଛି, ଏହାର ପୁନରୁଦ୍ଧାର ପାଇଁ ଆବଶ୍ୟକ କେନ୍ଦ୍ରୀୟ ସହଯୋଗ ଓ ଅତିରିକ୍ତ ସହାୟତା ନେଇ ମଧ୍ୟ ମୁଖ୍ୟମନ୍ତ୍ରୀ କେନ୍ଦ୍ରର ଦୃଷ୍ଟି ଆକର୍ଷଣ କରିପାରନ୍ତି। ସେହିପରି ନୀତି ଆୟୋଗରେ ବୈଠକରେ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା, କୋଇଲା ରୟାଲଟି ବୃଦ୍ଧି ନେଇ ଦାବି ଉପସ୍ଥାପନ କରିବେ ବୋଲି କୁହାଯାଇଛି।

ସରକାରୀ କାମକୁ ବାଦ୍ ଦେଲେ ବିଜେଡି ସଭାପତି କିଛି ରାଜନୈତିକ ପ୍ରସଙ୍ଗରେ କେନ୍ଦ୍ର ଏବଂ ଅନ୍ୟାନ୍ୟ ଦଳ ସହ ଆଲୋଚନା କରିପାରନ୍ତି। କିଛିଦିନ ହେବ ଲୋକ ସଭାର ଉପ ବାଚସ୍ପତି ପଦ ନେଇ ବିଜେଡିକୁ କିଛି ଜାତୀୟ ଗଣମାଧ୍ୟମ ଚର୍ଚ୍ଚାକୁ ଆଣିଥିଲା। ସେ ନେଇ ଭାଜପା-ବିଜେଡି ପକ୍ଷରୁ କିଛି ସୂଚନା ଆସିବା ପୂର୍ବରୁ ଶିବସେନା ପ୍ରତିକ୍ରିୟାଶୀଳ ହୋଇଥିଲା। ତେଣୁ ଉପବାଚସ୍ପତି ପଦ ଯଦି ଭାଜପା ପକ୍ଷରୁ ବିଜେଡିକୁ ଦିଆଯିବ ବୋଲି ଚିନ୍ତା କରାଯାଇଥିବ, ତେବେ ଏ ସମ୍ପର୍କରେ ନବୀନଙ୍କ ସହ ମୋଦି ଆଲୋଚନା କରିବାର ଆଶା ରହିଛି। ହେଲେ ବିଜେଡିର ସଂଖ୍ୟା, ଏନ୍‌ଡିଏ ସହଯୋଗୀଙ୍କ ଦାବିକୁ ଅନୁଧ୍ୟାନ କଲେ ଏହି ପଦ ବିଜେଡି ହାତକୁ ଆସିବା ସମ୍ଭାବନା କମ୍ ବୋଲି ସମୀକ୍ଷକମାନେ ମତ ଦେଇଛନ୍ତି। ଏପ୍ରିଲ ୨୯ରେ ନିର୍ବାଚନ ସରିବା ପରେ ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ କାର୍ଯ୍ୟକ୍ରମ ସ୍ଥିର କରାଯାଇଥିଲା। ହେଲେ ସାମୁଦ୍ରିକ ଝଡ଼ର ପୂର୍ବ ପ୍ରସ୍ତୁତି କାରଣରୁ ଅଧାରୁ ଗସ୍ତ ବାତିଲ କରି ମୁଖ୍ୟମନ୍ତ୍ରୀ ରାଜ୍ୟକୁ ଫେରିଥିଲେ।

# ଦୁର୍ଘଟଣାରେ ଯୁବକ ମୃତ

କୁଚିଣ୍ଡା, ୯।୬ (ଡି.ଏନ.ଏ.)

ସମ୍ବଲପୁର ଜିଲା କୁଚିଣ୍ଡା ନିକଟ ପତ୍ରାପାଲି ସ୍କୁଲ ନିକଟରେ ଶନିବାର ରାତିରେ ଏକ ଦୁର୍ଘଟଣା ଘଟିଛି। ଏକ ବାଇକ୍‌କୁ ଗୋଟିଏ ୧୦ ଚକିଆ ଟ୍ରକ୍ ଧକ୍କା ଦେଇଛି। ଫଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଝାରସୁଗୁଡା ଜିଲା ଠେଲକୋଲି ଥାନା ଲପଙ୍ଗା ନିକଟ ତିଲେଇମାଳ ଗ୍ରାମର କୁମରମଣି ମାଝି (୪୦)। କୁମରମଣିଙ୍କ ସହ ବାଇକ୍‌ରେ ବସିଥିବା ଜିତେନ୍ଦ୍ର ପଟ୍ଟା ମଧ୍ୟ ଗୁରୁତର ହୋଇଛନ୍ତି। ରବିବାର ବ୍ୟବଚ୍ଛେଦ ପରେ କୁମରମଣିଙ୍କ ମୃତଦେହକୁ କୁଚିଣ୍ଡା ପୋଲିସ ତାଙ୍କ ଘର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଛି।

## ବୁଝାଇବାକୁ ଥାନାକୁ ଡାକି ପୋଲିସ ମାରିଦେବା ଘଟଣା

# ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ

ଭୁବନେଶ୍ୱର,୯।୬(ବ୍ୟୁରୋ)

ଅନୁଗୋଳ ଜିଲା କଣିହାଁ ଥାନା ପୋଲିସ ଏକ ପାରିବାରିକ ଝଗଡ଼ାର ସମାଧାନ ପାଇଁ ଡାକି ମାଡ଼ ମାରିବା ଓ ଏଥିରେ ଦୀପକ ବାରିକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ରବିବାର ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଅନ୍‌ଲାଇନ୍ ମାଧ୍ୟମରେ ଜାତୀୟ ମାନବାଧିକାର କମିଶନ ଏନଏଚ୍‌ଆରସି)ରେ ଅଭିଯୋଗ କରିଛନ୍ତି। ମୃତ ଦୀପକଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବା ସହ ଦୋଷୀ ପୋଲିସ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିଜିପିଙ୍କୁ ନିର୍ଦ୍ଦେଶ ଦେବାକୁ ସେ ନିବେଦନ କରିଛନ୍ତି।

ସୂଚନା ଅନୁଯାୟୀ, କଣିହାଁ ଥାନା ବଡ଼ଗୁଣ୍ଡୁରୀ ଅଞ୍ଚଳର ଦୀପକ ଓ ସ୍ତ୍ରୀ ଡଲି ବାରିକଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏନେଇ ଡଲି ଥାନାରେ ମୌଖିକ ଅଭିଯୋଗ କରିବା ପରେ ଉଭୟଙ୍କୁ କାଉନସେଲିଂ ପାଇଁ ଥାନାକୁ ଡାକିଥିଲେ। ଶୁକ୍ରବାର ପୂର୍ବାହ୍ନ ସାଢେ ୧୦ଟାରେ ଦୀପକ, ସ୍ତ୍ରୀ ଡଲି ଓ ସମ୍ପର୍କୀୟ ଥାନାରେ ପହଞ୍ଚିଥିଲେ। ବହୁ ସମୟ ଅପେକ୍ଷା କରିବା ପରେ ଜଣେ ପୋଲିସ ଅଧିକାରୀ ଦୀପକ ଓ ଡଲିଙ୍କୁ କାଉସେଲିଂ କରିଥିଲେ। ଏହି ସମୟରେ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପରିସ୍ଥିତି ଏପରି ହୋଇଥିଲା ପୋଲିସ ସେମାନଙ୍କୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଶେଷରେ ପୋଲିସ ଅଧିକାରୀ ଜଣକ ଦୀପକଙ୍କୁ ଏକ ଶକ୍ତ ଚାପୁଡା ମାରିଥିଲେ। ଫଳରେ ସେ ଚେତାଶୂନ୍ୟ ହୋଇ ସେଠାରେ ପଡ଼ିଯାଇଥିଲା। ତାଙ୍କୁ ତୁରନ୍ତ କଣିହାଁ ଡାକ୍ତରଖାନାରେ ଭର୍ତ୍ତି କରାଯଇଥିଲା, ମାତ୍ର ଡାକ୍ତର ଦୀପକଙ୍କୁ ମୃତ ଘୋଷଣା କରିଥିଲେ।






## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ସୋହନ
ପରିବାରବର୍ଗ


ଆରୁଷି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଖାଇବାକୁ ମାଗିବାରୁ ଗରମ ପେୟ ଫୋପାଡ଼ିଲେ ସ୍ତ୍ରୀ

ଯାଜପୁର ଟାଉନ,୯ ।୬(ଡିଏନଏ)- ସ୍ୱାମୀଙ୍କ ଉପରକୁ ସ୍ତ୍ରୀ ଗରମ ପେୟ ଫୋପାଡ଼ିବାରୁ ସ୍ୱାମୀ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏଭଳି ଅଭାବନୀୟ ଘଟଣା ଘଟିଛି ଯାଜପୁର ଜିଲା ଯାଜପୁର ଥାନା ଖଣ୍ଡରା ପଞ୍ଚାୟତ ଇନ୍ଦାସ ଗ୍ରାମରେ। ଖାଇବାକୁ ମାଗିବା ନେଇ ବଚସା ହେବା ପରେ ସ୍ତ୍ରୀ ଉତ୍କ୍ଷିପ୍ତ ହୋଇ ଏଭଳି କାଣ୍ଡ ଘଟାଇଥିବା ଜଣାପଡ଼ିଛି। ଏ ନେଇ ଯାଜପୁର ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଇନ୍ଦାସ ଗ୍ରାମର ପ୍ରଶାନ୍ତ ରାଉତ (୩୫) ମୀନାକ୍ଷୀଙ୍କୁ ଖାଇବାକୁ ମାଗିଥିଲେ। ମୀନାକ୍ଷୀ ଭାତ ରନ୍ଧା ସରିଛି, କିନ୍ତୁ ତରକାରି ସରି ନାହିଁ ବୋଲି କହିବାରୁ ପ୍ରଶାନ୍ତ ତାଙ୍କ ଉପରେ ବିରକ୍ତି ପ୍ରକାଶ କରିଥିଲେ। ଏହାପରେ ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇ ଉଗ୍ରରୂପ ଧାରଣ କରିଥିଲା। ମୀନାକ୍ଷୀ ଉତ୍କ୍ଷିପ୍ତ ହୋଇ ପ୍ରଶାନ୍ତଙ୍କ ଉପରେ ଗରମ ପେୟ ଫୋପାଡ଼ି ଦେଇଥିଲେ।




# ଜୁଲାଇ ୧୬ରେ ଚନ୍ଦ୍ରଗ୍ରହଣ

ପୁରୀ ଅଫିସ, ୯।୬: ଆସନ୍ତା ଜୁଲାଇ ୧୬ ତାରିଖ ଆଷାଢ଼ ପୂର୍ଣ୍ଣିମାରେ ଖଣ୍ଡଗ୍ରାସ କେତୁଗ୍ରସ୍ତ ଚନ୍ଦ୍ରଗ୍ରହଣ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରାଯାଇଛି। ୧୬ ତାରିଖ ରାତି ୧ଟା ୩୦ ମିନିଟ୍ ୫୨ ସେକେଣ୍ଡରେ ଗ୍ରହଣ ସ୍ପର୍ଶ ହୋଇ ରାତି ୪ଟା ୩୦ରେ ସର୍ବମୋକ୍ଷ ହେବ। ଗ୍ରହଣ ସ୍ପର୍ଶ ହେଉଥିବାରୁ ଅପରାହ୍ନ ୪ଟା ୩୧ ମିନିଟ୍‌ରୁ ଅନ୍ନଭୋଜନ, ପାକତ୍ୟାଗ ଓ ଦେବନୀତି ନିଷେଧ। ଦିବା ୪ଟା ୩୧ ମିନିଟ୍ ପୂର୍ବରୁ ଦେବନୀତି ଶେଷ କରିବାକୁ ପଡିବ। କିନ୍ତୁ ଶ୍ରୀମନ୍ଦିରରେ ଗ୍ରହଣ ସ୍ପର୍ଶ ପରେ ଗ୍ରହଣ ମହାସ୍ନାନ ଓ ଗ୍ରହଣ ଭୋଗ ନୀତି ସରି ସମୟକୁ ଦେଖି ଅନ୍ୟାନ୍ୟ ନୀତିମାନ କରାଯିବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗ୍ରହଣ ପାଇଁ ହୋଇଥିବା ସ୍ୱତନ୍ତ୍ର ନୀତି ଅନୁଯାୟୀ, ସକାଳ ୬ଟାରେ ଦ୍ୱାରଫିଟା ଯାଇ ୭ଟାରେ ମଙ୍ଗଳ ଆଳତି ହୋଇ ଅନ୍ୟାନ୍ୟ ନୀତି ଚାଲିବ। ପୂର୍ବାହ୍ନ ସାଢେ ୧୦ଟାରୁ ସାଢେ ୧୧ଟା ମଧ୍ୟରେ ସକାଳ ଧୂପ, ୧୦ଟା ୪୫ରୁ ଅପରାହ୍ନ ସାଢେ ୧ଟା ମଧ୍ୟରେ ଭୋଗମଣ୍ଡପ ଉଠିବ। ୨ଟାରୁ ୩ଟା ମଧ୍ୟରେ ମଧ୍ୟାହ୍ନ ଧୂପ ଏବଂ ୨ଟା ୧୫ରୁ ଅପରାହ୍ନ ୪ଟା ମଧ୍ୟରେ ଦ୍ୱିତୀୟ ଭୋଗ ମଣ୍ଡପ ସରି ୪ଟାରେ ମଇଲମ ଏବଂ ସାଢେ ୪ଟା ତଡ଼ପଲାଗି ହେବ ବୋଲି ନିର୍ଘଣ୍ଟ ହୋଇଛି।

## ଫନୀ ମାଡ଼ରେ ପ୍ରଭାବିତ ଶିକ୍ଷା ବ୍ୟବସ୍ଥା

# ଅସଜଡ଼ା କ୍ଷତିଗ୍ରସ୍ତ ବିଦ୍ୟାଳୟ

- ସପ୍ତାହକ ପରେ ସରିବ ଖରାଛୁଟି
- ପିଲାଙ୍କ ପଢ଼ାକୁ ନେଇ ଚିନ୍ତାରେ ଅଭିଭାବକ
- ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଛି:ମନ୍ତ୍ରୀ



ଭୁବନେଶ୍ୱର,୯।୬(ଅନିଲ କୁମାର ଦାସ)

ସାମୁଦ୍ରିକ ଝଡ଼ ଫନୀର ଶକ୍ତ ପ୍ରହାରରେ ଛାରଖାର ହୋଇଯାଇଛି ସମଗ୍ର ପୁରୀ ଜିଲା। କେବଳ ଯେ, ଘରଦ୍ୱାର, ନଡ଼ିଆ, କଦଳୀ, କାଜୁ ବଗିଚା କିମ୍ବା ଧାନ ଖେତ ନୁହେଁ କୁନିକୁନି ପିଲାଙ୍କ ଭବିଷ୍ୟତ ମଧ୍ୟ ବିଶେଷଭାବେ ପ୍ରଭାବିତ ହୋଇଛି। ଘର, ବାଡ଼ିବଗିଚା ଓ ନିଜର ବେଉସା ହରାଇ ମାତାପିତା ଗରିବୀ ଜ୍ୱାଳାରେ ଛଟପଟ ହେଉଥିବାବେଳେ ପିଲାମାନଙ୍କ ଶିକ୍ଷା ସେମାନଙ୍କ ଚିନ୍ତାକୁ ଆହୁରି ବଢାଇ ଦେଇଛି। ଦିନ କେଇଟା ପରେ ଶେଷ ହେବ ଖରାଦିନ ଛୁଟି। ଆସନ୍ତା ୧୮ ତାରିଖରେ ରାଜ୍ୟର ସମସ୍ତ ସ୍କୁଲ ଖୋଲିଯିବ। ନୂଆ ଶ୍ରେଣୀରେ ନାମ ଲେଖାଇଥିବା ଛାତ୍ରୀଛାତ୍ରମାନେ ପାଠପଢା ଆରମ୍ଭ କରିବେ। ହେଲେ ବାତ୍ୟାରେ ଛାରଖାର ହୋଇଥିବା ଆଜବେଷ୍ଟସ ନିର୍ମିତ ସ୍କୁଲ ଘର ଫନୀମାଡ଼ରେ ଉଡ଼ିଯାଇଛି। ବାତ୍ୟାକୁ ମାସେ ୧୦ଦିନ ପରେ ମଧ୍ୟ ବିଦ୍ୟାଳୟର ବଖରାଗୁଡ଼ିକ ଜରାଜୀର୍ଣ୍ଣ ଅବସ୍ଥାରେ ଆଁ କରି ରହିଛି। ଜିଲାର ସ୍କୁଲ ଅବସ୍ଥା ପରଖିବାକୁ ଧରିତ୍ରୀ ପକ୍ଷରୁ ସତ୍ୟବାଦୀ, ନିମାପଡ଼ା, ବ୍ରହ୍ମଗିରି, କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରାଯାଇଥିଲା। ସତ୍ୟବାଦୀ ବ୍ଲକରେ ଦେଉଳି ସାହି ପ୍ରାଥମିକ ସ୍କୁଲ ହେଉ କିମ୍ବା ବ୍ରହ୍ମଗିରିର ବାଲିହରଚଣ୍ଡୀ ନୋଡାଲ ଉ.ପ୍ରା. ବିଦ୍ୟାଳୟ ସବୁଠି ଶୋଚନୀୟ ଅବସ୍ଥା। ସ୍କୁଲ ଘରର ଆଜବେଷ୍ଟସ ଉଡ଼ି କେଉଁଆଡେ ଚାଲିଯାଇଥିବାବେଳେ ଘରର କେବଳ କାଠ ପଞ୍ଜରା ପଡ଼ି ରହିଛି। ମାସେ ପରେ ମଧ୍ୟ ସ୍କୁଲ ଗୃହ ମରାମତି ପାଇଁ ସରକାରଙ୍କ ପକ୍ଷରୁ କୌଣସି ଧ୍ୟାନ ଦିଆଯାଇନାହିଁ। ସରକାର କିମ୍ବା ବେସରକାରୀ ସଂସ୍ଥା ସେ ଦିଗକୁ ଆଡ଼ ଆଖିରେ ଚାହିଁ ନାହାନ୍ତି। ଏବେ ବି ସ୍କୁଲ ଘରେ ଭଙ୍ଗା ଆଜବେଷ୍ଟସ ବିଛାଡ଼ି ହୋଇ ପଡିଛି। ଆଉ କେତେ କୋଠାଘର ଥିବା ସ୍କୁଲକୁ ବେଘର ହୋଇଥିବା ଲୋକମାନେ ମାଡ଼ି ବସିଛନ୍ତି। ପିଲାମାନଙ୍କର ଶିକ୍ଷା ଭବିଷ୍ୟତକୁ ନେଇ ଅଭିଭାବକମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ଗୋଟିଏ ପଟେ ବାତ୍ୟାରେ ପାଠ୍ୟପୁସ୍ତକ ନଷ୍ଟ ହୋଇଯାଇଥିବା ବେଳେ ଅନ୍ୟପକ୍ଷରେ ଉଜୁଡ଼ା ସ୍କୁଲ ଗୃହ ସମଗ୍ର ଜିଲାର ଶିକ୍ଷା ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରି ଦେଇଛି। ବ୍ରହ୍ମଗିରି, ବାଲିହରଚଣ୍ଡୀ ନୋଡାଲ ସ୍କୁଲରେ ପଢୁଥିବା ଛାତ୍ର ମାନସ ପଲାଇ କହିଛନ୍ତି, ଘରେ ପାଣି ପଶିବାରୁ ବହିପତ୍ର ଓଦା ହୋଇ ନଷ୍ଟ ହୋଇଯାଇଛି। ବାତ୍ୟା ପରଠାରୁ ମୁଁ ବହି ଦେଖି ନାହିଁ। ହୋମୱାର୍କ କିଛି କରି ନାହିଁ। କେବେ ସ୍କୁଲ ଖୋଲିବ ସେନେଇ କିଛି ଜଣାପଡୁ ନ ଥିବା ମାନସ କହିଛନ୍ତି। ଜିଲାରେ ବିଦ୍ୟାଳୟଗୁଡ଼ିକର କ୍ଷୟକ୍ଷତିକୁ ନେଇ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ଆକଳନ କରାଯାଇଥିଲା। ୨୦୮.୭୪କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିବା ଏକ ରିପୋର୍ଟ ଜିଲା ପ୍ରଶାସନକୁ ସର୍ବଶିକ୍ଷା ଅଭିଯାନ ପ୍ରଦାନ କରିଛି। ଜିଲା ପ୍ରଶାସନ ମଧ୍ୟ ଉକ୍ତ ରିପୋର୍ଟକୁ ସରକାରଙ୍କ ନିକଟରେ ଦାଖଲ କରିଛି। କିନ୍ତୁ ବାସ୍ତବ ସ୍ଥିତିରେ କିଛିଟା ପରିବର୍ତ୍ତନ ହୋଇ ଥିବା ଜଣାପଡୁ ନାହିଁ। ସ୍କୁଲ ଗୃହ ମରାମତିକୁ ନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଡୁଆରେ ପଡିଥିବାବେଳେ ସରକାର ଏନେଇ କୌଣସି ନିଷ୍ପତ୍ତି ନେଇ ନାହାନ୍ତି। କେଉଁ ସ୍କୁଲ ଗୃହ କେଉଁ ବିଭାଗ ମରାମତି କରିବ ତାହା ମଧ୍ୟ ଏଯାଏଁ ଚୂଡ଼ାନ୍ତ ହୋଇନାହିଁ। ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ସ୍କୁଲ ଗୃହ ମରାମତି ପାଇଁ ସରକାର ଅର୍ଥ ଦେବାର ବ୍ୟବସ୍ଥା ଥିବା ବେଳେ ବ୍ଲକ ଗ୍ରାଣ୍ଟ ସ୍କୁଲ ପାଇଁ କୌଣସି ଯୋଜନା ନାହିଁ। ପୁରୀ ଜିଲାରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ବ୍ଲକଗ୍ରାଣ୍ଟ ସ୍କୁଲ ରହିଛି। ଏହି ବର୍ଗର ସମସ୍ତ ସ୍କୁଲ ଆଜବେଷ୍ଟସରେ ନିର୍ମିତ ଏବଂ ସମସ୍ତ ସ୍କୁଲ ବାତ୍ୟାରେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଏଗୁଡ଼ିକରେ ପଢୁଥିବା ପିଲାମାନଙ୍କ ଭବିଷ୍ୟତ ଏକ ପ୍ରକାର ଅନିଶ୍ଚିତତା ଭିତରକୁ ଚାଲିଯାଇଛି। ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବିଭୂତି ପୋଖରୀ ଗ୍ରାମର ରଞ୍ଜିତା ସେନାପତି କହିଛନ୍ତି ସ୍କୁଲ ଖୋଲିବା ସମୟ ପାଖେଇ ଆସୁଛି। ମାସେ ହେବ ପିଲାମାନେ ବୁଲୁଛନ୍ତି। ଘର ନାହିଁ କେବେ ପାଠପଢା ହେବ ତାହା କିଏ କହିବ। ସରକାର ଏ ନେଇ ତୁରନ୍ତ ବ୍ୟବସ୍ଥା କରିବାକୁ ସେ ଦାବି କରିଛନ୍ତି। ପୁରୀ ଜିଲାର ଶିକ୍ଷା ଓ ସ୍କୁଲ ଗୃହ ମରାମତି ସମ୍ପର୍କରେ ସ୍କୁଲ ଓ ଗଣ ଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ କହିଛନ୍ତି ଯେ, ଭାଙ୍ଗି ଯାଇଥିବା ସ୍କୁଲ ଘର ମରାମତି ପାଇଁ ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ଯେଉଁଠି ସ୍କୁଲ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି ସେହି ପିଲାଙ୍କୁ ନିକଟସ୍ଥ ସ୍କୁଲରେ ପଢାଇବା ବ୍ୟବସ୍ଥା କରାଯିବ। ବ୍ଲକ ଗ୍ରାଣ୍ଟ ସ୍କୁଲ ଘର ନିର୍ମାଣ ପାଇଁ କୌଣସି ଅର୍ଥ ବ୍ୟବସ୍ଥା ନାହିଁ। ସେ ନେଇ ସରକାରଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଦାସ କହିଛନ୍ତି।

# ସ୍ତ୍ରୀଙ୍କୁ ହାତୁଡ଼ିରେ ଛେଚି ହତ୍ୟା, ସ୍ୱାମୀ ଗିରଫ

କ.ନୂଆଗାଁ/ଶଙ୍କରାଖୋଲ/ବାଲିଗୁଡ଼ା, ୯।୬(ଡି.ଏନ୍.ଏ.)

କନ୍ଧମାଳ ଜିଲା ସାରଙ୍ଗଗଡ଼ ଥାନା ଅନ୍ତର୍ଗତ ପାଡାଙ୍ଗି ପଞ୍ଚାୟତରେ ଏକ ଅଭାବନୀୟ ଘଟଣା ଘଟିଛି। ପାଡଙ୍ଗି ପଞ୍ଚାୟତର ପଦାସାହିରେ ଶନିବାର ରାତିରେ ସ୍ତ୍ରୀଙ୍କ ମୁଣ୍ଡକୁ ସ୍ୱାମୀ ପ୍ରଶାନ୍ତ ନାୟକ ହାତୁଡ଼ିରେ ପିଟି ଦେବାରୁ ଘଟଣାସ୍ଥଳରେ ସ୍ତ୍ରୀ ସୁଦେଷ୍ଣା ନାୟକଙ୍କ ମୃତ୍ୟୁ ଘଟିଛି। ଅଭିଯୁକ୍ତ ସ୍ୱାମୀଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି।

ପ୍ରକାଶ ଯେ, ପ୍ରଶାନ୍ତଙ୍କର ୩ ପୁଅ ଓ ଗୋଟିଏ ଝିଅ। ଦୁଇ ପୁଅ ଓ ଝିଅଙ୍କ ବିବାହ ସରିଛି। ବିବାହିତ ୨ ପୁଅ ବାହାର ରାଜ୍ୟକୁ ଯାଇ କାମ କରୁଛନ୍ତି। ସାନପୁଅ ଶ୍ରବଣ ମଧ୍ୟ ନିକଟସ୍ଥ ଅନ୍ୟ ଏକ ଗାଁରେ ରହି କାମ କରନ୍ତି। ଏଭଳି ପରିସ୍ଥିତିରେ ସ୍ତ୍ରୀଙ୍କ ସହ ପ୍ରଶାନ୍ତଙ୍କର ବିଭିନ୍ନ କଥାକୁ ନେଇ ମଝିରେ ମଝିରେ ଯୁକ୍ତିତର୍କ ହୁଏ। ଶନିବାର ରାତିରେ କୌଣସି ଏକ ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ପୁଣି ପାଟିତୁଣ୍ଡ ହୋଇଥିଲା। ଏଥିରେ ପ୍ରଶାନ୍ତ ରାଗିଯାଇ ଘରେ ଥିବା ଏକ ହାତୁଡ଼ିରେ ସୁଦେଷ୍ଣାଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସାନ ପୁଅ ଶ୍ରବଣ ଏହି ଖବରପାଇ ରବିବାର ସକାଳେ ଥାନାରେ ଏତଲା ଦେଇଥିଲେ। ଥାନାଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ଏ ନେଇ ନଂ. ୩୨/୧୯ରେ ଏକ ମାମଲା ରୁଜୁ କରାଯାଇଛି। ଘଟଣାର ତଦନ୍ତ ଚାଲିଥିବା ପୋଲିସ କହିଛି।

ପ୍ରଥମ ପୃଷ୍ଠାରୁ...

## ସନ୍ଦେଶଖଳିରେ...

ସବୁଠୁ ଅଧିକ ହିଂସାକାଣ୍ଡ ଦେଖିବାକୁ ମିଳିଥିଲା। ନିର୍ବାଚନ ପରେ ବି ଏହି ଧାରା ଜାରି ରହିଛି। ୨୪ ପ୍ରଗଣା ଜିଲା ସନ୍ଦେଶଖଳି ବିଧାନସଭା ଆସନ ଅନ୍ତର୍ଗତ ହାଟଗାଛି ଅଞ୍ଚଳରେ ଶନିବାର ଅପରାହ୍ନରେ ଭାଜପାର ଏକ ପତାକାକୁ ଜୋରଜବରଦସ୍ତ ହଟାଇବାକୁ ନେଇ ଟିଏମ୍‌ସି ଏବଂ ଭାଜପା କର୍ମୀଙ୍କ ମଧ୍ୟରେ ବିବାଦ ହୋଇଥିଲା। କିଛି ସମୟ ପରେ ଏହା ହିଂସାର ରୂପ ନେଇ ଗୁଳି ଫୁଟିବା ଆରମ୍ଭ ହୋଇଥିଲା। ଟିଏମ୍‌ସି ସମର୍ଥକଙ୍କ ପକ୍ଷରୁ କରାଯାଇଥିବା ଗୁଳିମାଡ଼ରେ ଭାଜପାର ୫ କର୍ମୀ ନିହତ ହୋଇଛନ୍ତି ଏବଂ ଅନ୍ୟ ୧୮ ଜଣ ନିଖୋଜ ହୋଇଯାଇଛନ୍ତି ବୋଲି ଗୈରିକ ଦଳ ପକ୍ଷରୁ କୁହାଯାଇଛି। ନିହତ ଭାଜପା କର୍ମୀ ହେଲେ ପ୍ରଦୀପ ମଣ୍ଡଳ, ତପନ ମଣ୍ଡଳ, ସୁକାନ୍ତ ମଣ୍ଡଳ, ଦେବବ୍ରତ ମଣ୍ଡଳ ଓ ଶଙ୍କର ମଣ୍ଡଳ। ଅନ୍ୟପକ୍ଷରେ ଟିଏମ୍‌ସିର ବୁଥ୍ ସ୍ତରୀୟ ବୈଠକ ବେଳେ ଭାଜପା ପକ୍ଷରୁ ଆକ୍ରମଣ କରାଯାଇଥିଲା। ସଂଘର୍ଷ ବେଳେ ଟିଏମ୍‌ସି କର୍ମୀ କ୍ୟାୟୁମ୍ ମୋଲ୍ଲା(୨୬)ଙ୍କୁ ଘୋଷାଡ଼ି ନେଇ ଛୁରାମାଡ଼ କରି ହତ୍ୟା କରାଯାଇଥିଲା। ଏହାସହ ଅନ୍ୟ ଦୁଇଜଣଙ୍କୁ ନଦୀ ଭିତରକୁ ଫିଙ୍ଗି ଦିଆଯାଇଛି। ଆକ୍ରମଣରେ ୬ ମହିଳାଙ୍କ ସମେତ ୮ କର୍ମୀ ଆହତ ହୋଇଛନ୍ତି ବୋଲି ପଶ୍ଚିମବଙ୍ଗ ମନ୍ତ୍ରୀ ତଥା ଟିଏମ୍‌ସିର ଜିଲା ସଭାପତି ଜ୍ୟୋତିପ୍ରିୟ ମଲିକ ଦାବି କରିଛନ୍ତି। ତେବେ ଏହି ହିଂସାରେ ଭାଜପାର ୨ ଓ ଟିଏମ୍‌ସିର ଜଣେ କର୍ମୀ ନିହତ ହୋଇଥିବା ପୋଲିସ ସଷ୍ଟ କରିଛି। ନିଖୋଜ ହୋଇଯାଇଥିବା କର୍ମୀଙ୍କୁ ଠାବ କରିବା ପାଇଁ ପୋଲିସ ପକ୍ଷରୁ ତଲାସି ଅଭିଯାନ ଜାରି ରହିଛି।

ସନ୍ଦେଶଖଳି ସଂଘର୍ଷରେ ନିହତ କର୍ମୀମାନଙ୍କ ଗ୍ରାଫିକ୍ ଚିତ୍ର ସୋସିଆଲ ମିଡିଆରେ ପୋଷ୍ଟ କରାଯିବା ପରେ ଏହା ଭାଇରାଲ ହୋଇଛି। ଭାଜପା ନେତା ମୁକୁଲ ରୟ ଏହି ହିଂସା ପାଇଁ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀଙ୍କୁ ପ୍ରତ୍ୟକ୍ଷ ଭାବେ ଦାୟୀ କରିଛନ୍ତି। ଭାଜପା ଏମ୍‌ପିଙ୍କ ଏକ ପ୍ରତିନିଧି ଦଳ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କୁ ଭେଟି ଦୃଷ୍ଟି ଆକର୍ଷଣ କରିବ ବୋଲି ମୁକୁଲ ଟୁଇଟ୍ କରିଛନ୍ତି। ଏହାସହ ସେ ଶାହଙ୍କୁ ଫୋନ୍ କରି ଘଟଣା ସମ୍ପର୍କରେ ଅବଗତ କରାଇଥିବା ଜଣାପଡ଼ିଛି। ସେହିପରି କେନ୍ଦ୍ରମନ୍ତ୍ରୀ ବାବୁଲ ସୁପ୍ରିୟୋ ଘଟଣାର ନିନ୍ଦା କରିବା ସହ ରାଜ୍ୟବାସୀ ଖୁବଶୀଘ୍ର ଟିଏମ୍‌ସି ବର୍ବରତାର ଅନ୍ତ ଘଟାଇବେ ବୋଲି ଟୁଇଟ୍ କରିଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ଭାଜପା ଆଇନଶୃଙ୍ଖଳା ପରିସ୍ଥିତି ବିଗାଡ଼ି ଗୁଣ୍ଡାରାଜ ଚଳାଇଛି ବୋଲି ପଶ୍ଚିମବଙ୍ଗ ଶିକ୍ଷାମନ୍ତ୍ରୀ ପାର୍ଥ ଚାଟାର୍ଜୀ ସମାଲୋଚନା କରିଛନ୍ତି। ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ଟିଏମ୍‌ସିର ବସିରହାଟ ଏମ୍‌ପି ନୁସରତ ଜାହାଁ ଅନୁରୋଧ କରିଛନ୍ତି। ଉତ୍ତେଜନା ଲାଗିରହିଥିବାରୁ ସ୍ୱରାଷ୍ଟ୍ରମନ୍ତ୍ରଣାଳୟ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ଶାନ୍ତିଶୃଙ୍ଖଳା ବଜାୟ ରଖିବାରେ ରାଜ୍ୟର ଆଇନ ପ୍ରବର୍ତ୍ତନକାରୀ ବ୍ୟବସ୍ଥା ବିଫଳ ହୋଇଥିବା ଏଥିରେ ଦର୍ଶାଯାଇଛି। ସ୍ୱାଭାବିକ ସ୍ଥିତି ଫେରାଇଆଣିବା ଲାଗି ସବୁ ପ୍ରକାର ପଦକ୍ଷେପ ନେବା ପାଇଁ ଆଡ୍‌ଭାଇଜରିରେ ନିର୍ଦ୍ଦେଶ ଦିଆଯାଇଛି।

## ପୁଣି ଲେଉଟିଲା...

କରାଯାଇଛି। ତେବେ ବର୍ତ୍ତମାନ ପ୍ରାକ୍ ମୌସୁମୀ ବର୍ଷା ରାଜ୍ୟର ବିଭିନ୍ନ ସହରରେ ହେଉଛି। ରବିବାର ଉପକୂଳ ଓଡ଼ିଶା ସହ ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, ମାଲକାନଗିରି, କୋରାପୁଟ ଆଦି ସହରର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହୋଇଥିବା ଜଣାପଡ଼ିଛି। ସୋମବାର ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ସମ୍ଭାବନା ରହିଛି। ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶା ସମେତ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଗଜପତି, ଗଞ୍ଜାମ ଆଦି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବ। ବାକି ସବୁ ଜିଲାରେ ପାଗ ଶୁଖିଲା ରହିବ ବୋଲି ପାଣିପାଗ କେନ୍ଦ୍ର ଅନୁମାନ କରିଛି। ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶା ସମେତ ମୟୂରଭଞ୍ଜ, ବାଲେଶ୍ୱର, ଗଜପତି ଓ ଗଞ୍ଜାମ ଜିଲାରେ କାଳବୈଶାଖୀ ହେବ ବୋଲି ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ଏ ସବୁ ଜିଲାରେ ବର୍ଷା ସହ ବଜ୍ରପାତ ହେବା ସମ୍ଭାବନା ରହିଛି। ତେଣୁ ବାହାରକୁ ନ ବାହାରିବା ପାଇଁ ପରାମର୍ଶ ଦିଆଯାଇଛି।


# classifieds Everyday 0674-2580101, 2549302




**SALE**

ମଙ୍ଗୁଳି ଫାର୍ମା କଲେଜ ରୋଡ଼ରୁ 3.5 କିଲୋମିଟର ମାର୍କେଟ କମ୍ପ୍ଲେକ୍ସ ପାଖରେ ୧୨୦୦ ସ୍କୋୟାରଫୁଟ ପ୍ଲଟ ୩୫୦୦୦୦ ରେ ମିଳୁଛି। ଯୋଗାଯୋଗ 8908492594. D-12707

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ Sqft.150/-, ନଖରା ତ୍ରିନାଥ ବଜାର sc plot Sqft.320/- ଧାକୁଲେଇପିଠାରେ 250/-, plot ବିକ୍ରିହେବ (outright) 9348817649, 8144706560. D-66702


ଭୁବନେଶ୍ୱର KEC, ଗୁଡିଆ-ପୋଖରୀଠାରେ 30'road boundary wall electry, gharabari, Temple, sqft. 650/-ରେ ଦିଆଯାଉଅଛି। 7008045582, 9692003948. D-12852

1500sqft. (6nos), 2000sqft (7nos) mainroad side plot, infront Tata Ariana Ghatikia, Sankarpur, Bhubaneswar 30ft. road, electricity, supply water available- 8114744495, 8328943165. D-66485




Monalisa club full body massage with hiprofile smart lady air-condition rooms available hurry up ! 9708545108. D-12867

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Medical registration- BAMS, BHMS, BUMS, BDS, D.Pharma, ANM, GNM (ଘରେରହି Course କରିପାରିବେ). Call: 9893869473. D-66564




Get electronics & grocery product of 40% discount. Call: 07478268108. D-12792

**ଷଷ୍ଠ ଜନ୍ମଦିନ ଶୁଭେଚ୍ଛା**



**ଆରୁଷି ଦାସ**
ନୟାଗଡ଼, ନାଗମୁଣ୍ଡଳୀ
ଷଷ୍ଠ ଜନ୍ମବାର୍ଷିକୀ ଉପଲକ୍ଷେ ତୋତେ ଅନେକ ଶୁଭେଚ୍ଛା ଓ ଶୁଭ ଆଶୀର୍ବାଦ। ପ୍ରଭୁ ଜଗନ୍ନାଥ ଓ ମା ମଙ୍ଗଳାଙ୍କ କୃପାରୁ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ଏହାହିଁ ପ୍ରାର୍ଥନା।
**ଶୁଭେଚ୍ଛା ସହ:**
ଜେଜେ, ଜେଜେମା, ଅଜା, ବାବା, ମାମା, ବାପା, ମାମୁ, ରାଜା, ରିଙ୍କୁ, ରିଚା, ବନ୍ଧୁ ଓ ପରିବାରବର୍ଗ।
ଧ-୬୫୯୦୬

**ଜନ୍ମଦିନ ଶୁଭେଚ୍ଛା**



**ଅରମାନ୍ (ସୋହନ)**
ଆଜି ତୋର ପ୍ରଥମ ବାର୍ଷିକ ଜନ୍ମଦିନରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ତୋର ଚଲାପଥ କୁସୁମିତ ହେଉ।
**ଶୁଭେଚ୍ଛା ସହ:**
ବଡ଼ବାପା, ବଡ଼ମାମା, ବାପା, ମାମା, ଜେଜେ ମା, ଅପା, ବିଷ୍ଣୁ ପିଇସା, ବେବି ପିଇସୀ, ରୁବି, କିଶନ ଭାଇ, ଶୁଭମ ଭାଇ, ରୋଶନ ଭାଇ।
ଧ-୧୪୫୬୬

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ.୨୧୦/-ରେ। ବିବାହ ଶୁଭେଚ୍ଛା ଟ.୩୧୫/- (ଫଟୋ ସହ) ଏବଂ ଟ.୨୦୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।


# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଶୁକ୍ର ନକ୍ଷତ୍ରସ୍ଥ ଚନ୍ଦ୍ର ଅର୍ଥ ସମ୍ପର୍କିତ ଚିନ୍ତା, ବିଳାସବ୍ୟସନ ଦିଗରେ ମନକୁ ନିମଜ୍ଜିତ କରାଇବ। ତୃତୀୟସ୍ଥ ରାହୁ ସହ ମଙ୍ଗଳଙ୍କ ଭ୍ରାତୃ, ନିକଟ ସମ୍ପର୍କୀୟମାନଙ୍କ ସହ ବିବାଦ ବୃଦ୍ଧି କରିବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**ବୃଷ** ଆଜି ରବିଙ୍କ ନକ୍ଷତ୍ରସ୍ଥ ଶୁକ୍ର ରାଶିରେ ରହି ଆତ୍ମୀୟମାନଙ୍କୁ ଆପଣେଇ ନେବାରେ ସାହାଯ୍ୟ କରିବେ। କେତେକ ଅତୀତ ଘଟଣା, ସ୍ୱାସ୍ଥ୍ୟହାନି ଯୋଗୁ ସାମୟିକ ମନ ଉଦାସ ରହିପାରେ। ଆର୍ଥିକ ସ୍ଥିତିରେ ଉନ୍ନତି, ସ୍ଥଗିତ କାର୍ଯ୍ୟର ଅଗ୍ରଗତି ଘଟିବାର ସମ୍ଭାବନା ରହିଛି। ନୂତନ କର୍ମାରମ୍ଭ କ୍ଷେତ୍ରରେ ବିଶେଷ ଅସୁବିଧା ନ ହୋଇପାରେ।

**ମିଥୁନ** ବୁଧ ଉଚ୍ଚସ୍ଥ ରାହୁଙ୍କ ନକ୍ଷତ୍ରରେ ଅବସ୍ଥାନ କରି ସମସ୍ୟାକୁ ପ୍ରତିହତ କରିବା ସାଙ୍ଗକୁ ବିବାଦରେ ବିଜୟୀ କରାଇବ। ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ଲାଭକରି ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିବାରେ ସମର୍ଥ ହେବେ। କର୍ମକ୍ଷେତ୍ରରେ ପରିସ୍ଥିତିବଶତଃ ଇଚ୍ଛା ନ ଥିଲେ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହୋଇପାରନ୍ତି।

**କର୍କଟ** ଧନସ୍ଥାନରେ ରାଶ୍ୟାଧିପତି ଆର୍ଥିକ ଉନ୍ନତି କରାଇବ ସହ ଦୈହିକ ସୁସ୍ଥତାକୁ ଅକ୍ଷୁଣ୍ଣ ରଖିବ। ରାହୁ ସହ ମଙ୍ଗଳ ପ୍ରଭାବରୁ ଜମା ଭଲ ପଡୁ ନ ଥିବା କୌଣସି ବ୍ୟକ୍ତି ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ଆଲୋଚନା କ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। କର୍ମକ୍ଷେତ୍ର, ବ୍ୟବସାୟ, ପରିବହନ ଓ ଯାତ୍ରା, ବାଣିଜ୍ୟରେ ପ୍ରତିବନ୍ଧକ ଲାଗି ରହିବ।

**ସିଂହ** କର୍ମସ୍ଥାନରେ କର୍ମାଧିପତି ସହ ରାଶ୍ୟାଧିପତି ଚେଷ୍ଟା କରୁଥିବା କ୍ରମେ ସଫଳତା ହାସଲ କରିବେ। ବାଣୀକାରକ ବୁଧ ପାପାକ୍ରାନ୍ତ ଯୋଗୁ ଅଫିସ୍ କାମରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଦୂରଯାତ୍ରା ସାଙ୍ଗକୁ ଦେବଦର୍ଶନର ସୁଯୋଗ ପାଇବେ। ଶିଳ୍ପ, ବାଣିଜ୍ୟ, ସଭାସମିତି, ଆନୁଷ୍ଠାନିକ କାମରେ ମନୋନିବେଶ କରିପାରନ୍ତି।

**କନ୍ୟା** ବୁଧ ଯୁକ୍ତ ରାହୁ ଓ ମଙ୍ଗଳ ଚତୁର୍ଥସ୍ଥାନକୁ ପ୍ରଭାବିତ କରୁଥିବାରୁ ପାରିବାରିକ କ୍ଷେତ୍ର ବିବାଦୀୟ ରହିବ। କର୍ମକ୍ଷେତ୍ର, ସାମାଜିକ କାର୍ଯ୍ୟ, ବନ୍ଧୁ ପରିଜନ ଓ ପରିବହନ କ୍ଷେତ୍ର ମଧ୍ୟ ସମସ୍ୟା ବହୁଳ ରହିପାରେ। ଏଣେ ଆଜି ଘର କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଳିଯିବ। ଆନୁଷ୍ଠାନିକ କ୍ଷେତ୍ରରେ ନୀତିଗତ କାମ ଓ ବନ୍ଧୁମିଳନରୁ ଖୁସି ରହିପାରନ୍ତି।

**ତୁଳା** ଲାଭାଧିପତିଙ୍କ ଧନଭାବ ପ୍ରତି ସମ୍ବନ୍ଧ ଅର୍ଥଲାଭର ସୂଚନା ପ୍ରଦାନ କରେ। ଆଜି ଆପଣ ଅଫିସ୍ କାମରେ ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। ସାମାଜିକ ସ୍ତରରେ ଅନ୍ୟମାନଙ୍କୁ ସୁହାଇଲା ଭଳି କଥାକହି ଲକ୍ଷ୍ୟ ହାସଲ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ଭାରସାମ୍ୟ ରଖି ଚଳିବା ନିତାନ୍ତ ଜରୁରୀ ହୋଇପଡ଼ିବ।

**ବିଛା** ବଳହୀନ ରାଶ୍ୟାଧିପ ଅଷ୍ଟମରେ ସ୍ୱାସ୍ଥ୍ୟହାନି ସହ ବିଭିନ୍ନ ସମସ୍ୟାରେ ବିବ୍ରତ କରାଇବ। ଅବଶ୍ୟ ରବିଙ୍କ ସଫଳତା କାରଣରୁ ସାମାଜିକ ସ୍ତରରେ ଉଚ୍ଚବର୍ଗଙ୍କ ସହାୟତା ପାଇ ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ। କର୍ମକ୍ଷେତ୍ରରେ ମିତ୍ର ବନ୍ଧୁମାନେ ଆବଶ୍ୟକ ସହଯୋଗ କରିପାରନ୍ତି। ସମ୍ପର୍କୀୟ ବନ୍ଧୁବର୍ଗ ଈର୍ଷାନ୍ୱିତ ହୋଇ ଭିନ୍ନ ପ୍ରକାରର ମନ୍ତବ୍ୟ ଦେଇପାରନ୍ତି।


**ଧନୁ** ବୃହସ୍ପତି ପରମୁହୂର୍ତ୍ତରେ ଅବସ୍ଥା ସ୍ୱାଭାବିକ ହେଲେ ମଧ୍ୟ ପାରିବାରିକ କ୍ଷେତ୍ର ଭୁଲ୍‌ବୁଝାମଣା ମଧ୍ୟରେ ବିଶୃଙ୍ଖଳିତ ରହିପାରେ। ମାଲିମକଦ୍ଦମା,ରାଜନୀତି କିମ୍ବା ପ୍ରଶାସନିକ ସ୍ତରରେ ସହଜରେ କାମ ହାସଲ ହେବା କଷ୍ଟକର ହେବ। ବ୍ୟବସାୟରେ ଲାଭ ମିଳିବ, ମାତ୍ର ବକେୟା ପରିଶୋଧ କରିବାରେ ବିଫଳ ହେବେ।

**ମକର** ଆଜିର ଅଷ୍ଟମଚନ୍ଦ୍ର ରାଶିସ୍ଥ କେତୁଙ୍କ ନକ୍ଷତ୍ରସ୍ଥ ହେତୁ ମାନସିକ ଦୁଶ୍ଚିନ୍ତାରେ ମନ ଉଦ୍ୱେଳିତ ହୋଇପାରେ। ବାଣିଜ୍ୟ, ବ୍ୟବସାୟ,ସଭାସମିତି ତଥା ପ୍ରଶାସନିକ ସ୍ତରରେ କିମ୍ବା ପ୍ରକାଶନ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେଇପାରେ। ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ କିନ୍ତୁ ସେପରି କିଛି ବିଶେଷ ଅସୁବିଧା ହେବ ନାହିଁ।

**କୁମ୍ଭ** କର୍ମାଭାବରୁ ଅଷ୍ଟମସ୍ଥ କର୍ମାଧିପତି ଯୋଗୁ କର୍ମକ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବନାହିଁ। ତଥାପି ଶୁକ୍ରଙ୍କ ସୁପ୍ରଭାବରୁ ନୂତନ ଯୋଜନାଟିକୁ ଆରମ୍ଭ କରିବା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ସଭାସମିତି କିମ୍ବା ଆଲୋଚନା କ୍ଷେତ୍ରରେ ନିଜର ଦକ୍ଷତା ହେତୁ ପ୍ରଶଂସିତ ହୋଇପାରନ୍ତି।

**ମୀନ** ଆଜିର ଗ୍ରହସ୍ଥିତି ପ୍ରଭାବରେ ଦୈହିକ ସୁସ୍ଥତା ସାଙ୍ଗକୁ ବନ୍ଧୁମାନଙ୍କ ଆଦର, ଅଭ୍ୟର୍ଥନା ମଧ୍ୟରେ ଦିନଟି ଉପଭୋଗ୍ୟ ରହିବ। ସକାଳୁ ସକାଳୁ ଆଜିର ଯାତ୍ରା,କାମର ଶୈଳୀ, ବନ୍ଧୁମାନଙ୍କ ସଦିଚ୍ଛାରୁ ମନ ପ୍ରାୟତଃ ଖୁସି ରହିବ। ପାରିବାରିକ କ୍ଷେତ୍ରକୁ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରିବେ ବାସ୍ତବରେ ସେପରି କିଛି ହେବନି।

ଆଜି ଜ୍ୟେଷ୍ଠ ଶୁକ୍ଳ ଅଷ୍ଟମୀ ସୋମବାର, ଜୁନ୍ ୧୦ ତାରିଖ, ରାଶି ନକ୍ଷତ୍ର-ଦିବା, ଘ୨ ।୫୨ମି. ପର୍ଯ୍ୟନ୍ତ ପୂର୍ବାଫାଲ୍‌ଗୁନୀ/ସିଂହ, ବୃଷ ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ୬ ।୫୦ମି. ମଧ୍ୟେ, ଘ୧ ।୨୬ମି. ଗତେ ଘ୩।୦୫ମି. ମଧ୍ୟେ, ଘ୪ ।୪୪ମି. ଗତେ ଘ୬ ।୨୨ମି. ମଧ୍ୟେ ଅମୃତବେଳା। ଦିବା ଘ୮ ।୨୯ମି. ଗତେ ଘ୧୦ ।୦୮ମି. ମଧ୍ୟେ, ଦିବା ଘ୩।୦୫ମି. ଗତେ ଘ୪ ।୪୪ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୬ ।୪୯ମି. ଗତେ ଘ୮ ।୨୮ମି. ମଧ୍ୟେ ରାହୁକାଳ।







ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୮୮ତମ ଜୟନ୍ତୀ ଅବସରରେ ଭୁବନେଶ୍ୱର ରାଜଭବନ ନିକଟ ଏଲ୍‌ଆଇସି ଛକଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ମାଲ୍ୟାର୍ପଣ କାର୍ଯ୍ୟକ୍ରମ। ଏହି ଅବସରରେ ଉପସ୍ଥିତ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା ଓ ଜନସାଧାରଣ।

# 'ନନ୍ଦିନୀ ଶତପଥୀଙ୍କର ଏକ ରାଷ୍ଟ୍ରୀୟ ପରିଚୟ ଥିଲା'

## ୮୮ତମ ଜୟନ୍ତୀରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ଭୁବନେଶ୍ୱର, ୯।୬(ବ୍ୟୁରୋ)

ନନ୍ଦିନୀ ଶତପଥୀ ଓଡ଼ିଶାର ବିଶିଷ୍ଟ ଜନନେତ୍ରୀ ଥିଲେ। ତାଙ୍କର ଏକ ରାଷ୍ଟ୍ରୀୟ ପରିଚୟ ଥିଲା। ତାଙ୍କ ପ୍ରଶାସନିକ ଦକ୍ଷତା ଓ ଦୃଢ଼ ନେତୃତ୍ୱ ନୂଆ ପିଢ଼ି ପାଇଁ ପ୍ରେରଣାଦାୟକ ହୋଇପାରିଛି। ଓଡ଼ିଶା ରାଜନୈତିକ ଇତିହାସ ତଥା ଭାରତୀୟ ରାଜନୀତିରେ ସେ ଓଡ଼ିଶାର ନାଁ ବଢ଼ାଇବାରେ ଥିଲେ ଜଣେ ନିଆରା ମଣିଷ। ଲମ୍ବା ସମୟର ପ୍ରତିନିଧି ଭାବେ ରାଜ୍ୟ ଓ ଦେଶର ନେତୃତ୍ୱ ନେଇଥିବା ବ୍ୟକ୍ତିତ୍ୱ ଥିଲେ ନନ୍ଦିନୀ । ଆଜିର ଦିନରେ ମଧ୍ୟ ତାଙ୍କ ଅଞ୍ଚଳରେ ବୁଲିଲେ କିମ୍ବା ରାଜ୍ୟର ବିଶେଷ କିଛି ଘଟଣାକୁ ମନେପକାଇଲେ, ନନ୍ଦିନୀ ଦେବୀଙ୍କ ପ୍ରଶାସନିକ ଦକ୍ଷତାକୁ ସ୍ୱୀକାର କରିବା ପାଇଁ ସମସ୍ତେ ବାଧ୍ୟ ହୁଅନ୍ତି। ନନ୍ଦିନୀ ଦେବୀଙ୍କ ଆଦର୍ଶ ସମସ୍ତଙ୍କୁ ରାଜନୈତିକ ତଥା ସାମାଜିକ କାର୍ଯ୍ୟ ଓ ବିଚାରଧାରାରେ ପ୍ରେରଣା ଦେଉ। ରବିବାର ପୂର୍ବାହ୍ନରେ ଭୁବନେଶ୍ୱର ରାଜଭବନ ନିକଟ ଏଲ୍‌ଆଇସି ଛକସ୍ଥିତ ଓଡ଼ିଶାର ପ୍ରଥମ ତଥା ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୮୮ତମ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି।

ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ କହିଥିଲେ, ବିଭିନ୍ନ କ୍ଷେତ୍ରରେ ନନ୍ଦିନୀ ଦେବୀଙ୍କ ପାରଦର୍ଶିତା ଥିଲା। ସାମାଜିକ କ୍ଷେତ୍ରରେ ସେ ଅଭୂତପୂର୍ବ ପରିବର୍ତ୍ତନ ଆଣିଥିଲେ। ରାଜନୀତି ଓ ସାହିତ୍ୟକୁ ସେ ଯୁଗଳବନ୍ଦୀ କରିଥିଲେ। ଆଗାମୀ ଦିନରେ ମହିଳା ପିଢ଼ି ତାଙ୍କ ଆଦର୍ଶରେ ଉଦ୍‌ବୁଦ୍ଧ ହେବେ। ନନ୍ଦିନୀ ଆମର ପଥ ପ୍ରଦର୍ଶକ ବୋଲି ମନ୍ତ୍ରୀ ପଣ୍ଡା କହିଛନ୍ତି। ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା ନନ୍ଦିନୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ତାଙ୍କର ଜନସେବା, ସାହସ, ରାଜନୈତିକ ବିଚକ୍ଷଣତାକୁ ମନେପକାଇଥିଲେ। ଭାଜପା ନେତା ଜଗନ୍ନାଥ ପ୍ରଧାନ, ବାବୁ ସିଂ, ଟଙ୍କଧର ତ୍ରିପାଠୀ, କର୍ପୋରେଟର ଶ୍ରୀଧର ବେହେରା ଓ ଦେବାଶିଷ ଶିଟ୍ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥା ନନ୍ଦିନୀଙ୍କ ସୁପୁତ୍ର ତଥାଗତ ସତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ଡାଇରେକ୍ଟର (ମାର୍କେଟିଂ) ହିମାଂଶୁ ହୋତାଙ୍କ ସମେତ ଅନ୍ୟମାନେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ଏହି ଉପଲକ୍ଷେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖା ପକ୍ଷରୁ ମଧ୍ୟ ନନ୍ଦିନୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଶାଖା ସଭାପତି ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରି କହିଥିଲେ ଯେ, ନନ୍ଦିନୀ ଶତପଥୀଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଓଡ଼ିଶାରେ ପ୍ରଥମଥର ପାଇଁ ଉତ୍କଳ ଦିବସ ସରକାରୀ ଭାବେ ପାଳନ ହୋଇଥିଲା। ସେହିଦିନଠାରୁ ପ୍ରତ୍ୟେକ ବର୍ଷ ଉତ୍କଳ ଦିବସ ସରକାରଙ୍କ ପକ୍ଷରୁ ପାଳନ କରାଯାଉଛି। ଅନ୍ୟମାନଙ୍କ ମଧ୍ୟରେ ଶାଖା ଉପସଭାପତି ଶୀତଳ ଚନ୍ଦ୍ର ମହାନ୍ତି, ଯୁଗ୍ମ ସମ୍ପାଦିକା ବାସନ୍ତୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ନନ୍ଦିନୀ ଦେବୀଙ୍କ ସ୍ମୃତିଚାରଣ କରିଥିଲେ।

### ଟୁଇଟ୍ କରି ମୁଖ୍ୟମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୯।୬(ବ୍ୟୁରୋ)

ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ସ୍ୱର୍ଗତା ନନ୍ଦିନୀ ଶତପଥୀଙ୍କର ୮୮ତମ ଜନ୍ମଜୟନ୍ତୀ ଅବସରରେ ବହୁ ବିଶିଷ୍ଟ ବ୍ୟକ୍ତି ଟୁଇଟ୍ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ଲେଖିକା ନନ୍ଦିନୀ ଶତପଥୀଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି। ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟର ପ୍ରଗତି ପାଇଁ ତାଙ୍କ ଅବଦାନ ଏବଂ ଓଡ଼ିଆ ସାହିତ୍ୟ ଜଗତକୁ ସମୃଦ୍ଧ କରୁଥିବା ତାଙ୍କ ସୃଷ୍ଟି ସର୍ବଦା ସ୍ମରଣୀୟ। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୮୮ତମ ଜନ୍ମଜୟନ୍ତୀରେ ଶ୍ରଦ୍ଧାଞ୍ଜଳି। ଭାରତୀୟ ରାଜନୀତିରେ ଓଡ଼ିଶାର ନାଁକୁ ବଢେଇଥିବା ବ୍ୟକ୍ତିତ୍ୱ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏଆଇସିସି ସମ୍ପାଦକ ବିଶ୍ୱରଞ୍ଜନ ମହାନ୍ତି, କଂଗ୍ରେସ ନେତା କୈଳାସ ଆଚାର୍ଯ୍ୟ ପ୍ରମୁଖ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

# ରାଜ୍ୟ ଭାଜପାର ନିର୍ବାଚନୀ ସମୀକ୍ଷା

- ୧୨୦ ମିଶନ ଫେଲ୍‌ର କାରଣ ଖୋଜିବ ଦଳ
- ୧୬ ଓ ୧୭ରେ ଲୋକ ସଭାସ୍ତରରୁ ସମୀକ୍ଷା
- ପ୍ରତି ଲୋକ ସଭା ଆସନ ପାଇଁ ୨ ନେତାଙ୍କୁ ଦାୟିତ୍ୱ
- ଜୁଲାଇରୁ ସଭ୍ୟ ସଂଗ୍ରହ ଚାଲିବ, ଅଗଷ୍ଟରେ ଆସିପାରନ୍ତି ନୂଆ ସଭାପତି
- ବିଜେପୁର, ପାଟକୁରା ନେଇ ଗୁପ୍ତ ମନ୍ତ୍ରଣା

ଭୁବନେଶ୍ୱର, ୯।୬(ବ୍ୟୁରୋ)

୨୦୧୯ ସାଧାରଣ ନିର୍ବାଚନରେ ଭାଜପା ରାଜ୍ୟରେ ପୂର୍ବାପେକ୍ଷା ଭଲ ପ୍ରଦର୍ଶନ କରିପାରିଛି। ଦଳ ରାଜ୍ୟରେ ସରକାର ଗଠନ କରିବାର ଯେଉଁ ଦମ୍ଭୋକ୍ତି ଦେଖାଇଥିଲା, ସେଥିରେ ବିଫଳ ହୋଇଛି। ପ୍ରଥମଥର ବିରୋଧୀ ଦଳ ମାନ୍ୟତା ପାଇବାରେ ସକ୍ଷମ ହୋଇଛି। ଲୋକ ସଭା କ୍ଷେତ୍ରରେ ମଧ୍ୟ ଭାଜପା ୮ଟି ଆସନରେ ବିଜୟୀ ହୋଇଛି। ଓଡିଶାର ଦୁଇ ନେତାଙ୍କୁ ଏଥର କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇଛି। କେନ୍ଦ୍ରମନ୍ତ୍ରୀ ହୋଇଥିବା ଧର୍ମେନ୍ଦ୍ର ପ୍ରଧାନ ଏବଂ ପ୍ରତାପ ଷଡଙ୍ଗୀ ଶନିବାର ଓଡିଶା ଫେରିଛନ୍ତି। ଦୁଇ ନେତାଙ୍କ ସହ ବିଜୟୀ ହୋଇଥିବା ଅନ୍ୟ ଏମ୍‌ପି ଏବଂ ବିଧାୟକମାନଙ୍କୁ ଦଳୀୟ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରାଯାଇଥିଲା। ରବିବାର ସବୁ ବରିଷ୍ଠ ନେତାମାନେ ବସି ଦଳର ନିର୍ବାଚନ ପ୍ରଦର୍ଶନ ସମ୍ପର୍କରେ ଆଲୋଚନା କରିଛନ୍ତି। ଦଳର ୧୨୦ ମିଶନ୍ ବିଫଳ ହେବାନେଇ ଭାଜପା ସବୁ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ଖସଡ଼ା ପ୍ରସ୍ତୁତ କରିଛି। ଏଥିପାଇଁ ବହୁ ବରିଷ୍ଠ ନେତାଙ୍କ ମଧ୍ୟରେ ଦାୟିତ୍ୱ ବାଣ୍ଟି ଦିଆଯାଇଛି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ୨୦୧୯ ସାଧାରଣ ନିର୍ବାଚନରେ ଦଳର ପ୍ରଦର୍ଶନ ନେଇ ଦୁଇଟି ପର୍ଯ୍ୟାୟରେ ଆଲୋଚନା ହୋଇଛି। ପ୍ରଥମ ପର୍ଯ୍ୟାୟରେ ଦଳର କୋର୍ କମିଟି ବୈଠକ ବସିଥିଲା। ବରିଷ୍ଠ ନେତା ତଥା କୋର୍ କମିଟି ସଦସ୍ୟମାନେ ବସି ଦଳର ନିର୍ବାଚନ ଫଳ ସମ୍ପର୍କିତ ଆଲୋଚନା ହୋଇଥିଲା। ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ରାଜ୍ୟ ପ୍ରଭାରୀ ଅରୁଣ ସିଂ, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ବିଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହାସହ ଆଗକୁ ହେବାକୁ ଥିବା ପାଟକୁରା ନିର୍ବାଚନ ଏବଂ ବିଜେପୁର ଉପନିର୍ବାଚନ ନେଇ ଆଲୋଚନା ହୋଇଛି। ଏହି ଦୁଇ ଆସନରେ କେଉଁ ନେତାମାନଙ୍କୁ ଦାୟିତ୍ୱ ଦିଆଯିବ ସେ ନେଇ ମଧ୍ୟ ବିସ୍ତୃତ ଆଲୋଚନା ପର୍ଯ୍ୟାଲୋଚନା ସରିଛି। ଖୁବ୍‌ଶୀଘ୍ର ଏହି ଦୁଇ ଆସନ ଲାଗି ବହୁ ନେତାଙ୍କୁ ଦାୟିତ୍ୱ ବାଣ୍ଟି ଦିଆଯିବ ବୋଲି ଜଣାପଡିଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ବୈଠକରେ ରାଜ୍ୟ ପଦାଧିକାରୀ ଏବଂ ଜିଲା ସଭାପତିମାନଙ୍କ ସହ ବୈଠକ ବସିଥିଲା। ବୈଠକରେ ୧୨୦ ମିଶନ କାହିଁକି ବିଫଳ ହେଲା ତା' ଉପରେ ଆଲୋଚନା ହୋଇଛି। ଦଳ ୮ଟି ଲୋକ ସଭା ଆସନରେ ସଫଳତା ପାଇଥିବା ବେଳେ ନିଶ୍ଚୟ ଜିତିବା ସମ୍ଭାବନା ଥିବା କେତୋଟି ଆସନରେ କାହିଁକି ଖରାପ ପ୍ରଦର୍ଶନ ହେଲା ସେ ନେଇ ମଧ୍ୟ ଆଲୋଚନା ହୋଇଛି। ଏଥିପାଇଁ ଦଳ ପକ୍ଷରୁ ଦୁଇଟି ତାରିଖ ମଧ୍ୟ ଧାର୍ଯ୍ୟ କରାଯାଇଛି। ଦଳର ରାଜ୍ୟ ନେତାମାନଙ୍କ ମଧ୍ୟରୁ ପ୍ରତି ଲୋକ ସଭା କ୍ଷେତ୍ର ପାଇଁ ଦୁଇଜଣ ନେତାଙ୍କୁ ଦାୟିତ୍ୱ ବଣ୍ଟାଯିବ। ସେମାନେ ଆସନ୍ତା ୧୬ ଏବଂ ୧୭ ତାରିଖରେ ପ୍ରତି ଲୋକ ସଭା ନିର୍ବାଚନମଣ୍ଡଳୀ ଏବଂ ଏହାର ଅନ୍ତର୍ଗତ ୭ ବିଧାନସଭା କ୍ଷେତ୍ର ଗସ୍ତ କରିବେ। ସେଠାରେ ଦଳର ପ୍ରଦର୍ଶନ ସମ୍ପର୍କିତ ରିପୋର୍ଟ ସଂଗ୍ରହ କରିବେ। ଯେଉଁସବୁ ସ୍ଥାନରେ ଦଳୀୟ କାର୍ଯ୍ୟକର୍ତ୍ତା ପ୍ରାର୍ଥୀଙ୍କ ବିରୋଧରେ କାମ କରିଥିବାର ତଥ୍ୟ ମିଳିବ ତା'ର ମଧ୍ୟ ସମୀକ୍ଷା କରିବେ। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାପଡିଛି।

ଯେଉଁ ନେତାଙ୍କୁ ଦାୟିତ୍ୱ ମିଳିଛି ସେମାନେ ରିପୋର୍ଟ ସଂଗ୍ରହ କରି କୋର୍ କମିଟିରେ ଦାଖଲ କରିବେ। ପୁନର୍ବାର କୋର୍ କମିଟି ବୈଠକ ବସି ସେହି ରିପୋର୍ଟ ଉପରେ ଆଲୋଚନା କରାଯିବ। ଏହାପରେ ଦଳ ବିରୋଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଆରମ୍ଭ କରାଯିବ।



## ଜିଲା ଚିଠି
## ବରଗଡ଼

# ପିସିରେ ପେଷି ହେଉଛନ୍ତି ଚାଷୀ

ସାଧାରଣତଃ ସରକାରଙ୍କ ଗୃହ ନିର୍ମାଣ ଯୋଜନା, ରାସ୍ତାଘାଟ, ପୋଲ, କେନାଲ ନିର୍ମାଣ, ମରାମତି ଆଦିରେ ପିସି(ପରସେଣ୍ଟେଜ ବା କମିଶନ) କାରବାର କଥା ଉଠିଥାଏ। ସେଥିପାଇଁ ସେହି ପ୍ରକଳ୍ପଗୁଡ଼ିକର କାମ ନିମ୍ନମାନର ହୋଇଥିବା ଅଭିଯୋଗ ଉଠେ। ଏହାକୁ ନେଇ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି ଜୋର ଧରେ। ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବିଧାନସଭା ପର୍ଯ୍ୟନ୍ତ ତୁମ୍ବିତୋଫାନ ହୁଏ। ତେବେ ଧାନ କିଣାବିକା ପ୍ରକ୍ରିୟାରୁ ମଧ୍ୟ ପିସି କାରବାର ବାଦ୍ ପଡ଼ିନାହିଁ। ଧାନ କିଣାବିକାରେ ପିସି କାରବାର ପ୍ରସଙ୍ଗ ଆଶ୍ଚର୍ଯ୍ୟ ଲାଗୁଥାଇପାରେ। ହେଲେ ଏଥିରେ ଅନିୟମିତତା ଓ ଅଭାବୀ ବିକ୍ରି ଏହାର ମୂଳ କାରଣ। ଧାନ କିଣାବିକା ପ୍ରକ୍ରିୟା ଆରମ୍ଭର ଅବ୍ୟବହିତ ପୂର୍ବରୁ ଏଥିପାଇଁ ଯୋଜନା ପ୍ରସ୍ତୁତ ହୁଏ। ଏଥିରେ ଜଣେ କିମ୍ବା ଦୁଇଜଣ ନୁହନ୍ତି ତଳୁ ଉପର ପର୍ଯ୍ୟନ୍ତ ସରକାରୀ କଳର ଅନେକ ଅଧିକାରୀ, କର୍ମଚାରୀ ସମ୍ପୃକ୍ତ ଥାଆନ୍ତି। ସେହିପରି ଏଭଳି ଅନିୟମିତତା ପଛରେ ଚାଷ ଓ ଚାଷୀ ପ୍ରସଙ୍ଗକୁ ମୁଖ୍ୟ ଆୟୁଧ କରି ନିର୍ବାଚନ ବୈତରଣୀ ପାରି ହେଉଥିବା କେତେକ ଜନପ୍ରତିନିଧିଙ୍କ ଭୂମିକା ମଧ୍ୟ କିଛି କମ୍ ନୁହେଁ। ଯେଉଁ ଚାଷୀଙ୍କ ଭୋଟ୍ ପାଇ ଅଞ୍ଚଳର ଜନପ୍ରତିନିଧି ଭାବେ ନିର୍ବାଚିତ ହେଉଛନ୍ତି ସେହି ଚାଷୀଙ୍କ କଷ୍ଟୋପାର୍ଜିତ ଧାନର ଲବ୍ଧ ରାଶିରୁ ପିସି ନେବାକୁ ସେମାନେ ପଛାଉ ନାହାନ୍ତି। ଏଥିପାଇଁ ବିଭିନ୍ନ ସମୟରେ ସେହି ନିର୍ବାଚିତ ଜନପ୍ରତିନିଧିମାନେ ଧାନ ସଂଗ୍ରହ ପ୍ରକ୍ରିୟାରେ ନିୟୋଜିତ ଅଧିକାରୀ, କର୍ମଚାରୀଙ୍କ ଉପରେ ଚାପ ପକାଉଛନ୍ତି। ଆଉ କାର୍ଯ୍ୟାନୁଷ୍ଠାନ ଭୟରେ ସମ୍ପୃକ୍ତ କର୍ମଚାରୀମାନେ ସେହି ଜନ ପ୍ରତିନିଧିଙ୍କ ପାଇଁ ମଧ୍ୟ ପିସି ନିର୍ଦ୍ଧାରଣ କରୁଛନ୍ତି। ତେବେ ବିଭିନ୍ନ କର୍ମଚାରୀ, ଅଧିକାରୀଙ୍କ ସମେତ ନିର୍ବାଚିତ ଜନ ପ୍ରତିନିଧିଙ୍କ ପାଇଁ ପିସି ଅଲଗା ରହିଥାଏ। କୁଇଣ୍ଟାଲ ପ୍ରତି ୧ଟଙ୍କାରୁ ଆରମ୍ଭ କରି ୧୦ଟଙ୍କା ପର୍ଯ୍ୟନ୍ତ ଭାଗ ପଡ଼ିଥାଏ। ଆଉ ଏହା କିଭଳି ଅସୁଲି ହେବ ସେଥିପାଇଁ ମଧ୍ୟ ଖସଡ଼ା ପ୍ରସ୍ତୁତ ହୋଇଥାଏ। ଧାନ କିଣାବିକାକୁ ଜାଣିଶୁଣି ବିଭିନ୍ନ ଆଳରେ ବିଳମ୍ବ କରିବା, ନିର୍ଦ୍ଧାରିତ ସମୟରେ ଚାଷୀ ପରିଚୟପତ୍ର ନ ଦେବା, ଆର୍ଦ୍ରତା ଓ ଗୁଣମାନ ଆଳରେ କଟ୍‌ନିଛଟନି କରିବା, ମଣ୍ଡିରୁ ଦୀର୍ଘଦିନ ଧରି ଧାନ କ୍ରୟ ନ ହେବା କିମ୍ବା ସେଠାରେ ପଡ଼ିଥିବା ଧାନକୁ ନ ଉଠାଇବା ଆଦି ଗୋଟିଏ ଗୋଟିଏ ଦୃଷ୍ଟାନ୍ତ। ତେବେ ଅନେକ ସମୟରେ ଅଭାବୀ ବିକ୍ରି କଥା ଉଠିଲେ ଚାଷୀଙ୍କ ଆକାଉଣ୍ଟକୁ ପି-ପାସ୍ (ପ୍ୟାଡି ପ୍ରକ୍ୟୋରମେଣ୍ଟ ଅଟୋନମସ୍ ସିଷ୍ଟମ) ମାଧ୍ୟମରେ ସେମାନଙ୍କ ବିକ୍ରିଧାନର ପ୍ରାପ୍ୟରାଶି ଯାଉଥିବାରୁ ଅଭାବୀ ବିକ୍ରି ହୋଇ ନ ଥିବା ନେଇ ବିଭାଗୀୟ ଅଧିକାରୀମାନେ ଯୁକ୍ତି ବାଢ଼ିଥାନ୍ତି। ପି-ପାସ୍ ଜରିଆରେ ଚାଷୀଙ୍କ ଆକାଉଣ୍ଟକୁ ବିକ୍ରିଧାନର ପ୍ରାପ୍ୟରାଶି ଆସିବା ସତ। ହେଲେ ସେହି ରାଶି ଜମା ହେବା ପୂର୍ବରୁ ମଣ୍ଡିକୁ ଆସିଥିବା ଧାନରୁ କୁଇଣ୍ଟାଲ ପ୍ରତି ୩/୪କିଗ୍ରା କାଟ୍‌ଛାଣ୍ଟ ହେବା, ମଣ୍ଡିକୁ ନ ଆସି ସିଧାସଳଖ ରାଇସ୍ ମିଲକୁ ଯାଇଥିବା ଧାନକୁ ଫଲ୍ସ ଏଣ୍ଟ୍ରି କରାଯିବା, ଅନେକ ସମୟରେ ନକଲି ଚାଷୀ ସୃଷ୍ଟି କରି ଧାନ କିଣାବିକା ହେବା ଘଟଣା ମଧ୍ୟ ମିଛ ନୁହେଁ। ଏଭଳି ଅନେକ ନଜିର ରହିଛି। ଏଥିରୁ ଜିଲାର ଧାନ କିଣାବିକାରେ କେତେ ସ୍ୱଚ୍ଛତା ରହିଛି, ତାହା ସ୍ପଷ୍ଟ ହୋଇ ଯାଇଛି। ସେହିପରି ଜିଲାରୁ ଖରିଫରେ ପାଖାପାଖି ୫ଲକ୍ଷ ମେଟ୍ରିକ ଟନ୍ ଏବଂ ରବି ଋତୁରେ ସାଢ଼େ ୪ଲକ୍ଷରୁ ଊର୍ଦ୍ଧ୍ୱ ମେଟ୍ରିକ ଟନ୍ ଧାନ ସଂଗ୍ରହ ହେଉଥିବା ଯୋଗୁ କାହା ଭାଗରେ କେତେ ପିସି ଟଙ୍କା ପଡୁଥିବ, ତାହା ସହଜରେ ଅନୁମେୟ।

–ପ୍ରେମାନନ୍ଦ ଖମାରୀ

# ଖଣିରେ ମୃତ୍ୟୁ

ବେଆଇନ ଖଣି ଖନନ ଭାରତରେ ଏକ ଦୀର୍ଘସ୍ଥାୟୀ ସମସ୍ୟା ଭାବେ ରହିଆସିଛି। ଏ ନେଇ ଯେତେ ପଦକ୍ଷେପ ନିଆଗଲେ ମଧ୍ୟ ସ୍ଥାନୀୟ ପ୍ରଶାସନର ଅପାରଗତା ବେଆଇନ କାର୍ଯ୍ୟକୁ ରୋକିପାରୁ ନାହିଁ। ଏଥିସହିତ ଦେଶର ବିଭିନ୍ନ ଭାଗରେ ଏ ସଂକ୍ରାନ୍ତ ଦୁର୍ଘଟଣା ଖବର ବର୍ଷତମାମ ଶୁଣିବାକୁ ମିଳିଥାଏ। ୧୩ ଡିସେମ୍ବର ୨୦୧୮ରେ ମେଘାଳୟର ଜୟନ୍ତିଆ ପାର୍ବତ୍ୟାଞ୍ଚଳରେ ବେଆଇନ କୋଇଲା ଉତ୍ତୋଳନ କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କ ମଧ୍ୟରୁ ୨ ଜଣଙ୍କ ଜୀବନ ଯାଇଥିବା ବେଳେ ୧୩ ନିଖୋଜ ଥିବା ବିଷୟ ଜାତୀୟ ସ୍ତରରେ ଆଲୋଡ଼ନ ସୃଷ୍ଟି କରିଥିଲା। ଖଣି ମାଲିକ ଓ ଦଲାଲମାନେ ଅତ୍ୟନ୍ତ ଅବୈଜ୍ଞାନିକ ଉପାୟରେ ଶ୍ରମିକମାନଙ୍କୁ ସୁଡ଼ଙ୍ଗ ଭିତରେ ପ୍ରବେଶ କରାଇ କୋଇଲା ଚୋରିକୁ ପ୍ରୋତ୍ସାହିତ କରି ଚାଲୁଥିବାରୁ ଏଭଳି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଗରିବ ଶ୍ରମିକମାନେ ପେଟ ପାଇଁ ନିଜର ସୁରକ୍ଷାକୁ ବାଜି ଲଗାଇ ଦେବା ଯୋଗୁ ଦୁର୍ଘଟଣା ଘଟୁଛି। ଆଶ୍ଚର୍ଯ୍ୟ ଲାଗେ ଯେତେବେଳେ ଚିନ୍ତା କରାଯାଏ ଯେ, ମେଘାଳୟ ଘଟଣା ସମ୍ପୂର୍ଣ୍ଣ ଭାବେ ଲୋକଙ୍କ ମାନସପଟରୁ ଉଭେଇ ଗଲାଣି। ଗଣମାଧ୍ୟମରେ ଯେତେଶୀଘ୍ର କାହାଣୀ ବଦଳୁଛି, ଦେଶର ନାଗରିକ ମଧ୍ୟ ସେତେଶୀଘ୍ର ପୂର୍ବ ଘଟଣାକୁ ଭୁଲି ଯାଉଛି।

ପ୍ରାକୃତିକ ସମ୍ପଦରେ ଭରପୂର ଓଡ଼ିଶାରେ ବେଆଇନ ଖଣି ଖନନ ସଂକ୍ରାନ୍ତ ମାମଲା ସୁପ୍ରିମକୋର୍ଟ ଯାଏ ଯାଇଛି। ଏଥିଲାଗି ବିଭିନ୍ନ ସମୟରେ ଖଣି ମାଲିକମାନଙ୍କୁ ତାଗିଦ୍ କରାଯାଇ ସେମାନଙ୍କ ଉପରେ ଜରିମାନା ଲଦାଯାଇଛି। ଲିଜ୍ ଅଞ୍ଚଳ ବାହାରକୁ ଯାଇ ପ୍ରାକୃତିକ ସମ୍ପଦ ହରିଲୁଟ୍ କରିବାର ନଜିର ଅନେକ ରହିଛି। ୮ ଜୁନ୍‌ରେ କେନ୍ଦୁଝରଠାରୁ ୭ କିଲୋମିଟର ଦୂର ତୁଳସୀଚଉରା ଗ୍ରାମ ନିକଟରେ ଥିବା ପଥର ଖଣିରୁ ମୋରମ ଉତ୍ତୋଳନ ହେଉଥିବା ବେଳେ ଏହା ଧସିଯିବାରୁ ୩ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଶୁଣିବାକୁ ମିଳିଛି ଯେ, ୫ ବର୍ଷ ତଳେ ଜଣେ ଠିକାଦାର ରାସ୍ତା କାମ ପାଇଁ ଏହି ଖଣି ଖୋଲିଥିଲେ। ଦୀର୍ଘ ଦିନ ଧରି ଏହା ବନ୍ଦ ରହିଥିବା ବେଳେ ୮ ଜୁନ୍‌ରେ ମୋରମ ଆଣିବା ପାଇଁ କେତେ ଜଣ ଶ୍ରମିକ ଏହି ଖଣିର ନିମ୍ନଭାଗ ଦେଇ ଭିତରକୁ ପଶି ଖୋଳା ଆରମ୍ଭ କରିଥିଲେ। ଏହି ସମୟରେ ଅତଡ଼ା ଧସିଯିବାରୁ ୪ ଶ୍ରମିକ ଏହା ତଳେ ପୋତି ହୋଇ ଯାଇଥିଲେ। ଉକ୍ତ ଅଞ୍ଚଳରୁ ଆଖପାଖ ଇଲାକାର ଠିକାଦାର, କ୍ରଶର ମାଲିକ ପଥର ଓ ମୋରମ ଖୋଳି ଆସୁଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନର କୌଣସି ଅଙ୍କୁଶ ରହୁ ନ ଥିବାରୁ ଏପରି ଦୁର୍ଘଟଣା ଘଟିଚାଲିଛି। କେବଳ କେନ୍ଦୁଝର ନୁହେଁ, ଏହାର ପାଖ ଜିଲା ଯାଜପୁରରେ ବେଆଇନ ପଥର ଚାଲାଣ ହୋଇଆସୁଛି। ବିଶେଷକରି ଡଙ୍କାରୀ ପାହାଡ଼ ପଦା ହୋଇ ଯାଉଥିବାରୁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ବେଆଇନ ଖଣି କାର୍ଯ୍ୟ କରିଥିବା ବ୍ୟକ୍ତି ଓ ସେମାନଙ୍କୁ ଭିତିରିଆ ପ୍ରୋତ୍ସାହନ ଦେଉଥିବା ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କଠାରୁ ୨୫ କୋଟି ଟଙ୍କାର ଜରିମାନା ଆଦାୟ କରିବା ଲାଗି ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶରେ କୁହାଯାଇଥିଲା ଯେ, ଯେଉଁ ପ୍ରଶାସନିକ ଅଧିକାରୀଙ୍କ ସମୟରେ ଏଭଳି କାର୍ଯ୍ୟ ହୋଇଥିଲା ; ସେମାନଙ୍କଠାରୁ ମଧ୍ୟ ଜରିମାନା ଅର୍ଥ ଆଦାୟ କରାଯିବା ବାଞ୍ଛନୀୟ। ଆଦାୟ ଅର୍ଥ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ନିକଟରେ ଦାଖଲ କରାଯିବାକୁ କୁହାଯାଇଥିଲା। ହେଲେ ଏନ୍‌ଜିଟିଙ୍କ ଏଭଳି ନିର୍ଦ୍ଦେଶ ବିରୋଧରେ ଜିଲା ପ୍ରଶାସନ ସୁପ୍ରିମକୋର୍ଟ ଯାଇଛନ୍ତି, ଯାହାକି ଏବେ ବିଚାରାଧୀନ ରହିଛି। ଭାଇ ବିରାଦରି ହେଉ ବା ଅର୍ଥ ଆଦାୟ କରିବାର ଜଞ୍ଜାଳରୁ ଦୂରେଇ ରହିବା ପାଇଁ ବର୍ତ୍ତମାନର ଅଧିକାରୀମାନେ ଅଦାଲତ ଆଶ୍ରୟକୁ ସହଜ ବାଟ ଭାବେ ଧରି ପୂର୍ବ ଅଧିକାରୀଙ୍କ କୁକର୍ମକୁ ସୁରକ୍ଷା ଯୋଗାଇ ଚାଲିଛନ୍ତି। ଏଥିରୁ ବୁଝିବାକୁ ହେବ ଯେକୌଣସି ଏକ ବେଆଇନ କାର୍ଯ୍ୟକୁ ରୋକିବା ଲାଗି ପ୍ରଶାସନିକ ତତ୍ପରତା ଦେଖାଯାଉ ନାହିଁ। ସ୍ଥାନୀୟ ଅଞ୍ଚଳର ଖଣି ଦଲାଲଙ୍କ ସହ ଅଧିକାରୀମାନଙ୍କ ମଧୁଚନ୍ଦ୍ରିକା ଯୋଗୁ ଆଜି ପ୍ରାକୃତିକ ସମ୍ପଦ ମାଟିତଳୁ ଲୁଟ୍ ହେବାରେ ଲାଗିଛି। ସେହିଭଳି ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ ହେଉଥିବା ଦେଖିବାକୁ ମିଳୁଛି। ନିର୍ମାଣ ଶିଳ୍ପ ତିଷ୍ଠିବାକୁ ହେଲେ ବାଲି ଓ ପଥର ଉପରେ ଏହା ଅତ୍ୟନ୍ତ ନିର୍ଭରଶୀଳ। ସରକାରୀ ନିୟମାବଳୀ ଅନୁଯାୟୀ ଉତ୍ତୋଳନ କରାଗଲେ ପ୍ରାକୃତିକ ସମ୍ପଦକୁ ନିୟନ୍ତ୍ରଣ ମଧ୍ୟରେ ରଖାଯାଇପାରନ୍ତା। ଏଠାରେ କେବଳ ସରକାର ସବୁକିଛି କରିବେ ବୋଲି ଆଶା ରଖିବା ଠିକ୍ ନୁହେଁ। ଏହିସବୁ କାମରେ ସମ୍ପୃକ୍ତ ଠିକାଦାର ଏବଂ ତାଙ୍କ କର୍ମଚାରୀ ମଧ୍ୟ ଉତ୍ତରଦାୟୀ ହେବା ଉଚିତ। ଯେହେତୁ କାହାରି କାନ୍ଧରେ ଦାୟିତ୍ୱ ପଡୁନାହିଁ, ସେହେତୁ ସବୁ ଦିଗରେ ବିନା ଲଗାମରେ କାର୍ଯ୍ୟ କରାଯାଉଛି। ପରିସ୍ଥିତି ଦେଖିଲେ କେହି ପ୍ରକୃତି କିମ୍ବା ସରକାରୀ ନିୟମକୁ ମାନିଲା ଭଳି ମନେ ହେଉନାହିଁ। ବେଆଇନ କାର୍ଯ୍ୟକୁ ରୋକିବାକୁ ହେଲେ କଡ଼ା ଆଇନ କରିଦେଲେ ଚଳିବ ନାହିଁ, ଏହାକୁ କାର୍ଯ୍ୟକାରୀ କରୁଥିବା ବ୍ୟକ୍ତିଙ୍କ ପ୍ରତିବଦ୍ଧତା ମଧ୍ୟ ରହିବା ଦରକାର। ଏହା ନ ହେବାଯାଏ ପ୍ରାକୃତିକ ସମ୍ପଦ ଲୁଟେରା ମାଲାମାଲ ହେଉଥିବେ ଓ ଶ୍ରମିକ ଶ୍ରେଣୀ ମୃତ୍ୟୁ ଜାଲରେ ପଡୁଥିବେ। ସର୍ବୋପରି ପ୍ରାକୃତିକ ଅସନ୍ତୁଳନ ଜନସାଧାରଣଙ୍କ ପାଇଁ ବିପଦ ଡାକି ଆଣୁଥିବ।

## ଚିରନ୍ତନୀ

ସଂଗ୍ରାମ ନିଶା ପିଇ
ସର୍ବହରାର ସୈନିକ ଆଜି ମାଟିରୁ ଉଠଇ ଜୀଇଁ
ଶୋଷକ ଭିତରେ ସରିଛି ଲଢ଼େଇ
ଆବର ରହିଛି ବାକି
ଶୋଷିତ ଉଠିଛି ଡାକି! (ଅଗଣିତ ଆଗୁଆନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 4 | | | | 0 | | | A | 7 | | |
| 6 | | 4 | C | | | | 2 | 9 | 5 | | | | | E |
| | | | 6 | | | | 7 | | | | | A | C | 5 |
| | | | | | 1 | | | 8 | | D | | | 0 | 2 |
| | | | 8 | | E | | | | | | | | | |
| | C | | | | | B | | | 1 | E | | | | |
| A | 3 | | 5 | | C | D | | | | | 4 | 8 | 1 | |
| | | 9 | | D | | | | | | 7 | | | | |
| 1 | | | | 7 | | | 9 | | 6 | | | 3 | D | |
| 4 | | | | B | | | | 6 | | 2 | C | | | |
| | | 6 | | | | | 0 | | 4 | 5 | | B | | 8 |
| D | E | | | | | 3 | | 7 | | | | | | |
| | | 3 | 2 | 1 | | C | D | | | 9 | | 4 | 7 | |
| B | | C | | | 0 | | 8 | | D | A | | | 5 | |
| 2 | | 5 | 4 | 9 | | | B | | 0 | 3 | | | | C |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 2 | 3 | 4 | B | 7 | 1 | D | 8 | 5 | 9 | 6 | A | 0 | E |
| E | 1 | 0 | D | 8 | 5 | 9 | B | A | C | 2 | 7 | 3 | 4 | 6 |
| 8 | 6 | B | 2 | A | C | 4 | 0 | 7 | D | 3 | E | 9 | 5 | 1 |
| A | D | 5 | E | 6 | 9 | 3 | C | 2 | 1 | 4 | 0 | 8 | B | 7 |
| 4 | 7 | 9 | 3 | 1 | 0 | E | 6 | 5 | 8 | A | B | 2 | C | D |
| B | 8 | 2 | 7 | 4 | E | C | A | 1 | 0 | D | 3 | 5 | 6 | 9 |
| 3 | C | 1 | B | D | 8 | 6 | 4 | E | A | 5 | 9 | 7 | 2 | 0 |
| 7 | A | 4 | 5 | 0 | 6 | D | 8 | 9 | 2 | E | C | 1 | 3 | B |
| 9 | 5 | E | C | 2 | 1 | 7 | 3 | 0 | 6 | B | 8 | 4 | D | A |
| 6 | 0 | D | A | 9 | 3 | 5 | 2 | B | 4 | 7 | 1 | E | 8 | C |
| 5 | 3 | A | 1 | C | B | 8 | E | D | 9 | 6 | 2 | 0 | 7 | 4 |
| 1 | B | C | 6 | 7 | 4 | 0 | 9 | 3 | E | 8 | 5 | D | A | 2 |
| 0 | E | 6 | 8 | 3 | A | 2 | 7 | 4 | B | 1 | D | C | 9 | 5 |
| D | 4 | 8 | 9 | 5 | 2 | B | 1 | C | 7 | 0 | A | 6 | E | 3 |
| 2 | 9 | 7 | 0 | E | D | A | 5 | 6 | 3 | C | 4 | B | 1 | 8 |

ଗତକାଲିର ଉତ୍ତର

# ଭିନ୍ନ ପ୍ରକାର ସନ୍ତ୍ରାସବାଦ



ବିପିନ ବିହାରୀ ମିଶ୍ର

ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡ, ଆନ୍ଧ୍ର ଓ ମହାରାଷ୍ଟ୍ରରେ ବର୍ତ୍ତମାନ ପରିସ୍ଥିତିରେ ସନ୍ତ୍ରାସବାଦ ଶବ୍ଦ ଶୁଣିବା ମାତ୍ରେ ସର୍ବସାଧାରଣଙ୍କ ମନକୁ ଆସିଯାଏ ମାଓବାଦୀଙ୍କ ଉପଦ୍ରବ। ଏହି ସରକାରମାନେ ପରସ୍ପର ସହିତ ସମନ୍ୱୟ ରଖି ମାଓବାଦୀଙ୍କ ସହିତ ଲଢ଼େଇ କରି ଆସୁଛନ୍ତି ଏବଂ ସେମାନଙ୍କ ଉପଦ୍ରବ କମିବାରେ ଲାଗିଛି। କଶ୍ମୀରରେ ପାକିସ୍ତାନ ପ୍ରରୋଚିତ ସନ୍ତ୍ରାସବାଦ ୧୯୯୦ ମସିହାରୁ ଲାଗିରହିଛି। କିନ୍ତୁ ଏବେ ପୋଲିସ, ସାମରିକ, ଅର୍ଦ୍ଧସାମରିକ ବାହିନୀ ଓ ବିଭିନ୍ନ ଗୁଇନ୍ଦା ବିଭାଗର ମିଳିତ ଚେଷ୍ଟାରୁ ସନ୍ତ୍ରାସବାଦର ମାତ୍ରା କମୁଛି। କଶ୍ମୀର ଉତ୍ତର-ପୂର୍ବର କେତୋଟି ରାଜ୍ୟ ଯଥା ଅରୁଣାଚଳ, ଆସାମ, ମଣିପୁର ଓ ନାଗାଲାଣ୍ଡ ଇତ୍ୟାଦିରେ କାଁ ଭାଁ ସନ୍ତ୍ରାସବାଦ ଦେଖାଦେଉଛି। ଏହି ସମସ୍ତ ସନ୍ତ୍ରାସବାଦୀଙ୍କର କାର୍ଯ୍ୟ ହେଉଛି ନିରୀହ ଜନତା ଓ ସରକାରୀ ଅଫିସର, ପୋଲିସ, ସାମରିକ, ଅର୍ଦ୍ଧସାମରିକ ବାହିନୀର ସଦସ୍ୟମାନଙ୍କୁ ମାରିବା, ଭୟ ସୃଷ୍ଟି କରିବା ଓ କେତେକ ସ୍ଥାନ ନିଜ ଦଖଲରେ ରଖିବା। ଏମିତି ଅଳ୍ପକେତେକ ସ୍ଥାନ ଅଛି ଯେଉଁ ସ୍ଥାନକୁ ସୁରକ୍ଷାକର୍ମୀଙ୍କ ବିନା ସହାୟତାରେ ଯାଇହେବ ନାହିଁ। ସନ୍ତ୍ରାସବାଦୀଙ୍କ ଶିକାର ହୋଇଛନ୍ତି ସ୍ୱର୍ଗତ ରାଜୀବ ଗାନ୍ଧୀ ଓ ସେମାନଙ୍କ ପ୍ରରୋଚନାରେ ଶିକାର ହୋଇଛନ୍ତି ସ୍ୱର୍ଗତା ଇନ୍ଦିରା ଗାନ୍ଧୀ।

ବିଶ୍ୱର ଅନେକ ସ୍ଥାନରେ ସନ୍ତ୍ରାସବାଦ ରାଜୁତି କରୁଛି ଓ ବର୍ତ୍ତମାନ ସନ୍ତ୍ରାସବାଦର ମୁଖ୍ୟକେନ୍ଦ୍ର ହୋଇଛି ପାକିସ୍ତାନ। ଭାରତ, ଆଫଗାନିସ୍ତାନ, ଇରାନ ଏହି ସନ୍ତ୍ରାସବାଦ ବିରୋଧରେ ଲଢୁଛନ୍ତି। ଆମେ ଏଇ ପ୍ରକାର ବିଦେଶୀ ସନ୍ତ୍ରାସବାଦୀ ଓ ଆମ ଦେଶର ସନ୍ତ୍ରାସବାଦୀଙ୍କ ସହିତ ଲଢେଇ କରୁଛୁ। ସମସ୍ୟାକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଛି ଅଥଚ ଆମ ସମାଜ ଓ ସରକାରୀ କଳରେ ପ୍ରଚଳିତ ସନ୍ତ୍ରାସବାଦ (ଭିନ୍ନପ୍ରକାର)କୁ ସେତିକି ଗୁରୁତ୍ୱ ଦିଆଯାଉନି।

ନିକଟ ଅତୀତରେ ଉତ୍ତର ଭାରତର ଏକ ବିଖ୍ୟାତ ମେଡିକାଲ କଲେଜରୁ ଚାରିପାଞ୍ଚ ଜଣ ଉଜ୍ଜ୍ୱଳ ଛାତ୍ର ପଳେଇଯିବା ପାଇଁ ବାଧ ହେଲେ। ସେମାନେ ଏମ୍‌ବିବିଏସ୍ କରି ଯାଇଥିଲେ ପଢ଼ିବା ପାଇଁ ଏମ୍‌ଡି କିମ୍ବା ଏମ୍‌ଏସ୍ କିନ୍ତୁ ଦେଖିଲା ବେଳକୁ ପ୍ରାୟ ସବୁ ପ୍ରଫେସର (ଡାକ୍ତର) ସିନିୟର ପିଲାଙ୍କୁ ପଠାଉଛନ୍ତି ତାଙ୍କର ବେନାମୀ କ୍ଲିନିକ୍‌କୁ କାମ କରିବା ପାଇଁ ଓ ଜୁନିୟରମାନଙ୍କୁ ନିଜ ପାଠ ସହିତ ସିନିୟରମାନଙ୍କ କାମ କରିବା ପାଇଁ ବାଧ କରୁଛନ୍ତି। ଏହି ଅନ୍ୟାୟ ଆଦେଶ ପାଳନ ନ କଲେ ତୁମେ ଜୀବନରେ କେବେ ଡାକ୍ତର ହୋଇପାରିବ ନାହିଁ ବୋଲି ସିନିୟରମାନେ ଧମକ ଦେଉଛନ୍ତି। ଜଣେ ଛାତ୍ରଙ୍କ ବାପା ପ୍ରଫେସରଙ୍କୁ ଦେଖାକରି ଅଭିଯୋଗ କରିବାରୁ ସେ ଓଲଟି କହିଲେ ପିଲା ଅଧିକ ଅଭିଜ୍ଞତା ପାଇବ, ଦୃଢ଼ ହେବ, ଅଯଥା ଅଭିଯୋଗ କାହିଁକି କରୁଛନ୍ତି। ଏଣେ ପିଲା ଯେ ଦିନକୁ ଅଠର ଘଣ୍ଟା କାମ କରୁଛି, ଖାଇବା ପାଇଁ ହଷ୍ଟେଲକୁ ଯାଇପାରୁନାହିଁ। ଖରାଦିନ ହେଲେ ମଧ୍ୟ ଗାଧୋଇ ପାରୁନାହିଁ। ଏସବୁ ଉକ୍ତ ପ୍ରଫେସରଙ୍କ ପାଇଁ ଗ୍ରହଣୀୟ। ସେ ପିଲାଟି ଟି.ସି. ନେଇ ପଳେଇଲା। ସେ ଆରବର୍ଷ ଆଉ କେଉଁଠି ଆଡମିଶନ ପାଇବ କାରଣ ସେ ବେଶ୍ ଉଜ୍ଜ୍ୱଳ ଛାତ୍ର। କିନ୍ତୁ ପ୍ରଫେସରଙ୍କ ସନ୍ତ୍ରାସବାଦର ଶିକାର ହେବାରୁ ତା'ର ବର୍ଷେ ନଷ୍ଟ ହେଲା। ତା' ଛଡା କଲେଜକୁ ଚାରିଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ପଡ଼ିଲା।

ବିଭିନ୍ନ କଲେଜ ବିଶେଷତଃ ଇଞ୍ଜିନିୟରିଂ ଓ ମେଡିକାଲ କଲେଜରେ ର୍‍ୟାଗିଂ ହେବା ଏକ ଜଣାଶୁଣା କଥା। କଲେଜ କର୍ତ୍ତୃପକ୍ଷ ଆଖି ବୁଜି ଦିଅନ୍ତି ଓ ସଫେଇ ଦିଅନ୍ତି ଯେ ଏ ବର୍ଷ ର୍‍ୟାଗିଂ ସହିଯାଆନ୍ତୁ ଆରବର୍ଷ ସେମାନେ କରିବେ। ଏଭଳି ର୍‍ୟାଗିଂ ସମ୍ଭାଳି ନ ପାରି ନିକଟ ଅତୀତରେ ମହାରାଷ୍ଟ୍ରରେ ଜଣେ ଛାତ୍ରୀ ଆତ୍ମହତ୍ୟା କଲା ଓ ତା'ର ଆତ୍ମହତ୍ୟାର ଲେଖାକୁ ଭିତ୍ତିକରି ପୋଲିସ ତିନିଜଣ ବରିଷ୍ଠ ମହିଳା ଡାକ୍ତରଙ୍କୁ ଗିରଫ କରିବାକୁ ଖୋଜୁଛନ୍ତି। କିଛିମାସ ତଳେ ଓଡ଼ିଶାର ଏକ ମେଡିକାଲ କଲେଜର କେତେକ ଛାତ୍ର ପ୍ରଫେସର ତାଙ୍କୁ ପାଠ ନ ପଢ଼େଇ ତାଙ୍କ କ୍ଲିନିକ୍‌ରେ କାମ କରାଉଛନ୍ତି କହି ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ତଦନ୍ତ ହୋଇ ଡାକ୍ତରଙ୍କ ବଦଳି ହୋଇଥିଲା। ତା'ପରେ କ'ଣ ହେଲା ଜଣା ନାହିଁ। ରୋଗୀଙ୍କୁ ଡରେଇ ଅତ୍ୟଧିକ ପଇସା ଆଦାୟ କରିବା କାମ ମଧ୍ୟ କେତେକ ଡାକ୍ତର କରୁଛନ୍ତି। ଅସ୍ତ୍ରୋପଚାର କରିବେ ନାହିଁ ଓ ରୋଗୀକୁ ଶୁଣେଇ ଶୁଣେଇ କହିବେ ଡାକ୍ତରଖାନାର ଅଧସ୍ତନ କର୍ମଚାରୀ (ଡାକ୍ତରଙ୍କ ପ୍ରରୋଚନାରେ)- ଆରେ ଅମୁକ ବେଡରେ ସେ ପେସେଣ୍ଟର ଅପରେଶନ ଡେରି ହେଲା ବୋଲି ମରିଗଲା, ଜାଣିଛ କି ନାହିଁ? କିନ୍ତୁ ପାଖ ବେଡ୍ ରୋଗୀ ଠିକ୍ ସମୟରେ ଡାକ୍ତରଙ୍କ କ୍ଲିନିକ୍‌ରେ ଅପରେଶନ କରେଇଲା ଓ ଭଲ ହୋଇଗଲା। ଏଇଭଳି ସନ୍ତ୍ରାସବାଦଭରା ଶବ୍ଦରେ ଇଙ୍ଗିତ ପାଇ ପେସେଣ୍ଟ ଯାଏ କ୍ଲିନିକ୍‌କୁ ଏବଂ ହଜାର ହଜାର ଟଙ୍କା ଖର୍ଚ୍ଚ କରେ। ଅନେକ ସମୟରେ ପଇସା ଦେଲେ ହସ୍ପିଟାଲରେ ଅପରେଶନ କରାଯାଏ। ଏସବୁ ଦୁର୍ନୀତି ହେଲା ଭିନ୍ନ ପ୍ରକାର ସନ୍ତ୍ରାସବାଦ ଓ ଏହା ନକ୍ସଲମାନେ କାଁ ଭାଁ ହତ୍ୟା କରୁଥିବାଠାରୁ ବେଶି ଭୟଙ୍କର। ପଇସା ନ ଦେଇପାରି ଉପଯୁକ୍ତ ଚିକିତ୍ସା ନ ପାଇ କେତେ ଯେ ରୋଗୀ ମରୁଛନ୍ତି ତା'ର ହିସାବ କିଏ ରଖୁଛି?

ଏସବୁ ବିଷୟରେ କିଛି ଅଭିଯୋଗ ପାଇ ମୁଁ ଜଣେ ଅବସରପ୍ରାପ୍ତ ବରିଷ୍ଠ ଅଧ୍ୟାପକଙ୍କୁ କହୁଥିବା ବେଳେ ସେ କହିଲେ- ସାର୍, ଜାଣିଛନ୍ତି ଆମର ପିଏଚ୍‌ଡି ପାଇବା ପାଇଁ କେତେ କ'ଣ କରିବାକୁ ପଡ଼େ? ଖୁବ୍ କମ୍ ପ୍ରଫେସରଙ୍କୁ ଛାଡିଦେଲେ ସମସ୍ତେ ଆମକୁ ଖଟାନ୍ତି। ଦୋକାନରୁ ଜିନିଷ ଆଣିବା, ରେଲୱେ ଟିକେଟ କରିବା, ପ୍ରଫେସର କେଉଁଠୁ ଫେରୁଛନ୍ତି ତାଙ୍କୁ ପାଛୋଟି ଆଣିବା, ମଝିରେ ମଝିରେ ପଇସା ଦେବା ଇତ୍ୟାଦି କରିବାକୁ ପଡ଼େ। ଯେତେବେଳେ ଇଣ୍ଟରଭ୍ୟୁ ହୁଏ ଓଡ଼ିଶା ବାହାରୁ ଜଣେ ପ୍ରଫେସର ଆସନ୍ତି ଓ ତାଙ୍କୁ ବିଶ୍ୱବିଦ୍ୟାଳୟ ଟ୍ରେନ୍‌ରେ ଯିବାଆସିବା ଖର୍ଚ୍ଚ ଓ ଦୈନିକ ଭତ୍ତା ଦିଅନ୍ତି। ସେ ଭଦ୍ରଲୋକ (ପ୍ରାୟ ସବୁ କ୍ଷେତ୍ରରେ) ପିଏଚ୍‌ଡି ପ୍ରାର୍ଥୀଙ୍କୁ ଖବର ଦିଅନ୍ତି ପ୍ଲେନ୍ ଟିକେଟ କରିଦେବା ପାଇଁ। ସେ ବିଶ୍ୱବିଦ୍ୟାଳୟ ଅତିଥି ଗୃହରେ ନ ରହି ହୋଟେଲରେ ରୁହନ୍ତି। ଟ୍ୟାକ୍ସି ଧରି ବ୍ରହ୍ମାଣ୍ଡ ଭ୍ରମଣ କରନ୍ତି। ଇଣ୍ଟରଭ୍ୟୁ ବିଭାଗର କକ୍ଷରେ ନୁହେଁ, କୌଣସି ଏକ ଭଲ ହୋଟେଲରେ ହୁଏ, ଯେଉଁଠି ବିଭାଗର ସମସ୍ତ ଅଧ୍ୟାପକ ଉପସ୍ଥିତ ରୁହନ୍ତି। ଖାଦ୍ୟ ଓ ପାନୀୟର ସମସ୍ତ ଖର୍ଚ୍ଚ ବିଚରା ପ୍ରାର୍ଥୀ ବହନ କରନ୍ତି। ଆଜିକାଲି ଛତୁ ଭଳି ଫୁଟୁଥିବା ବିଭିନ୍ନ କଲେଜକୁ ସ୍ୱୀକୃତି ଦେବା ପାଇଁ ବିଶ୍ୱବିଦ୍ୟାଳୟ ଓ ସରକାରୀ ଟିମ୍‌ମାନେ ଯାଆନ୍ତି ଓ ବହୁ କ୍ଷେତ୍ରରେ କଲେଜ ତରଫରୁ ତାଙ୍କର ଚର୍ଚ୍ଚା କରାଯାଏ। ବିଶ୍ୱବିଦ୍ୟାଳୟ ଘୋଷିତ ହୋଇଥିବା କଲେଜ କିମ୍ବା ସ୍ୱୟଂଶାସିତ କଲେଜ ପରିଦର୍ଶନରେ ଆସନ୍ତି ୟୁଜିସି ଦ୍ୱାରା ପ୍ରେରିତ ଏକ ଟିମ୍। ସେମାନଙ୍କ ଉପଯୁକ୍ତ ଚର୍ଚ୍ଚା କରାଯାଏ। ସେ ଟିମ୍‌ରେ ଗଲେ ବହୁତ ଲାଭ ହୁଏ ବୋଲି ଜଣେ ଅବସରପ୍ରାପ୍ତ ପ୍ରଫେସର କହିଲେ। ଯଦି ଉପଯୁକ୍ତ ଚର୍ଚ୍ଚା ନ ହୁଏ ତେବେ ସେହି ବିଶ୍ୱବିଦ୍ୟାଳୟର ଭବିଷ୍ୟତ ଅନ୍ଧକାରମୟ।

ସରକାରଙ୍କ ଅନ୍ୟ ବିଭାଗଗୁଡିକ କଥା ଦେଖନ୍ତୁ। ଥରେ ଜଣେ ସିନିୟର ଓଏଏସ ଅଫିସର ମୋତେ ଆସି କହିଲେ- ସାର, ମୁଁ ଆଇଏଏସ୍ ହୋଇପାରିବି ନାହିଁ। କାରଣ ମୋର ଦୁଇବର୍ଷର ସିସିଆର ବାକି ଅଛି। କଥାଟାକୁ ହାଲୁକା ଭାବି ମୁଁ କହିଲି- ଯାହାଙ୍କ ପାଖେ ବାକି ଅଛି ତାଙ୍କୁ ଦେଖାକରି କହୁନ କାହିଁକି? ତାଙ୍କ ଉତ୍ତର ଶୁଣି ମୁଁ ଅବାକ୍ ହୋଇଗଲି। ତାଙ୍କ ଉପରିସ୍ଥ ହାକିମଙ୍କର ପ୍ରଶ୍ନ ଥିଲା ତୁମେ ଆଇଏଏସ୍ ପାଇଲେ ମୋର ଲାଭ କ'ଣ ହେବ? ଏ ବାବୁଙ୍କର ଅପଖ୍ୟାତି ଥିଲା ଯେ ପଇସା ଦେଲେ ଭଲ ସିସିଆର ଲେଖିବେ। ଅଧିକ ପଇସା ଦେଲେ ତୁମର ଉପରିସ୍ଥ କର୍ମଚାରୀଙ୍କ ସିସିଆର ଖରାପ କରିଦେବେ। ମୁଁ ଭିଜିଲାନ୍ସରେ ଥିବା ବେଳେ ଏଭଳି ଅନେକ ଅଭିଯୋଗ ପାଇ ତାଙ୍କ ନାଁରେ କେସ୍ କରିଥିଲି ଓ ବର୍ତ୍ତମାନ ସୁଦ୍ଧା ସେ ତାଙ୍କ ଅପକର୍ମର ଫଳ ଭୋଗୁଛନ୍ତି। ଏଇଭଳି ସନ୍ତ୍ରାସବାଦ ଚାଲିଛି ସବୁ ବିଭାଗରେ। ପୋଷ୍ଟିଂ ପାଇଁ ପଇସା, ଅଡୁଆ ସ୍ଥାନକୁ କିମ୍ବା ଅଡୁଆ ସମୟରେ ବଦଳି କରିବାର ଧମକ, ସିସିଆର ଖରାପ କରିଦେବାର ପ୍ରଚ୍ଛନ୍ନ ଧମକ କିମ୍ବା ଛୋଟ ଛୋଟ କଥାରେ ପ୍ରୋସିଡିଂ କରିଦେବାର ଧମକ ଇତ୍ୟାଦି ଦୁର୍ଦ୍ଦଶା ଭୋଗୁଛନ୍ତି ବହୁତ ଓ ଲାଭ ପାଉଛନ୍ତି ଅନେକ। ଏ ସବୁକୁ ଅତ୍ୟାଚାର କୁହନ୍ତୁ ବା ସନ୍ତ୍ରାସବାଦ, ପ୍ରଭାବ ପରୋକ୍ଷରେ ପଡୁଛି ସର୍ବସାଧାରଣଙ୍କ ଉପରେ। କାହା ପାଖକୁ ଯିବେ? ସାମାଜିକ ସଂଗଠନ କି ଗଣମାଧ୍ୟମରେ ଯଥେଷ୍ଟ ସଚ୍ଚୋଟ କିମ୍ବା ନିଷ୍ଠାବାନ ଲୋକ ନାହାନ୍ତି। ଗଣମାଧ୍ୟମ ମଧ୍ୟ ସନ୍ତ୍ରାସବାଦର ଶିକାର। ସେଥିରୁ ଅଧିକାଂଶ ହେଉଛନ୍ତି ବ୍ୟବସାୟୀ ଓ ରାଜନୀତିଜ୍ଞ। ସେମାନେ ମନ୍ତ୍ରୀ ଓ ନେତାମାନଙ୍କୁ ତୁଷ୍ଟ କରି କିମ୍ବା ବ୍ଲାକ୍‌ମେଲ କରି ପରିପୁଷ୍ଟ ହେଉଛନ୍ତି। ସାମାଜିକ ସଂଗଠନ ଅଧିକାଂଶ ନିଜ ଲାଭରେ ଥାଆନ୍ତି।

ଏ ସନ୍ତ୍ରାସବାଦ ଆଗରେ ନକ୍ସଲଙ୍କ ସନ୍ତ୍ରାସବାଦ ଫିକା। ନକ୍ସଲଙ୍କ ଜବାବ ଆମେ ଦେଉଛୁ ବନ୍ଧୁକ ଓ ଗୁଳିରେ। କିନ୍ତୁ ଏମାନଙ୍କ ସନ୍ତ୍ରାସବାଦ ଦୂର କରିବା ପାଇଁ କୌଣସି ଉପାୟ ବାହାର କରାଯାଇନାହିଁ। ଶହେ ସ୍ଥାନରେ ଦୁର୍ନୀତି ହେଲେ ଗୋଟିଏ ସ୍ଥାନରୁ ଅଭିଯୋଗ ଆସେ। ଯଦି ଯଥେଷ୍ଟ ପ୍ରମାଣ ଥାଏ ତେବେ ଦଣ୍ଡ ମିଳିପାରେ ଦଶ ପନ୍ଦର ବର୍ଷ ପରେ। ଅଥଚ ନକ୍ସଲଙ୍କୁ ଦଣ୍ଡ ମିଳିଥାଏ ଏନ୍‌କାଉଣ୍ଟର ମାଧ୍ୟମରେ ସଙ୍ଗେ ସଙ୍ଗେ।

ମୋ-୯୦୪୦୪୧୨୩୭୮

# ଭାରତର ଜୀବନରେଖା ଦକ୍ଷିଣ-ପଶ୍ଚିମ ମୌସୁମୀ

ଶାରଦା ପ୍ରସନ୍ନ ବେହେରା

ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ବିଳମ୍ବରେ ପହଞ୍ଚିବ ଓ କମ୍ ବର୍ଷିବ ବୋଲି ପାଣିପାଗ ବିଜ୍ଞାନୀମାନେ ଭବିଷ୍ୟବାଣୀ କରିବା ପରେ ଏହି ମୌସୁମୀ ବାୟୁକୁ ନେଇ ସାଧାରଣରେ ଅନେକ ଚର୍ଚ୍ଚା ସୃଷ୍ଟି ହୋଇଛି। ଆଜକୁ ପ୍ରାୟ ୫୦ ନିୟୁତ ବର୍ଷ ପୂର୍ବେ ଏସିଆ ସହ ଭାରତର ମିଶ୍ରଣ ଯୋଗୁ ତିବ୍ବତୀୟ ମାଳଭୂମି ସୃଷ୍ଟି ଦ୍ୱାରା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦୃଢ଼ୀଭୂତ ହୋଇଥିଲା। ଭୂତତ୍ତ୍ୱ ବୈଜ୍ଞାନିକଙ୍କ କହିବା ଅନୁଯାୟୀ ଚାଇନାର ଲୋଏସ୍ ମାଳଭୂମିରୁ ବାୟୁ ପ୍ରବାହ ଯୋଗୁ ଜମାହୋଇ ରହିଥିବା ଧୂଳିକଣାକୁ ଆଧାର କରି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ପ୍ରଭାବ ପ୍ରାୟ ୮ ନିୟୁତ ବର୍ଷ ପୂର୍ବେ ଦୃଢ଼ୀଭୂତ ହୋଇଥିଲା। ଜଳବାୟୁ ପରିବର୍ତ୍ତନ ମୌସୁମୀର ଗତି ଓ ଶକ୍ତି ଉପରେ ପ୍ରଭାବ ପକାଉଥିବାବେଳେ ତିବ୍ବତୀୟ ମାଳଭୂମିର ଉତ୍ପତ୍ତି ବେଳେ ପ୍ରାୟ ୨୪ ନିୟୁତ ବର୍ଷ ପୂର୍ବେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କ୍ରିୟାଶୀଳ ହୋଇଛି। ଲଘୁଚାପ ଓ ଗୁରୁଚାପ ଭଳି ବାୟୁମଣ୍ଡଳର ଜାଗତିକ କ୍ରିୟାରେ ମୌସୁମୀର ସୃଷ୍ଟି ହୋଇଥାଏ। ପ୍ରାୟ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ମୌସୁମୀର ପ୍ରଭାବ ବ୍ୟାପକତା ଧାରଣ କରିଥାଏ।

ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଯେତେବେଳେ କୌଣସି ସମୁଦ୍ର ଉପକୂଳବର୍ତ୍ତୀ ଭୂଖଣ୍ଡର ବାୟୁମଣ୍ଡଳ ଉତ୍ତପ୍ତ ହୋଇ ଉପରକୁ ଉଠିଯାଏ ତାହାର ଶୂନ୍ୟସ୍ଥାନ ପୂରଣ କରିବାକୁ ସମୁଦ୍ର ଉପରେ ଥିବା ଶୀତଳ ବାୟୁ ଧାଇଁ ଆସିଥାଏ। ଖାଲି ସ୍ଥାନ ପୂରଣ କରିବାକୁ ସମୁଦ୍ର ଉପରେ ପ୍ରଭାବିତ ହୋଇ ଆସିଥିବା ବାୟୁମଣ୍ଡଳ ସାଙ୍ଗରେ ସମୁଦ୍ର ଜଳ ନେଇ ପ୍ରବଳ ଆର୍ଦ୍ର ହୋଇସାରିଥାଏ। ଭୂଖଣ୍ଡରେ ପହଞ୍ଚିବା ପରେ ଅନେକ ବଡ଼ ବଡ଼ ପାହାଡ଼ ପର୍ବତ ଏହି ବାୟୁର ବାଟ ରୋକିଥାନ୍ତି। ଫଳରେ ଏହାର ତାପମାତ୍ରା ବୃଦ୍ଧି ପାଇବା ସହ ଏହା ଘନୀଭୂତ ହେବାକୁ ଲାଗେ। ଅଧିକ ଘନୀଭୂତ ହେବା ପରେ ମୌସୁମୀ ବାୟୁ ଜଳକଣା ରୂପ ନେଇ ବର୍ଷିବା ଆରମ୍ଭ କରିଥାଏ। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଭାରତଠାରୁ ୩ହଜାର କିଲୋମିଟର ଦୂରରେ ଥିବା ଦକ୍ଷିଣ-ପୂର୍ବ ଆଫ୍ରିକା ଉପକୂଳବର୍ତ୍ତୀ ଭାରତ ମହାସାଗରରେ ଥିବା ମାଡାଗାସ୍କର ଦ୍ୱୀପପୁଞ୍ଜ ନିକଟରେ ଜନ୍ମ ନେଇଥାଏ। ଭାରତ ଉପରେ ମୌସୁମୀ ବାୟୁ ପହଞ୍ଚିବା ପାଇଁ ବିଭିନ୍ନ ରାସ୍ତା ଧରିଥାଏ। ସେ ସ୍ଥାନରୁ ଗୁରୁଚାପରୁ ପ୍ରବାହିତ ବାୟୁ ପ୍ରଥମେ ମାଡାଗାସ୍କର ଦେଇ ଆଫ୍ରିକା ମହାଦେଶର ସୋମାଲିଆରେ ପହଞ୍ଚିଥାଏ। ସେଠାରେ ପହଞ୍ଚିଲା ବେଳକୁ ଅର୍ଥାତ୍ ମେ ମାସର ପରବର୍ତ୍ତୀ ସମୟରେ ଭାରତ ମହାସାଗର ଦେଇ ଯାଇଥିବା ଏହି ବାୟୁରେ ପରିବର୍ତ୍ତନ ଘଟି ଏହା ଜେଟ୍ ଷ୍ଟ୍ରିମ୍‌ର ରୂପ ନେଇଥାଏ। ସେଠାରୁ ଏହା ଅଧିକ କ୍ଷମତାଶାଳୀ ହୋଇ ଦକ୍ଷିଣ-ପଶ୍ଚିମ ଦିଗରେ ଏସିଆ ମହାଦେଶ ଆଡ଼କୁ ମୁହାଁଇଥାଏ। ଭାରତ ଉପକୂଳରେ ଏହା ସମୁଦ୍ର ପତ୍ତନର ପନ୍ଦର କିଲୋମିଟର ଉପରେ ପ୍ରବାହିତ ହୋଇଥାଏ।

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ବୈଜ୍ଞାନିକ ଦିଗ ହେଉଛି ଭାରତରେ ମେ' ମାସରେ ଗ୍ରୀଷ୍ମ ପ୍ରବାହ ଚାଳିଶରୁ ପଚାଶ ଡିଗ୍ରୀ ମଧ୍ୟରେ ପହଞ୍ଚି ସାରିଥାଏ। ଉତ୍ତରଭାରତର ବହୁ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ପାଇ ଭାରତର ସବୁଠୁ ବଡ଼ ମରୁଭୂମି ଥର୍ ଅଞ୍ଚଳରେ ବହୁ ଉଚ୍ଚରେ ଏହାର ପ୍ରଭାବ ରହିଥାଏ। ଉତ୍ତର ମଧ୍ୟଭାରତ ଭୂଭାଗରେ ଏକ ଲଘୁଚାପ ସ୍ଥିତି ସୃଷ୍ଟି ହୋଇ ସେହି ସମୟରେ ସୋମାଲିଆରୁ ଏସିଆ ଅଭିମୁଖେ ଆସୁଥିବା ମୌସୁମୀ ବାୟୁ ଭାରତ ଭୂଭାଗ ଉପର ବାୟୁମଣ୍ଡଳରେ ସୃଷ୍ଟି ହୋଇଥିବା ଖାଲି ସ୍ଥାନ ପୂରଣ କରିବାକୁ ତୀବ୍ର ବେଗରେ ଗତି କରିଥାଏ। ବାଟରେ ଏହା ବଙ୍ଗୋପସାଗର ଓ ଆରବ ସାଗର ଉପରେ ଆସି ଅଧିକ ଶକ୍ତିଶାଳୀ ହୋଇଥାଏ। ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ପାଖାପାଖି ମେ ୧୫ରେ ପହଞ୍ଚି ଏହା ଦକ୍ଷିଣ-ପଶ୍ଚିମ ଦିଗକୁ ଗତି କରେ। ଜୁନ୍ ପହିଲା ବେଳକୁ ଏହା କେରଳ ଛୁଇଁସାରିଥାଏ। ସେଠାରୁ ମୌସୁମୀ ବାୟୁ ଉତ୍ତରକୁ ଗତି କରି ଦକ୍ଷିଣରୁ ଉତ୍ତର ଭାରତକୁ ବର୍ଷାରେ ଭିଜାଇଥାଏ। ବଙ୍ଗୋପସାଗରରୁ ଜଳ ନେଇ ଉତ୍ତରଭାରତକୁ ଗତି କରୁଥିବା ମୌସୁମୀ ଜୁନ୍ ଦ୍ୱିତୀୟ ସପ୍ତାହ ସୁଦ୍ଧା ଓଡ଼ିଶାରେ ନିଜର ଉପସ୍ଥିତି ଜାହିର କରି ଜୋରଦାର ବର୍ଷା କଷି ଦେଇଥାଏ। ମୌସୁମୀ ଭାରତରେ ଅଧିକ ସମୟ ଘୂରି ବୁଲିଥାଏ।

ଭାରତରେ ମୋଟ ବର୍ଷାର ସିଂହଭାଗ ଅର୍ଥାତ୍ ୮୦ ଭାଗ ପାଖାପାଖି ଦକ୍ଷିଣ-ପଶ୍ଚିମ ମୌସୁମୀରୁ ହିଁ ହୋଇଥାଏ। ଭାରତର ଚାଷୀ ପାଇଁ ଏହି ମୌସୁମୀ ବର୍ଷା ବଡ଼ ଆଶୀର୍ବାଦ, ଯାହାଦ୍ୱାରା ଖାଦ୍ୟ ଉତ୍ପାଦନ ବ୍ୟାପକ ହୋଇଥାଏ। ଜୁଲାଇ ସୁଦ୍ଧା ରାଜସ୍ଥାନ ଅଞ୍ଚଳରେ ମୌସୁମୀ ପହଞ୍ଚି ସାରିଥାଏ । ପରିଶେଷରେ ୧୫ ଜୁଲାଇ ପରେ ପରେ ମୌସୁମୀ ଭାରତର ପଡ଼ୋଶୀ ଦେଶ ପାକିସ୍ତାନକୁ ପ୍ରବେଶ କରିଥାଏ। ବାତ୍ୟାଭଳି ସ୍ଥିତିରେ ଆର୍ଦ୍ରତା ହରାଇ ବସିଥିବା ପଶ୍ଚିମ ମୌସୁମୀ ବାୟୁ ତିବ୍ବତୀୟ ଗୁରୁଚାପ ଅଞ୍ଚଳକୁ ଧାଇଁ ଯାଏ। ଶେଷରେ ମୌସୁମୀ ବାୟୁ ପୁଣି ତା'ର ଉତ୍ପତ୍ତି ସ୍ଥଳ ମାଡାଗାସ୍କରକୁ ପ୍ରତ୍ୟାବର୍ତ୍ତନ କରି ନିଶ୍ଚିହ୍ନ ହୋଇଯାଏ। ପ୍ରାୟ ପ୍ରତିବର୍ଷ ମୌସୁମୀ ବର୍ଷାରେ ଭାରତର ବହୁ ରାଜ୍ୟ ବନ୍ୟାରେ ଭାସିଥାଏ। ସେହିପରି ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ହୋଇ ବ୍ୟାପକ ଧନଜୀବନ ହାନି ଘଟିଥାଏ। ଚାଷୀକୁଳ ପାଇଁ ମୁଖ୍ୟ ଅବଦାନ ରଖିଥାଏ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ଇଏ ଭାରତର ଜୀବନରେଖା। ମୌସୁମୀର ଆଗମନକୁ କିଛି କ୍ଷତି ସତ୍ତ୍ୱେ ସମସ୍ତେ ଚାତକ ଭଳି ଚାହିଁ ବସିଥାନ୍ତି।

ବିରଜା କଲୋନୀ, ଯୋବ୍ରା, କଟକ,
ଦୂରଭାଷ : ୭୬୫୭୦୭୧୯୬୭

## ଏଇ ଭାରତରେ

ଜଣେ ମହିଳାଙ୍କ ଦୃଢ଼ ଇଚ୍ଛାଶକ୍ତି ଏବେ ଦେଖିବାକୁ ମିଳିଛି ଆଗ୍ରାରେ। ସ୍ଥାନୀୟ କାଗାରୋଲରେ ରହୁଥିବା ପ୍ରିୟଙ୍କା ବର୍ମା ନାମକ ଜଣେ ମହିଳା ସନ୍ତାନ ଜନ୍ମଦେବାର ମାତ୍ର ୮ ଘଣ୍ଟା ପରେ ଡିଏଲ୍‌ଇଡି (ଡିପ୍ଲୋମା ଇନ୍ ଏଲିମେଣ୍ଟାରୀ ଏଜୁକେଶନ)ର ତୃତୀୟ ସେମିଷ୍ଟର ପରୀକ୍ଷା ଦେଇଛନ୍ତି। ପ୍ରସବ ପରବର୍ତ୍ତୀ ଯନ୍ତ୍ରଣା ଥାଇ ମଧ୍ୟ ତାଙ୍କର ଦୃଢ଼ ଇଚ୍ଛାଶକ୍ତି ଆଗରେ ସବୁକିଛି ହାର ମାନିଥିଲା। ଜୁନ୍‌ରେ ଆରମ୍ଭ ହୋଇଥିବା ଏହି ପରୀକ୍ଷାର ପ୍ରଥମ ଦିନରେ ପ୍ରିୟଙ୍କା ଶୁକ୍ରବାର ୨ଟି ସିଟିଂ ପରୀକ୍ଷା ଦେଇଥିଲେ। ଏହାପରେ ତାଙ୍କର ପ୍ରସବ ଯନ୍ତ୍ରଣା ହେବାରୁ ତାଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ରାତିରେ ସେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିବା ବେଳେ ଶନିବାର ପୁଣିଥରେ ପ୍ରସବର ମାତ୍ର ଆଠଘଣ୍ଟା ମଧ୍ୟରେ ପରୀକ୍ଷା କେନ୍ଦ୍ରରେ ପହଞ୍ଚି ତୃତୀୟ ସିଟିଂରେ ପରୀକ୍ଷା ଦେଇଥିଲେ। ଏଥିରେ ତାଙ୍କୁ ଡାକ୍ତର, ପରୀକ୍ଷା କେନ୍ଦ୍ରର କର୍ମଚାରୀ ଓ ପରିବାର ଲୋକେ ସହାୟତା କରିଥିଲେ। ତେବେ ଡାକ୍ତରଙ୍କ କହିବା କଥା ହେଲା ସାଧାରଣ ପ୍ରସବ ପରେ ଜଣେ ମହିଳାଙ୍କୁ ଅତିକମ୍‌ରେ ୪୮ ଘଣ୍ଟା ବିଶ୍ରାମ ଆବଶ୍ୟକ ହୋଇଥାଏ। ହେଲେ ପ୍ରିୟଙ୍କାଙ୍କ ଦୃଢ଼ ମନୋବଳ ଯୋଗୁ ସେ ପରୀକ୍ଷା କେନ୍ଦ୍ରରେ ବସି ପରୀକ୍ଷା ଦେଇ ପାରିଛନ୍ତି। ପ୍ରିୟଙ୍କା ଚଳିତବର୍ଷ ପରୀକ୍ଷା ଦେଇ ନ ଥିଲେ ତାଙ୍କର ଗୋଟିଏ ବର୍ଷ ନଷ୍ଟ ହୋଇ ଯାଇଥାଆନ୍ତା। ସୋମବାର ସେ ଆଉ ଏକ ପରୀକ୍ଷା ଦେବେ। ପ୍ରିୟଙ୍କାଙ୍କ ଦୃଢ଼ ମନୋବଳ ଅନ୍ୟମାନଙ୍କ ପାଇଁ ଉଦାହରଣ ନିଶ୍ଚୟ।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ଜୁନ୍ ୧୯୯୪

- ରୋଜର ମୁର, ସିନ କନେରୀଙ୍କ ପରେ ଆୟର୍ଲାଣ୍ଡର ୪୧ ବର୍ଷ ବୟସ୍କ ପି.ଏସ୍. ବ୍ରସନ୍ୟାନ ନୂଆ 'ଜେମ୍ସ ବଣ୍ଡ' ରୂପେ ମନୋନୀତ ହୋଇଛନ୍ତି।
- ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ବୃଦ୍ଧି କରିବାକୁ ଭାରତ ଓ ଅଷ୍ଟ୍ରିଆ ସହମତ।
- ଗୃହଯୁଦ୍ଧ ଆରମ୍ଭ ହେବା ପରଠାରୁ ଉଆଣ୍ଡାରେ ଥିବା ପ୍ରାୟ ୧.୫ ମିଲିୟନ ଶରଣାର୍ଥୀ ନିଖୋଜ ଅଛନ୍ତି ବୋଲି ଅନ୍ତର୍ଜାତୀୟ ସହାୟତା ଏଜେନ୍ସି ଅଟକଳ କରିଛି।

## ଆମ ସମସ୍ୟା

### କାଡାନାଳ ପୁନରୁଦ୍ଧାର ହେଉ

ମହାଶୟ,

ଭୂ-ସଂସ୍କାର ପାଇଁ ଚକବନ୍ଦୀ ଓ କାଡ଼ା ଜଳସେଚନ ଉପରେ ଗୁରୁତ୍ୱ ଦିଆଗଲା। ଖଣ୍ଡିତ ଜମିଗୁଡ଼ିକୁ 'ଚକ' ଗଠନ କରିବା ଏବଂ କାଡାନାଳ ମାଧ୍ୟମରେ ଜଳସେଚନ ନିଶ୍ଚିତ କରିବା ଉଦ୍ଦେଶ୍ୟରେ ଚକରାସ୍ତା/ଚକନାଳ ନିମନ୍ତେ ଭୂମି ଅଧିକାରୀ ପ୍ରତ୍ୟେକ ୦.୦୨ ଡେସିମିଲ କରି ଦାନ ଦେଇଥିଲେ। ପରବର୍ତ୍ତୀ ସମୟରେ ଦେଖାଗଲା କେତେକ ବ୍ୟକ୍ତି କାଡା ନାଳକୁ ହାଣି ତାଙ୍କ ଜମିରେ ମିଶାଇଦେଲେ। ଏହା ପରେ ପାଣିମଡାକୁ କେନ୍ଦ୍ରକରି ଲୋକମାନେ ଗଣ୍ଡଗୋଳ କରୁଛନ୍ତି। ଏଣୁ କାଡାନାଳ ପୁନରୁଦ୍ଧାର କରାଯିବା ବ୍ୟବସ୍ଥା ହେଉ।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ

### ରାଶନରେ ଡାଲି ମିଳୁ

ରାଶନକାର୍ଡଧାରୀଙ୍କୁ ବିନା ମୂଲ୍ୟରେ କିମ୍ବା ସ୍ୱଳ୍ପ ମୂଲ୍ୟରେ ଡାଲି ଯୋଗାଇ ଦିଆଯାଉ। ବାତ୍ୟା ଯୋଗୁ ଦୁର୍ଦ୍ଦଶାରେ ରହିଥିବା ହିତାଧିକାରୀଙ୍କ ପାଇଁ ଜରୁରୀ। ଦୈନନ୍ଦିନ ଚଳିବା ପାଇଁ ଯେପରି ଚାଉଳ ଅପରିହାର୍ଯ୍ୟ ସେହିପରି ଡାଲି ମଧ୍ୟ ଆବଶ୍ୟକ। ବାତ୍ୟା ପ୍ରପୀଡ଼ିତ ଲୋକଙ୍କୁ ଖାଦ୍ୟ ସୁରକ୍ଷା ଆଇନ ବଳରେ ଅତ୍ୟାବଶ୍ୟକ ଦ୍ରବ୍ୟ ଯୋଗାଇଦେବା ଉଚିତ। ଗୋରୁଙ୍କୁ ଖାଦ୍ୟ, ଚାଷୀମାନଙ୍କୁ କ୍ଷତିପୂରଣ ଯଥାଶୀଘ୍ର ଯୋଗାଇଦେବା ସହ ଧାନବିହନ, ସାର ଏବଂ କୀଟନାଶକ ସ୍ୱଳ୍ପ ମୂଲ୍ୟରେ ଦିଆଯାଉ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସାପ୍ତାହିକ ପଞ୍ଜିକା

ଜୁନ୍ ୨-ପୁରୀ ଏମ୍‌ପି ପିନାକୀ ମିଶ୍ର ଲୋକ ସଭାରେ ବିଜେଡିର ସଂସଦୀୟ ଦଳ ନେତାଭାବେ ମନୋନୀତ ହୋଇଛନ୍ତି।
୩- ବିଶିଷ୍ଟ ହାସ୍ୟ ଅଭିନେତା ସଲିଲ ମିତ୍ରଙ୍କର ପରଲୋକ। ଉତ୍ତରପ୍ରଦେଶର ଏସ୍‌ପି ଓ ବିଏସ୍‌ପି ମେଣ୍ଟ ଭାଙ୍ଗିଲା।
୪- ବିଶିଷ୍ଟ ବୈଜ୍ଞାନିକ ମୃତ୍ୟୁଞ୍ଜୟ ମହାପାତ୍ର ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଛନ୍ତି।
୫- ବିଶିଷ୍ଟ ହାସ୍ୟ ଅଭିନେତା ଦିନ୍‌ୟାର୍ କଣ୍ଟ୍ରାକ୍ଟରଙ୍କର ୭୯ ବର୍ଷ ବୟସରେ ପରଲୋକ।
୬- ବେଆଇନ ଲଟେରୀ ଲଞ୍ଚ କରିବା ମାମଲାରେ ଥାଇଲାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ଥକ୍‌ସିନ ସିନାୱାତ୍ରାଙ୍କୁ ଦୁଇବର୍ଷର ଜେଲ ଦଣ୍ଡାଦେଶ ମିଳିଛି।
୭- ଆନ୍ଧ୍ରପ୍ରଦେଶର ୱାଇଏସ୍‌ଆର୍ କଂଗ୍ରେସ ଅଧ୍ୟକ୍ଷ ତଥା ନୂତନ ମୁଖ୍ୟମନ୍ତ୍ରୀ ଜଗନ୍‌ମୋହନ ରେଡ୍ଡୀଙ୍କ ସରକାରରେ ୫ଟି ସମ୍ପ୍ରଦାୟରୁ ପାଞ୍ଚଜଣଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଇଛି, ଯାହା ଦେଶରେ ପ୍ରଥମ।

ଧରିତ୍ରୀ
DHARITRI
ରାୟଗଡ଼ା, ସୋମବାର, ୧୦ ଜୁନ, ୨୦୧୯



ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖ, କିନ୍ତୁ ନିଜ ଉଦ୍ୟମରେ ଟିକିଏ ହେଲେ ଅବହେଳା କରନାହିଁ।
-ବ୍ୟାସକବି ଫକୀର ମୋହନ ସେନାପତି



## ସଂକ୍ଷେପରେ

### ନଗର ବୁଲିଲେ ଉମା-ମହେଶ୍ୱର



ଜୟପୁର,୯।୬(ନି.ପ୍ର.): ଜୟପୁର ରାଜୁ ସାହି ସ୍ଥିତ ପଞ୍ଚାନନ ଶୈବପୀଠ, ଅଷ୍ଟଶମ୍ଭୁ କ୍ଷେତ୍ରରେ ଶିବ ବିବାହ ଓ ଶୀତଳ ଷଷ୍ଠୀ ମହୋତ୍ସବ ଶୁକ୍ରବାର ପାଳିତ ହେବା ପରେ ଶନିବାର ସନ୍ଧ୍ୟାରେ ଉମା ମହେଶ୍ୱରଙ୍କ ନଗର ପରିକ୍ରମା କରାଯାଇଛି। ଉମା ମହେଶ୍ୱରଙ୍କୁ ନେଇ ବାହାରିଥିବା ମେଢ଼ ପ୍ରଥମେ ବାବା ବୈଦ୍ୟନାଥ ମନ୍ଦିର, ଉଗ୍ରତାରା ମନ୍ଦିର, ମଙ୍ଗଳା ମନ୍ଦିର, ଡଙ୍ଗରଦେଇ ମନ୍ଦିର ଦେଇ କୁଞ୍ଜବିହାରୀ ମନ୍ଦିର, ଜଗନ୍ନାଥ ମନ୍ଦିର, ଭଗବତୀ ମନ୍ଦିର, ନାରାୟଣ ମନ୍ଦିରକୁ ଯାଇ ରଜାନହର ସ୍ଥିତ ରଘୁନାଥ ମନ୍ଦିରରେ ପହଞ୍ଚିଥିଲା। ସେଠାରୁ ଏମ୍‌ଜି ରୋଡ ସ୍ଥିତ ହଟକେଶ୍ୱର ମନ୍ଦିରକୁ ନିଆଯାଇ ସେଠାରେ ହଟେକେଶ୍ୱର ଓ ଚନ୍ଦ୍ରଶେଖରଙ୍କ ଭେଟ କରାଯାଇଥିଲା। ଶେଷରେ ସୁନାରି ସାହି ସ୍ଥିତ ରାମସ୍ୱାମୀ ମନ୍ଦିରକୁ ଯାଇ ସେଠାରୁ ଅଷ୍ଟଶମ୍ଭୁ କ୍ଷେତ୍ର ଫେରିଥିଲେ।

### ଯୁବ ଡାକ୍ତରଙ୍କ ମାଗଣା ଚକ୍ଷୁ ଶିବିର

କୁନ୍ଦୁରା,୯।୬(ଡି.ଏନ୍.ଏ.): କୋରାପୁଟ ଜିଲା କୁନ୍ଦୁରା ବ୍ଲକ ସଦର ମହକୁମାରେ ଶ୍ରୀରାମଚନ୍ଦ୍ର ଭଞ୍ଜ ସ୍ନାତକ ଭେଷଜ ମହାବିଦ୍ୟାଳୟର ଡାକ୍ତର ଦୀପକ ଚୌଧୁରୀ ଅଞ୍ଚଳବାସୀଙ୍କ ପାଇଁ ମାଗଣା ଚକ୍ଷୁ ଶିବିର କରିଛନ୍ତି। ସେ ପ୍ରତି ମାସ ଦ୍ୱିତୀୟ ଶନିବାର ଓ ରବିବାର ଚକ୍ଷୁ ପରୀକ୍ଷା କରିବେ। ଏହି ରବିବାରଠାରୁ ସେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଡାକ୍ତର ଚୌଧୁରୀ କୁନ୍ଦୁରା ବ୍ଲକ ସଦରରେ ଜନ୍ମଗ୍ରହଣ କରିଥିବା ବେଳେ କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜରେ ବର୍ତ୍ତମାନ ଚକ୍ଷୁ ବିଭାଗରେ ପିଜି କରୁଛନ୍ତି। ସେ ଶିବିରରେ ମାଗଣା ଚକ୍ଷୁ ପରୀକ୍ଷା କରିବା ସହ ମାଗଣା ଔଷଧ ମଧ ଦେଉଛନ୍ତି।

### ଦେବଦମ୍ପତିଙ୍କ ବିବାହ ସମ୍ପନ୍ନ



କୋଲାବନଗର,୯।୬(ଡି.ଏନ୍.ଏ.): କୋରାପୁଟ ସଦର ଅନ୍ତର୍ଗତ କୋଲାବନଗରରେ ଶୀତଳଷଷ୍ଠୀରେ ସମ୍ପନ୍ନ ହୋଇଛି ଦେବ ଦମ୍ପତିଙ୍କ ବିବାହ। ପ୍ରାଚୀନ ଶୈବପୀଠ କପିଳେଶ୍ୱର ମନ୍ଦିରରେ ଶନିବାର ସନ୍ଧ୍ୟାରେ ଏହି ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଥାନା କଲୋନୀରୁ ବରପକ୍ଷ ବାଜା ରୋଷଣି ଧରି ବରଯାତ୍ରୀଙ୍କ ସହ କପିଳେଶ୍ୱର ମନ୍ଦିରରେ ପହଞ୍ଚିଥିଲେ। କନ୍ୟାପିତା ସୁଦାମ ପଟ୍ଟନାୟକ ବରଧରାଙ୍କ ସହ ବରଙ୍କୁ ସ୍ୱାଗତ ଜଣାଇଥିଲେ। ମୂର୍ତ୍ତିବାବୁ ପୁରୋହିତଙ୍କ ଆନୁକୂଲ୍ୟରେ ମା' ପାର୍ବତୀ ଓ ଶିବଙ୍କୁ ବରକନ୍ୟା ବେଶରେ ବେଦୀକୁ ନିଆଯାଇ ବିବାହ ରୀତି ସମ୍ପନ୍ନ ହୋଇଥିଲା।

# ୮ ଦିନରେ କିଣାଗଲାଣି ୧.୪ ଲକ୍ଷ କୁଇଣ୍ଟାଲ

## ■ ମଣ୍ଡି ବଦଳରେ ଦଲାଲଙ୍କ ଗୋଦାମରୁ ଧାନ ଯାଉଛି ବଲାଙ୍ଗିର

**କୋରାପୁଟ ଜିଲାରେ ରବିଧାନ କିଣା ପ୍ରକ୍ରିୟା**

ଜୟପୁର,୯।୬(ଡି.ଏନ୍.ଏ.)

କୋରାପୁଟ ଜିଲାରେ ଚଳିତ ବର୍ଷ ୮ଦିନରେ ୧ଲକ୍ଷ ୪୦ହଜାର ୮୧୭ କୁଇଣ୍ଟାଲ ୧ କିଲୋଗ୍ରାମ ରବିଧାନ କିଣାଗଲାଣି। କିନ୍ତୁ ମଣ୍ଡି ବଦଳରେ ଆମ୍ବାଗୁଡ଼ା, କୁମୁଲିପୁଟ, ଟାଙ୍କୁଆ ଓ କୁନ୍ଦୁରା ଅଞ୍ଚଳର ସକ୍ରିୟ ହୋଇଥିବା କେତେକ ଦଲାଲଙ୍କ ଗୋଦାମରୁ ବୋଝେଇ ହେଉଛି ରବିଧାନ । ଚାଷୀଙ୍କ ଧାନ ଦଲାଲଙ୍କ ଘର କିମ୍ବା ଖଳାରୁ ବୋଝେଇ ହୋଇ କଷ୍ଟମ ମିଲିଂ ପାଇଁ ବଲାଙ୍ଗିର ଜିଲା ମିଲକୁ ପଠାଯାଉଛି । ଦଲାଲମାନେ ପୂର୍ବରୁ କେତେକ ଚାଷୀଙ୍କ ଧାନ କମ୍ ଦରରେ କିଣି ସେହି ଧାନକୁ ପଞ୍ଜୀକୃତ ଚାଷୀଙ୍କ ନାଁରେ ମଣ୍ଡିରେ ବିକ୍ରି କରାଯାଉଛି। ମଣ୍ଡିରେ ଧାନ ବିକ୍ରି ବେଳେ



ନାମକୁ ମାତ୍ର ଜଣେ ଚାଷୀଙ୍କୁ ହାଜର କରାଇ ଦଲାଲମାନେ ମିଲ ମାଲିକଙ୍କୁ ଧାନ ପଠାଉଛନ୍ତି । ଅନ୍ୟପକ୍ଷରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟ ଓ ଏଟିଏମ୍ କାର୍ଡ ଦଲାଲଙ୍କ ପାଖରେ ବନ୍ଧକ ରହୁଛି। ଚାଷୀଙ୍କ ନାଁରେ ଆସୁଥିବା ଧାନ ବିକ୍ରି ଟଙ୍କା ଦଲାଲ ହଡ଼ପ କରୁଥିବା ଅଭିଯୋଗ ହୋଇଛି। ଏନେଇ ଜିଲା ଯୋଗାଣ ଅଧିକାରୀ ତୁଳାରାମ ନାୟକଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ ଯେ, ଏହିପରି ଅଭିଯୋଗକୁ ଗୁରୁତ୍ୱର ନିଆଯାଇଛି। ଏହାର ତଦନ୍ତ ସହ ଚଢ଼ାଉ କରାଯାଇ ପଦକ୍ଷେପ ନିଆଯିବ।

ପ୍ରକାଶ ଯେ, ଜିଲାରେ ୨୦୧୮–୧୯ ପାଇଁ ରବିଧାନ କିଣିବା ପାଇଁ ପ୍ରଶାସନ ଗତ ମେ ୨୫ରେ ମଣ୍ଡିର ଶୁଭାରମ୍ଭ କରିଥିଲେ ମଧ ଗତ ଜୁନ ୧ରୁ ଧାନକିଣା ଆରମ୍ଭ ହୋଇଥିଲା। ୮ ତାରିଖ ସୁଦ୍ଧା ୫ଟି ବ୍ଲକର ୬ଟି ଲ୍ୟାମ୍ପ ପକ୍ଷରୁ ୧୪୫୮ ଜଣ ଚାଷୀଙ୍କଠାରୁ ୧ଲକ୍ଷ ୪୦ ହଜାର ୩୫୧ କୁଇଣ୍ଟାଲ ୧ କିଲୋଗ୍ରାମ ରବିଧାନ କିଣାଯାଇପାରିଛି। ଏଥିରେ ବୋରିଗୁମ୍ମା ଲ୍ୟାମ୍ପ ପକ୍ଷରୁ ୪ଟି ମଣ୍ଡିରେ ୧୦୪୮୯ କୁଇଣ୍ଟାଲ, କୁମୁଲିପୁଟ ଲ୍ୟାମ୍ପ ପକ୍ଷରୁ ୫ଟି ମଣ୍ଡିରେ ୪୩୭୭୧ କୁଇଣ୍ଟାଲ, ଉମୁରୀ ଲ୍ୟାମ୍ପ ପକ୍ଷରୁ ୯ଟି ମଣ୍ଡିରୁ ୪୭୧୩୯ କୁଇଣ୍ଟାଲ ୧୭ କିଲୋଗ୍ରାମ, କୋଟପାଡ଼ର ୬ଟି ମଣ୍ଡିରୁ ୨୭୪୩୪ କୁଇଣ୍ଟାଲ, କୁନ୍ଦୁରାର ୩ଟି ଲ୍ୟାମ୍ପରୁ ୮୫୮୮ କୁଇଣ୍ଟାଲ ଏବଂ ନାରାୟଣପାଟଣା ଲ୍ୟାମ୍ପର ୨ଟି ମଣ୍ଡିରୁ ୩୩୦୬ କୁଇଣ୍ଟାଲ ୮୪ କିଲୋଗ୍ରାମ ରବିଧାନ କିଣା ଯାଇଛି । ଉଲ୍ଲେଖଯୋଗ୍ୟ ଯେ, ଜିଲାରେ ୫୫ଟି ମଣ୍ଡି ସ୍ଥାପନ କରାଯାଇଥିବା ବେଳେ ଏଠାକାର ପଞ୍ଜୀକୃତ ୧୨୧୯୨ ଚାଷୀଙ୍କଠାରୁ ୧୪ ଲକ୍ଷ ୯୯ ହଜାର ୩୯୮ କୁଇଣ୍ଟାଲ ରବିଧାନ କିଣାଯିବା ପାଇଁ ଟାର୍ଗେଟ୍ ରହିଛି।



ଜବତ ଗାଡ଼ି ଓ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତମାନେ।

## ମାଛ ଟ୍ରେରୁ ମିଳିଲା ୩୨୧ କେଜି ଗଞ୍ଜେଇ

- ■ ୬ ଜଣଙ୍କୁ ଧରିଲା ପୋଲିସ
- ■ ମହାରାଷ୍ଟ୍ରର ୨, ଆନ୍ଧ୍ରର ଜଣ ସମ୍ପୃକ୍ତ
- ■ ଟ୍ରକ୍, କମାଣ୍ଡର ଜିପ୍ ଜବତ

ନନ୍ଦପୁର,୯।୬(ଡି.ଏନ୍.ଏ.)

ନନ୍ଦପୁର ପୋଲିସ ଶନିବାର ଗଞ୍ଜେଇ ଚାଲାଣ କରୁଥିବା ୬ ଜଣଙ୍କୁ ଗିରଫ କରିଛି। ଗୋଟିଏ ଟ୍ରକ୍ ଓ ଗୋଟିଏ କମାଣ୍ଡର ଜିପ୍ ସହ ୩ କୁଇଣ୍ଟାଲ ୨୧ କେଜି ଗଞ୍ଜେଇ ଜବତ ହୋଇଛି। ପୂର୍ବାହ୍ନ ୧୧ଟା ୪୫ରେ ନନ୍ଦପୁର ଥାନା ଅଧିକାରୀ କିଶୋର ଚନ୍ଦ୍ର ଚୌଧୁରୀଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ଜଳନ୍ଧର ସେଠୀ, ଏସ୍‌ଆଇ ବିଘ୍ନରାଜ ଭତରା, ଏଏସ୍‌ଆଇ ଯତୀନ ପ୍ରଧାନ, ଏଏସ୍‌ଆଇ ଦୀପକ ନାୟକ, କନଷ୍ଟେବଳ ଏମ୍.ଏସ୍. ରାଓ, ହୋମଗାର୍ଡ ଭୀମ ମହାନ୍ତି, ଲୋକନାଥ ବେହେରା, ରାମଚନ୍ଦ୍ର ଗାଡ଼ଙ୍ଗ ନନ୍ଦପୁର ନିକଟସ୍ଥ ଗବନ୍ଧ ନିକଟରେ ଗାଡ଼ି ଯାଞ୍ଚ କରୁଥିଲେ। ଏହି ସମୟରେ ଏକ ଟ୍ରକ (ଏମ୍‌ଏଚ୍ ୧୯ ଜେଡ୍ ୩୩୨୪) ଏବଂ ଏକ କମାଣ୍ଡର ଜିପ୍ (ଏପି୩୫ ବି ୬୬୯୩)କୁ ଅଟକାଇ ଯାଞ୍ଚ କରିଥିଲା ପୋଲିସ। ଟ୍ରକ୍‌ରେ ଥିବା ମାଛ ଟ୍ରେ ଯାଞ୍ଚ ବେଳେ ଗଞ୍ଜେଇ ମିଳିଥିଲା। ଏଥିରେ ସମ୍ପୃକ୍ତ ଥିବା ଟ୍ରକ ଡ୍ରାଇଭର ମହାରାଷ୍ଟ୍ରର ସିଙ୍ଗନୁର ଗ୍ରାମର ରାଜେଶ ତୋବାଡେ, ଜୁମନେର ଗ୍ରାମର ସୁବାସ ରାଜାରାମ ଚୌହାନ, ଆନ୍ଧ୍ରପ୍ରଦେଶ ମୁଚିମପୁଟ ଥାନା ପୋଲପୁଟ ଗ୍ରାମର ଗୋପାଳ ପଲାସି, ଜୟରାମ ଶିଶା, ସଞ୍ଜୀବ ରାଓ ବଡନାୟକ, କିଶୋର ଟାଙ୍ଗୁଲ ଗିରଫ ହୋଇଛନ୍ତି। ଏହି ଗଞ୍ଜେଇ ଆନ୍ଧ୍ରପ୍ରଦେଶ ମୁଚିମପୁଟ ଓ ନନ୍ଦପୁର ବ୍ଲକର ଜଲାପୁଟରୁ ମହାରାଷ୍ଟ୍ରକୁ ଚାଲାଣ ହେଉଥିବା ପୋଲିସ କହିଛି। ନନ୍ଦପୁର ବିଡିଓ କୈଳାସ ଚନ୍ଦ୍ର ଶିଆଳଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯିବା ସହ କେସ ନମ୍ବର ୩୦/୧୯ରେ ମାମଲା ରୁଜୁ କରାଯାଇଛି। ସୋମବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ।

## ■ ଦରମାରେ ଅନିୟମିତତା ପାଇଁ ସଫେଇ ବନ୍ଦ

# ଆନ୍ଦୋଳନରେ ୧୧୫ ଠିକା କର୍ମଚାରୀ



ଠିକା କର୍ମଚାରୀମାନେ କାମ ବନ୍ଦ କରି ଆନ୍ଦୋଳନ କରୁଛନ୍ତି ।

କୋରାପୁଟ,୯।୬(ସ୍ୱ.ପ୍ର.)

କୋରାପୁଟ ପୌର ପରିଷଦର ସଫେଇ କାର୍ଯ୍ୟ ପାଇଁ ଠିକା ନେଇଥିବା ସଂସ୍ଥା ଦରମା ପ୍ରଦାନରେ ଅନିୟମିତତା କରୁଥିବାରୁ ଶନିବାରଠାରୁ ଆନ୍ଦୋଳନ ଆରମ୍ଭ କରିଛନ୍ତି ଠିକା କର୍ମଚାରୀ। ଫଳରେ ସହରର ସଫେଇ କାର୍ଯ୍ୟ ବ୍ୟାହତ ହୋଇଛି। ସଫେଇ କାର୍ଯ୍ୟରେ ଥିବା ଠିକା କର୍ମଚାରୀଙ୍କୁ ଠିକ୍ ଭାବେ ଦରମା ଦିଆଯାଉ ନ ଥିବା, ଦରମାରେ ଅସଙ୍ଗତି, ଡ୍ରେସ ଓ ସୁରକ୍ଷା କିଟ୍ ଦିଆଯାଉ ନଥିବା ଯୋଗୁ ଅସନ୍ତୋଷ ପ୍ରକାଶ ପାଇଛି। ଶନିବାରଠାରୁ ସହରର ୧୧୫ ଠିକା କର୍ମଚାରୀ ସଫେଇ କାର୍ଯ୍ୟ ବନ୍ଦ କରିବା ସହ ଶ୍ରୀଗୁଣ୍ଡିଚା ଛକରେ ଠିଆହୋଇ ଠିକାସଂସ୍ଥା ବିରୋଧରେ ସ୍ଲୋଗାନ ଦେଇଥିଲେ।

ଏଠାରେ ସୂଚନା ଥାଉ ଯେ କୋରାପୁଟ ପୌରପରିଷଦର ସଫେଇ କାର୍ଯ୍ୟ ପାଇଁ ମଞ୍ଜୁ ସର୍ଭିସ ନାମକ ଏକ ଠିକାସଂସ୍ଥାକୁ ଦିଆଯାଇଛଇ। ସହରର ସମସ୍ତ ୨୧ଟି ୱାର୍ଡରେ ସଫାସୁତରା ପାଇଁ ମାସକୁ ପ୍ରାୟ ୧୭ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। ଅନ୍ୟପକ୍ଷରେ ସହରରେ ଠିକ୍ ଭାବେ ମଇଳା ସଫା କରାଯାଉ ନ ଥିବାବେଳେ ପରିମଳ ବ୍ୟବସ୍ଥା ଏକ ପ୍ରକାର ବିପର୍ଯ୍ୟସ୍ତ ହୋଇପଡ଼ିଛି। ମାସ ମାସ ଧରି ସହରରେ ଥିବା ଭାଣ୍ଡିସାହି, ଗୌତମନଗର, ପରଜା ସାହି, ଟିଙ୍କିରାସାହି, ଭବାନି ନଗର, କୋଲାବ କଲୋନୀ, ସୁନାପୁର, ଓଡ଼ିଆଗୁଡ଼ା, ନୂଆ କଲୋନି, ବଦଲିଗୁଡ଼ା ଅଞ୍ଚଳରେ ଥିବା ଡ୍ରେନ ସଫା କରାଯାଉ ନଥିବା ଯୋଗୁ ଟିକେ ବର୍ଷା ହେଲେ ପାଣି ଡ୍ରେନରେ ପଶି ଆବର୍ଜନା ରାସ୍ତା ଉପରକୁ ଚାଲିଆସୁଛି। ଏନେଇ ଠିକାସଂସ୍ଥାର ମ୍ୟାନେଜର ରବିନ୍ଦ୍ରନାଥ ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ରବିବାର ଠିକା କର୍ମଚାରୀଙ୍କ ଦରମା ଦିଆଯାଇଛି। ସୋମବାରଠାରୁ ସେମାନେ ପୂର୍ବଭଳି କାମ କରିବାକୁ ଠିକା କର୍ମଚାରୀମାନେ ସହମତି ଦେଇଛନ୍ତି।

## ଲକ୍ଷ୍ମୀପୁର ବିଧାୟକଙ୍କୁ ସମ୍ବର୍ଦ୍ଧନା

କୋରାପୁଟ/ନାରାୟଣପାଟଣା, ୯।୬(ସ୍ୱ.ପ୍ର./ଡି.ଏନ୍.ଏ.):

ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନିଙ୍କୁ ରବିବାର ସମ୍ବର୍ଦ୍ଧନା ଦିଆଯାଇଛି। ନାରାୟଣପାଟଣା ବ୍ଲକ ବିଜେଡି ପକ୍ଷରୁ ସ୍ଥାନୀୟ ରେଞ୍ଜର କାର୍ଯ୍ୟାଳୟରେ ଶତାଧିକ ଦଳୀୟ କର୍ମୀ ଓ ଜନସାଧାରଣ ବିଧାୟକ ପ୍ରଭୁ ଜାନିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରେ ସେଠାରୁ ଆଦିବାସୀ ବାଜା ଓ ଢେମସା ନାଚର ତାଳେତାଳେ ବିଧାୟକଙ୍କୁ ଏକ କମାଣ୍ଡରରେ ବସାଇ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା। ପରେ ନାରାୟଣପାଟଣା ଜଗନ୍ନାଥ ମନ୍ଦିରକୁ ଯାଇ ସେଠାରେ ପୂଜାର୍ଚ୍ଚନା କରିବା ସହ ଦଳୀୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ । ପରେ ଲଙ୍ଗଳବେଡା ପଞ୍ଚାୟତର ପିକେଭଦ୍ରା ଗାଁକୁ ଯାଇ କିଛି ଦିନ ତଳେ ବଜ୍ରପାତରେ ମୃତ୍ୟୁ ହୋଇଥିବା ଦୁଇ ମହିଳାଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ଏବେ କୋମାରେ ଥିବା ୬ ମାସର ପୁଅର ଚିକିତ୍ସା ପାଇଁ ଆର୍ଥିକ ସହାୟତା ମଧ ଦେଇଥିଲେ। ଏହି ଅବସରରେ ବ୍ଲକ ବିଜେଡି ସଭାପତି କେ. ଶାୟାରାଜୁ, ଏସ୍. ଏଗି, ଜିଲା ପରିଷଦ ସଭ୍ୟ ଲଳିତ ପରିଡ଼ା, ପ୍ରହ୍ଲାଦ ଖୋସ୍ଲା, ପଣ୍ଡିତ ନାରାୟଣ ବିଶୋଇ, ଦ୍ରୋଣ ଖୋସ୍ଲା, ଏନ୍. ବିନୋଦ, ପି. ଜେନା, ଗୋଲାଦି ତ୍ରିନାଥ ଉପସ୍ଥିତ ଥିଲେ।

## ଜାତୀୟ କରାଟେ ଖେଳିବେ ସୁନାବେଡ଼ାର ୬ କରାଟେକା



ଜାତୀୟ ଚାମ୍ପିୟନ୍‌ଶିପ୍‌ରେ ଭାଗନେବା ପାଇଁ ମନୋନୀତ ହୋଇଥିବା ଖେଳାଳିମାନେ।

ସେମିଳିଗୁଡ଼ା,୯।୬(ସ୍ୱ.ପ୍ର.)

ଦିଲ୍ଲୀ ତାଲକୋଟା ଷ୍ଟାଡିୟମରେ ହେବାକୁ ଥିବା ସବଜୁନିଅର କରାଟେ ପ୍ରତିଯୋଗିତାରେ କୋରାପୁଟ ଜିଲା ସୁନାବେଡ଼ାରୁ ୬ ଜଣ କରାଟେକା ଭାଗ ନେବେ। ସେମାନେ ହେଲେ କୁମାର ମହାନ୍ତ, ପ୍ରତୀକ ଦାଶ, ଶୁଭ୍ରାଂଶୁ ରାୟ, ମିତାଲି ମଧୁସ୍ମିତା, ଶୁଭ୍ରାଂଶୁ ଦାସ। ଏମାନେ ରାଜ୍ୟ କରାଟେ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରି ଜାତୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ହାଲ୍‌ର ମହାପ୍ରବନ୍ଧକ ଆଶୁତୋଷ ମଲ୍ଲିକ, ଉତ୍କଳ କରାଟେ ସ୍କୁଲର ଉପଦେଷ୍ଟା ଭଗବାନ ଦୋରା ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କଲା ଭତରା ବିକାଶ ପରିଷଦ

କୋଟପାଡ଼,୯।୬(ଡି.ଏନ୍.ଏ.)

କୋରାପୁଟ ଜିଲା କୋଟପାଡ଼ ଅଖିଳ ଭାରତୀୟ ଆଦିବାସୀ ଭତରା ବିକାଶ ପରିଷଦ ତରଫରୁ ଶନିବାର କୋଟପାଡ଼ ନବ ନିର୍ବାଚିତ ବିଧାୟିକା ତଥା ରାଜ୍ୟ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଗୌରପ ପଡ଼ିଆ ନିକଟସ୍ଥ ଭତରା ବିକାଶ ପରିଷଦ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୋରାପୁଟ ଜିଲ ଭତରା ବିକାଶ ପରିଷଦ ଶାଖା ତଥା କୁନ୍ଦୁରା, ବୈପାରୀଗୁଡ଼ା, ଜୟପୁର, ବୋରିଗୁମ୍ମା ଅଞ୍ଚଳର



ସମ୍ବର୍ଦ୍ଧନା ସଭାରେ ମନ୍ତ୍ରୀ ପଦ୍ମିନୀ ଦିଆନଙ୍କ ସହ ଭତରା ବିକାଶ ପରିଷଦର ସଦସ୍ୟମାନେ।

ବହୁ ପୁରୁଖା ଆଦିବାସୀ ନେତା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ କୋଟପାଡ଼ ଭତରା ବିକାଶ ପରିଷଦର ସଭାପତି ମଙ୍ଗରାଜ ରନ୍ଧାରୀ, ଜିଲା ସଭାପତି ନୀଳକଣ୍ଠ ପୂଜାରୀ, ନୀଳକଣ୍ଠ ଚଲାଣ, ସମ୍ପାଦକ ରୁପୁ ଭତରା, ଭୀମ ମାଝି, ମୋହନ ନାୟକ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡିର ପୂର୍ବତନ ଜିଲା ସମ୍ପାଦକ ନରେନ୍ଦ୍ର ସ୍ୱାଇଁ, ନଗର ସଭାପତି ସୁଧୀର ମହାନ୍ତି, ଏନ୍‌ଏସି ଅଧକ୍ଷା ସୁଚିତ୍ରା ସ୍ୱାଇଁ, ଆଇନଜୀବୀ ଜ୍ଞାନେନ୍ଦ୍ର ପଟ୍ଟନାୟକ, ତ୍ରିପତି ମହାନ୍ତି, ଯୁବନେତା ଆରିଫ ପଟେଲ ଯୋଗ ଦେଇଥିଲେ।

## ଆଦିବାସୀ କଲ୍ୟାଣ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

ବିଷମକଟକ,୯।୬

ବିଷମକଟକ ନବନିର୍ବାଚିତ ବିଧାୟକ ତଥା ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ବିଷମକଟକରେ ସମ୍ବର୍ଦ୍ଧନା ଦିଆଯାଇଛି। ସ୍ଥାନୀୟ ବଣିକ ସଂଘ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୁଷ୍ପଗୁଚ୍ଛ ଓ ଉପଢୌକନ ଓ ମାନପତ୍ର ଦେଇ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ମନ୍ତ୍ରୀଙ୍କ ସହ ଯୋଜନା ବୋର୍ଡ ସଦସ୍ୟ ସୁଧୀର



କୁମାର ଦାଶ, ବଣିକ ସଂଘ ସଭାପତି ଶୁଭେନ୍ଦୁ ଚୌଧୁରୀ, ଉପସଭାପତି ପ୍ରଦୀପ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

## ■ ଜୟପୁର ନଗର କଂଗ୍ରେସର କର୍ମୀ ସମ୍ମିଳନୀ

# ସାହିରେ ଅସୁବିଧା ଥିଲେ ଜଣାଅ: ବିଧାୟକ



କର୍ମୀ ସମ୍ମିଳନୀରେ ଜୟପୁର ବିଧାୟକଙ୍କ ସହ ଅନ୍ୟମାନେ ।

ଜୟପୁର,୯।୬(ନି.ପ୍ର./ଡି.ଏନ୍.ଏ.)

ସାହିରେ, ରାସ୍ତା, ଡ୍ରେନ୍, ବିଦ୍ୟୁତ, ପରିମଳ ବ୍ୟବସ୍ଥାରେ ଅସୁବିଧା ଥିଲେ ମୋତେ ମୋତେ ତୁରନ୍ତ ଜଣାଅ । ମୋ ଦ୍ୱାର ସମସ୍ତଙ୍କ ପାଇ ଖୋଲା । ଦଳମତ ନିର୍ବିଶେଷରେ ସମସ୍ତେ ଏକଜୁଟ ହୋଇ ଜୟପୁରର ବିକାଶ କରିବା। ଜୟପୁର ଗ୍ରେସ କଲ୍ୟାଣ ମଣ୍ଡପରେ ରବିବାର ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଯୋଗଦେଇ ବିଧାୟକ ତାରାପ୍ରସାଦ ବାହିନୀପତି ଏହା କହିଛନ୍ତି। ଅନ୍ତର୍ଜାତୀୟ ସ୍ପୋର୍ଟସ କ୍ଲବ କାର୍ଯ୍ୟ ଚାଲିଛି। ବହୁତ ଅଧୁରା କାର୍ଯ୍ୟ ବାକି ରହିଛି, ତାହା ଶେଷ କରାଯିବ। ନଗର କଂଗ୍ରେସ ସଭାପତି ନରେନ୍ଦ୍ର ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ଜିଲା ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ମହିଳା ସଭାନେତ୍ରୀ ନଳିନୀ ରଥ, ପିସିସି ସଭ୍ୟ ଦୁର୍ଗାଶଙ୍କର ସାହୁ, ପ୍ରଫୁଲ୍ଲ ଭତ୍ରା, ବ୍ଲକ ସଭାପତି ବସନ୍ତ ନାୟକ, ଯୁବ କଂଗ୍ରେସ ସଭାପତି ସୁକାନ୍ତ ପଟ୍ଟନାୟକ, ମୋହନ ଗୌଡ଼, ଦୁର୍ଗା ଶର୍ମା ଉପସ୍ଥିତ ଥିଲେ।

# ପଲିଟେକନିକରେ ଖାଲି ପଡୁଛି ସିଟ୍

## ■ ପ୍ରଚାର ପ୍ରସାର ଅଭାବରୁ ଏହାର ସୁଯୋଗ ନେଇପାରୁନାହାନ୍ତି ଉପାନ୍ତ ଅଞ୍ଚଳର ପିଲା

ଜୟପୁର,୯।୬(ଡି.ଏନ୍.ଏ.)

ଜୟପୁର ବ୍ଲକର ରଣ୍ଡାପାଲୀରେ ରାଜ୍ୟ ସରକାରଙ୍କ ଏକ ସରକାରୀ ପଲିଟେକନିକ ୨୦୧୪ରୁ ପ୍ରତିଷ୍ଠା ହୋଇଛି । କିନ୍ତୁ ଜିଲାର ଉପାନ୍ତ ବ୍ଲକର ଛାତ୍ରୀଛାତ୍ର ପଲିଟେକନିକକୁ ନେଇ ସଚେତନ କିମ୍ବା ଅଜ୍ଞ ରହିଥିବା ଯୋଗୁ ଏହିପରି ବୈଷୟିକ ଶିକ୍ଷାନୁଷ୍ଠାନରେ ସେମାନଙ୍କ ଯୋଗଦାନ କମ୍ ରହୁଛି । ଅନୁଷ୍ଠାନଟି ଜୟପୁରର ରଣ୍ଡାପାଲିରେ ଥିଲେ ମଧ କୋରାପୁଟ ଠିକଣା ଦିଆଯାଉଥିବା ଯୋଗୁ ଉପାନ୍ତ ଅଞ୍ଚଳର ଛାତ୍ରୀଛାତ୍ର ଓ ଅଭିଭାବକ କୋରାପୁଟ ସହରରେ ଏହାକୁ ଖୋଜୁଛନ୍ତି।



ପ୍ରକାଶ ଯେ, ପଲିଟେକନିକରେ ସିଭିଲ, ମେକାନିକାଲ ଓ ଇଲେକ୍ଟ୍ରିକାଲ ଡିପ୍ଲୋମା ପାଠ୍ୟକ୍ରମ ପାଇଁ ୬୦ଟି ଲେଖାଏଁ ସିଟ୍ ରହିଛି । ୨୦୧୬ରେ ସିଭିଲରେ ୨୯, ମେକାନିକାଲ ୭୫, ଇଲେକ୍ଟ୍ରିକାଲରେ ୪୯ ଜଣ ଥିବାବେଳେ ୨୦୧୭ରେ ସିଭିଲ ୩୬, ମେକାନିକାଲ ୪୬, ଇଲେକ୍ଟ୍ରିକାଲ ୩୩ ସଂଖ୍ୟା ରହିଥିଲା। ୨୦୧୮ରେ ସିଭିଲ ୨୧, ମେକାନିକାଲ ୫୨, ଇଲେକ୍ଟ୍ରିକାଲରେ ୪୩ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି । ପ୍ରତିଷ୍ଠାନର ଛାତ୍ର ନିବାସରେ ୧୦୦ ଶଯ୍ୟା ରହିଥିଲେ ସୁଦ୍ଧା ୪୦ ଜଣ ଛାତ୍ର ଓ ଛାତ୍ରୀ ନିବାସରେ ୧୦ ଜଣ ଛାତ୍ରୀ ରହୁଛନ୍ତି। ପ୍ରତିଷ୍ଠାନର ଅଧକ୍ଷ କହିଛନ୍ତି, ଜିଲାର ଅଧିକାଂଶ ବ୍ଲକରେ ପ୍ରଚାର ପ୍ରସାର କରାଯାଉଥିଲେ ମଧ କେତେକ ଉପାନ୍ତ ଅଞ୍ଚଳରେ ଏହା ସମ୍ଭବ ହୋଇପାରିନାହିଁ । ଆସନ୍ତା ବର୍ଷ ଜିଲାର ବହୁ ଛାତ୍ରୀଛାତ୍ର ଯୋଗଦେବେ ବୋଲି ସେ ଆଶା ପ୍ରକଟ କରିଛନ୍ତି।

■ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ଶିବିର

# ବର୍ଜ୍ୟବସ୍ତୁରୁ ପ୍ରସ୍ତୁତ କରାଯିବ ଜୈବ ସାର

ନବରଙ୍ଗପୁର,୯।୬(ବି.ପ୍ର.)

ନବରଙ୍ଗପୁର ଜିଲାର ପୌରସଂସ୍ଥା ଗୁଡିକରେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଏକ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ଶାସ୍ତ୍ରୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅଜିତ କୁମାର ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। କଠିନ ବର୍ଜ୍ୟବସ୍ତୁ ଓ ନଷ୍ଟ ହୋଇପାରୁଥିବା ବର୍ଜ୍ୟବସ୍ତୁକୁ ଦୁଇ ଭାଗରେ ବିଭକ୍ତ କରାଯିବ। ସହରର ବିଭିନ୍ନ ସ୍ଥାନରେ ଗାତ ଖୋଳି ନଷ୍ଟ ହୋଇପାରୁଥିବା ବର୍ଜ୍ୟବସ୍ତୁ ସେଠାରେ ପକାଇ ଜୈବ ସାର ପ୍ରସ୍ତୁତ କରାଯିବ।



ପ୍ରଶିକ୍ଷଣ ଶିବିରରେ ଜିଲାପାଳଙ୍କ ସହ ଅନ୍ୟମାନେ।

କୃଷି କାର୍ଯ୍ୟ ପାଇଁ ଉକ୍ତ ସାର ବିକ୍ରି କରାଯିବ। ଏଥିପାଇଁ ଲୋକଙ୍କୁ ନିୟୋଜିତ କରାଯିବ। ଏହାଦ୍ୱାରା ନିୟୋଜିତ ଲୋକଙ୍କୁ ରୋଜଗାର ମିଳିବା ସହିତ ପୌରସଂସ୍ଥାକୁ ରାଜସ୍ୱ ମିଳିପାରିବ। କଠିନ ବର୍ଜ୍ୟ ବସ୍ତୁ ଗୁଡିକ ଡମ୍ପିଂୟାର୍ଡରେ ପକାଯିବା ସହ ସେଠାରେ କବାଡି ବ୍ୟବସାୟୀଙ୍କୁ ନିୟୋଜିତ କରାଯିବ। ସେମାନେ ଆବଶ୍ୟକୀୟ ବର୍ଜ୍ୟବସ୍ତୁ ସଂଗ୍ରହ କରିସାରିବା ପରେ ବଳକା ନଷ୍ଟ କରି ମାଟି ଭିତରେ ପୋତି ଦିଆଯିବ। ଏ ନେଇ ପୌରସଂସ୍ଥା ପକ୍ଷରୁ ଘରମାନଙ୍କରୁ ଆବର୍ଜନା ସଂଗ୍ରହ କରାଯାଉଛି ତାହା ଦୁଇ ଭାଗରେ ସଂଗ୍ରହ କରାଯିବ। ଏଥିପାଇଁ ସ୍ୱୟଂ ସହାୟକ ଗୋଷ୍ଠୀମାନେ ସଚେତନ କରାଇବେ। ନିଜେ ସଚେତନ ହୋଇ ଅନ୍ୟମାନଙ୍କୁ ସଚେତନ କରାଇବା ସମସ୍ତଙ୍କ କର୍ତ୍ତବ୍ୟ ରହିଛି ବୋଲି ଜିଲାପାଳ କହିଥିଲେ। ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ କରୁଣାକର ରାଇକା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ , ତହସିଲଦାର ଜ୍ୟୋତି ରଞ୍ଜନ ସେଠୀ , ଉମରକୋଟ ତହସିଲଦାର ଧର୍ମରାଜ ମାଝୀ, ସଫେଇ କର୍ମଚାରୀ ସଂଘ୍ରୁ ହରିଜନ ଓ ଲକ୍ଷ୍ମଣ ହରିଜନ ମଞ୍ଚାସୀନ ଥିଲେ। ନବରଙ୍ଗପୁର ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିନୟ କୁମାର ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜ୍ୟୋତି ପରିଛା, ସୁକାନ୍ତ ଦାଶ, ଦେବାଶିଷ ପ୍ରହରାଜ, କାର୍ତ୍ତିକ ପାଣ୍ଡିଆ , କେ.ନାଗେଶ୍ୱର ରାଓ ଓ ରାମ ଶଙ୍କର ଦାଶ ପ୍ରମୁଖ କର୍ମଚାରୀ ସହଯୋଗ କରିଥିଲେ।

# ନାବାଳିକାଙ୍କୁ ଅପହରଣ, ବଳାତ୍କାର ଅଭିଯୋଗ

ନବରଙ୍ଗପୁର,୯।୬(ବି.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଅଞ୍ଚଳର ଜଣେ ଦଶମ ଶ୍ରେଣୀ ପାସ୍ ନାବାଳିକାଙ୍କୁ ଉମରକୋଟ ବ୍ଲକ ତୋହରା ପଞ୍ଚାୟତ ଧୁଙ୍ଗିଆଗବା ଗାଁର ଅମିନ ଜାନି ଅପହରଣ ପରେ ବଳାତ୍କାର କରିଥିବା ଉମରକୋଟ ଥାନାରେ ଅଭିଯୋଗ ହୋଇଛି। ନାବାଳିକାଙ୍କ ପରିବାର ଲୋକ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ନାବାଳିକା ଜଣକ ଆଶ୍ରମରେ ରହି ପାଠ ପଢୁଥିବା ସମୟରେ ଅମିନ ଗେଟ୍ ବାହରକୁ ଡାକି ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇଥିଲା। ଦଶମ ପରୀକ୍ଷା ସରିବା ପରେ ଯୁବକ ଜଣକ ନାବାଳିକାଙ୍କୁ ଧଡ୍ରାଗାଁକୁ ଆସିବାକୁ କହିଥିଲେ। ପାଠ ପଢା ଶେଷ ହୋଇନାହିଁ , ବିବାହ ବୟସ ହୋଇ ନାହିଁ ବୋଲି ନାବାଳିକା କହିଥିଲେ। ମେ' ୧୬ ତାରିଖରେ ନାବାଳିକାଙ୍କ ପରିବାର ଲୋକ ବିବାହ ଭୋଜିକୁ ଯାଇଥିଲେ । ଏହାର ସୁଯୋଗ ନେଇ ଅମିନ ବାଇକରେ ଆସି ନାବାଳିକାଙ୍କୁ କୁର୍ଷି ଗାଁ ନେଇ ସେଠାରେ ରଖିଥିଲେ। ତା' ପରଦିନ ଆନ୍ଧ୍ରପ୍ରଦେଶର ବିଜୟନଗରଠାରେ ଏକ ଘରୋଇ କମ୍ପାନୀରେ ନେଇ ରଖିଥିଲେ। ସେଠାରେ ଦୈନିକ ୩୫୦ଟଙ୍କା ମଜୁରୀରେ ଦୁହେଁ କାମ କରିଥିଲେ। ଦିନରେ ଅକ୍ଳାନ୍ତ ପରିଶ୍ରମ କରିବାକୁ ପଡିଥାଏ। ନାବାଳିକାଙ୍କ ଅନିଚ୍ଛା ସତ୍ତ୍ୱେ ଅମିନ ଶାରିରୀକ ସମ୍ପର୍କ ରଖିଥିଲେ। ସେଠାରେ ନାବାଳିକାଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ହୋଇଥିଲା। ସେଠାରେ ୨ ସପ୍ତାହ ରହିବା ପରେ ନାବାଳିକାଙ୍କୁ ଆଣି ଅମିନ ନିଜ ସମ୍ପର୍କୀୟଙ୍କ ଘରେ ରଖିଥିଲେ। ନାବାଳିକାଙ୍କ ମାଆ ବାପା ୭ ତାରିଖରେ ଏହା ଜାଣିବା ପରେ ୮ ତାରିଖରେ ଗାଁରେ ଏକ ବୈଠକ ବସିଥିଲା । ଆଇନ ଅନୁଯାୟୀ ଯାହା କରିବାର ଅଛି କରାଯାଉ । ନାବାଳିକାଙ୍କୁ ଗ୍ରହଣ କରିବେ ନାହିଁ ବୋଲି ଅମିନଙ୍କ ପରିବାର ଲୋକ କହିଥିଲେ। ପରେ ପରିବାର ଲୋକ ଓ ନାବାଳିକା ନବରଙ୍ଗପୁର ମାଆଘର ଅଧ୍ୟକ୍ଷା କାଦମ୍ବିନୀ ତ୍ରିପାଠୀଙ୍କୁ ଆସି ଏ ସମ୍ପର୍କରେ ଜଣାଇଥିଲେ। ଏନେଇ କାଦମ୍ବିନୀ ଓ ପିଡୀତାଙ୍କ ପରିବାର ଲୋକ ଉମରକୋଟ ଥାନାରେ ଏତଲା ଦେଇଛନ୍ତି।

# କେବିକେ ଜିଲାର ଆୟୁଷ ଡାକ୍ତରଙ୍କ ପ୍ରୋତ୍ସାହନ ରାଶି ବୃଦ୍ଧି ପାଇଁ ଦାବିପତ୍ର

ଚନ୍ଦାହାଣ୍ଡି,୯।୬(ଡି.ଏନ.ଏ.)

ନବରଙ୍ଗପୁର ଜିଲାରେ କାର୍ଯ୍ୟରତ ଆୟୁଷ ଡାକ୍ତରମାନଙ୍କ ଏକ ପ୍ରତିନିଧିଦଳ ରବିବାର ଝରିଗାଁ ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ମାଝିଙ୍କୁ ଚନ୍ଦାହାଣ୍ଡି ବ୍ଲକ ଦଣ୍ଡାମୁଣ୍ଡାସ୍ଥିତ ବାସଭବନରେ ସାକ୍ଷାତ କରି ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ କେବିକେ ଜିଲାରେ କାର୍ଯ୍ୟରତ ଆୟୁଷ ଡାକ୍ତରଙ୍କ ପ୍ରୋତ୍ସାହନ ରାଶି ବୃଦ୍ଧି ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଓଡିଶାର କେବିକେ ଜିଲା (ଅବିଭକ୍ତ କଳାହାଣ୍ଡି, ବଲାଙ୍ଗୀର, କୋରାପୁଟ) ସମେତ କନ୍ଧମାଳ, ବୌଦ୍ଧ, ଗଜପତି ଜିଲାଗୁଡିକରେ କାର୍ଯ୍ୟରତ ଏଲୋପାଥିକ ଓ ଆୟୁଷ ଡାକ୍ତରମାନଙ୍କୁ ମାସିକ କେବିକେ ପ୍ରୋତ୍ସାହନ ରାଶି କ୍ରମଶଃ ୮୦୦୦ ଓ ୪୦୦୦ ହଜାର ଟଙ୍କା ଦିଆଯାଉଥିଲା। ବର୍ତ୍ତମାନ ଏଲୋପାଥିକ ଡାକ୍ତରମାନଙ୍କୁ କେବିକେ ଅଞ୍ଚଳରେ ଶ୍ରେଣୀଭୁକ୍ତ କରାଯାଇ ଭି-୧, ଭି-୨, ଭି-୩, ଭି-୪ଙ୍କୁ ୧୦,୦୦୦ରୁ ୪୦,୦୦୦ କ୍ରମଶଃ ଭାବେ ମାସିକ ପ୍ରୋତ୍ସାହନ ରାଶି ଦିଆଯାଉଛି । ଏପରିସ୍ଥଳେ ଉକ୍ତ କେବିକେ ଜିଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ, ଦୁର୍ଗମ ଅପହଞ୍ଚ ଓ ମାଓବାଦୀ ପ୍ରବଣ ଅଞ୍ଚଳରେ କାର୍ଯ୍ୟ କରୁଥିବା ଆୟୁଷ ଡାକ୍ତରମାନଙ୍କୁ ପୂର୍ବଭଳି କେବିକେ ପ୍ରୋତ୍ସାହନ ମାସିକ ରାଶି ମାତ୍ର ୪୦୦୦ଟଙ୍କା ପ୍ରଦାନ କରାଯାଉଛି । ଅନ୍ତତଃ ପକ୍ଷେ ମାସିକ କେବିକେ ପ୍ରୋତ୍ସାହନ ରାଶି ୧୫,୦୦୦ରୁ ୨୦,୦୦୦କୁ ବୃଦ୍ଧି କରାଯିବା ପାଇଁ ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ମାଝିଙ୍କୁ ନବରଙ୍ଗପୁର ଜିଲା ଆୟୁଷ ଡାକ୍ତରମାନଙ୍କ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ପ୍ରତିନିଧି ଦଳରେ ଡାକ୍ତର ବସନ୍ତ କୁମାର ଷଡଙ୍ଗୀ, ଡାକ୍ତର ହିମାଂଶୁ ଶେଖର ମିଶ୍ର, ଡାକ୍ତର ସନ୍ତୋଷ କୁମାର ପ୍ରଧାନ, ଡାକ୍ତର ଜିତେନ୍ଦ୍ର ନାୟକ, ଡାକ୍ତର ସଞ୍ଜିବ କେରପାଟା, ଡାକ୍ତର ମନୋଜ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗୀୟ ମନ୍ତ୍ରୀଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ।

■ ବ୍ୟବସାୟୀ ଠକେଇର ଶିକାର

# ଆକାଉଣ୍ଟରୁ ୮୫ ହଜାର ଟଙ୍କା ଗାୟବ

ନବରଙ୍ଗପୁର,୯।୬(ବି.ପ୍ର.)

ନବରଙ୍ଗପୁର ଗାଦବାଗୁଡା ସ୍ଥିତ ବ୍ୟବସାୟୀ ଏହମ୍ମଦ ରଜା ରବିବାର ଠକେଇର ଶିକାର ହୋଇଛନ୍ତି। ଖଟ, ସୋଫା ତିଆରି କରିବାକୁ କହି କେହି ଜଣେ ତାଙ୍କ ଆକାଉଣ୍ଟରୁ ୮୫ ହଜାର ଟଙ୍କା ଗାୟବ କରି ଦେଇଛନ୍ତି। ଏନେଇ ଏହମ୍ମଦ ନବରଙ୍ଗପୁର ଥାନାରେ ଏତଲା ଦେଇଛନ୍ତି। ଏହମ୍ମଦ ହୋମ ଡିଜାଇନ ଫର୍ଣ୍ଣିଚର ଦୋକାନ ଦେଇଛନ୍ତି। ପୂର୍ବାହ୍ନ ୯ଟା ୧୦ରେ ତାଙ୍କ ମୋବାଇଲ ନଂ. ୮୩୩୮୦୩୯୯୬୦କୁ ଏକ ଫୋନ କଲ ଆସିଥିଲା । ବ୍ୟକ୍ତି ଜଣକ ପରିଚୟ ନଦେଇ ସିଧାସଳଖ ଗୋଟିଏ ସୋଫା ଓ ଖଟ ତିଆରି ହୋଇ ପାରିବ କି ବୋଲି ପ୍ରଶ୍ନ କରିଥିଲେ । ଏହମ୍ମଦ ଡିଜାଇନ କଣ ରହିଛି ବୋଲି ପଚାରିବାରୁ ହ୍ୱାଟସଆପରେ ୨ଟି ଫଟୋ ପଠାଇଥିଲେ। ସୋଫା ୩୭ ହଜାର ଓ ଖଟ ପାଇଁ ୨୭ ହଜାର ଟଙ୍କା ଦେବାକୁ ପଡିବ ବୋଲି ଏହମ୍ମଦ ମେସେଜ କରିଥିଲେ। ଏହା ଭିତରେ ସେ ନିଜକୁ ଇଣ୍ଡିଆନ ଆର୍ମିର ଲୋକ ବୋଲି କହିଥିଲେ। ହ୍ୱାଟସଆପ ଡିପିରେ ଇଣ୍ଡିଆନ ଆର୍ମି ଲୋଗୋ ରହିଥିବାରୁ ଏହାକୁ ଏହମ୍ମଦ ବିଶ୍ୱାସ କରିଥିଲେ । ଉକ୍ତ ଲୋକଟି ଆକାଉଣ୍ଟ ନମ୍ବର ମାଗି ଟଙ୍କା ପଠାଇ ଦେଉଛି ବୋଲି କହିଥିଲେ। ପରେ ମୋବାଇଲକୁ କିଛି ମେସେଜ ଆସିଥିଲା । ସେ ସବୁକୁ ଏହମ୍ମଦ ଓକେ ମାରିଥିଲେ । ତାହା ପର ଠାରୁ ତାଙ୍କର ୪ଟି ଆକାଉଣ୍ଟରୁ ୪ ଥରରେ ୨୦ ହଜାର ଟଙ୍କା ଲେଖାଏଁ ଓ ଥରେ ୫ ହଜାର ଟଙ୍କା ଉଠାଣ ହୋଇ ଯାଇଥିଲା । ଏହମ୍ମଦଙ୍କ କହିବା ଅନୁଯାୟୀ ସେ ଆକାଉଣ୍ଟ ନମ୍ବର ଦେଇ ନାହାଁନ୍ତି। ସେ ବ୍ୟବହାର କରୁଥିବା ମୋବାଇଲ ନମ୍ବର ଏକ ଆପ ସହ ସଂଯୋଗ କରିଥିବାରୁ ଉକ୍ତ ନମ୍ବରକୁ ହିଁ ମେସେଜ ଗୁଡିକ ଆସିଥିଲା ବୋଲି କହିଛନ୍ତି ।


## ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ଲକ୍ଷ୍ମୀ ମିଶ୍ର
ସ୍ୱାମୀ- ସ୍ୱର୍ଗତ ନାରାୟଣ ମିଶ୍ର
ଆବିର୍ଭାବ: ୦୨।୦୯।୧୯୩୦
ତିରୋଧାନ: ୦୧।୦୬।୨୦୧୯
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ହତଭାଗ୍ୟ ନାତି, ନାତୁଣୀ ଓ ବୋହୂ
ନୀଳାଦ୍ରି, ଶାନ୍ତା ଓ ଶ୍ରଦ୍ଧା।
ନାରାୟଣ ମିଶ୍ର & Co. ବଡ଼ଦାଣ୍ଡ, ପୁରୀ।
7894458684
ଧ-୬୩୭୭୫

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**




ସ୍ୱର୍ଗତ ଧର୍ମାନନ୍ଦ ମଲ୍ଲିକ
ଗୋବିନ୍ଦରାମ ପାଟଣା, କଟକ
ଆବିର୍ଭାବ: ୨୦।୦୬।୧୯୩୨
ତିରୋଧାନ: ୨୦।୦୬।୨୦୧୮
ବାପା ଚାହୁଁ ଚାହୁଁ ଆପଣଙ୍କ ଦେହାନ୍ତ ହେବାର ଏକ ବର୍ଷ ବିତିଗଲା। ଆପଣଙ୍କ ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ପ୍ରେରଣା ଓ ସମସ୍ତଙ୍କୁ ଭଲପାଇବା ଆମେ ଭୁଲିପାରୁ ନାହୁଁ। ଆଜି ଆପଣଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକ ଦିବସରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ:
ପତ୍ନୀ- ଲକ୍ଷ୍ମୀ, ପୁତ୍ର- ବାବୁଲି, ବୋହୂ- ମିତା, ଝିଅ- ମନି, ରେନି, କୁନି, ଜ୍ୱାଇଁ- ଶଙ୍କର, ମଦନ, ରମେଶ, ଭାଇ- କାଳନ୍ଦୀ, ଚନ୍ଦ୍ରମଣି, ନାତି, ନାତୁଣୀ, ପୁତୁରା, ଝିଆରୀ ଓ ପ୍ରିୟବନ୍ଧୁ ଓ ପରିବାରବର୍ଗ।
ଧ-୧୨୮୧୪

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ରଞ୍ଜିତା ଦାସ
ସ୍ଥାନ- ଚଣାହାଟ, ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ: ୨୪।୦୬।୧୯୬୨
ତିରୋଧାନ: ୨୦।୦୬।୨୦୧୮
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା। ତୁମର ଅନାବିଳ ସ୍ନେହ, ଆଦର୍ଶ, ବ୍ୟକ୍ତିତ୍ୱ ଆମ୍ଭମାନଙ୍କ ନିକଟରେ ଚିର ସ୍ମରଣୀୟ ହୋଇ ରହିଥାଉ।
ଶୋକସନ୍ତପ୍ତ:
ବନ୍ଧୁ ଓ ପରିବାରବର୍ଗ।
ଧ-୫୯୫୩୨

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ମନ୍ମଥ କୁମାର ସାହୁ
(ପି.କେ. ଆର.ଆଇ.ଟି କଲୋନୀ, ପୁରୀ)
ଆବିର୍ଭାବ: ୧୪।୦୪।୧୯୫୨
ତିରୋଧାନ: ୦୫।୦୬।୨୦୧୪
ବହୁ ଘାତ ପ୍ରତିଘାତ ଭିତରେ ଗତିକରି ଆପଣ ଏ ଜୀବନ ଜିଇଲେ। ଶେଷରେ ବହୁ ଯନ୍ତ୍ରଣା ସହି ଆମକୁ ଛାଡ଼ି ଚାଲିଗଲେ। ଜୀବନତମାମ ମନେରହିବ ଆପଣଙ୍କ କର୍ତ୍ତବ୍ୟପରାୟଣତା ଓ ଅନାବିଳ ସ୍ନେହ, ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପାଖରେ ଆମ୍ଭେମାନେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପତ୍ନୀ-ନିର୍ମଳା, ପୁତ୍ର- ଲିଙ୍ଗରାଜ ଓ ଦେବରାଜ, ପୁତ୍ରବଧୂ- ଲକ୍ଷ୍ମୀ ଓ ସୁଭଦ୍ରା, ଝିଅ- ମିଲି, ଜାମାତା- ସୁରେଶ, ଆଦରର- ନାରାୟଣୀ, ଜଗନ୍, ଜୟ ଓ ଶୁଭଶ୍ରୀ।
ଧ-୬୩୭୭୪

# CLASSIFIED DISPLAY

ALL EDITION - B/W (Everyday)

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
A to Z ସମସ୍ୟାର ସମାଧାନ ଘରେ ବସି
ବାବା ଆମିଲ ସୁଫି
9540938429
9903852257

ମାତାଙ୍କ ଅସୀମ କୃପା
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
7564962303
9354145347

DHARITRI Career appointment Every Wednesday and Saturday

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ, ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815
7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

FINANCE
କ୍ୟାପିଟାଲ ଫାଇନାନ୍ସ
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
7894251618

LOAN
ମହିଳା ମିତ୍ର ସମୂହ ଋଣ
2500 - 5 ଲକ୍ଷ ପର୍ଯ୍ୟନ୍ତ ପାଆନ୍ତୁ ସହଜ ସାପ୍ତାହିକ/ମାସିକ କିସ୍ତିରେ
ରୋଶ୍ନୀ - 9119072218
ଶାଳିନୀ - 9084922848
ମୁସ୍କାନ - 9119093228
ଦିବ୍ୟା - 9084869022
ରିତୁ - 8868967322
M/S SARATHI ENTERPRISES
Ashok Nagar, East Delhi, Delhi - 110096

All INDIA FINANCIAL SERVICES
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ
50,000-95 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
Helpline
09499108259
PETUMALI, JHARMUNDA, PETUPALI, BARGARH, ODISHA - 968034

ଭାରତର ନଂ.1 କମ୍ପାନୀ
MAHALAXMI FINANCE PVT. LTD.
2% ସୁଧ 40% ଛାଡ଼
7894704743

BUSINESS

BUSINESS
ନୋ ଫାଇଲଚାର୍ଜ, ପଞ୍ଜୀକୃତ କମ୍ପାନୀ ଦ୍ୱାରା ସର୍ଭେ କରାଇ 72 ଘଣ୍ଟାରେ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଯାନ୍ତ୍ରିକ ଉପକରଣ ଲଗାନ୍ତୁ । ଅଗ୍ରିମ ୫0 ଲକ୍ଷ, ଭଡ଼ା ୫0,000 + ବାଇକ୍ + ଆହୁରି ଅନେକ ସୁବିଧା।
ରାହୁଲ କୁମାର
7376170075
7376985124
ଠିକଣା: ଟି-51, ଗଳି ନଂ.୫, ଗୌତମ ପୁରୀ, ଦିଲ୍ଲୀ

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
FREE Mobile + Laptop + Bike + 20000/-
Ph- 7739216167
9973805993

BUSINESS
70,000,00/- ... 45,000/- ...
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

ବ୍ୟବସାୟ
18001205460
H. No. # 412, Subhash Nagar, Jind, Haryana

WISE INVESTMENT
Value Your Money Safely
A Bhubaneswar Based company is looking forward for good investors (MORE THAN ONE CRORE) to invest on land properties within the territory of Odisha.
SSP PVT. LTD.
A/88, Sahid Nagar, Bhubaneswar
6372858860
Email : landbank.19@gmail.com

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday


ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଜାଲ୍ ନୋଟ କାରବାର ମାମଲାରେ ୨ ଗିରଫ

ଗୁଣପୁର,୯।୬(ଡି.ଏନ.ଏ): ରାୟଗଡା ଜିଲା ପୁଟାସିଂ ଥାନା ପୋଲିସ ଜାଲ୍ ନୋଟ କାରବାର ମାମଲାରେ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପୁଟାସିଂ ଗ୍ରାମର ରାଜକୁମାର ପାଣି ଏବଂ ସୁନିଲ ଗମାଙ୍ଗ। ଗତ ବର୍ଷ ଏହି ଦୁଇ ଜଣଙ୍କ ନାମରେ ଜାଲ ନୋଟ କାରବାର କରୁଥିବା ନେଇ ପୁଟାସିଂ ଥାନାରେ ମାମଲା ରୁଜୁ ହୋଇଥିଲା। ପୋଲିସ ସେମାନଙ୍କୁ ଗିରଫ କରି ଗୁଣପୁର କୋର୍ଟଚାଲାଣ କରିଛି।

### ୨୧ରେ ଯୋଗାସନ କାର୍ଯ୍ୟକ୍ରମ

ମୁନିଗୁଡା, ୯।୬ (ଡି.ଏନ୍.ଏ.): ରାୟଗଡ଼ା ଜିଲା ମୁନିଗୁଡାସ୍ଥିତ ଅଷ୍ଟମ ବାଟାଲିୟନ ସିଆରପିଏଫ୍ ତରଫରୁ ଆସନ୍ତା ୨୧ ତାରିଖରେ ବିଶ୍ୱ ଯୋଗଦିବସ ଅବସରରେ ଏକ ସ୍ୱତନ୍ତ୍ର ଯୋଗାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହା ଏକ ମାସ ଧରି ସିଆର୍‌ପିଏଫ୍ କ୍ୟାମ୍ପ୍ ପରିସରରେ ଆୟୋଜିତ ହେବ। ଏଥିରେ ନୂଆଦିଲ୍ଲୀ ମୋରାରଜୀ ଦେଶାଇ ଯୋଗ ଏବଂ ପ୍ରାକୃତିକ ଚିକିତ୍ସା ପ୍ରତିଷ୍ଠାନରୁ ତାଲିମପ୍ରାପ୍ତ ପ୍ରଶିକ୍ଷକ ତାଲିମ ପ୍ରଦାନ କରିବେ ବୋଲି ଅଷ୍ଟମ ବାଟାଲିୟନ ସିଆରପିଏଫ୍ କମାଣ୍ଡାଣ୍ଟ ଏନ୍.କେ. ସିଂ ପ୍ରକାଶ କରିଛନ୍ତି। ଏହାଦ୍ୱାରା ମାନସିକ ଓ ଶାରୀରିକ ସୁସ୍ଥ ରହିବା ସହ ଜୀବନ ଶୈଳୀରେ ନିଶ୍ଚିତ ଭାବରେ ଏହାର ପ୍ରଭାବ ପଡିବ ବୋଲି କହିଛନ୍ତି।

### ଟିକିରିରେ ଚାଲିଛି ନମ୍ବରବିହୀନ ଅଟୋ

ଟିକିରି,୯।୬(ଡି.ଏନ୍.ଏ.): ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ସମେତ ଆଖପାଖ ଅଞ୍ଚଳରେ ନମ୍ବରବିହୀନ ଅଟୋ ଚଳାଚଳ କରୁଥିବା ଦେଖିବାକୁ ମିଳିଛି। ମୋଟର ଆଇନ ଅନୁଯାୟୀ ପଞ୍ଜୀକୃତ ନମ୍ବରଗୁଡିକ ଗାଡ଼ିରେ ନ ଲେଖିବା ଏକ ଦଣ୍ଡନୀୟ ଅପରାଧ। ହେଲେ ଏଠାରେ ଏହାକୁ କେହି ମାନୁ ନାହାନ୍ତି। ନିୟମ ଅନୁଯାୟୀ ଯାତ୍ରୀବାହି ଅଟୋର ଆଗ ଓ ପଛରେ ଏପରିକି ଉଭୟ ପାର୍ଶ୍ୱରେ ସ୍ପଷ୍ଟ ଭାବେ ପଞ୍ଜୀକୃତ ନମ୍ବର ଲେଖିବାର ବ୍ୟବସ୍ଥା ରହିଛି। କିନ୍ତୁ ସ୍ଥାନୀୟ ଅଞ୍ଚଳରେ ଆବଶ୍ୟକ କଟକଣା ଅଭାବରୁ ଏକାଧିକ ଅଟୋରେ ପଞ୍ଜୀକୃତ ନମ୍ବର ଲେଖା ଯାଉ ନାହିଁ। ଅଟୋ ସମେତ ବ୍ୟବସାୟିକ ଯାନ ବିକ୍ରି କରୁଥିବା ଡିଲରମାନେ ପଞ୍ଜୀକୃତ ନମ୍ବର ବିନା ଗାଡ଼ି ହସ୍ତାନ୍ତର କରୁଛନ୍ତି। ଅନ୍ୟପଟେ ନମ୍ବରବିହୀନ ଅଟୋଗୁଡିକ ଦୁର୍ଘଟଣା ଘଟାଇ ଖସିଯିବାକୁ ଉଦ୍ୟମ କରୁଥିବା ନଜିର ରହିଛି। ଗତ ଦିନରେ ଏକନମ୍ବର ବିହୀନ ଅଟୋ ଚଳାଉଥିବା ଡ୍ରାଇଭର ଦୁର୍ଘଟଣାରେ ଗୁରୁତର ଥିବା ଜଣେ ମହିଳାଙ୍କୁ ଡାକ୍ତରଖାନାକୁ ନେବାକୁ କହି ରାସ୍ତାରେ ଓହ୍ଲାଇ ଚାଲିଯାଇଥିଲେ। ପରେ ପୋଲିସ ଏହାର ତଦନ୍ତ କରି ଅଟୋକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିଥିଲା। ତେଣୁ ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

# ବନ୍ଦ ହେବ ୧୩୯ ବିଦ୍ୟାଳୟ

ରାୟଗଡା ଅଫିସ୍, ୯।୬

**ରାୟଗଡ଼ା ଜିଲା**
- ଗୁଣପୁର ବ୍ଲକ୍‌ରେ ସର୍ବାଧିକ ୩୨ ସ୍କୁଲ
- ପଦ୍ମପୁର ବ୍ଲକରେ ସର୍ବନିମ୍ନ ୨ ସ୍କୁଲ

ରାୟଗଡା ଜିଲାର ୧୩୯ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବନ୍ଦ ହେବାକୁ ଯାଉଛି। ରାଜ୍ୟରେ ୯୬୬ ବିଦ୍ୟାଳୟ ବନ୍ଦ ହେବାକୁ ଥିବାବେଳେ ରାୟଗଡା ଜିଲାରେ ଏହା ସର୍ବାଧିକ ରହିଛି। ସର୍ବନିମ୍ନ ନବରଙ୍ଗପୁର ଜିଲାରେ ମାତ୍ର ୨ଟି ବିଦ୍ୟାଳୟ ରହିଥିବା ଓପେପା ପକ୍ଷରୁ ସୂଚନା ମିଳିଛି। ୧୦ ଓ ୧୦ରୁ କମ୍ ପିଲା ରହିଥିବା ବିଦ୍ୟାଳୟଗୁଡିକୁ ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଓପେପା ଚିଠି ନମ୍ବର ୩୮୫/୨୭।୫।୨୦୧୯ରେ ରାଜ୍ୟର ସମସ୍ତ ଜିଲା ଶିକ୍ଷାଧିକାରୀ ଏବଂ ସର୍ବଶିକ୍ଷା ଅଭିଯାନର ଡିପିସିମାନଙ୍କୁ ଜିଲାରେ ଥିବା ବିଦ୍ୟାଳୟଗୁଡିକର ସ୍ଥିତି ମଗାଯାଇଥିଲା। ଉକ୍ତ ଚିଠି ହସ୍ତଗତ ହେବାପରେ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ଚିଠି ନମ୍ବର ୯୩୭/୩୦।୫।୨୦୧୯ରେ ଜିଲାର ୧୧ ବ୍ଲକ୍‌ରେ ଥିବା ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ବିଦ୍ୟାଳୟଗୁଡ଼ିକର ସ୍ଥିତି ସମ୍ପର୍କରେ ତଥ୍ୟ ମଗାଯାଇଥିଲା। ୫ତାରିଖ ସୁଦ୍ଧା ଏହି ତଥ୍ୟ ପ୍ରଦାନ ପାଇଁ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଗୋଷ୍ଠୀ ଶିକ୍ଷାଧିକାରୀମାନେ ତଥ୍ୟ ପ୍ରଦାନ କରିବା ପରେ ବର୍ତ୍ତମାନ ଜିଲାରେ ୧୩୯ ବିଦ୍ୟାଳୟ ବନ୍ଦ ହେବାକୁ ଯାଉଛି। ସେଥିମଧ୍ୟରୁ ଗୁଣପୁର ବ୍ଲକ୍‌ରେ ସର୍ବାଧିକ ୩୨ ବିଦ୍ୟାଳୟ ରହିଥିବା ବେଳେ ପଦ୍ମପୁର ବ୍ଲକ୍‌ରେ ସର୍ବନିମ୍ନ ୨ଟି ବିଦ୍ୟାଳୟ ରହିଛି। ସେହିଭଳି ବିଷମକଟକ ବ୍ଲକ୍‌ରେ ୧୪, ମୁନିଗୁଡାରେ ୧୬, ଚନ୍ଦ୍ରପୁରରେ ୧୩, କଲ୍ୟାଣସିଂହପୁରରେ ୮, କାଶୀପୁରରେ ୩, ଗୁଡାରୀରେ ୧୧, ରାମନାଗୁଡାରେ ୭, କୋଲନରାରେ ୧୪, ଗୁଣପୁରରେ ୫ ଓ ରାୟଗଡା ବ୍ଲକ୍‌ରେ ୧୪ଟି ବିଦ୍ୟାଳୟ ରହିଛି। ରାୟଗଡା ସହରରେ କୌଣସି ବିଦ୍ୟାଳୟ ବନ୍ଦହେବା ସ୍ଥିତିରେ ନାହିଁ। ତେବେ ୧୩୯ଟି ବିଦ୍ୟାଳୟ ମଧ୍ୟରୁ ୨୮ ବିଦ୍ୟାଳୟର ସ୍ଥିତି ଅତି ସଙ୍ଗିନ। ଏହି ବିଦ୍ୟାଳୟରେ ୧୮୨ଜଣ ଛାତ୍ରୀଛାତ୍ରଙ୍କ ନାମ ଉପସ୍ଥାନ ଖାତାରେ ରହିଥିବା ବେଳେ ୧୨୦ଜଣ ଶିକ୍ଷୟିତ୍ରୀଶିକ୍ଷକ ସେମାନଙ୍କ ପାଇଁ ନିଯୁକ୍ତି ପାଇଛନ୍ତି। ତୁରନ୍ତ ଏହିସବୁ ବିଦ୍ୟାଳୟଗୁଡିକୁ ବନ୍ଦ କରାଯାଇ ସେଠାରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କୁ ନିକଟସ୍ଥ ବିଦ୍ୟାଳୟରେ ନାମ ଲେଖାଇବାର ବ୍ୟବସ୍ଥା କରିବା ନିମନ୍ତେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଛାତ୍ରୀଛାତ୍ରଙ୍କ ଶିକ୍ଷାକୁ ପ୍ରାଥମିକତା ଦେବା ନିମନ୍ତେ ଏହା କୁହାଯାଇଛି। ସେହିଭଳି ଉକ୍ତ ୧୩୯ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଯୋଗ୍ୟତା ଓ ସମାନୁପାତିକ ଭିତ୍ତିରେ ଅନ୍ୟାନ୍ୟ ବିଦ୍ୟାଳୟଗୁଡିକରେ ନିଯୁକ୍ତି ଦିଆଯିବ।

ପ୍ରକାଶଥାଉକି, ପିଲା ନ ଥାଇ ବର୍ଷାଧିକ କାଳ ଏହି ବିଦ୍ୟାଳୟଗୁଡିକ ଚାଲୁ ରହିଥିଲା। କେବଳ କାଗଜକଲମରେ ବିଦ୍ୟାଳୟ ଚାଲୁଥିବା କାହାକୁ ଅଛପା ନାହିଁ। ଏଭଳିକି କିଛି ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କଠାରୁ ଶିକ୍ଷୟିତ୍ରୀଶିକ୍ଷକଙ୍କ ସଂଖ୍ୟା ମଧ୍ୟ ଅଧିକ ରହିଥିଲା।


ମନ୍ତ୍ରୀ ଓ ବିଧାୟକ କର୍ମୀଙ୍କ ସହ ଶୋଭାଯାତ୍ରାରେ ଯାଉଛନ୍ତି।

# ମନ୍ତ୍ରୀ, ବିଧାୟକଙ୍କୁ ସ୍ୱାଗତ

ଚନ୍ଦ୍ରପୁର,୯।୬(ଡ଼ି.ଏନ.ଏ)

ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣମନ୍ତ୍ରୀ ଜଗନ୍ନାଥ ସାରକା ଏବଂ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ରବିବାର ଚନ୍ଦ୍ରପୁର ବ୍ଲକ ଗସ୍ତ କରିଛନ୍ତି। ପ୍ରଥମେ ସେମାନେ କୁତ୍ରାଗଡ଼ ମାଣିକେଶ୍ୱରୀ ମନ୍ଦିରରେ ମା'ଙ୍କୁ ଦର୍ଶନ କରିଥିଲେ। ପରେ ଏକ ଶୋଭାଯାତ୍ରାରେ ବାହାରି ଗୁରୀଗୁଡ଼ା ପଞ୍ଚାୟତ ଅଧୀନ ଡ଼େଲାପଡ଼ା, ନୁଣ୍ଡୁବାଡ଼ି, ବାଙ୍ଗୋରୋଡ଼ା ଦେଇ ଡ଼ାଙ୍ଗସୋରଡ଼ାଠାରେ ପହଞ୍ଚିଥିଲେ। ପରେ ଶୋଭାଯାତ୍ରାରେ ଡ଼ାଙ୍ଗସୋରଡ଼ା ଗ୍ରାମର ଇନ୍ଦିରାନଗର, ବସଷ୍ଟାଣ୍ଡ ଛକ, ହରିଜନ ସାହି ଦେଇ ଯାଇଥିଲେ। ସେଠାରେ ଚନ୍ଦ୍ରପୁର ବ୍ଲକର ବିଜେଡ଼ି ସଭାପତି ପ୍ରମୋଦ ସାହୁକାରଙ୍କ ନେତୃତ୍ୱରେ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଆତସବାଜି ସହ ଆଞ୍ଚଳିକ ବାଦ୍ୟ ବଜାଇ ମନ୍ତ୍ରୀ ଓ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ହନୁମନ୍ତପୁର, ବୁଡ଼ିବାଲି, ଜାରପା ଦେଇ ଚନ୍ଦ୍ରପୁର ବ୍ଲକର ସଦର ମହକୁମାରେ ଥିବା ଝାଲିଆ ମନ୍ଦିରଠାରେ ଠାକୁର ଦର୍ଶନ କରିଥିଲେ। ପରେ ଶୋଭାଯାତ୍ରାରେ ବସଷ୍ଟାଣ୍ଡ, ବ୍ଲକ କଲୋନୀ, ମୁଖ୍ୟସାହି, ଗଜରାଜସାହି ଦେଇ ଯାଇଥିଲେ। ଏଥିରେ ରାଜ୍ୟ ଯୋଜନା ବୋର୍ଡ଼ ଅଧ୍ୟକ୍ଷ ସୁଧୀର ଦାସ, ଓଡ଼ିଶା ଖଦି ନିଗମ ସଦସ୍ୟ ପୃଥ୍ୱୀରାଜ ସାହୁ, ଚନ୍ଦ୍ରପୁର ବ୍ଲକ ଅଧ୍ୟକ୍ଷା ସଙ୍ଗୀତା ପ୍ରଟିଙ୍ଗା, ବରିଷ୍ଠ ବିଜେଡ଼ି କର୍ମୀ ଜ୍ୟୋତି ସାହୁ, ବିଜେଡ଼ି ସଭାପତି ପ୍ରମୋଦ ସାହୁକାର, ପଦ୍ମପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ କୈଳାସ କ୍ରାସ୍କା, ଗଗନ ଆଚାର୍ଯ୍ୟ, ଜଗନ୍ନାଥ ନୁଣ୍ଡୁକା, ଏସ.ଈଶ୍ୱର ରାଓ, ଅଶ୍ୱିନ ଗମାଙ୍ଗ, ସରପଞ୍ଚ ଧାନୁ ମାଝି କୁମୁରୁକା, ରାମଚନ୍ଦ୍ର ବ୍ରେଡ଼େକାଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ବିଜେଡ଼ି ସଭାପତି ପ୍ରମୋଦ ସାହୁକାର ପରିଚାଳନା କରିଥିଲେ।

■ ବ୍ୟବସାୟୀଙ୍କଠାରୁ ଲୁଟ୍ ଘଟଣା

# ମାଷ୍ଟର ମାଇଣ୍ଡ ଡ୍ରାଇଭର ସହ ୩ ଗିରଫ

ଜେକେପୁର,୯।୬(ଡ଼ି.ଏନ.ଏ)

ବ୍ୟବସାୟୀଙ୍କଠାରୁ ଲୁଟ୍ ଘଟଣାରେ ରାୟଗଡା ଜିଲା ଚାନ୍ଦିଲି ପୋଲିସ ମାଷ୍ଟର ମାଇଣ୍ଡ ଟ୍ୟାକ୍ସି ଡ୍ରାଇଭର ସହ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଗାଡ଼ି ଡ୍ରାଇଭର କାହ୍ନୁ ବେହେରା, କୁରୁପତି ଭୂୟାଁ, ସମ୍ରାଟ ମହାରଣା ଓ ସୁଶାନ୍ତ ବେହେରା। ସେମାନଙ୍କଠାରୁ ମୋବାଇଲ ଫୋନ, ମାରଣାସ୍ତ୍ର ଏବଂ ନଗଦ ପାଞ୍ଚ ହଜାର ଟଙ୍କା ଜବତ କରାଯାଇଛି।


ଗିରଫ ୪ ଅଭିଯୁକ୍ତ।

ବ୍ରହ୍ମପୁର ବଡବଜାର ଅଞ୍ଚଳର ଗୌରୀଶଙ୍କର ନାୟକ କଂସାବାସନ ବ୍ୟବସାୟ କରନ୍ତି। ଜୟପୁର ଓ କୋରାପୁଟ ଅଞ୍ଚଳର ବ୍ୟବସାୟୀଙ୍କୁ ଜିନିଷପତ୍ର ଦେବା ସହ ଟଙ୍କା ଆଦାୟ କରି ବ୍ରହ୍ମପୁର ଫେରନ୍ତି। ଗୌରୀଶଙ୍କର ବ୍ରହ୍ମପୁର ସୋମନାଥନଗର ଅଞ୍ଚଳର ଟ୍ୟାକ୍ସି ଡ୍ରାଇଭର କାହ୍ନୁ ବେହେରାଙ୍କୁ ଧରି ସବୁବେଳେ ଆସନ୍ତି। ସବୁଦିନ ଭଳି ଗତ ମାର୍ଚ୍ଚ ୨୧ତାରିଖରେ ସେ ଡ୍ରାଇଭର କାହ୍ନୁଙ୍କ ସହ ଏକ ମ୍ୟାକ୍ସ ପିକ୍‌ଅପ୍ ଗାଡିରେ କୋରାପୁଟ ଓ ଜୟପୁର ଅଞ୍ଚଳରୁ ଦେଢଲକ୍ଷ ଟଙ୍କା ଧରି ବ୍ରହ୍ମପୁର ଫେରୁଥିଲେ। ଡ୍ରାଇଭର କାହ୍ନୁ ବ୍ୟବସାୟୀ ଗୌରୀଶଙ୍କରଙ୍କୁ ଲୁଟ୍ କରିବା ଯୋଜନା କରି ବ୍ରହ୍ମପୁର ଅଞ୍ଚଳର ତିନି ସହଯୋଗୀ କୁରୁପତି, ସମ୍ରାଟ ଓ ସୁଶାନ୍ତଙ୍କୁ ରାୟଗଡା ଡକାଇଥିଲେ। ଏହି ତିନିଜଣଙ୍କୁ ସେ ଲଗାତର ବ୍ୟବସାୟୀଙ୍କ ଗତିବିଧି ବିଷୟରେ ସୂଚନା ଦେଇଥିଲେ। ଉକ୍ତ ୩ ଜଣ ୨୦ତାରିଖରେ ବ୍ରହ୍ମପୁରରୁ ଆସି ରାୟଗଡାରେ ଥିବା କୁରୁପତିଙ୍କ ସମ୍ପର୍କୀୟଙ୍କ ଘରେ ରହିଥିଲେ। ଯୋଜନା ମୁତାବକ ମ୍ୟାକ୍ସ ପିକଅପ ଗାଡିଟି ଚାନ୍ଦିଲି ଥାନା ଅଧୀନ କୈଳାସପୁର ଘାଟି ଚଢିବା ସମୟରେ ଦୁର୍ବୃତ୍ତମାନେ ଘାଟି ମଝିରେ ଗାଡି ଅଟକାଇ ଧାରୁଆ ଅସ୍ତ୍ର ଦେଖାଇ ଭୟଭୀତ କରିବା ସହ ଗୌରୀଶଙ୍କରଙ୍କଠାରୁ ନଗଦ ଦେଢଲକ୍ଷ ଟଙ୍କା ଲୁଟ୍ କରି ଫେରାର ହୋଇଯାଇଥିଲେ। ଏନେଇ ବ୍ୟବସାୟୀ ଚାନ୍ଦିଲି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ ୫୮/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ଘଟଣାରେ ଡ୍ରାଇଭରଙ୍କ ସମ୍ପୃକ୍ତିକୁ ସନ୍ଦେହ କରି ପୋଲିସ ତାଙ୍କ ମୋବାଇଲ ଟ୍ରାକିଂ କରି ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି। ଏହି ଅଭିଯୁକ୍ତମାନଙ୍କ ନାମରେ ଗଞ୍ଜାମ ଜିଲାର ବିଭିନ୍ନ ଥାନାରେ ଏକାଧିକ ଆପରାଧିକ ମାମଲା ରହିଛି।

### ଯୌତୁକ ପାଇଁ ବୋହୂଙ୍କୁ ହତ୍ୟା ଘଟଣା

# ଜେଲଗଲେ ଶ୍ୱଶୁର

ଶେରଗଡ଼,୯।୬(ଡି.ଏନ.ଏ.)

ଶେରଗଡ଼ ବ୍ଲକ ଗୋବିନ୍ଦପୁର ଗ୍ରାମରେ ଯୌତୁକ ଦାବିରେ ଶାଶୁଘର ଲୋକେ ବୋହୂଙ୍କୁ ଶୁକ୍ରବାର ରାତିରେ ହାତୁଡିରେ ପିଟି ହତ୍ୟା କରାଯାଇଥିଲା। ଏହି ଘଟଣାରେ ଶନିବାର ଅଟକ ରଖାଯାଇଥିବା ଶ୍ୱଶୁର ଗୌଡ଼ ସ୍ୱାଇଁଙ୍କୁ ପୋଲିସ ଗିରଫ କରି ରବିବାର ସନ୍ଧ୍ୟାରେ ଶେରଗଡ଼ କୋର୍ଟଚାଲାଣ କରିଛି। ଗୌଡ଼ ପୋଲିସକୁ କହିଛନ୍ତି ଯେ, ତାଙ୍କ ପୁଅ ଫିରୋଜ ଗୋବିନ୍ଦପୁର ଗ୍ରାମର ନରସିଂହ ସ୍ୱାଇଁଙ୍କ ଝିଅ ପିଙ୍କିଙ୍କୁ ଦୁଇ ବର୍ଷ ତଳେ ଭଲ ପାଉଥିଲେ। ପିଙ୍କିଙ୍କୁ ବିବାହ ପାଇଁ ପୁଅର ଇଚ୍ଛା ନ ଥିଲା। ବାଧ୍ୟବାଧକତାରେ ଦୁହେଁ ଏକାଠି ରହିଥିଲେ। କିଛିଦିନ ଏପରି ରହିବା ପରେ ଦୁହିଁଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ତେଣୁ ଗୋଟିଏ ଘରେ ପିଙ୍କି ଏକାକୀ ରହୁଥିଲେ ବୋଲି ଗୌଡ଼ କହିଛନ୍ତି। ସୂଚନାଯୋଗ୍ୟ, ଶନିବାର ସକାଳେ ଶେରଗଡ଼ ପୋଲିସ ନୂଆସାହିରେ ଏକ ହତ୍ୟାକାଣ୍ଡ ଘଟିଥିବା ଖବର ପାଇଥିଲା। ଶୋଇବା ଘରୁ ପିଙ୍କିଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପିଙ୍କିଙ୍କ ମୁଣ୍ଡ ପଛପଟେ ଗଭୀର କ୍ଷତ ରହିଥିବାବେଳେ ସେଠାରୁ ଏକ ହାତୁଡି ମିଳିଥିଲା। ଶ୍ୱଶୁର ଓ ସ୍ୱାମୀ ମିଶି ୧ ଲକ୍ଷ ଟଙ୍କା ଯୌତୁକ ପାଇଁ ଝିଅକୁ ମାରି ଦେଇଥିବା ପିଙ୍କିଙ୍କ ମା' ଅଭିଯୋଗ କରିଥିଲେ। ପୋଲିସ ନଂ. ୪୯/୧୯ରେ ମାମଲା ରୁଜୁ କରିଥିଲା। ସ୍ୱାମୀ ଫେରାର ହୋଇ ଯାଇଥିବା ବେଳେ ଶ୍ୱଶୁରଙ୍କୁ ଥାନାକୁ ଆଣିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଜେରା ପରେ ଶ୍ୱଶୁରଙ୍କୁ ଗିରଫ କରାଯାଇଥିବା ବେଳେ ସ୍ୱାମୀ ଫିରୋଜଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ରମେଶ ଦାସ କହିଛନ୍ତି।

# ଦୁର୍ଗମ ଅଞ୍ଚଳର ଜଳ, ରାସ୍ତା, ଶିକ୍ଷାକୁ ଗୁରୁତ୍ୱ ଦେବି


ବିଧାୟକ ମକରନ୍ଦ ମୁଦୁଲିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଉଛି।

ଟିକିରି, ୯।୬ (ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିସ୍ଥିତ ପ୍ରେସ ୟୁନିୟନ ପକ୍ଷରୁ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲିଙ୍କୁ ରବିବାର ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସ୍ଥାନୀୟ ଅଞ୍ଚଳର ସମସ୍ୟା ସୁଧାରିବା ଏବଂ ବିକାଶ କାର୍ଯ୍ୟକୁ ଆଗେଇ ନେବାକୁ ବିଧାୟକ ଖବରଦାତାଙ୍କ ସହଯୋଗ କାମନା କରିଥିଲେ। କାଶୀପୁର ବ୍ଲକ ଦୁର୍ଗମ ଅଞ୍ଚଳର ରାସ୍ତାଘାଟ, ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା ଓ ବେକାରି ସମସ୍ୟାକୁ ପ୍ରଥମେ ଗୁରୁତ୍ୱ ଦେବେ ବୋଲି ବିଧାୟକ କହିଛନ୍ତି। ବ୍ଲକ ହେଡ୍ କ୍ୱାର୍ଟରରେ ଅଧିକାଂଶ ଅଧିକାରୀ ନିୟମିତ ରହୁ ନ ଥିବାରୁ ବିକାଶ କାର୍ଯ୍ୟରେ ବାଧା ଉପୁଜୁଥିବା ଗଣମାଧ୍ୟମର ପ୍ରତିନିଧିମାନେ ଅଭିଯୋଗ କରିଥିଲେ। ଜିଲା ପ୍ରଶାସନ ସହିତ ଆଲୋଚନା କରି ଉଚିତ ପଦକ୍ଷେପ ନେବେ। ଏଥିସହ ଡିଏମ୍‌ଏଫ୍ ଫଣ୍ଡ ପରିଚାଳନା ଏବଂ ସ୍ଥାନୀୟ ଉତ୍କଳ ଆଲୁମିନାର ପାରିପାର୍ଶ୍ୱିକ ଉନ୍ନୟନ ଅନୁଦାନ ନେଇ ମଧ୍ୟ ବିଧାନସଭାରେ ଉପସ୍ଥାପନ କରିବେ ବୋଲି ବିଧାୟକ କହିଥିଲେ। ଏହି ସମୟରେ ବିଧାୟକଙ୍କ ସହିତ ପୂର୍ବତନ ସରପଞ୍ଚ ସାଦୁ ଚରଣ ମାଝି, ଉମା ଡୁରୁକୁ, ରାଜୁ କୁଲଦୀପ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରେସ୍ ୟୁନିୟନର ମହେନ୍ଦ୍ର କୁମାର ସ୍ୱାଇଁ, ରାଜେଶ ପାତ୍ର, ଅମିୟ ଦାଶ, ସମ୍ପାଦକ ଡମ୍ବରୁଧର ବେହେରା, ପ୍ରଫୁଲ୍ଲ କୁମାର ବେହେରା ଆର.କେ. ନାୟକ, ସୁବ୍ରତ ଚୌଧୁରୀ, ସୁଦର୍ଶନ ବେହେରା, ମଧୁସୂଦନ ନାୟକ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଛୁଆ ହାତୀ ମୃତଦେହ ଉଦ୍ଧାର

ରାଇକିଆ,୯।୬(ଡ଼ି.ଏନ.ଏ)

କନ୍ଧମାଳ ଜିଲା ରାଇକିଆ ରେଞ୍ଜ କରଡ଼ା ବନାଞ୍ଚଳର ନୀଳମାଧବ ଜଙ୍ଗଲରୁ ରବିବାର ଏକ ଛୁଆ ହାତୀର ମୃତଦେହ ଉଦ୍ଧାର କରାଯାଇଛି। କନ୍ଧମାଳ-ଗଞ୍ଜାମ ଜିଲା ସୀମାନ୍ତରେ ଥିବା ଏହି ଜଙ୍ଗଲରେ ଏକ ପୋଖରୀ ନିକଟରେ ଛୁଆ ହାତୀ ମୃତଦେହ ପଡ଼ିଥିବା କୌଣସି ସୂତ୍ରରୁ ସୂଚନା ପାଇ କନ୍ଧମାଳ ଡିଏଫଓ ଲକ୍ଷ୍ମୀ ନାରାୟଣ ବେହେରା ଏବଂ ରାଇକିଆ ବନ କର୍ମଚାରୀମାନେ ଘଟଣାସ୍ଥଳକୁ ଯାଇଥିଲେ। ସେଠାରେ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ମୃତଦେହଟି ବ୍ୟବଚ୍ଛେଦ କରାଯାଇଥିଲା। ତେବେ କେଉଁ କାରଣରୁ ଛୁଆ ହାତୀଟିର ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ। ପଲରେ ଥିବା ଦନ୍ତା ହାତୀ ଆକ୍ରମଣରେ ଛୁଆ ହାତୀଟିର ମୃତ୍ୟୁ ଘଟିଥିବା ନେଇ ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଛି। କନ୍ଧମାଳ- ଗଞ୍ଜାମ ସୀମାନ୍ତରେ ପାଖାପାଖି ୧୭ଟି ହାତୀ ଘୁରି ବୁଲୁଥିବା ଜଣାପଡ଼ିଛି।

# ଟି-୨୦ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ରାୟଗଡା ଅଫିସ୍, ୯।୬

ରାୟଗଡା ସହର ରେଳବାଇ ଖେଳ ପଡିଆରେ ରବିବାରଠାରୁ ଆରମ୍ଭ ହୋଇଛି ଟେନିସବଲ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ। ବାବା ବୈଦ୍ୟନାଥ ଟ୍ରଷ୍ଟି ଏବଂ ରାୟଗଡା କ୍ରିକେଟ କ୍ଲବ୍ ପକ୍ଷରୁ ରାୟଗଡା ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜିତ ହୋଇଛି। ଏଥିରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ପରିବହନ ଅଧିକାରୀ ଦିଲୀପ କୁମାର ଦଳାଇ ଓ ଓକିଲ ସଂଘ ସମ୍ପାଦକ ପଦ୍ମନାଭ ଦାଶ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ରାଇଜିଂ ଷ୍ଟାର ଏବଂ ୧୧ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରାଇଜିଂ ଷ୍ଟାର ପ୍ରଥମେ ବ୍ୟାଟିଂ କରି ୧୩୮ରନ୍ ସଂଗ୍ରହ କରିଥିଲା। ତେବେ ୧୧ଷ୍ଟାର ଦଳ ମଧ୍ୟ ୧୩୮ରନ୍ ସଂଗ୍ରହ କରିଥିବା ଯୋଗୁ ମ୍ୟାଚ୍ ଡ୍ର ହୋଇଥିଲା। ଏହାପରେ ଉଭୟ ଦଳ ମଧ୍ୟରେ ସୁପର ଓଭର ପ୍ରତିଯୋଗିତା କରାଯାଇଥିଲା। ସୁଭର ଓଭରରେ ରାଇଜିଂ ଷ୍ଟାର ୬ରନ୍ କରିଥିବା ବେଳେ ୧୧ଷ୍ଟାର ମାତ୍ର ୫ରନ୍ ସଂଗ୍ରହ କରିଥିଲା। ୧ ରନ୍ ବ୍ୟବଧାନରେ ରାଇଜିଂ ଷ୍ଟାର ଦଳ ପ୍ରଥମ ମ୍ୟାଚ୍‌ରେ ବିଜୟ ଲାଭ କରିଥିଲା। ପ୍ରତ୍ୟେକ ସପ୍ତାହର ରବିବାର ଏହି ମ୍ୟାଚ୍‌ର ଆୟୋଜନ କରାଯାଇଛି। ଏଥିରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ବିଜୟୀ ଦଳକୁ ୩୦ ହଜାର ଟଙ୍କା ଏବଂ ରନର୍ସଅପ ଦଳକୁ ୨୫ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ଆଜିର ମ୍ୟାଚରେ ଅମ୍ପାୟାର ଭାବେ ସୁମନ ଏବଂ ଜାନକିରାମ ଦାୟିତ୍ୱ ତୁଲାଇଥିଲେ। ମ୍ୟାଚକୁ ଟ୍ରଷ୍ଟର ଅଧ୍ୟକ୍ଷ ବି.ସୂର୍ଯ୍ୟ ପ୍ରକାଶ, ଆନନ୍ଦ ପଟ୍ଟନାୟକ ଓ ଅନ୍ୟ ସଦସ୍ୟମାନେ ପରିଚାଳନା କରିଥିଲେ।


ଅତିଥିଙ୍କ ଗହଣରେ ଖେଳାଳିମାନେ।

# ଆନ୍ଧ୍ର ଚାଷୀ କାଟିଲେ ୧୩୨ ଗଛ

ରାମନାଗୁଡ଼ା,୯।୬(ଡି.ଏନ୍.ଏ.)

ରାୟଗଡ଼ା ଜିଲା ରାମନାଗୁଡା ବ୍ଲକ ଭାବିନୀ ପଞ୍ଚାୟତ ରେ ଶନିବାର ଜଣେ ଆନ୍ଧ୍ର ଚାଷୀଙ୍କ ଦୌରାତ୍ମ୍ୟ ଦେଖିବାକୁ ମିଳିଛି। ପଞ୍ଚାୟତ ହୁଡ଼ାରେ ଥିବା ୧୩୨ ତାଳ, ବର ଓ ଅଶ୍ୱତ୍ଥ ଗଛକୁ ସେ କାଟି ଦେଇଛନ୍ତି। ଗ୍ରାମବାସୀଙ୍କଠାରୁ ଖବର ପାଇ ଉପଜିଲାପାଳ ଘଟଣାସ୍ଥଳରେ ପହଞ୍ଚି କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଆନ୍ଧ୍ର ଚାଷୀ ଗୋପାଳକୃଷ୍ଣ ରେଡ୍ଡୀଙ୍କ ଭାବିନୀ ପଞ୍ଚାୟତ ଲିମାପଦର ନିକଟରେ ଜମି ରହିଛି। ସେ ତାଙ୍କ ଜମିକୁ ଜେସିବି ମେଶିନ ସାହାଯ୍ୟରେ ସମତଳ କରିଛନ୍ତି। ଏଥିସହିତ ପଞ୍ଚାୟତ ଅଧୀନରେ ଥିବା ପୋଖରୀ ହୁଡାକୁ ମଧ୍ୟ ସମତଳ କରିଦେଇଛନ୍ତି। ଏମିତି କି ଏହି ହୁଡ଼ାରେ ଥିବା ବିଭିନ୍ନ ଗଛ ସହିତ ୧୧୭ ଫଳନ୍ତି ତାଳଗଛ, ୧୫ରୁ ଊର୍ଦ୍ଧ୍ୱ ବର ଏବଂ ଅଶ୍ୱତ୍ଥ ଗଛ ମଧ୍ୟ କାଟି ଦେଇଛନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ପ୍ରାୟ ୨ଶହ ବର୍ଷ ତଳର ପୁରୁଣା ଗଛକୁ କିପରି ଆନ୍ଧ୍ର ଚାଷୀ କାଟିଲେ। ଏଥିରେ ଗ୍ରାମର କୌଣସି ବ୍ୟକ୍ତି ସହଯୋଗ କରିଥିବାରୁ ସେ ଏପରି କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କଠାରୁ ଖବରପାଇ ଗୁଣପୁର ଉପଜିଲାପାଳ ବି.ଏସ୍. ବଳିରାମ ଘଟଣାସ୍ଥଳରେ ପହଞ୍ଚି କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିନା ଅନୁମତିରେ ଏଭଳି କାର୍ଯ୍ୟ କରିଥିବାରୁ ତାଙ୍କୁ ଦଣ୍ଡିତ କରିବାକୁ ରାଜସ୍ୱ ବିଭାଗ ଏବଂ ପଞ୍ଚାୟତକୁ କହିଛନ୍ତି। ବିନା ଅନୁମତିରେ ଗଛ କାଟିବା ଏବଂ ସରକାରୀ ଜମିକୁ ଦଖଲ କରିବା ଅପରାଧରେ ପ୍ରମାଣିତ ହେଲେ ଉକ୍ତ ଚାଷୀଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି। ଏନେଇ ଭାବିନୀ ସରପଞ୍ଚ ରାମମୂର୍ତ୍ତି ବିଡିକା କହିଛନ୍ତି, ଏହା ଏକ ସଙ୍ଗିନ ଅପରାଧ। କିନ୍ତୁ ତୁରନ୍ତ ଜିଲା ପ୍ରଶାସନକୁ ଅବଗତ କରାଇ ପଦକ୍ଷେପ ନେବାକୁ କହିଥିଲେ। ଆନ୍ଧ୍ର ଚାଷୀମାନେ କମ୍‌ଦରରେ ଜମି କିଣି ଏଭଳି କରୁଥିବା କହିଛନ୍ତି। ପ୍ରଚ୍ଛନ୍ନରେ କାହାର ହାତ ରହିଛି ସେ ସମ୍ପର୍କରେ ପ୍ରଶାସନ ନୀରବ। ଏମାନଙ୍କୁ ପ୍ରୋତ୍ସାହନ ଦେଉଛୁ ତାହା ତଦନ୍ତ ସାପେକ୍ଷ। ପୂର୍ବରୁ ବିନା ଅନୁମତିରେ ଏଭଳି ଅନେକ ଘଟଣା ଘଟିଛି ତାହା ଲୁଚିଯାଉଛି। ଏହି ଘଟଣା ଫଳରେ ସମଗ୍ର ବ୍ଲକରେ ଏହା ଆଶ୍ଚର୍ଯ୍ୟାନ୍ୱିତ କରିଛି ଏବଂ ତୁରନ୍ତ ପଦକ୍ଷେପ ନେଲେ ମହାମାରୀ ଭଳି ସମଗ୍ର ଅଞ୍ଚଳକୁ ଏହା ବ୍ୟାପିଯିବ ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି।

**କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଲେ ଉପଜିଲାପାଳ**


କଟାଯାଇଥିବା ଗଛ।

## ସଂକ୍ଷେପରେ

### ବିନୋଦ ଚନ୍ଦ୍ର ଜେନା ଦକ୍ଷିଣ ଓଡିଶା ଉନ୍ନୟନ ପରିଷଦର ସଦସ୍ୟ ମନୋନୀତ

ପାରଳାଖେମୁଣ୍ଡି, ୯।୬ (ସ୍ୱ.ପ୍ର.) - ପାରଳାଖେମୁଣ୍ଡିର ଶିକ୍ଷାବିତ୍ ବିନୋଦ ଚନ୍ଦ୍ର ଜେନାଙ୍କୁ ଦକ୍ଷିଣ ଓଡିଶା ଉନ୍ନୟନ ପରିଷଦର କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ମନୋନୀତ କରାଯାଇଛି । ଭୁବନେଶ୍ୱର ସ୍ଥିତ ଓଡ଼ିଶା ପରିବେଶ ସଂସ୍ଥା ପରିସରରେ ପରିଷଦର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଇଂ. ବିନୋଦ ଚନ୍ଦ୍ର ପାଢ଼ୀ ସଭାପତିତ୍ୱ କରିଥିଲେ। ବୈଠକରେ ବିଭିନ୍ନ କର୍ମକର୍ତ୍ତାଙ୍କୁ ନିର୍ବାଚିତ କରାଯାଇଥିବାବେଳେ ଗଜପତି ଜିଲାରୁ ଜେନାଙ୍କ ନାମ ଘୋଷଣା କରାଯାଇଛି । ଦକ୍ଷିଣ ଓଡିଶାର ୮ଟି ଜିଲାର ବିଭିନ୍ନ ସମସ୍ୟା ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା । ଗୁଣୁପୁର-ଥେରୁବାଲି ରେଳ ରାସ୍ତା ସଂପ୍ରସାରଣ ଅଗ୍ରଗତି, ପାରଳାଖେମୁଣ୍ଡି ରେଳଷ୍ଟେସନର ଉନ୍ନତିକରଣ, ପାରଳାଖେମୁଣ୍ଡି ଓ ଭୁବନେଶ୍ୱର ମଧ୍ୟରେ ଏକ ଇଣ୍ଟରସିଟି ଏକ୍ସପ୍ରେସ୍ ଚଳାଚଳ, ଗଜପତି ଜିଲାର ଜଳସେଚନ ସୁବିଧା, ଜିଲାରେ ମେଡିକାଲ କଲେଜ ସ୍ଥାପନ ଆଦି ଦାବୀ ଗୁଡିକ ନୂତନ ସଭାପତି ଭୃଗୁ ବକ୍ସି ପାତ୍ରଙ୍କ ନେତୃତ୍ୱରେ ସରକାରଙ୍କ ଠାରେ ଉପସ୍ଥାପନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

### ଦେଶୀ ମଦ ଜବତ, ଜଣେ ଗିରଫ

ପାରଳାଖେମୁଣ୍ଡି, ୯।୬ (ସ୍ୱ.ପ୍ର.) - ପାରଳାଖେମୁଣ୍ଡି ଆଦର୍ଶ ଥାନା ପୋଲିସ ରବିବାର ଯାଞ୍ଚ ବେଳେ ୨୮ ଲିଟର ଚୋରା ଦେଶୀ ମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ଜଣେ ଯୁବକଙ୍କୁ ଗିରଫ କରିଛି। ତାଙ୍କ ନାମ ଡି. କୁମାର ରାଜୁ(୨୪)। ସେ ସୁବାଷ ନଗର ବାସିନ୍ଦା। ପୋଲିସ ପାଟ୍ରୋଲିଂ ସମୟରେ ପୋଲୁରୁ ଗ୍ରାମ ଛକଠାରେ ସନ୍ଦେହରେ ଏକ ଅଟୋକୁ ଅଟକାଇ ଯାଞ୍ଚ କରିଥିଲା। ଏହି ସମୟରେ କୁମାର ଏକ ପଲିଥିନ୍ ବ୍ୟାଗରେ ଦେଶୀ ରନ୍ଧାମଦ ନେଇ ଯାଉଥିବା ପୋଲିସ ନଜରକୁ ଆସିଥିଲା। ତାଙ୍କୁ ଅଟକାଇ ଯାଞ୍ଚ କରିବାରୁ ତାଙ୍କ ନିକଟରୁ ଚୋରା ମଦ ମିଳିଥିଲା। କେସ୍ ନଂ.୧୨୪/୧୯ରେ ଏକ ମାମଲା ରୁଜୁ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଏ.ଏସ୍.ଆଇ. ପୀତବାସ ଶତପଥୀ କହିଛନ୍ତି ।

### ରେଳବାଇ ମେଲ୍ ସର୍ଭିସ୍ କାର୍ଯ୍ୟାଳୟ ପ୍ରତିଷ୍ଠା ଦାବି

ପାରଳାଖେମୁଣ୍ଡି, ୯।୬ (ସ୍ୱ.ପ୍ର.) - ପାରଳାଖେମୁଣ୍ଡିରେ ଏକ ରେଳବାଇ ମେଲ୍ ସର୍ଭିସ୍ କାର୍ଯ୍ୟାଳୟ ପ୍ରତିଷ୍ଠା ପାଇଁ ସାଧାରଣରେ ଦାବି ହୋଇଛି। ଏନେଇ ପଦକ୍ଷେପ ନେବାକୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି । ନୌପଡା-ପାରଳାଖେମୁଣ୍ଡି-ଗୁଣୁପୁର ପର୍ଯ୍ୟନ୍ତ ନେରୋଗ୍ୟାଜ୍ ରେଳପଥ ରହିଥିବା ସମୟରେ ସହରରେ ରେଳବାଇ ମେଲ୍ ସର୍ଭିସ ଚାଲୁ ରହିଥିଲା। ଫଳରେ ଚିଠି ଯିବା ଆସିବାରେ ସୁବିଧା ହେଉଥିଲା। ମାତ୍ର ଏହା ବନ୍ଦ ହୋଇଯିବାରୁ ଚିଠିପତ୍ର ଏବଂ ଅଭିଯୋଗପତ୍ର ପଠାଇବା ଏବଂ ପାଇବାରେ ସମସ୍ୟା ଉପୁଜୁଛି । ବର୍ତ୍ତମାନ ରେଳପଥର ସମ୍ପ୍ରସାରଣ ହେବା ସହ ବ୍ରଡଗ୍ୟାଜ ରେଳପଥ କାର୍ଯ୍ୟକାରୀ ହୋଇ ଦୀର୍ଘ ବର୍ଷ ବିତିଗଲାଣି। ପାରଳାଖେମୁଣ୍ଡିଠାରୁ ବିଶାଖାପାଟଣା, ଭୁବନେଶ୍ୱର, ରାଉରକେଲା ଆଦି ସ୍ଥାନକୁ ରେଳ ଯୋଗେ ଯାତ୍ରୀମାନେ ଯାତାୟତ କରିବା କରିବା ସୁବିଧାଜନକ ହୋଇଛି। ମାତ୍ର ପାରଳାଖେମୁଣ୍ଡିରେ ରେଳବାଇ ମେଲ୍ ସର୍ଭିସ ଆଉ କାର୍ଯ୍ୟକ୍ଷମ କରାଯାଇନାହିଁ। ସମସ୍ତ ଚିଠିପତ୍ର ବ୍ରହ୍ମପୁର ରେଳବାଇ ମେଲ୍ ସର୍ଭିସ ମାଧ୍ୟମରେ ପାରଳାଖେମୁଣ୍ଡି ଆସୁଛି। ଲୋକେ ଚିଠିପତ୍ର ପାଇବାରେ ଅନେକ ବିଳମ୍ବ ହେଉଛି। ଏପରିକି ଭୁବନେଶ୍ୱରରୁ ଚିଠି ପାରଳାଖେମୁଣ୍ଡିରେ ପହଞ୍ଚିବା ପାଇଁ ୭ ଦିନରୁ ଅଧିକ ସମୟ ଲାଗିଯାଉଛି। ଏହି ସମସ୍ୟାର ସମାଧାନ ପାଇଁ ପାରଳାଖେମୁଣ୍ଡିବାସୀଙ୍କ ପକ୍ଷରୁ ଆଇନଜୀବୀ ବଟକୃଷ୍ଣ ପାତ୍ର ଭାରତ ସରକାରଙ୍କ ଯୋଗାଯୋଗ ମନ୍ତ୍ରାଳୟ, ଭାରତ ସରକାରଙ୍କ ଡାକ ବିଭାଗର ମୁଖ୍ୟାଳୟ, ଭୁବନେଶ୍ୱରସ୍ଥିତ ପୂର୍ବାଞ୍ଚଳ ରେଳବାଇ କାର୍ଯ୍ୟାଳୟର ସାଧାରଣ ପରିଚାଳକ ଏବଂ ବ୍ରହ୍ମପୁର ଏମପି ଚନ୍ଦ୍ର ଶେଖର ସାହୁଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି।

■ କାର୍ଯ୍ୟକ୍ଷମ ହେଉନି ବିଦ୍ୟୁତ୍ ପାୱାର୍ ପ୍ଲାଣ୍ଟ

# ୨୦ କୋଟି ଟଙ୍କାର ମେଶିନ୍ ଖତଖାଉଛି

ପାରଳାଖେମୁଣ୍ଡି, ୯।୬ (ସ୍ୱ.ପ୍ର.)


ଭାଲିଆସାହି ପାୱାର ପ୍ଲାଣ୍ଟ ।

ଗଜପତି ଜିଲା ଆର୍. ଉଦୟଗିରି ବ୍ଲକ ଅନ୍ତର୍ଗତ ଭାଲିଆ ସାହିରେ ୨୦କୋଟି ଟଙ୍କାର ବିଦ୍ୟୁତ୍ ପାୱାର ପ୍ଲାଣ୍ଟ କାମରେ ଲାଗୁନଥିବା ଜଣାପଡିଛି। ରାଜ୍ୟ ସରକାରଙ୍କ ପ୍ରତି ଗ୍ରାମକୁ ଆଲୁଅ ପହଞ୍ଚାଇବା ପାଇଁ ଯୋଜନା ରହିଥିବାବେଳେ ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ହେଲେ ଭାଲିଆ ସାହିରେ ନିର୍ମିତ ପାୱାର ପ୍ଲାଣ୍ଟ କାର୍ଯ୍ୟକ୍ଷମ ନ ହେବାକୁ ନେଇ ଅସନ୍ତୋଷ ପ୍ରକାଶ ପାଉଛି। ଆର୍. ଉଦୟଗିରି ଓ ନୂଆଗଡ଼ ବ୍ଲକର ବିଦ୍ୟୁତ ସମସ୍ୟା ଦୂର କରିବା ଲକ୍ଷରେ ଏହି ପ୍ଲା ନିର୍ମାଣ ହୋଇଥିଲା। ୪ବର୍ଷ ତଳେ ୨୦କୋଟି ଟଙ୍କା ବ୍ୟୟ ବରାଦରେ ପାଓ୍ୱାର୍ ପ୍ଲାଣ୍ଟ ନିର୍ମାଣ ପାଇଁ ସାଉଥ୍‌କୋ ପକ୍ଷରୁ ଓ.ପି.ଟି.ସି.ଏଲ୍. କମ୍ପାନୀକୁ ଦାୟିତ୍ୱ ନିଆଯାଇଥିଲା। ହେଲେ ୧ବର୍ଷ ହେଲା କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଏହି ପ୍ଲାଣ୍ଟ କାର୍ଯ୍ୟକ୍ଷମ ହୋଇପାରିନାହିଁ । ଫଳରେ ବିଦ୍ୟୁତ୍ ସରବରାହପାଇଁ ମୋହନା ସ୍ଥିତ ପାୱାର୍ ପ୍ଲାଣ୍ଟ ଉପରେ ନିର୍ଭର କରିବାକୁ ପଡୁଛି । ଏପରିକି ସାମାନ୍ୟ ବର୍ଷା କିମ୍ବା ପବନ ହେଲେ ଘଣ୍ଟା ଘଣ୍ଟା ଧରି ଉପଭୋକ୍ତା ବିଦ୍ୟୁତ ସେବାରୁ ବଞ୍ଚିତ ହେଉଛନ୍ତି । ତେବେ ଏଠାରେ କୋଟି କୋଟି ଟଙ୍କାର ମେସିନ ଗୁଡ଼ିକ ଖତଖାଉଛି। ତେଣୁ ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାପାଇଁ ଅଞ୍ଚଳବାସୀ ଦାବୀ କରିଛନ୍ତି। ଏ ସମ୍ପର୍କରେ ପାରଳାଖେମୁଣ୍ଡି ସାଉଥ୍‌କୋ ନିର୍ବାହୀ ଯନ୍ତ୍ରୀ ପ୍ରସାଦ ପଟ୍ଟନାୟକଙ୍କୁ ପଚାରିବାରେ ଉକ୍ତ ପାୱାର ପ୍ଲା ସାଉଥ୍‌କୋ ଅଧିନସ୍ଥ ନୁହେଁ, ଓ.ପି.ଟି.ସି.ଏଲ୍. ଅଧିନରେ ରହିଥିବା କହିଛନ୍ତି। ତେବେ ଓ.ପି.ଟି.ସି.ଏଲ୍‌ର ସିଏମ୍‌ଡ଼ି ହେମନ୍ତ ଶର୍ମାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏକା ମୁହଁରୁ ତିନିକଥା**
**ଶୁଣିଲେ ହୁଏ ମୁଣ୍ଡ ବ୍ୟଥା ।**

ଜଣେ ଗୋଟିଏ ବିଷୟକୁ ତିନିଥରରେ ବିଚିତ୍ର କରି ବର୍ଣ୍ଣନା କଲେ ଅନ୍ୟର ମୁଣ୍ଡବ୍ୟଥା ହୋଇଥାଏ । ଫଳସ୍ୱରୂପ ଶୁଣିବା ଲୋକ କେଉଁଟା ସତ କେଉଁଟା ମିଛ ଜାଣି ନ ପାରି ଅଯଥାରେ ଦ୍ୱନ୍ଦ୍ୱରେ ପଡ଼ିଯିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଏ ଅଟେ ଅନିତ୍ୟ ସଂସାର**
**କିମ୍ବା ଏ କପଟ ବେଭାର ?**

କୂଟ, କପଟ ମଣିଷକୁ ମଣିଷ ହୋଇ ରହିବାକୁ ଦେଇ ନ ଥାଏ । ମଣିଷକୁ ପଶୁଠାରୁ ହୀନ କରି ଦେଇଥାଏ । ଏ ସଂସାର ଯେହେତୁ ଅନିତ୍ୟ, ସେଠାରେ ବାସକରୁଥିବା ମଣିଷ ମନରେ ଏପରି କପଟ ଆଚରଣ ଶୋଭନୀୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

■ ବଢୁଛି ଅସନ୍ତୋଷ

# ମିଳୁନି ଉପଯୁକ୍ତ ବ୍ୟାଙ୍କ ସେବା


ଗୁମ୍ମା ଷ୍ଟେଟ୍‌ବ୍ୟାଙ୍କ ।

ଗୁମ୍ମା, ୯।୬

ନିଜ ଟଙ୍କାକୁ ସୁରକ୍ଷିତ ରଖିବା ସହ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଲୋକେ ବ୍ୟାଙ୍କ ଉପରେ ନିର୍ଭରଶୀଳ। କିନ୍ତୁ ଆବଶ୍ୟକ ସମୟରେ ବ୍ୟାଙ୍କ ଉପଯୁକ୍ତ ସେବା ଯୋଗାଇବାରେ ବିଫଳ ହେଉଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି। ଗଜପତି ଜିଲାର ଗୁମ୍ମା ସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କରେ ଦେଖିବାକୁ ମିଳୁଛି ଏଭଳି ସମସ୍ୟା। ଏହି ବ୍ୟାଙ୍କରେ ଦିନକୁ ଦିନ ଗ୍ରାହକଙ୍କ ସଂଖ୍ୟା ବଢୁଥିବାବେଳେ ସେ ଅନୁଯାୟୀ ସେବା ପାଇବାରେ ବିଫଳ ହେଉଛନ୍ତି। ଦୀର୍ଘ ସମୟ ପର୍ଯ୍ୟନ୍ତ ଅପେକ୍ଷା ପରେ ମଧ୍ୟ ଆର୍ଥିକ ସମ୍ବନ୍ଧୀୟ କାର୍ଯ୍ୟ ସମ୍ପାଦନ ହୋଇପାରୁନାହିଁ । ଏହି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଉପରେ ଗୁମ୍ମା ବ୍ଲକ ଅନ୍ତର୍ଗତ ୨୦ଟି ପଞ୍ଚାୟତର ଜନସାଧାରଣ ସମେତ ଅଞ୍ଚଳର ସମସ୍ତ ସରକାରୀ ଓ ବେସରକାରୀ କର୍ମଚାରୀ ମାସିକ ଦରମା, ସରକାରୀ ଯୋଜନାର ଅନୁଦାନ ଆଦି କାର୍ଯ୍ୟ ପାଇଁ ନିର୍ଭର କରିଥାନ୍ତି । ମାତ୍ର ଏହି ଶାଖାଟି ଅଞ୍ଚଳର ଗ୍ରାହକଙ୍କୁ ଅନବରତ ସେବା ଯୋଗାଇବାରେ ବିଫଳ ହେଉଥିବା ଯୋଗୁ ଗ୍ରାହକଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଦୂରଦୂରାନ୍ତରୁ ଆସୁଥିବା ଗ୍ରାହକ ବ୍ୟାଙ୍କ ବାହାରେ ଖରାରେ ଅପେକ୍ଷା କରିବାକୁ ବାଧ ହେଉଥିବାବେଳେ ଶାଖା ପରିଚାଳକଙ୍କୁ ଅସୁବିଧା ସଂପର୍କରେ ଜଣାଇବା ପାଇଁ ମଧ୍ୟ ଗ୍ରାହକଙ୍କୁ ସୁଯୋଗ ମିଳୁନାହିଁ। ଏପରି ସମସ୍ୟା ବାରମ୍ବାର ଦେଖିବାକୁ ମିଳୁଛି, କିନ୍ତୁ ଶାଖା ପରିଚାଳକ କୌଣସି ସମାଧାନ କରୁନାହାନ୍ତି।

# ବାଲ୍‌ମୁକୁନ୍ଦ କେନ୍ଦ୍ରରେ ରଜ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୯।୬ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ରାଜଗୁରୁ ସାହି ସ୍ଥିତ ଶ୍ରୀରସିକରାଜ ମନ୍ଦିର (ପରିଚ୍ଛା ମଠ) ପରିସରରେ ରବିବାର ବାଲ୍‌ମୁକୁନ୍ଦ କେନ୍ଦ୍ର ତରଫରୁ 'ରଜ' ଉପଲକ୍ଷେ ଓଡିଆ ପାରମ୍ପରିକ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କେନ୍ଦ୍ରର ଶିଶୁ ମହାଲକ୍ଷ୍ମୀ ମହାପାତ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ମାଁ ଗଳ୍ପ ମାଧ୍ୟମରେ ପିଠା , ଝୋଟି, ହୁଳହୁଳି, ପୁଚି ଖେଳ, ଦୋଳି ଖେଳ ଏବଂ କବାଡି ଖେଳର ମହତ୍ତ୍ୱ ବିଷୟରେ ବୁଝାଇଥିଲେ । ଶିଶୁମାନେ ଏଥିରେ ଭାଗନେଇ ଶୁଭଦର୍ଶିନୀ ମହାରଣା ସୁନ୍ଦରୀ ମାଁ ଗଳ୍ପ, ପପୁନ୍ ମହାରଣା ସନ୍ଧ୍ୟା କବିତା ଏବଂ ତନ୍ମୟ ପରିଚ୍ଛା ବଢିଆ ମୋ ମାତୃଭୂମୀ ଗୀତ ମାଧ୍ୟମରେ ପ୍ରକାଶ କରିଥିଲେ । ପରବର୍ତ୍ତି କାର୍ଯ୍ୟକ୍ରମରେ ସଂଯୋଜକ ନିତ୍ୟାନନ୍ଦ ଚୌଧୁରୀ ସାପ୍ତାହିକ ଆଲୋଚନାରେ ସାଇକେଲ୍ ଦିବସ, ବିଶ୍ୱ ପରିବେଶ ଦିବସ ଏବଂ ଶୀତଳ ଷଷ୍ଠୀ ସମ୍ପର୍କରେ ଆଲୋଚନା କରି ପିଲାଙ୍କୁ ବୃକ୍ଷ ରୋପଣ ଏବଂ ତା'ର ଯତ୍ନ ନେବା ପାଇଁ ପରାମର୍ଶ ଦେଇଥିଲେ ।



ବାଲମୁକୁନ୍ଦ କେନ୍ଦ୍ରର ଶିଶୁମାନେ ।

## ଶିଡ଼ିରୁ ପଡ଼ି ବୃଦ୍ଧଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୯।୬:

ପିଠିରେ ଏକ ଧାନ ବସ୍ତା ଧରି ଶିଡ଼ିରେ ଚଢି ଛାତକୁ ଯାଉଥିବା ବେଳେ ପଞ୍ଚାନନ ନାୟକଙ୍କ ଶନିବାର ଅପରାହ୍ନ ୪ଟାରେ ଗୋଡ ଖସିଯାଇଥିଲା। ସେ ପଡିଯିବାରୁ ଗୁରୁତର ଆହତ ହୋଇଥିଲେ । ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ମୃତକ ପାଟପୁର ଥାନା ବେନିପାଲି ଗ୍ରାମର ପଞ୍ଚାନନ ନାୟକ (୬୧)। ମେଡିକାଲ ଫାଣ୍ଡି ପୋଲିସ ରବିବାର ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।

## ପୃଥକ୍ ବିଷକ୍ରିୟାରେ ୨ ମୃତ

ବ୍ରହ୍ମପୁର ଅଫିସ,୯।୬

ପୃଥକ୍ ପୃଥକ୍ ବିଷ କ୍ରିୟାରେ ୨ ଜଣ ଯୁବକଙ୍କ ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ଘଟିଛି । ସେମାନେ ହେଲେ ଛତ୍ରପୁର ଆଲିଆବାଡ଼ ଗ୍ରାମର ପପୁନ ନାୟକ (୨୨) ଓ ଖଲ୍ଲିକୋଟ ଥାନା ମଥୁରା ଗ୍ରାମର କହ୍ନେଇ ପାହାଣ(୨୧)। ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ୨ଟି ଅପମୃତ୍ୟୁ ମାମଲା ରୁଜୁ କରିଛି । ବାପାଙ୍କ ତାଗିଦ ସହି ନ ପାରି ପପୁନ ଶୁକ୍ରବାର ବିଷପାନ କରି ଗୁରୁତର ହୋଇ ପଡିଥିଲେ। ପରେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଶନିବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା । ସେହିପରି କହ୍ନେଇ ମଧ୍ୟ ଏକ ଘରୋଇ ଅଶାନ୍ତିକୁ କେନ୍ଦ୍ର କରି ଶନିବାର ବିଷପାନ କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଶନିବାର ରାତିରେ ମୃତ୍ୟୁ ଘଟିଥିଲା ।

# ଜାକଜକମରେ ଚାଲିଛି ପ୍ରସିଦ୍ଧ ଠାକୁରାଣୀ ଯାତ୍ରା

■ ୧୧ରେ ଯାତ୍ରା ଉଦ୍‌ଯାପିତ
■ ପାରମ୍ପରିକ ନାଟକ, ମେଲୋଡିର ମଜା ଉଠାଉଛନ୍ତି ଲୋକେ

ପାରଳାଖେମୁଣ୍ଡି, ୯।୬ (ସ୍ୱ.ପ୍ର.)

ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ନାମନଗଡରେ ଗ୍ରାମଦେବୀ ଠାକୁରାଣୀଙ୍କ ପ୍ରସିଦ୍ଧ ଯାତ୍ରା ଜାକଜକମରେ ଅନୁଷ୍ଠିତ ହେଉଛି। ଯାତ୍ରା ୫ ତାରିଖରେ ଆରମ୍ଭ ହୋଇଥିବାବେଳେ ୧୧ରେ ଉଦ୍‌ଯାପିତ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ଏହି ଠାକୁରାଣୀ ପର୍ବ ଧୂମ୍‌ଧାମ୍‌ରେ ଚାଲିଥିବାବେଳେ ପ୍ରତି ଦିନ ସନ୍ଧ୍ୟାରେ ଭୂତକେଳୀ, ପାରମ୍ପରିକ ନାଟକ ଏବଂ ମେଲୋଡ଼ି ଆଦି ଅନୁଷ୍ଠିତ ହେଉଛି। ଯାହାକି ଲୋକମାନଙ୍କୁ ବେଶ୍ ଆକର୍ଷିତ କରୁଛି । ମା'ଙ୍କୁ ଦର୍ଶନ କରିବା ସହ ଯାତ୍ରାର ମଜା ନେବାପାଇଁ ଅଞ୍ଚଳ ଏବଂ ପାରଳାଖେମୁଣ୍ଡି ସହରରୁ ମଧ୍ୟ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି । ଏଠାରେ ଗ୍ରାମଦେବୀଙ୍କ ଘଟ ହିଁ ପୂଜା ପାଉଥିବାବେଳେ ପ୍ରତିଦିନ ସନ୍ଧ୍ୟାରେ ମା' ବିଭିନ୍ନ ଆକର୍ଷଣୀୟ ବେଶରେ ସଜ୍ଜିତ କରାଯାଇ ଗ୍ରାମ ପରିକ୍ରମା କରାଯାଉଛି । ମାନସିକଧାରୀ ବିଭିନ୍ନ ବେଶ ଧାରଣ କରି ଶୋଭାଯାତ୍ରାରେ ବୁଲୁଥିବା ମଧ୍ୟ ଦେଖିବାକୁ ମିଳୁଛି । ୩ବର୍ଷରେ ଥରେ ଏହି ପର୍ବ ଅନୁଷ୍ଠିତ ହେଉଥିବାରୁ ଗ୍ରାମରେ ପ୍ରତ୍ୟେକ ଘରେ ବନ୍ଧୁବାନ୍ଧବଙ୍କ ଗହଳ ଚହଳ ଦେଖିବାକୁ ମିଳୁଛି। ସମସ୍ତ କାର୍ଯ୍ୟକ୍ରମକୁ ଯାତ୍ରା କମିଟି ପକ୍ଷରୁ ବଳରାମ ପାଇକ, ଭୋଳାନାଥ ପାଇକ, ପୂର୍ଣ୍ଣଚନ୍ଦ୍ର ପାଇକ, କୌଳାସ ମହାଙ୍କୁଡ, ତ୍ରିପତୀ ମହାଙ୍କୁଡ, ନରେନ୍ଦ୍ର ମହାଙ୍କୁଡ, ଅନୀଲ ବିଷୋୟୀ ପ୍ରମୁଖ ପରିଚାଳନା କରୁଛନ୍ତି ।

## ଅଟୋ ଓଲଟି ୭ ଆହତ

ମୋହନା,୯।୬(ଡି.ଏନ୍.ଏ.):

ମୋହନା ଥାନା ଚାପଡ଼ପଙ୍କା ନିକଟରେ ରବିବାର ଅପରାହ୍ନରେ ଏକ ଅଟୋ ଓଲଟି ୭ ଜଣ ଆହାତ ହୋଇଛନ୍ତି। ସେମାନେ ହେଲେ ଡେଙ୍ଗେସଖାଲ ଗାଁର ଅଭିନାଶ ଦଣ୍ଡସେନା, ଅଲୋକ ନାୟକ, କୁମାରୀ ଦଣ୍ଡସେନା, ରଜନୀକାନ୍ତ ସିଂ, ବିଜୟ ଦଣ୍ଡସେନା, ପୂର୍ଣ୍ଣଚନ୍ଦ୍ର ବେହେରା ଓ କୈଳାଶ ନାୟକ। ଆହତଙ୍କୁ ଚିକିତ୍ସା ପାଇଁ ମୋହନା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପୂର୍ଣ୍ଣଚନ୍ଦ୍ର ଓ କୈଳାଶଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଡେଙ୍ଗେଲଖାଲଗାଁର କିଛି ଲୋକ ବାହାଘର ପ୍ରସ୍ତାବ ନେଇ ଗେରଗେଡି ଗାଁକୁ ଝିଅ ଦେଖିବା ପାଇଁ ଅଟୋରେ ଯାଉଥିବା ବେଳେ ଚାପଡପଙ୍କା ନିକଟରେ ଏକ ଟ୍ରକ ସହ ମୁହାଁ ମୁହିଁ ହେବାରୁ ଅଟୋଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଥିଲା। ମୋହନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

## ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରିଣୀ ବୈଠକ

ପାରଳାଖେମୁଣ୍ଡି, ୯।୬ (ସ୍ୱ.ପ୍ର.)

ପାରଳାଖେମୁଣ୍ଡି ସ୍ଥିତ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ରବିବାର କାର୍ଯ୍ୟାଳୟ ପରିସରରେ ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମଞ୍ଚର ସଭାପତି ଇଂ. ଲକ୍ଷ୍ମୀ ନୃସିଂହ ରଥ ସଭାପତିତ୍ୱ କରିଥିଲେ । ସମ୍ପାଦକ ହରିମୋହନ ପଟ୍ଟନାୟକ ବିବରଣୀ ପାଠ କରିଥିଲେ । ଆଗାମୀ ସାଧାରଣ ସଭା ଅଗଷ୍ଟ୧୮ ତାରିଖରେ ସ୍ଥାନୀୟ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ପରିସରରେ ହେବ ବୋଲି ସ୍ଥିର ହୋଇଛି। ବୈଠକରେ ଅନ୍ୟାନ୍ୟ ପ୍ରସ୍ତାବ ମଧ୍ୟରେ ପାରଳାଖେମୁଣ୍ଡି ରେଳ ଷ୍ଟେସନର ଉଚ୍ଚତା ବୃଦ୍ଧି, ଏକ୍ସପ୍ରେସ ଟ୍ରେନର ଚଳାଚଳ ଏବଂ ସକାଳୁଆ ସିକନ୍ଦରାବାଦ ପର୍ଯ୍ୟନ୍ତ ଟ୍ରେନ୍ ଚଳାଚଳ ପାଇଁ କେନ୍ଦ୍ର ରେଳ ମନ୍ତ୍ରାଳୟ ନିକଟରେ ଦାବି କରିବା ପାଇଁ ସ୍ଥିର ହୋଇଛି। ଜଗଦିଶ ଚନ୍ଦ୍ର ମହାପାତ୍ର, ରବି ନାରାୟଣ ପାଢ଼ୀ, ସୁରେଶ ଦାସ, ଚିତ୍ତରଂଜନ ମିଶ୍ର, ସୁରେନ୍ଦ୍ର ପାତ୍ର, ଲବ ଜେନା, କାଳୀପ୍ରସାଦ ପାତ୍ର, ଅରକ୍ଷିତ ପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ରଘୁନାଥ ମହାରଣା ଧନ୍ୟବାଦ ଦେଇଥିଲେ।


ବୈଠକରେ ମଞ୍ଚାସୀନ ସଦସ୍ୟମାନେ ।

# ୩ ମାସହେଲା ସରୁନି ପଙ୍କ ଉଦ୍ଧାର

■ ଆନ୍ଦୋଳନ ପାଇଁ ଚେତାବନୀ
■ ଶୀଘ୍ର କାମ ଶେଷ ପାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ହୋଇଛି: ବିଡ଼ିଓ

ରାୟଗଡ (ଗଜପତି), ୯।୬ (ଡ଼ି.ଏନ୍.ଏ.)


ପଙ୍କରେ ପୋତିହୋଇଥିବା କରଣ ବନ୍ଧ ।

ଗଜପତି ଜିଲା ରାୟଗଡ ବ୍ଲକ୍ ସଦରସ୍ଥିତ କରଣ ବନ୍ଧର ପଙ୍କ ଉଦ୍ଧାର କାର୍ଯ୍ୟ ଦୀର୍ଘଦିନ ହେଲା ଶେଷ ହୋଇପାରୁନାହିଁ। ଗ୍ରାମବାସୀ ନିତ୍ୟକର୍ମ ପାଇଁ ଏହି ପୋଖରୀ ଉପରେ ନିର୍ଭରଶୀଳ। ଅନ୍ୟପକ୍ଷରେ ଆଉ କିଛିଦିନ ପରେ ମୌସୁମୀ ଓଡ଼ିଶା ଛୁଇଁବାକୁ ଯାଉଥିବାବେଳେ କାମ ନ ସରିବାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଯଥାଶୀଘ୍ର କାମ ନ ସରିଲେ ଆନ୍ଦୋଳନ ଚେତାବନୀ ଦିଆଯାଇଛି। ପ୍ରକାଶଯେ, ରାୟଗଡ଼ ଗ୍ରାମର କୁମ୍ଭାର ସାହି, ଆଦର୍ଶନଗର, ବଜାର ସାହି, ମଝି ସାହି, ବିଶୋୟୀ ସାହି, ଗୌଡ଼ସାହି, ବଢ଼େଇ ସାହି, ଓଡ଼ିଆ ସାହି ଆଦି ୮ଟି ସାହିର ଲୋକେ ଏହି ପୋଖରୀ ଉପରେ ନିର୍ଭର କରୁଛନ୍ତି। ମାତ୍ର ୩ ମାସରୁ ଉର୍ଦ୍ଧ୍ୱ ହେଲା ପୋଖରୀ ପୁନରୁଦ୍ଧାର କାମ ଆରମ୍ଭ ହୋଇଥିଲେ ମଧ୍ୟ ତାହା ଏବେ ସୁଦ୍ଧା ଶେଷ ହୋଇପାରୁନି। ଚଳିତବର୍ଷ ପୋଖରୀରୁ ପଙ୍କ ଉଦ୍ଧାର ପାଇଁ ଜଳ ନିଷ୍କାସନ କରାଯାଇଥିଲା। ତେଣୁ ଲୋକେ ଖରାଦିନରେ ଗାଧୋଇବା ପାଇଁ ପାଣି ନ ପାଇ ୨କି.ମି ଦୂର ମହେନ୍ଦ୍ରତନୟା ନଦୀକୁ ଯିବାକୁ ବାଧ ହୋଇଛନ୍ତି। ମୌସୁମୀ ପୂର୍ବରୁ କାମ ଶେଷ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ବିଭାଗୀୟ ଯନ୍ତ୍ରୀଙ୍କ ଅବହେଳା ଓ ମୁନାଫାଖୋର୍ ମନୋବୃତ୍ତି ଯୋଗୁ କାମ ପଡ଼ି ରହିଥିବା ଅଭିଯୋଗ ହୋଇଛି । ତେବେ ପୋଖରୀ କାମ ଶୀଘ୍ର ଶେଷ କରିବା ପାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ନିମ୍ନମାନର କାମ ନେଇ ଯେଉଁ ଅଭିଯୋଗ ହୋଇଛି, ତାହାର ତଦନ୍ତ କରାଯିବ ବୋଲି ବିଡିଓ ଲୁକାଶ ପ୍ରଧାନ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଚନ୍ଦ୍ରକୁ ମଙ୍ଗଳର ଅଂଶ କହି ଟ୍ରମ୍ପ ହଟହଟା



**ସାନ୍ ଫ୍ରାନ୍ସିସ୍କୋ,୯।୬(ଆଇଏଏନ୍ଏସ୍):** ମହାକାଶ ଓ ବ୍ରହ୍ମାଣ୍ଡ ସମ୍ପର୍କରେ ନିଜର ଅଜ୍ଞତାକୁ ପ୍ରକାଶ କରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସମସ୍ତଙ୍କୁ ବିସ୍ମିତ କରିଛନ୍ତି। ଚନ୍ଦ୍ର ମଙ୍ଗଳ ଗ୍ରହର ଅଂଶବିଶେଷ ବୋଲି କହି ସେ ଅନ୍ୟମାନଙ୍କୁ ହସର ଖୋରାକ ଯୋଗାଇଛନ୍ତି। ଏକ ଟୁଇଟ୍‌ରେ ଶୁକ୍ରବାର ରାତିରେ ସେ କହିଛନ୍ତି ଯେ, ଆମେ ଯେତେ ଅର୍ଥ ଖର୍ଚ୍ଚ କରିଛୁ, ଆମେରିକା ମହାକାଶ ଗବେଷଣା ସଂସ୍ଥା (ନାସା) କେବଳ ଚନ୍ଦ୍ରକୁ ଯିବା ବିଷୟ କହିବା ଅନୁଚିତ। ତାହା ଆମେ ୫୦ ବର୍ଷ ତଳେ କରିସାରିଛୁ। ନାସା ମଙ୍ଗଳ (ଚନ୍ଦ୍ର ଯାହାର ଅଂଶବିଶେଷ) ଭଳି ବଡ଼ ସଫଳତା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ସୋସିଆଲ ମିଡିଆରେ ଟ୍ରମ୍ପଙ୍କ ଏଭଳି ବିବୃତି ବିଶ୍ୱବ୍ୟାପୀ ଟ୍ରୋଲ ହୋଇଥିବା ଦେଖିବାକୁ ମିଳିଛି।

### ଯୁକ୍ତ୨ ବିଜ୍ଞାନରେ ଶୂନ ଫଳାଫଳ କରିଥିବା ୯ କଲେଜ ଉପରେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର, ୯।୬(ବ୍ୟୁରୋ):** ଯୁକ୍ତ୨ ବିଜ୍ଞାନ ପରୀକ୍ଷାରେ ଶୂନ ରେଜଲ୍ଟ କରିଥିବା ୯ କଲେଜ ଉପରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେଗୁଡ଼ିକ ହେଲା ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ମଣ୍ଡଳସ୍ଥିତ ଶ୍ରୀଜଗନ୍ନାଥ ଦେବ ହାଇସ୍କୁଲ, ଅନୁଗୋଳ ଜିଲା ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ହାୟର ସେକେଣ୍ଡାରୀ ସ୍କୁଲ, ଢେଙ୍କାନାଳ ଜିଲା ସଦର ବ୍ଲକ୍‌ର ସରାଖିଆସ୍ଥିତ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ ଆର୍ଟ ଆଣ୍ଡ କଲ୍‌ଚର, ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ବେଲଗୁଣ୍ଠା ୱିମେନ୍ସ ହାୟର ସେକେଣ୍ଡାରୀ ସ୍କୁଲ, ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ କେ. ପି. ଡି. ୱିମେନ୍ସ ହାୟର ସେକେଣ୍ଡାରୀ ସ୍କୁଲ, ଭୁବନେଶ୍ୱରର ଏସ୍.ଆର୍.ଏମ୍. ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲ, ଭୁବନେଶ୍ୱରର ନାନୋ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲ, ସମ୍ବଲପୁରସ୍ଥିତ ଶ୍ରୀ ଅରବିନ୍ଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଟିଗ୍ରାଲ ଏଜୁକେଶନ ଆଣ୍ଡ ରିସର୍ଚ୍ଚ, ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ୍ ଅନ୍ତର୍ଗତ ରାଉରକେଲା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ ହାୟର ସେକେଣ୍ଡାରୀ ସ୍କୁଲ। କାର୍ଯ୍ୟାନୁଷ୍ଠାନ ସ୍ୱରୂପ ୬ଟି କଲେଜରେ ନାମଲେଖା ଉପରେ ରୋକ୍ ଲଗାଯାଇଥିବାବେଳେ ବାକି ୩ଟି କଲେଜ କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ନାମଲେଖା ବନ୍ଦ ନିର୍ଦ୍ଦେଶ ଦିଆଯାଇଥିବା କଲେଜଗୁଡ଼ିକ ମଧ୍ୟରୁ ୪ଟିରେ ଗତବର୍ଷଠାରୁ ନାମଲେଖା ବନ୍ଦ ରହିଛି। ତେବେ ବଲାଙ୍ଗୀର ଜିଲା ବେଲପଡ଼ାର ଶ୍ରୀଜଗନ୍ନାଥ ଦେବ ହାଇସ୍କୁଲ ଓ ନୟାଗଡ଼ ଜିଲା ଦଶପଲାସ୍ଥିତ କେ.ପି.ଡି. ୱିମେନ୍ସ ହାୟର ସେକେଣ୍ଡାରୀ ସ୍କୁଲରେ ଚଳିତ ବର୍ଷଠାରୁ ନାମଲେଖା ଉପରେ ରୋକ୍ ଲଗାଯାଇଥିବା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

# ମହାରାଷ୍ଟ୍ର, ତାମିଲନାଡୁ, କର୍ନାଟକ ସର୍ବାଧିକ ଆତ୍ମହତ୍ୟାପ୍ରବଣ

**କଟକ ଅଫିସ,୯।୬**

ପୂର୍ବରୁ ଭାରତରେ ଆତ୍ମହତ୍ୟାକୁ ଏକ ଦଣ୍ଡନୀୟ ଅପରାଧ ଭାବେ ବିବେଚନା କରାଯାଉଥିଲା। ଭାରତୀୟ ପିଙ୍ଗଳ କୋଡ୍‌ର ଧାରା ୩୦୯ ଅନୁଯାୟୀ, ଏଥିପାଇଁ ଦଣ୍ଡବିଧାନର ବ୍ୟବସ୍ଥା ମଧ୍ୟ ଥିଲା। ମାତ୍ର ୨୦୧୭ରେ ପ୍ରଣିତ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧିତ ଅଧିନିୟମ (ମେଣ୍ଟାଲ ହେଲ୍‌ଥ କେୟାର ଆକ୍ଟ)ରେ ଏହି ଦଣ୍ଡବିଧାନକୁ ଉଚ୍ଛେଦ କରାଯାଇଥିଲା। କାରଣ ଆତ୍ମହତ୍ୟା ଉଦ୍ୟମ କରୁଥିବା ବ୍ୟକ୍ତିଙ୍କୁ ଏହି ସମୟରେ ସାହାଯ୍ୟ ସହଯୋଗର ଆବଶ୍ୟକତା ରହିଥାଏ। ମାତ୍ର ଦଣ୍ଡବିଧାନ ଦ୍ୱାରା ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ ଅଧିକ ମାନସିକ ଚାପ ପଡୁଥିବାରୁ ତାଙ୍କ ଭିତରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଉଥିବା ଦର୍ଶାଇ ଏହି ସଂଶୋଧନ କରାଯାଇଥିଲା। ତଥାପି ଦେଶରେ ଆତ୍ମହତ୍ୟା ଥମୁନାହିଁ। କାରଣ ଏସ୍‌ସିବି ମେଡିକାଲ ମାନସିକ ରୋଗ ପ୍ରତିଷ୍ଠାନର ରେକର୍ଡ କହୁଛି ଏଠାକୁ ଚିକିତ୍ସା ନିମନ୍ତେ ଆସୁଥିବା ସମୁଦାୟ ରୋଗୀଙ୍କ ମଧ୍ୟରୁ ପାଖାପାଖି ୨୦ ପ୍ରତିଶତ ଆତ୍ମହତ୍ୟା ଉଦ୍ୟମ କରିଥିବା ରୋଗୀ ବୋଲି ଜଣାପଡ଼ିଛି।

ବିଶ୍ୱରେ ପ୍ରତିବର୍ଷ ୮ଲକ୍ଷ ଲୋକ ଆତ୍ମହତ୍ୟା କରୁଥିବାବେଳେ ସେଥିରୁ ଭାରତର ସଂଖ୍ୟା ୧ଲକ୍ଷ ୩୫ହଜାର ରହିଛି ବୋଲି ଜାତୀୟ କ୍ରାଇମ ରେକର୍ଡ ବ୍ୟୁରୋ(ଏନ୍‌ସିଆର୍‌ବି)ର ତଥ୍ୟରୁ ଜଣାପଡ଼ିଛି। ଅର୍ଥାତ୍ ସମୁଦାୟ ଆତ୍ମହତ୍ୟାର ୧୭ ପ୍ରତିଶତ କେବଳ ଭାରତରେ ଘଟୁଛି। ଏସ୍‌ସିବି ମେଡିକାଲ ମାନସିକ ରୋଗ ପ୍ରତିଷ୍ଠାନର ସହକାରୀ ପ୍ରଫେସର ଡା. ସତ୍ୟକାମ ମହାପାତ୍ରଙ୍କ କହିବାନୁଯାୟୀ, ମହାରାଷ୍ଟ୍ର, ତାମିଲନାଡୁ ଓ କର୍ନାଟକ ରାଜ୍ୟରେ ଆତ୍ମହତ୍ୟାର ହାର ଅଧିକ। ଏନ୍‌ସିଆର୍‌ବି ତଥ୍ୟ କହୁଛି ପ୍ରତିବର୍ଷ ୫୦ରୁ ଅଧିକ ଆତ୍ମହତ୍ୟା ଘଟଣା ଘଟୁଥିବା ରାଜ୍ୟଗୁଡ଼ିକ ମଧ୍ୟରେ ନାଗାଲାଣ୍ଡ ଓ ମଣିପୁର ଥିବାବେଳେ ୫୦ରୁ ୩୦୦ ଆତ୍ମହତ୍ୟା ଘଟୁଥିବା ରାଜ୍ୟ ମଧ୍ୟରେ

- ଓଡ଼ିଶାର ହାର ଉଦ୍‌ବେଗଜନକ
- ୧୫ରୁ ୩୫ ବର୍ଷ ବୟସର ଯୁବତୀଯୁବକଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ଅଧିକ
- ଉପଯୁକ୍ତ କାଉନ୍‌ସେଲିଂ ଅବ୍ୟର୍ଥ ଚିକିତ୍ସା



ଜମ୍ମୁ- କଶ୍ମୀର, ଉତ୍ତରାଖଣ୍ଡ, ମେଘାଳୟ, ଅରୁଣାଚଳ ପ୍ରଦେଶ ଓ ମିଜୋରାମ ରହିଛି। ସେହିପରି ୩୦୦ରୁ ୨୦୦୦ ଆତ୍ମହତ୍ୟା ଘଟୁଥିବା ରାଜ୍ୟ ମଧ୍ୟରେ ପଞ୍ଜାବ, ଝାଡଖଣ୍ଡ, ହିମାଚଳପ୍ରଦେଶ ରହିଛି। ୨୦୦୦ରୁ ୧୦ହଜାର ମଧ୍ୟରେ ଓଡ଼ିଶା, ଛତିଶଗଡ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ଦିଲ୍ଲୀ, ରାଜସ୍ଥାନ, ଗୁଜରାଟ ଭଳି ରାଜ୍ୟ ରହିଛି। ୧୦ହଜାରରୁ ଅଧିକ ଆତ୍ମହତ୍ୟା ଘଟୁଥିବା ରାଜ୍ୟଗୁଡ଼ିକ ମଧ୍ୟରେ ତାମିଲନାଡୁ, କର୍ନାଟକ ଓ ମହାରାଷ୍ଟ୍ର ରହିଛି।

ମାନସିକ ରୋଗ ବିଶେଷଜ୍ଞମାନଙ୍କ କହିବାନୁଯାୟୀ, ଭାରତରେ ୧୯୮୭ରୁ ୨୦୦୭ ମଧ୍ୟରେ ପ୍ରତି ୧ଲକ୍ଷ ଲୋକଙ୍କ ମଧ୍ୟରେ ଆତ୍ମହତ୍ୟା ହାର ୭.୯ ପ୍ରତିଶତରୁ ୧୦.୩ ପ୍ରତିଶତକୁ ବୃଦ୍ଧି ପାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ପରିସଂଖ୍ୟାନ ଅନୁଯାୟୀ, ଭାରତରେ ପ୍ରତି ୧ଲକ୍ଷ ମହିଳାରେ ୧୬.୪ ପ୍ରତିଶତ ଆତ୍ମହତ୍ୟା କରୁଛନ୍ତି। ଏହି ହାରରେ ଭାରତ ବିଶ୍ୱରେ ଷଷ୍ଠ ସ୍ଥାନରେ ରହିଛି। ସେହିପରି ପ୍ରତି ୧ଲକ୍ଷ ପୁରୁଷରେ ୨୫.୮ ପ୍ରତିଶତ ଆତ୍ମହତ୍ୟା କରୁଛନ୍ତି ଯାହା ବିଶ୍ୱରେ ୨୨ତମ ସ୍ଥାନରେ ରହିଛି। ଏନ୍‌ସିଆରବି ତଥ୍ୟ ଅନୁଯାୟୀ, ୨୦୧୫ରେ ଭାରତରେ ୧,୩୩,୬୨୩ଜଣ ଆତ୍ମହତ୍ୟା କରିଥିଲେ। ୨୦୧୪ ତୁଳନାରେ ତାହା ୧.୪ ପ୍ରତିଶତ ଅଧିକ ଥିଲା। ଏହି କ୍ରମରେ ଓଡ଼ିଶାକୁ ଦେଖିଲେ ଉକ୍ତ ବର୍ଷ ଆତ୍ମହତ୍ୟା ସଂଖ୍ୟା ୪୧୬୦ ଥିଲା।

ଆତ୍ମହତ୍ୟାର କାରଣଗୁଡ଼ିକ ସମ୍ପର୍କରେ ଡାକ୍ତରମାନେ ଯେଉଁ ତଥ୍ୟ ଦେଉଛନ୍ତି ତାହା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଡା. ମହାପାତ୍ରଙ୍କ କହିବାନୁଯାୟୀ, ଏହା ଏକ ଜଟିଳ ସାମାଜିକ ସମସ୍ୟା। ଯେତିକି ଲୋକ ଆତ୍ମହତ୍ୟା ଜନିତ ମୃତ୍ୟୁବରଣ କରୁଛନ୍ତି ତାହାଠାରୁ ୨୦ଗୁଣ ଅଧିକ ଲୋକ ଆତ୍ମହତ୍ୟା ଉଦ୍ୟମ କରୁଛନ୍ତି। ଭାରତରେ ୧୫ରୁ ୩୫ବର୍ଷ ବୟସର ଯୁବତୀଯୁବକଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ଅଧିକ ବୋଲି ଡା. ମହାପାତ୍ର କହିଛନ୍ତି। ମୋଟ୍ ଆତ୍ମହତ୍ୟା ଘଟଣାରୁ ୯୦ ପ୍ରତିଶତ କେବଳ ବିଭିନ୍ନ ମାନସିକ ସମସ୍ୟା କାରଣରୁ କରିଥାନ୍ତି। ସେଗୁଡ଼ିକ ହେଲା ସ୍କିଜୋଫ୍ରେନିଆ (ଦୀର୍ଘସ୍ଥାୟୀ ମାନସିକ ବିଶୃଙ୍ଖଳା), ମାନସିକ ଉଦ୍‌ବେଗ (ଏଙ୍ଗଜାଇଟି) ଓ ବ୍ୟକ୍ତିତ୍ୱ ବିକାର ରୋଗ। ବେରୋଜଗାରୀ, ଫସଲହାନି, ଆତ୍ମୀୟଙ୍କ ମୃତ୍ୟୁ, ପ୍ରେମରେ ବିଫଳତା ଓ ବିବାହ ବିଚ୍ଛେଦ ଆଦି ପ୍ରମୁଖ କାରଣ। ଏସ୍‌ସିବି ମେଡିକାଲକୁ ଅଧିକାଂଶ ଏହିଭଳି ରୋଗୀ ଆସୁଥିବା ଡା. ମହାପାତ୍ର କହିଛନ୍ତି। ଏଭଳି ଲକ୍ଷଣ ପ୍ରକାଶ ପାଉଥିବା ରୋଗୀଙ୍କୁ ତୁରନ୍ତ ଡାକ୍ତରଙ୍କ ପାଖକୁ ଆଣିବା ଉଚିତ୍ ବୋଲି ଡା. ମହାପାତ୍ର ପରାମର୍ଶ ଦେଇଛନ୍ତି। ଉଦାହରଣ ଦେଇ ମହାପାତ୍ର କହିଛନ୍ତି, ଜଣେ ୩୦ ବର୍ଷୀୟ ଯୁବକ ଆର୍ଥିକ ସଙ୍କଟରେ ପଡିଥିଲେ। ଏହାକୁ ନେଇ ତାଙ୍କ ଭିତରେ ଆତ୍ମହତ୍ୟା ପ୍ରବଣତା ବଢିବା ସହିତ ସେ ଉଦ୍ୟମ ମଧ୍ୟ କରିଥିଲେ। ମାତ୍ର ତାଙ୍କ ପରିବାର ଲୋକେ ତାଙ୍କୁ ଡାକ୍ତରଙ୍କ ପାଖକୁ ଆଣିବା ଦ୍ୱାରା ସେ ଉପକୃତ ହୋଇଥିଲେ। ଉପଯୁକ୍ତ କାଉନସେଲିଂ ଏହାର ଏକ ଅବ୍ୟର୍ଥ ଚିକିତ୍ସା ବୋଲି ଡା. ମହାପାତ୍ର କହିଛନ୍ତି।

## ■ ରଥଯାତ୍ରା ପାଇଁ ନୀତି ନିର୍ଘଣ୍ଟ

# ସାଢେ ୯ରେ ପହଣ୍ଡି, ୪ଟାରେ ରଥଟଣା

**ପୁରୀ ଅଫିସ, ୯।୬**

ଆସନ୍ତା ଜୁଲାଇ ୪ ତାରିଖରେ ମହାପ୍ରଭୁଙ୍କ ରଥଯାତ୍ରା। ଏହାକୁ ସୁରୁଖୁରରେ ସମ୍ପନ୍ନ କରିବା ଲାଗି ଚଳିତବର୍ଷ ଶ୍ରୀମନ୍ଦିର ପ୍ରଶାସନ ସଅଳ ନୀତି ନିର୍ଘଣ୍ଟ କରିଛି। ପ୍ରାତଃ ୬ଟାରେ ମଙ୍ଗଳ ଆଳତି କରାଯାଇ ଠାକୁରଙ୍କ ଅନ୍ୟାନ୍ୟ ନୀତି ଚାଲିବ। ସକାଳ ୯ଟାରେ ରଥ ପ୍ରତିଷ୍ଠା, ୯ଟା ୧୫ରେ ମଙ୍ଗଳାର୍ପଣ ହୋଇ ସାଢେ ୯ଟାରେ ପହଣ୍ଡି ଆରମ୍ଭ ହେବ। ମଧ୍ୟାହ୍ନ ସାଢେ ୧୨ଟା ସୁଦ୍ଧା ପହଣ୍ଡି ସରି ରଥ ଉପରକୁ ମଦନମୋହନ ବିଜେ ହେବେ। ଏହାପରେ ଚିତାଲାଗି ନୀତି ଓ ଠାକୁରଙ୍କ ବେଶ ସମ୍ପନ୍ନ ହେବ। ଅପରାହ୍ନ ୨ଟାରୁ ୩ଟା ମଧ୍ୟରେ ଗଜପତି ମହାରାଜା ତିନିରଥରେ ଛେରା ପହଁରା କରିବେ। ୩ଟାରୁ ୪ଟା ମଧ୍ୟରେ ଚାରମାଳ ଫିଟା ହୋଇ ଘୋଡା, ସାରଥୀ ଲାଗିବ। ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହେବ। ରବିବାର ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ଏ ସଂକ୍ରାନ୍ତରେ ଆଲୋଚନା କରାଯାଇଛି। ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏହାକୁ ମୋହର ମାରିବା ପରେ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହେବ। ଆବଶ୍ୟକ ପଡିଲେ ପରିଚାଳନା କମିଟି ଏଥିରେ ପରିବର୍ତ୍ତନ ଆଣିପାରିବ। ଗତ ୪ ତାରିଖ ନୀତି ସବ୍ କମିଟି ବୈଠକରେ ଶ୍ରୀମନ୍ଦିର ପ୍ରଶାସନ ରାଜେନ୍ଦ୍ରାଭିଷେକଠାରୁ ନିଳାଦ୍ରୀବିଜେ ପର୍ଯ୍ୟନ୍ତ ନୀତି ସମ୍ପର୍କରେ ଆଲୋଚନା କରାଯାଇ ଏହାକୁ ପ୍ରସ୍ତୁତ କରାଯାଇଥିଲା। ଛତିଶା ନିଯୋଗ ବୈଠକରେ ଏଥିରେ ସାମାନ୍ୟ ପରିବର୍ତ୍ତନ ଅଣାଯାଇ ନିର୍ଘଣ୍ଟ ହୋଇଛି।



ଶ୍ରୀମନ୍ଦିର ପ୍ରଶାସକଙ୍କ ଅଧକ୍ଷତାରେ ବସିଥିବା ଛତିଶାନିଯୋଗ ବୈଠକ।

- ମଧ୍ୟାହ୍ନ ୧୨ରୁ ବାହୁଡା ପହଣ୍ଡି
- ଅପରାହ୍ନ ୪ଟାରୁ ସୁନାବେଶ
- ଗ୍ରହଣ ଯୋଗୁ ସଅଳ ନୀଳାଦ୍ରିବିଜେ ପହଣ୍ଡି

ଆସନ୍ତା ୧୭ରେ ଦେବସ୍ନାନ ପୂର୍ଣ୍ଣିମା। ଏହିଦିନ ୧୦୮ ଗରା ଜଳରେ ସ୍ନାନ ସାରି ମହାପ୍ରଭୁ ଭକ୍ତଙ୍କୁ ହାତୀବେଶରେ ଦର୍ଶନ ଦେବେ। ଏହା ପରେ ଅସୁସ୍ଥ ହୋଇଥିବା ଦାରୁଦିଅଁ ଜୁଲାଇ ୨ ତାରିଖରେ ନବଯୌବନ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ନବଯୌବନ ଦର୍ଶନ ପାଇଁ ନୀତି ନିର୍ଘଣ୍ଟ ହୋଇଛି। ମଧ୍ୟାହ୍ନ ୧୨ଟା ୧୫ରେ ଚକା ଅପସର ହୋଇ ମଙ୍ଗଳ ଆଳତି ହେବ। ଅପରାହ୍ନ ସାଢେ ଗୋଟାଏରେ ଦଶାବତାର ଠାକୁରଙ୍କ ବାହୁଡା ବିଜେ ହୋଇ ତାଟି ଫିଟିବ। ଏହାପରେ ଅପରାହ୍ନ ସାଢେ ୨ଟାରୁ ସାଢେ ୩ଟା ଭିତରକାଠ ପରିମାଣିକ ଦର୍ଶନ ହେବ। ପରେ ସାଢେ ୩ଟାରୁ ସାଢେ ୪ଟା ପର୍ଯ୍ୟନ୍ତ ଭିତରଠାକରେ ଠାକୁରଙ୍କୁ ସର୍ବସାଧାରଣ ଦର୍ଶନ କରିବେ। ବାହୁଡା ନୀତି ନିର୍ଘଣ୍ଟ ଉପରେ ମଧ୍ୟ ବିଶେଷ ଆଲୋଚନା ହୋଇଛି। ଭୋର ୪ଟାରୁ ମଙ୍ଗଳ ଆଳତି ହୋଇ ସକାଳ ୬ଟା ୪୫ ସୁଦ୍ଧା ଗୋପାଳ ବଲ୍ଲଭ ଓ ସକାଳଧୂପ ଶେଷ ହେବ। ସକାଳ ୭ଟାରୁ ୧୧ଟା ମଧ୍ୟରେ ମହାପ୍ରଭୁଙ୍କୁ ସେନାପଟା ଲାଗି ହେବ। ୧୧ଟା ୪୫ରେ ମଙ୍ଗଳାର୍ପଣ ହୋଇ ମଧ୍ୟାହ୍ନ ୧୨ଟାରୁ ବାହୁଡା ପହଣ୍ଡି ଆରମ୍ଭ ହେବ। ଅପରାହ୍ନ ସାଢେ ୨ଟା ସୁଦ୍ଧା ପହଣ୍ଡି ସମ୍ପନ୍ନ ହେବ। ଏହି ସମୟ ମଧ୍ୟରେ ତିନିରଥରେ ଠାକୁରଙ୍କ ବେଶ ସମ୍ପନ୍ନ କରାଯିବ। ଅପରାହ୍ନ ସାଢେ ୨ଟାରୁ ସାଢେ ୩ଟା ମଧ୍ୟରେ ଛେରାପହଁରା ସରିବ। ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହେବ।

ଏହା ପରଦିନ ସୁନାବେଶ ରହିଥିବାରୁ ତିନିରଥ ଯେଭଳି ସନ୍ଧ୍ୟା ସୁଦ୍ଧା ସିଂହଦ୍ୱାରରେ ଲାଗିବେ ତା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ୧୩ ତାରିଖରେ ମହାପ୍ରଭୁଙ୍କ ସୁନାବେଶ। ସକାଳ ୬ଟାରେ ତିନିରଥରେ ଠାକୁରଙ୍କ ମଙ୍ଗଳ ଆଳତି ହେବ। ଏହାପରେ ଦୈନନ୍ଦିନ ନୀତି ବଢିବ। ଅପରାହ୍ନ ୪ଟାରେ ମହାପ୍ରଭୁଙ୍କ ସୁନାବେଶ ଆରମ୍ଭ ହୋଇ ସାଢେ ୫ଟା ସୁଦ୍ଧା ବେଶ ସରିବ। ସର୍ବସାଧାରଣ ଦର୍ଶନ ପରେ ରାତ୍ର ୧୧ଟାରୁ ୧୨ଟା ମଧ୍ୟରେ ସୁନାବେଶ ମଇଲମ (ଓଲାଗି) କରାଯିବ। ପରେ ଅନ୍ୟାନ୍ୟ ନୀତି ବଢିବ। ଭୋର ୨ଟାରେ ଗରୁଡ଼ ଶୟନ ନୀତି ସମ୍ପନ୍ନ ହୋଇ ମହାପ୍ରଭୁଙ୍କ ପହୁଡ ହେବ। ୧୪ ତାରିଖ ମହାପ୍ରଭୁଙ୍କ ଅଧରପଣା ନୀତି। ତିନିରଥରେ ରାତ୍ର ୮ଟା ସୁଦ୍ଧା ଅଧରପଣା ନୀତି ସମ୍ପନ୍ନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ସେହିପରି ଜୁଲାଇ ୧୫ ତାରିଖ ରଥଯାତ୍ରାର ଶେଷପର୍ବ ବା ନୀଳାଦ୍ରିବଜେ। ମହାପ୍ରଭୁ ନବଦିନାତ୍ମକ ଯାତ୍ରା ସାରି ରତ୍ନସିଂହାସନକୁ ବିଜେ କରିବେ। ଏହା ପରଦିନ ଅର୍ଥାତ୍ ଜୁଲାଇ ୧୬ ତାରିଖରେ ଚନ୍ଦ୍ରଗ୍ରହଣ ପଡୁଥିବାରୁ ଏହାକୁ ନଜରରେ ରଖି ନୀଳାଦ୍ରିବିଜେ ପହଣ୍ଡି ସମେତ ସବୁ ନୀତିକୁ ସଅଳ କରାଯାଇଛି। ନୀଳାଦ୍ରିବିଜେ ଦିନ ଭୋର ୪ଟାରେ ତିନିରଥ ଉପରେ ମଙ୍ଗଳ ଆଳତି ହେବ। ସକାଳ ୭ଟାରୁ ୮ଟା ମଧ୍ୟରେ ସକାଳ ଧୂପ, ପୂର୍ବାହ୍ନ ସାଢେ ୧୦ଟାରୁ ସାଢେ ୧୧ଟା ମଧ୍ୟରେ ମଧ୍ୟାହ୍ନ ଧୂପ ଏବଂ ମଧ୍ୟାହ୍ନ ୧୨ଟା ୧୫ ସୁଦ୍ଧା ସନ୍ଧ୍ୟା ଆଳତି ଶେଷ କରାଯିବାକୁ ସ୍ଥିର ହୋଇଛି। ଅପରାହ୍ନ ୪ଟାରୁ ନୀଳାଦ୍ରିବିଜେ ପହଣ୍ଡି ଆରମ୍ଭ ହୋଇ ରାତି ୧୦ଟାରେ ଠାକୁର ରତ୍ନସିଂହାସନରେ ପହଞ୍ଚିବା ଲାଗି ନୀତି ନିର୍ଘଣ୍ଟ ହୋଇଛି। ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି, ନୀଳାଦ୍ରିବିଜେ ରାତିରେ ଠାକୁରଙ୍କୁ ପହୁଡ଼ କରିବାକୁଚେଷ୍ଟା କରାଯିବ। ଫଳରେ ଏହା ପରଦିନ ଚନ୍ଦ୍ରଗ୍ରହଣ ପଡୁଥିବାରୁ ମଧ୍ୟାହ୍ନ ଧୂପ ପରେ ଅପରାହ୍ନ ୪ଟା ବେଳକୁ ପାକତ୍ୟାଗ କରାଯିବ। ନୀତି ତ୍ୱରାନ୍ୱିତ ହେଲେ ପାକଛାଡ ପୂର୍ବରୁ ଭକ୍ତମାନେ ମହାପ୍ରସାଦ ସେବନ କରିପାରିବେ। ଏହାକୁ ଦୃଷ୍ଟିରେ ରଖି ନିଳାଦ୍ରୀବିଜେ ନୀତି ନିର୍ଘଣ୍ଟ ହୋଇଛି।

ଏହି ବୈଠକରେ ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ବଲୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ, ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳ ପ୍ରମୁଖଙ୍କ ସହିତ ଛତିଶା ନିଯୋଗର ସଦସ୍ୟମାନେ ଯୋଗଦେଇଥିଲେ।

**ରଥଯାତ୍ରା ନୀତି ନିର୍ଘଣ୍ଟ**

| | |
|---|---|
| ଜୁନ ୨୮ | ଚକାବିଜେ |
| ଜୁନ ୨୯ | ଖଳିଲାଗି ଏକାଦଶୀ |
| ଜୁନ ୩୦ | ରାଜପ୍ରସାଦ ବିଜେ |
| ଜୁଲାଇ ୧ | ଘଣାଲାଗି/ବନକଲାଗି |
| ଜୁଲାଇ ୨ | ନବଯୌବନ ଦର୍ଶନ |
| ଜୁଲାଇ ୪ | ରଥଯାତ୍ରା |
| ଜୁଲାଇ ୫ | ଠାକୁରଙ୍କ ଗୁଣ୍ଡିଚା ମନ୍ଦିରକୁ ପହଣ୍ଡି |
| ଜୁଲାଇ ୮ | ହେରାପଞ୍ଚମୀ |
| ଜୁଲାଇ ୯ | ଦକ୍ଷିଣୀମୋଡ଼ |
| ଜୁଲାଇ ୧୧ | ସନ୍ଧ୍ୟା ଦର୍ଶନ |
| ଜୁଲାଇ ୧୨ | ବାହୁଡା ଯାତ୍ରା |
| ଜୁଲାଇ ୧୩ | ସୁନାବେଶ |
| ଜୁଲାଇ ୧୪ | ଅଧରପଣା |
| ଜୁଲାଇ ୧୫ | ନୀଳାଦ୍ରିବିଜେ |

### ସର୍ଭିସ ବନ୍ଧୁକରୁ ଗୁଳି ଫୁଟାଇ ଯବାନଙ୍କ ଆତ୍ମହତ୍ୟା

**ନାକଟିଦେଉଳ,୯।୬(ଡି.ଏନ.ଏ.):** ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡା ଥାନାରେ କାର୍ଯ୍ୟରତ ଜଣେ ଯବାନ ରବିବାର ସକାଳେ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଓଏସଏପି (ଓଡିଶା ଷ୍ଟେଟ ଆର୍ମଡ ପୋଲିସ) ପ୍ରଥମ ବାଟାଲିୟନର ଅମିର କୁମାର ସାହୁ(୩୬)। ତାଙ୍କ ଘର ବରଗଡ଼ ଜିଲା ଗାଇସିଲେଟ ଥାନା ଶରଧାପାଲି ଗ୍ରାମରେ। ଡ୍ୟୁଟିରେ ଥାଇ ନିଜ ବନ୍ଧୁକରୁ ସେ ବେକକୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି। ମାଓବାଦୀ ଦମନ ନିମନ୍ତେ ଅମିର ୬ମାସ ହେବ କିସିଣ୍ଡା ଥାନାରେ ନିୟୋଜିତ ଥିଲେ। ରବିବାର ଭୋର ୪ଟାରେ ସେ ଥାନା କୋଠା ଛାତ ଉପରେ ସେଣ୍ଟ୍ରି ଡ୍ୟୁଟିରେ ଥିଲେ। ତେବେ ସକାଳ ପ୍ରାୟ ୫ଟା୫୫ରେ ନିଜର ଇନସାସ୍ ସର୍ଭିସ ବନ୍ଧୁକରୁ ବେକକୁ ୩ ରାଉଣ୍ଡ ଗୁଳି ଫୁଟାଇଥିଲେ। ଗୁଳି ଫୁଟିବା ଶବ୍ଦ ଶୁଣି ସହକର୍ମୀମାନେ ପହଞ୍ଚିଲା ବେଳକୁ ସେଠାରେ ଅମିରଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡି ରହିଥିଲା। ଖବର ପାଇ ରେଢାଖୋଲ ଏସଡ଼ିପିଓ ହାଡ଼ିବନ୍ଧୁ ସ୍ୱାଇଁ, ପ୍ରଥମ ବାଟାଲିୟନର ଡେପୁଟି କମାଣ୍ଡାଣ୍ଟ ବିଷ୍ଣୁପଦ ଦାସ, କିସିଣ୍ଡା ଥାନା ଆଇଆଇସି ଧର୍ମେନ୍ଦ୍ର ଶାନ୍ତି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସ ଘଟଣାର ଛାନଭିନ କରିଛି। ନାକଟିଦେଉଳ ତହସିଲଦାର ତଥା କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଇଜଲୁସ ବିନୟ କୁଲୁଙ୍କ ଉପସ୍ଥିତିରେ ଅମୀରଙ୍କ ମୃତଦେହକୁ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ରେଢାଖୋଲ ପଠାଯାଇଛି। ସନ୍ଧ୍ୟା ହୋଇଯାଇଥିବାରୁ ସୋମବାର ବ୍ୟବଚ୍ଛେଦ କରାଯିବ। ଏ ନେଇ କିସିଣ୍ଡା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩/୧୯)ରୁଜୁ କରାଯାଇଛି। ଆତ୍ମହତ୍ୟାର ପ୍ରକୃତ କାରଣ ଜଣା ପଡ଼ିନାହିଁ। ପାରିବାରିକ ସମସ୍ୟାକୁ ନେଇ ଅମିର ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି ବୋଲି ଏସଡ଼ିପିଓ ହାଡ଼ିବନ୍ଧୁ ସ୍ୱାଇଁ ପ୍ରକାଶ କରିଛନ୍ତି।

## ୧୯ରେ ଖୋଲିବ ସ୍କୁଲ: ପିଲାଙ୍କ ପାଖରେ ନାହିଁ ପାଠ୍ୟପୁସ୍ତକ




**ଗୋପ, ୯।୬(ଡି.ଏନ୍.ଏ.)**

ଫନୀରେ ଗୋପ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଥିବା ୩୦ ହଜାରରୁ ଊର୍ଦ୍ଧ୍ୱ ପାଠ୍ୟପୁସ୍ତକ ନଷ୍ଟ ହୋଇଥିବାବେଳେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ନେଇ ଆଶଙ୍କା ଉପୁଜିଛି। ୧୯ରେ ସ୍କୁଲ ଖୋଲିବାକୁ ଥିବାବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଖରେ ପାଠ୍ୟପୁସ୍ତକ ପହଞ୍ଚି ନାହିଁ। ଏ ନେଇ ଅଭିଭାବକ ଓ ଛାତ୍ରୀଛାତ୍ର ଚିନ୍ତାରେ ଅଛନ୍ତି। ଫନୀରେ ଗୋପ ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏହି କ୍ଷୟକ୍ଷତିରେ ହଜାର ହଜାର ଛାତ୍ରୀଛାତ୍ରଙ୍କୁ ସରକାରଙ୍କ ପକ୍ଷରୁ ମିଳିଥିବା ପାଠ୍ୟପୁସ୍ତକ ନଷ୍ଟ ହୋଇଯାଇଥିବା ଭଳି ଅଭିଯୋଗ ହୋଇଥିଲା। ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗୋପ ବ୍ଲକରେ ଥିବା ସମସ୍ତ ସ୍କୁଲକୁ ପ୍ରାୟ ୪୦ ଭାଗ ବହିପତ୍ର ଯୋଗାଇ ଦିଆଯାଇଥିବାବେଳେ ସେଥିମଧ୍ୟରୁ ଶିକ୍ଷକମାନେ ପିଲାମାନଙ୍କୁ ୨୦ ଭାଗ ବହି ବଣ୍ଟନ କରିଥିଲେ। ଏ ସମ୍ପର୍କରେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ପ୍ରଭାସ ଚନ୍ଦ୍ର କରଣଙ୍କୁ ପଚାରିବାରେ ଶିକ୍ଷାବର୍ଷ ଆରମ୍ଭରୁ ଗୋପ ବ୍ଲକ୍‌ର ସମସ୍ତ ସ୍କୁଲ ଜରିଆରେ ଛାତ୍ରୀଛାତ୍ରମାନଙ୍କୁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ବହିପତ୍ର ଦିଆଯାଇଥିଲା। ଆମ କାର୍ଯ୍ୟାଳୟରେ ଥିବା ଅବଶିଷ୍ଟ ୩୦ ହଜାର ବହି ନଷ୍ଟ ହୋଇଯାଇଥିବାରୁ ନୂଆ ବହି ଯୋଗାଇ ଦେବା ଲାଗି ସରକାରଙ୍କୁ ଚିଠି ଲେଖାଯାଇଛି। ବହିପତ୍ର ଆସିଲେ ତୁରନ୍ତ ପିଲାମାନଙ୍କୁ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ।

# ଚିକିତ୍ସା ଅବହେଳାରୁ ଦିବ୍ୟାଙ୍ଗ ନାବାଳିକାଙ୍କ ମୃତ୍ୟୁ

**ବାରିପଦା ଅଫିସ,୯।୬**

ପେଟ ବ୍ୟଥା ହେଉଥିବାରୁ ମୟୂରଭଞ୍ଜ ଜିଲା ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜଣେ ୧୬ ବର୍ଷ ବୟସ୍କା ଦିବ୍ୟାଙ୍ଗ ନାବାଳିକାଙ୍କ ଚିକିତ୍ସା ଅବହେଳା ଯୋଗୁ ଶନିବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ଡାକ୍ତର ଓ ମହିଳା ସ୍ୱାସ୍ଥ୍ୟକର୍ମୀ ଠିକ ସମୟରେ ଚିକିତ୍ସା ନ କରିବାରୁ ନାବାଳିକାଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ରବିବାର ସକାଳେ ମେଡିକାଲ ମୁଖ୍ୟ ଫାଟକ ସମ୍ମୁଖରେ ନାବାଳିକାଙ୍କ ମୃତଦେହକୁ ରଖି ପରିବାରବର୍ଗ କର୍ମଚାରୀ ଓ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଅଣରାଜନୈତିକ ସଂଗଠନ ଭଞ୍ଜ ସେନାର କର୍ମୀମାନେ ଏହି ଦାବିକୁ ସମର୍ଥନ ଜଣାଇ ଧାରଣାରେ ବସିଥିଲେ। ଏନେଇ ଡାକ୍ତରଖାନା ପରିସରରେ ତୀବ୍ର ଉତ୍ତେଜନା ଲାଗି ରହିଥିଲା। ମୃତା ନାବାଳିକାଙ୍କ ମାମୁ ଶିବ ପାତ୍ରଙ୍କ ଅଭିଯୋଗ ଆଧାରରେ ପୋଲିସ ଜଣେ ଡାକ୍ତର ଓ ୨ ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ ନାମରେ ଥାନାରେ ମାମଲା (ନଂ.୧୩୧/୧୯) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ହସ୍ପିଟାଲ ମ୍ୟାନେଜର ଡାକ୍ତର ସମୀର ମହାପାତ୍ର ଘଟଣାସ୍ଥଳକୁ ଆସି ବିଭାଗୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା।




ମୃତଦେହକୁ ମେଡିକାଲ କଲେଜ ସମ୍ମୁଖରେ ରଖି ଧାରାଣାରେ ବସିଛନ୍ତି ମୃତକଙ୍କ ପରିବାର ଲୋକ ଓ ଭଞ୍ଜ ସେନାର କର୍ମକର୍ତ୍ତା।

ବାରିପଦା ଟାଉନ ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ ଚାନ୍ଦୁଆ ଥାନା ଅଧୀନ ଚାଳୁଣିଆ ଗ୍ରାମର ବୀରେନ୍ଦ୍ର ପାତ୍ରଙ୍କ ଦିବ୍ୟାଙ୍ଗ ଝିଅ ରୀତା(୧୬)ଙ୍କ ପେଟ ବ୍ୟଥା ହେବାରୁ ତାଙ୍କୁ ଶନିବାର ଅପରାହ୍ନରେ ପିଆରଏମ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଆରମ୍ଭରୁ ଡାକ୍ତର କିମ୍ବା ନର୍ସ ଠିକ ଭାବେ ଚିକିତ୍ସା କରି ନ ଥିଲେ। ଏଥିଲାଗି ରୀତାଙ୍କ ପେଟବ୍ୟଥା ବଢ଼ିଥିଲା। ରାତି ପ୍ରାୟ ୧୦ ଟା ୩୦ ବେଳକୁ

- ପିଆରଏମ ମେଡିକାଲ କଲେଜରେ ଉତ୍ତେଜନା
- କାର୍ଯ୍ୟାନୁଷ୍ଠାନ ଦାବିରେ ମୃତଦେହ ରଖି ଧାରଣା
- ଡାକ୍ତର ଓ ଦୁଇ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ବିରୋଧରେ ମାମଲା

ନାବାଳିକାଙ୍କ ମାମୁ ଶିବ ନର୍ସଙ୍କ ଡ୍ୟୁଟି ରୁମକୁ ଯାଇ ରୋଗୀଙ୍କ ଅବସ୍ଥା ଖରାପ ହେଉଥିବା ଜଣାଇଥିଲେ। ତାଙ୍କ କଥା କେହି ଶୁଣି ନ ଥିଲେ। ସେ ୨ରୁ ୩ ଥର ଆସି ଡାକିବାରୁ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀ ବିରକ୍ତି ପ୍ରକାଶ କରି ରୋଗୀ ଦେଖିବାକୁ ଯାଇ କୌଣସି ଏକ ଇଞ୍ଜେକ୍ସନ ଦେଇଥିଲେ। ସେଥିରେ ରୀତାଙ୍କ ପେଟ ବ୍ୟଥା ନ କମିବାରୁ ତାଙ୍କ ମାମୁ ପୁନର୍ବାର ଡାକ୍ତରଙ୍କୁ ଡାକିବାକୁ ଯାଇଥିଲେ। ସେତେବେଳେ ମହିଳା ସ୍ୱାସ୍ଥ୍ୟକର୍ମୀମାନେ ମଧ୍ୟ ତାଙ୍କ କଥା ଶୁଣି ନ ଥିଲେ। ଜଣେ ମୋବାଇଲରେ କଥା ହେବାରେ ବ୍ୟସ୍ତ ଥିବା ବେଳେ ଅନ୍ୟ ଜଣେ ସୋସିଆଲ ମିଡିଆରେ ମାତିଥିଲେ। ଦୀର୍ଘ ସମୟ ପରେ ଡାକ୍ତର ଆସିଲା ବେଳକୁ ରୀତାଙ୍କ ମୃତ୍ୟୁ ହୋଇସାରିଥିଲା।

ଏହି ଘଟଣା ପ୍ରଚାରିତ ହେବା ପରେ ରବିବାର ସକାଳେ ମେଡିକାଲ କଲେଜ ପରିସର ଅଶାନ୍ତ ହୋଇଉଠିଥିଲା। ନାବାଳିକାଙ୍କ ପରିବାରକୁ ସମବେଦନା ଜଣାଇ ଭଞ୍ଜ ସେନାର କାର୍ଯ୍ୟକାରୀ ଅଧ୍ୟକ୍ଷ ରାକେଶ ସିଂ, ରାକେଶ ବେହେରା, ଜ୍ୟୋତି ରଞ୍ଜନ ପୃଷ୍ଟି ଓ ରବୀନ୍ଦ୍ର ସାହୁ ପ୍ରମୁଖ ଦାୟିତ୍ୱରେ ଅବହେଳା କରିଥିବା କର୍ମଚାରୀ ଓ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ମେଡିକାଲ କଲେଜ ମୁଖ୍ୟ ଫାଟକ ସମ୍ମୁଖରେ ନାବାଳିକାଙ୍କ ମୃତଦେହକୁ ରଖି ସକାଳ ୭ ଟା ବେଳେ ସେମାନେ ଧାରଣା ଦେଇଥିଲେ। ଖବରପାଇ ବାରିପଦା ସଦର ଏସଡିପିଓ କୃଷ୍ଣପ୍ରସାଦ ପଟ୍ଟନାୟକ ଓ ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାୟକ ଘଟଣାସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ଉତ୍ତେଜନା ଲାଗି ରହିଥିଲା। ଶେଷରେ ହସ୍ପିଟାଲ ମ୍ୟାନେଜର ସେଠାକୁ ଯାଇ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାରୁ ପୂର୍ବାହ୍ନ ୯ ଟାରେ ଆନ୍ଦୋଳନକାରୀମାନେ ଧାରଣାରୁ ଉଠିଥିଲେ। ମୃତା ନାବାଳିକା ନାଗରାଶୋଳ ହାଇସ୍କୁଲରେ ଏଥର ନବମ ଶ୍ରେଣୀ ପରୀକ୍ଷା ଦେଇଥିଲେ। ସେ ଭଲ ପାଠ ପଢୁଥିଲେ ବୋଲି ତାଙ୍କ ପରିବାର ଲୋକ କହିଛନ୍ତି।

ଧରିତ୍ରୀ
DHARITRI
ରାୟଗଡ଼ା,ସୋମବାର, ୧୦ ଜୁନ୍, ୨୦୧୯





# ସ୍ୱାସ୍ଥ୍ୟୋପକାରୀ ଗାଜର ପତ୍ର



ପୀତାମ୍ବର କର

ଗାଜରକୁ ସମସ୍ତେ ଅଳ୍ପ ବହୁତେ ଜାଣନ୍ତି। ଭୋଜିଭାତରେ ଏହାର ବହୁଳ ବ୍ୟବହାର ହୋଇଥାଏ। କିନ୍ତୁ ଏହାର ପତ୍ରର ବ୍ୟବହାର ବିଷୟରେ ଆମର ଧାରଣା କମ୍, ସାଧାରଣତଃ ଏହାର ପତ୍ରକୁ ବ୍ୟବହାର ନ କରି ନଷ୍ଟ କରିଥାଉ। କିନ୍ତୁ ପତ୍ରରେ ବହୁ ଔଷଧୀୟ ଗୁଣ ଅଛି। ଆସନ୍ତୁ, ଜାଣିବା ଏହାର ଔଷଧୀୟ ଗୁଣ ବିଷୟରେ।

❖ଏହି ପତ୍ରରେ କ୍ୟାଲୋରି, ଡାଇଟୋରି ତନ୍ତୁ, ପ୍ରୋଟିନ, ଜୀବସାର-ଏ, ସି, କ୍ୟାଲସିୟମ, ଲୌହ ପ୍ରଚୁର ପରିମାଣରେ ଥାଏ।

-ଗାଜରପତ୍ରକୁ ଖାଦ୍ୟରେ ନିୟମିତ ବ୍ୟବହାର କଲେ ଏହା ଶରୀରରେ ଟ୍ୟୁମରର କୋଷକୁ ବୃଦ୍ଧି କରିବାକୁ ଦେଇ ନ ଥାଏ।

❖ଖାଦ୍ୟରେ ନିୟମିତ ଗାଜରପତ୍ର ସାମିଲକଲେ ଶରୀରରେ ଅଧିକ ପାଣି ଜମାଟ ହେବାକୁ ଦେଇ ନ ଥାଏ। ଏହା ଶରୀରର ବର୍ଜ୍ୟବସ୍ତୁକୁ ପରିସ୍ରା ମାଧ୍ୟମରେ ବାହାରକୁ ବାହାର କରିବାରେ ସାହାଯ୍ୟ କରିଥାଏ।



❖କିଡ୍‌ନୀରେ ପଥୁରୀ ବା ଷ୍ଟୋନ ସମସ୍ୟା ଥିଲେ ପେଟରେ ଯନ୍ତ୍ରଣା ହୋଇଥାଏ, ଗାଜର ପତ୍ର ନିୟମିତ ସେବନ କଲେ ଏହା ଶରୀରକୁ ଡି-ଟୋକ୍‌ସିଫାୟ କରିବା ସହିତ କିଡ୍‌ନୀ ରକ୍ତରୁ କ୍ଷତିକାରକ ବର୍ଜ୍ୟବସ୍ତୁକୁ ଛାଣି ବାହାରକୁ କାଢ଼ିବା ଦ୍ୱାରା ଏହି ସମସ୍ୟାରୁ ମୁକ୍ତି ମିଳିଥାଏ।

❖ଏହା ଖାଦ୍ୟ ହଜମରେ ସାହାଯ୍ୟ କରିବା ସହିତ ଶରୀରରେ ନ୍ୟୁଟ୍ରିଏଣ୍ଟସକୁ ଆବ୍‌ଜରଭ କରିଥାଏ।

❖ଏଥିରେ ପୋଟାସିୟମ ପ୍ରଚୁର ପରିମାଣରେ ଥିବାରୁ ଏହା ରକ୍ତଚାପକୁ କମ୍ କରିବା ସହ ହୃଦ୍‌ଘାତ ଆଶଙ୍କା ଦୂରକରିଥାଏ, ଉଚ୍ଚ ରକ୍ତଚାପ ରୋଗୀ ନିୟମିତ ଖାଦ୍ୟରେ ଏହାକୁ ବ୍ୟବହାର କରିବା ଦରକାର।

❖ଗାଜର ପତ୍ରରେ ମ୍ୟାଗ୍ନେସିୟମ, ପୋଟାସିୟମ ଥିବାରୁ ଏହା ଶରୀରର ମାଂସପେଶୀକୁ ମଜଭୁତ କରିବା ସହ ରକ୍ତ ସଞ୍ଚାଳନକୁ ତ୍ୱରାନ୍ୱିତକରି ଶରୀରକୁ ଦିନତମାମ ଶକ୍ତି ପ୍ରଦାନ କରିଥାଏ। ଅଧିକ ପରିଶ୍ରମ କରୁଥିବା ବ୍ୟକ୍ତି ଗାଜରପତ୍ର ଖାଦ୍ୟରେ ବ୍ୟବହାର କରିବା ଦରକାର।

❖ଏହି ପତ୍ରରେ ଅଧିକ ପରିମାଣରେ କ୍ୟାଲସିୟମ, ମ୍ୟାଗ୍ନେସିୟମ ଓ ଜୀବସାର'କେ' ଥିବାରୁ ଏହା ହାଡ଼ର ଡେନ୍‌ସିଟି ବଢ଼ାଇବାରେ ସାହାଯ୍ୟ କରିଥାଏ। ଆଣ୍ଠୁଗଣ୍ଠି ରୋଗୀ ଏହାକୁ ଖାଦ୍ୟରେ ବ୍ୟବହାର କଲେ ସେମାନଙ୍କର ହାଡ଼ ସୁସ୍ଥ ରହିବା ସହ ଆଣ୍ଠୁଗଣ୍ଠି ସମସ୍ୟା ଦୂର ହୋଇଥାଏ।

❖ପତ୍ରରେ ଜୀବସାର'ଏ' ପ୍ରଚୁର ପରିମାଣରେ ଥିବାରୁ ଏହା ଆଖି ପାଇଁ ଅତି ଦରକାରୀ। ଆଖିରେ ସମସ୍ୟା ଥିଲେ ନିୟମିତ ଗାଜର ଓ ଗାଜରପତ୍ର ଖାଦ୍ୟରେ ବ୍ୟବହାର କରିବା ଦରକାର।

❖ରକ୍ତହୀନତା ରୋଗୀଙ୍କ ପାଇଁ ଏହା ମହୌଷଧି ପରି କାମ କରିଥାଏ। ଯଦି ପ୍ରତିଦିନ ଖାଦ୍ୟ ପ୍ରସ୍ତୁତିରେ ଏହାକୁ ବ୍ୟବହାର କରାଯାଏ ଏହା ଲାଲ ରକ୍ତକଣିକାରେ ହିମୋଗ୍ଲୋବିନ ପ୍ରସ୍ତୁତ କରିବାରେ ସାହାଯ୍ୟ କରିଥାଏ। ଫଳରେ ରକ୍ତହୀନତା ସମସ୍ୟାରୁ ମୁକ୍ତି ମିଳିଥାଏ।

❖ଏହା ପିଟ୍ୟୁଟାରି ଗ୍ଲାଣ୍ଡକୁ ଷ୍ଟିମୁଲେଟ କରି ସେକ୍ସ ହର୍‌ମୋନ ସ୍ଖଳନ କରିବାରେ ତ୍ୱରାନ୍ୱିତ କରିଥାଏ ଏବଂ ମହିଳାମାନଙ୍କର ମାସିକ ଋତୁସ୍ରାବକୁ କଣ୍ଟ୍ରୋଲ କରିଥାଏ। ଏହାର ପତ୍ରକୁ ଗର୍ଭବତୀ ସେବନ କରିବା ମନା।

❖ଗାଜରପତ୍ରକୁ ସାଲଟ କରି ବା ଜୁସ୍ କରି ସେବନକଲେ ଏହା ମାଇଗ୍ରେନ୍ ପରି ଯନ୍ତ୍ରଣାଦାୟକ ଅଧକପାଳି ବିନ୍ଧାରୁ ରକ୍ଷା କରିଥାଏ। କିଛିଦିନ ସେବନ କଲେ ଏହା ପୁନର୍ବାର ହୋଇ ନ ଥାଏ।

*-ମୁକୁନ୍ଦ ମିଶ୍ର ନଗର, ଗୋପୀନାଥପୁର, ପୁରୀ-୨*

# ଉପକାରୀ ଅଦା ରସ



ଅଦା ରସରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଯଦି ଜଣେ ବ୍ୟକ୍ତି ପ୍ରତିଦିନ ୧୦-୨୦ ମିଲିଲିଟର ଅଦା ରସରେ ଅଳ୍ପ ଗୁଡ଼ ମିଶାଇ ପିଅନ୍ତି ତେବେ ତାହା ଆଣ୍ଠୁଗଣ୍ଠି ଦରଦରୁ ଅନେକାଂଶରେ ଉପଶମ ଦେଇଥାଏ। ଅଦାରେ କ୍ୟାଲସିୟମ, ମ୍ୟାଗ୍ନେସିୟମ, ଜିଙ୍କ୍ ଏବଂ ମିନେରାଲ ଭରି ରହିଛି। ଆପଣ ଥଣ୍ଡାଜନିତ ସମସ୍ୟାରେ ପୀଡ଼ିତ କି ? ଯଦି ହଁ, ତେବେ ଅଦା ରସ, ମହୁ, ତୁଳସୀ ପତ୍ର ମିଶ୍ରିତ ଚା' ପିଇଲେ ତାହା କେବଳ ଥଣ୍ଡା, ନାକରୁ ପାଣି ଗଡ଼ିବା, ମୁଣ୍ଡ ବିନ୍ଧିବା କମାଇବାରେ ସାହାଯ୍ୟ କରିଥାଏ। ନିୟମିତ ଅଦା ରସ ସେବନ କଲେ ତାହା ପାଚନକ୍ରିୟାକୁ ଆହୁରି ଦୃଢ଼ କରିଥାଏ। ତା' ସହ ବଦହଜମି ସମସ୍ୟା ମଧ୍ୟ ଅନେକାଂଶରେ ଦୂର କରିଥାଏ।

# ସମସ୍ତଙ୍କ ପାଇଁ ସୁରକ୍ଷିତ ରକ୍ତ



ଚଳିତ ମାସ ୧୪ ତାରିଖ ହେଉଛି 'ବିଶ୍ୱ ରକ୍ତଦାତା ଦିବସ'। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା..





ଡା. ନିତ୍ୟାନନ୍ଦ ସ୍ୱାଇଁ

ରକ୍ତ ହେଉଛି ଈଶ୍ୱରଙ୍କର ଏକ ଅମୂଲ୍ୟ ଦାନ। କାରଣ ଏହାର କୌଣସି ବିକଳ୍ପ ନ ଥିବାରୁ ରକ୍ତ ବିନା ମଣିଷ ବଞ୍ଚିବା ସମ୍ଭବ ନୁହେଁ । ଦୁର୍ଘଟଣାଗ୍ରସ୍ତ ହୋଇ ବ୍ୟକ୍ତିର ଶରୀରରୁ ପ୍ରଚୁର ରକ୍ତକ୍ଷୟ ହୋଇଥିଲେ ରକ୍ତର ପରିମାଣ ଯଥେଷ୍ଟ କମିଯିବାରୁ ତା'ର ମୃତ୍ୟୁ ହୋଇଯାଇପାରେ । କିନ୍ତୁ ଯଥା ସମୟରେ ତାଙ୍କୁ ରକ୍ତ ଦିଆଯାଇପାରିଲେ ସେ ମୃତ୍ୟୁମୁଖରୁ ରକ୍ଷା ପାଇଯିବା ସମ୍ଭାବନା ଅଧିକ । ସେହିପରି ଥାଲାସିମିଆ, ହେମୋଫିଲିଆ, ସିକଲସେଲ ରୋଗ ଭୋଗୁଥିବା ରୋଗୀଙ୍କୁ ନିୟମିତ ରକ୍ତ ଦେବାକୁ ପଡ଼େ। ରକ୍ତହୀନତା, କ୍ୟାନ୍‌ସର ଓ ଅନ୍ୟାନ୍ୟ କେତେକ ରୋଗୀ ମଧ୍ୟ ଚିକିତ୍ସା ପାଇଁ ବହୁ ସମୟରେ ରକ୍ତ ଦରକାର କରିଥାନ୍ତି ।

"ରକ୍ତରେ ରହିଛି ଅଲଗା ଅଲଗା ଗ୍ରୁପ୍। ସାଧାରଣ ଭାବେ ଦେଖିଲେ ମୁଖ୍ୟ ରକ୍ତ ପ୍ରଣାଳୀକୁ କୁହାଯାଏ ଏବିଓ। ଏହି ପ୍ରଣାଳୀ ଅନୁସାରେ ରକ୍ତ ଗ୍ରୁପ୍ ୪ ପ୍ରକାର, ଯଥା: ଏ, ବି, ଏବି ଏବଂ ଓ। ଆମ ଭିତରୁ କାହାର ରକ୍ତ ଗ୍ରୁପ୍ 'ଏ' ତ କାହାର 'ବି', କାହାର 'ଏବି' ଏବଂ ଅନ୍ୟ କାହାର 'ଓ'। ଯାହାର ରକ୍ତ ଗ୍ରୁପ୍ ଯାହା, ସେ ସେହି ରକ୍ତଗ୍ରୁପ ଥିବା ବ୍ୟକ୍ତିଙ୍କଠାରୁ ସଂଗୃହୀତ ରକ୍ତ ନିରାପଦରେ ନେଇପାରେ। ତା' ଛଡ଼ା ଏବି ଗ୍ରୁପ୍‌ର ବ୍ୟକ୍ତି ଏ, ବି,ଏବି ଏବଂ ଓ - ଏହି ପ୍ରତ୍ୟେକ ଗ୍ରୁପ୍‌ର ବ୍ୟକ୍ତିଙ୍କଠାରୁ ରକ୍ତ ନେଲେ ସେଥିରେ କୌଣସି ସମସ୍ୟା ନାହିଁ। ପୁଣି 'ଓ' ରକ୍ତ ଗ୍ରୁପ୍ ଥିବା ବ୍ୟକ୍ତି ସମସ୍ତଙ୍କୁ ନିରାପଦରେ ରକ୍ତ ଦେଇପାରିବେ।"

ଅସ୍ତ୍ରୋପଚାର ସମୟରେ ରକ୍ତସ୍ରାବ ହେଉଥିବାରୁ ବହୁ କ୍ଷେତ୍ରରେ ରକ୍ତ ଦେଇ ରୋଗୀଙ୍କ ଅପରେଶନ କରାଯାଏ ଏବଂ ଅପରେଶନ ପରେ ମଧ୍ୟ ଆବଶ୍ୟକ ପଡ଼ିପାରେ ରକ୍ତ ସଂଚାରଣ।

ତେବେ ସମସ୍ୟାଟି ହେଉଛି, ଯେକୌଣସି ବ୍ୟକ୍ତିଠାରୁ ସଂଗୃହୀତ ରକ୍ତ ଯେକୌଣସି ବ୍ୟକ୍ତି ପାଇଁ ଉପଯୋଗୀ ହୋଇ ନ ପାରିବା ସମ୍ଭାବନା ଅଛି । କାରଣ ରକ୍ତରେ ରହିଛି ଅଲଗା ଅଲଗା ଗ୍ରୁପ। ସାଧାରଣ ଭାବେ ଦେଖିଲେ ମୁଖ୍ୟ ରକ୍ତ ପ୍ରଣାଳୀକୁ କୁହାଯାଏ ଏବିଓ । ଏହି ପ୍ରଣାଳୀ ଅନୁସାରେ ରକ୍ତ ଗ୍ରୁପ୍ ୪ ପ୍ରକାର, ଯଥା : ଏ, ବି, ଏବି ଏବଂ ଓ। ଆମ ଭିତରୁ କାହାର ରକ୍ତଗ୍ରୁପ୍ 'ଏ' ତ କାହାର 'ବି' , କାହାର 'ଏବି ' ଏବଂ ଅନ୍ୟ କାହାର 'ଓ'। ଯାହାର ରକ୍ତଗ୍ରୁପ୍ ଯାହା ସେ ସେହି ରକ୍ତଗ୍ରୁପ୍ ଥିବା ବ୍ୟକ୍ତିଙ୍କଠାରୁ ସଂଗୃହୀତ ରକ୍ତ ନିରାପଦରେ ନେଇପାରେ । ତା' ଛଡ଼ା ଏବି ଗ୍ରୁପ୍‌ର ବ୍ୟକ୍ତି ଏ, ବି, ଏବି ଏବଂ ଓ - ଏହି ପ୍ରତ୍ୟେକ ଗ୍ରୁପ୍‌ର ବ୍ୟକ୍ତିଙ୍କଠାରୁ ରକ୍ତ ନେଲେ ସେଥିରେ କୌଣସି ସମସ୍ୟା ନାହିଁ । ପୁଣି ଓ ରକ୍ତ ଗ୍ରୁପ୍ ଥିବା ବ୍ୟକ୍ତି ସମସ୍ତଙ୍କୁ ନିରାପଦରେ ରକ୍ତ ଦେଇପାରିବେ।

ରକ୍ତଦାନ ମହତ ଦାନ । ରୋଗୀ ପାଇଁ ରକ୍ତ ଦାନକଲେ ରକ୍ତଦାତାଙ୍କର କୌଣସି କ୍ଷତି ହୋଇ ନ ଥାଏ। କିନ୍ତୁ ସେ ଦାନ କରିଥିବା ରକ୍ତ ନେଇ ରୋଗୀର ଜୀବନ ରକ୍ଷା ହୋଇଥାଏ । ହେଲେ ରକ୍ତ ଦେବା ପାଇଁ ଅନେକେ ଖୁବ୍ ଭୟ କରିଥାନ୍ତି । ମାତ୍ର ରକ୍ତ ଦେବା ପାଇଁ ଭୟ କରିବା ଅଜ୍ଞତା ଭିନ୍ନ ଆଉ କିଛି ନୁହେଁ। ପୁଣି କେହି ସ୍ୱେଚ୍ଛାରେ ରକ୍ତ ଦେବା ନିମନ୍ତେ ଚାହିଁଲେ ବହୁ କ୍ଷେତ୍ରରେ ତାଙ୍କ ପରିବାର ଲୋକେ ଏହାର ବିରୋଧ କରିଥାନ୍ତି । ଫଳରେ ରକ୍ତ ଦେବା ନିମିତ୍ତ ଇଚ୍ଛୁକ ଥିବା ବ୍ୟକ୍ତି ନିରୁତ୍ସାହିତ ହୋଇପଡ଼େ ଓ ନିଜର ନିରାପତ୍ତା ସମ୍ପର୍କରେ ତା'ଠାରେ ସଂଶୟର ସୂତ୍ରପାତ ହୁଏ । ହେଲେ ଏଭଳି ଭୟ କି ସଂଶୟର ପଶ୍ଚାତରେ କୌଣସି ବିଜ୍ଞାନ ସମ୍ମତ କାରଣ ନାହିଁ। ବରଂ ରକ୍ତ ଦେବାକୁ ଚାହୁଁଥିବା ବ୍ୟକ୍ତି ରକ୍ତ ଦେବା ପାଇଁ ଅନୁପଯୁକ୍ତ ହୋଇଥିଲେ ରକ୍ତଭଣ୍ଡାରର ଡାକ୍ତରମାନେ ତାଙ୍କଠାରୁ ରକ୍ତ ସଂଗ୍ରହ କରି ନ ଥାନ୍ତି।

ସମସ୍ତେ ମନେରଖିବା ଉଚିତ, ଯେକୌଣସି ସୁସ୍ଥ ପୁରୁଷ ଓ ସୁସ୍ଥ ମହିଳା ରକ୍ତଦାନ କରିପାରିବେ । ରକ୍ତ ଦେବାରେ ଦାତାଙ୍କ ଶରୀରର ରଙ୍ଗ, ତାଙ୍କର ଜାତି, ସମ୍ପ୍ରଦାୟ ଓ ଜାତୀୟତା ଆଦୌ ବାଧକ ହୋଇ ନ ଥାଏ । ଯେକୌଣସି ସମ୍ପ୍ରଦାୟର ବ୍ୟକ୍ତି ଯେ କୌଣସି ସମ୍ପ୍ରଦାୟଭୁକ୍ତ ବ୍ୟକ୍ତିଙ୍କଠାରୁ ସଂଗୃହୀତ ରକ୍ତକୁ ନିରାପଦରେ ନେଇପାରିବେ । ପୁରୁଷ ରକ୍ତଦାତା ପ୍ରତି ତିନିମାସରେ ଓ ମହିଳା ରକ୍ତଦାତ୍ରୀ ପ୍ରତି ଚାରିମାସରେ ଥରେ ଲେଖାଏଁ ରକ୍ତ ଦାନକଲେ ସେମାନଙ୍କର କୌଣସି କ୍ଷତି ହୋଇ ନ ଥାଏ । କାରଣ ରକ୍ତ ଦେବାର ପରବର୍ତ୍ତୀ ଅଳ୍ପ କିଛିଦିନ ଭିତରେ ଦାତାଙ୍କର ଶରୀରରେ ତା'ର ଭରଣା ହୋଇଯାଏ । ପୁନଶ୍ଚ ରକ୍ତ ଦେଲେ ରକ୍ତଦାତାଙ୍କଠାରେ ଶରୀରର ରକ୍ତ ତିଆରି ଅଙ୍ଗମାନ ଅଧିକ ସକ୍ରିୟ ହୋଇଉଠନ୍ତି । ତା'ଛଡ଼ା ରକ୍ତ ନ ଦେଲେ ବି ରକ୍ତରେ ଥିବା କୋଷିକାଗୁଡ଼ିକର ଆୟୁକାଳ ସୀମିତ ହୋଇଥିବାରୁ ସେହି ଆୟୁକାଳ ପୂରିଗଲେ ସେଗୁଡିକ ନଷ୍ଟ ହୋଇଯାଏ ଏବଂ ତା'ର ଭରଣା କରିବା ନିମନ୍ତେ ଶରୀରରେ ତିଆରି ହୋଇପଡ଼େ ନୂତନ କୋଷିକାମାନ।

ରକ୍ତ ଦେଇସାରିବା ପରେ ରକ୍ତ ଦେଇଥିବା ଯୋଗୁ ଅଧିକ ଖାଦ୍ୟ ଖାଇବା ଦରକାର ପଡ଼େନି କି ଦାତାଙ୍କର ବିଶ୍ରାମ ନେବା ଦରକାର ପଡ଼େନି । ରକ୍ତଭଣ୍ଡାରରେ ରକ୍ତ ଦେବା ପାଇଁ ଯେତିକି ସମୟ ଲାଗେ, ସେହି ଅଳ୍ପ କିଛି ସମୟର ବ୍ୟୟକୁ ଛାଡ଼ିଦେଲେ ରକ୍ତ ଦାତାଙ୍କୁ ଆଉ କିଛି ବ୍ୟୟ କରିବା ପାଇଁ ପଡ଼ି ନ ଥାଏ। ରକ୍ତଦାନ ସହଜ, ନିରାପଦ ଏବଂ ସ୍ୱାସ୍ଥ୍ୟପ୍ରଦ ମଧ୍ୟ । ରକ୍ତ ଦେଲେ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ଉପରେ ଆଦୌ କୌଣସି ପ୍ରତିକୂଳ ପ୍ରଭାବ ପଡ଼େନି । ତେବେ ରକ୍ତଦାନ କରିବା ପାଇଁ ଚାହୁଁଥିବା ବ୍ୟକ୍ତିଙ୍କ ବୟସ ୧୮ରୁ ୬୫ ବର୍ଷ ଭିତରେ ହୋଇଥିବା ଆବଶ୍ୟକ ଏବଂ ତାଙ୍କ ରକ୍ତରେ ହିମୋଗ୍ଲୋବିନର ମାତ୍ରା ୧୦୦ ମିଲି ଲିଟର ରକ୍ତ ପିଛା ୧୨.୫ ଗ୍ରାମ କିମ୍ବା ତଦୂର୍ଦ୍ଧ୍ୱ ରହିଥିବା ଆବଶ୍ୟକ। ସେହିପରି ବ୍ୟକ୍ତି ସିଫିଲିସ୍, ମ୍ୟାଲେରିଆ, ଏଡ୍‌ସ୍, ହେପାଟାଇଟିସ, ଯକ୍ଷ୍ମା, ହୃଦ୍‌ରୋଗ, ବୃକ୍କ, ଫୁସ୍‌ଫୁସ୍ ଆଦି ଗୁରୁତର ରୋଗରେ ଆକ୍ରାନ୍ତ ହୋଇଥିଲେ ସେ ରକ୍ତଦାନ ପାଇଁ ଅନୁପଯୁକ୍ତ। ଗର୍ଭବତୀମାନଙ୍କଠାରୁ ମଧ୍ୟ ରକ୍ତଦାନ ପାଇଁ ରକ୍ତ ସଂଗ୍ରହ କରାଯାଇ ନ ଥାଏ।

ଏକ ଅନୁଧ୍ୟାନରୁ ଜଣାଯାଇଛି ଯେ, ପ୍ରତି ୨ ମିନିଟ୍‌ରେ କେହି ନା କେହି ରକ୍ତ ଦରକାର କରିଥାନ୍ତି । ତେଣୁ ରକ୍ତଦାନ ପାଇଁ ପ୍ରତ୍ୟେକ ଯୋଗ୍ୟ ବ୍ୟକ୍ତି ବର୍ଷକୁ ଅନ୍ତତଃ ୩ ଥର ରକ୍ତ ଦାନ କରିପାରିଲେ ସଞ୍ଚାରଣ ନିମନ୍ତେ ରକ୍ତ ଅଭାବର ସମସ୍ୟା ଦୂରୀଭୂତ ହୋଇପାରିବ । ଅନେକ ଜୀବନ ମଧ୍ୟ ରକ୍ଷା ପାଇଯିବ। ପ୍ରତିବର୍ଷ ପୃଥିବୀରେ ପାଖାପାଖି ୧୧କୋଟି ୟୁନିଟ୍ ରକ୍ତ ସଂଗୃହୀତ ହେଉଥିଲେ ମଧ୍ୟ ନାନା କାରଣରୁ ଟ୍ରାନ୍ସଫ୍ୟୁଜନ ବା ପରିସଞ୍ଚାଳନ ନିମନ୍ତେ ସୁରକ୍ଷିତ ରକ୍ତ ଯୋଗାଣ ଆଜି ବି ଅପର୍ଯ୍ୟାପ୍ତ।

ବିଶ୍ୱର ଉନ୍ନତ ଦେଶଗୁଡ଼ିକରେ ଅଧିକାଂଶ ରକ୍ତଦାତା ସ୍ୱେଚ୍ଛାରେ ରକ୍ତଦାନ କରିଥାନ୍ତି। ବିଶେଷକରି ସେସବୁ ଦେଶରେ ଯଥେଷ୍ଟ ପରିମାଣର ରକ୍ତ ସଂଗୃହୀତ ହୋଇଥାଏ ସ୍ୱେଚ୍ଛା ରକ୍ତଦାତା ଏବଂ ମାଗଣା ରକ୍ତଦାତାଙ୍କଠାରୁ । ମାତ୍ର ଅନ୍ୟ କେତେକ ଦେଶରେ ରୋଗୀ ପରିବାରର ସଦସ୍ୟମାନଙ୍କଠାରୁ କିମ୍ବା ଟଙ୍କା ବିନିମୟରେ ହେଉଥିବା ବ୍ୟକ୍ତିଙ୍କଠାରୁ ସଂଗୃହୀତ ହୋଇଥାଏ ରକ୍ତ।


ଯେଉଁମାନେ ନିଜ ଇଚ୍ଛାରେ ଓ ବିନା ମୂଲ୍ୟରେ ରକ୍ତଦାନ କରିଥାନ୍ତି, ସେମାନଙ୍କଠାରୁ ସଂଗ୍ରହ କରାଯାଉଥିବା ରକ୍ତ ହେଉଛି ସବୁଠାରୁ ନିରାପଦ ଓ ସର୍ବୋତ୍କୃଷ୍ଟ। ଅର୍ଥ ବିନିମୟରେ ରକ୍ତଦାନ କରିବା ସମ୍ପୂର୍ଣ୍ଣ ଅନୁଚିତ କାର୍ଯ୍ୟ। ଯେଉଁମାନେ ଅର୍ଥ ଲୋଭରେ ରକ୍ତ ବିକ୍ରି କରିଥାନ୍ତି, ସେମାନେ ସମାଜରେ ଏଡ୍‌ସ, ହେପାଟାଇଟିସ୍ 'ବି' ଓ ହେପାଟାଇଟିସ୍ 'ସି' ଭଳି ମାରାତ୍ମକ ରୋଗର ସଂକ୍ରମଣକୁ ସୁଗମ କରିଦେଇଥାନ୍ତି। କାରଣ ରକ୍ତ ସଞ୍ଚାରଣ ମାଧ୍ୟମରେ ଏଡ୍‌ସ, ହେପାଟାଇଟିସ ଆଦି ଭୟଙ୍କର ରୋଗ ଜାତ ହେବା ଆଶଙ୍କା ଥିବାରୁ ରକ୍ତଦାତାଙ୍କଠାରୁ ସଂଗୃହୀତ ରକ୍ତ କଠୋର ପରୀକ୍ଷା ନିରୀକ୍ଷା ପରେ ହିଁ ରୋଗୀଙ୍କୁ ଦିଆଯାଇଥାଏ।

ବିନାମୂଲ୍ୟରେ ଓ ସ୍ୱେଚ୍ଛାରେ ରକ୍ତଦାନ କରିଥିବା ବ୍ୟକ୍ତିମାନଙ୍କୁ ସେମାନଙ୍କର ଏଭଳି ମହାନ୍ କାର୍ଯ୍ୟପାଇଁ କୃତଜ୍ଞତା ପ୍ରକାଶ କରିବା ଏବଂ ସାଧାରଣ ଜନତାଙ୍କ ମନରୁ ରକ୍ତଦାନ ସମ୍ପର୍କିତ ଭ୍ରାନ୍ତ ଧାରଣାଗୁଡିକୁ ଦୂରକରି ସେମାନଙ୍କୁ ରକ୍ତଦାନ ନିମିତ୍ତ ଅନୁପ୍ରାଣିତ କରିବା ଉଦ୍ଦେଶ୍ୟରେ ୨୦୦୪ ମସିହାଠାରୁ ପାଳିତ ହୋଇଆସୁଛି ବିଶ୍ୱ ରକ୍ତଦାତା ଦିବସ। ପ୍ରତିବର୍ଷ ଜୁନ୍ ୧୪ ତାରିଖରେ ଏହି ଦିବସଟି ସାରା ବିଶ୍ୱରେ ପାଳନ କରାଯାଇଥାଏ। ଏହାର ପୃଷ୍ଠପୋଷକତା କରିଥାନ୍ତି ବିଶ୍ୱ ସ୍ୱାସ୍ଥ୍ୟସଂସ୍ଥା। ତେବେ ଜୁନ ୧୪ ତାରିଖକୁ ଏଥିପାଇଁ ନିର୍ବାଚନ କରିବାର ତାତ୍ପର୍ଯ୍ୟ କ'ଣ ? ଏହି ଦିବସଟି ହେଉଛି ରକ୍ତର 'ଏ','ବି,' 'ଏବି' ଏବଂ 'ଓ' ଗ୍ରୁପ୍ ବା ଏବିଓ ପ୍ରଣାଳୀର ଆବିଷ୍କର୍ତ୍ତା ଅଷ୍ଟ୍ରିଆର ଡାକ୍ତର କାର୍ଲ ଲ୍ୟାଣ୍ଡଷ୍ଟେନରଙ୍କ ଶୁଭ ଜନ୍ମତିଥି। ସେ ଭୂମିଷ୍ଠ ହୋଇଥିଲେ ୧୮୬୮ ମସିହାରେ ଓ ତାଙ୍କର ଏହି ଅସାଧାରଣ ଆବିଷ୍କାର ପାଇଁ ତାଙ୍କୁ ପ୍ରଦାନ କରାଯାଇଥିଲା ୧୯୩୦ ମସିହାର ଚିକିତ୍ସା ବିଜ୍ଞାନ ନୋବେଲ ପୁରସ୍କାର। ଆଧୁନିକ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ରକ୍ତ ସଞ୍ଚାରଣର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତଥା ସୁଦୂରପ୍ରସାରୀ।

ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନକାଳ ଭିତରେ ଅନ୍ତତଃ ଥରେ ରକ୍ତଦାନ କରିବା ଭଳି ମହତ୍ କାର୍ଯ୍ୟରେ ସମ୍ପୃକ୍ତ ରହିବା ବାଞ୍ଛନୀୟ। ରକ୍ତଦାନ କରିବା ନିମନ୍ତେ ଆପଣ କାହାର ଅନୁରୋଧକୁ ଅପେକ୍ଷା କରନ୍ତୁନାହିଁ। ବରଂ ମୁଁ କେତେବେଳେ ରକ୍ତ ଦେବି ବୋଲି ନିଜ ତରଫରୁ ଅନୁରୋଧ ଜଣାନ୍ତୁ ରକ୍ତଭଣ୍ଡାର କର୍ତ୍ତୃପକ୍ଷଙ୍କ ନିକଟରେ।

*-ଅଭୀପ୍ସା, ସେକ୍ଟର-୬, ପ୍ଲଟ୍ ନଂ - ୧୧୩୧, ଅଭିନବ ବିଡ଼ାନାସୀ, କଟକ, ମୋ : ୯୪୩୭୭୬୬୧୧୭*

# ଷ୍ଟୋମାକ କ୍ୟାନ୍‌ସର ଚିହ୍ନିବାର ନୂଆ ଉପାୟ




ଷ୍ଟୋମାକ କ୍ୟାନ୍‌ସରର ଆଦ୍ୟାବସ୍ଥାରୁ ଚିକିତ୍ସା କରାଇଲେ ଏଥିରୁ ଆରୋଗ୍ୟ ଲାଭ କରିବାର କିଛି ଅଂଶ ସୁଯୋଗ ରହିଛି। ହେଲେ ଏହା ଜଟିଳ ଅବସ୍ଥା ଧାରଣ କରିଥିଲେ ଏହି ଆଶା ପ୍ରାୟ କ୍ଷୀଣ। ତେବେ ଷ୍ଟୋମାକ କ୍ୟାନ୍‌ସରକୁ ଚିହ୍ନଟ କରିବାର ଏକ ନୂଆ ଉପାୟ ନିକଟରେ ଖୋଜି ପାଇବାରେ ସକ୍ଷମ ହୋଇଛନ୍ତି ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ। ସେମାନେ ଦୀର୍ଘ ୪ବର୍ଷ ଏପରି ବିଷୟବସ୍ତୁ ଉପରେ ଗବେଷଣାକରି ଏ କଥା ଜାଣିପାରିଛନ୍ତି। ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି ଯେ, ଜଣେ ବ୍ୟକ୍ତିଙ୍କର ଶ୍ୱାସକ୍ରିୟାରୁ ଏହି କ୍ୟାନ୍‌ସର ବିଷୟରେ କେତେକାଂଶରେ ସୂଚନା ମିଳିପାରିବ। ଗବେଷଣା ସମୟରେ ସେମାନେ ଏହାର ପରିସରଭୁକ୍ତ କେତେଜଣ ବ୍ୟକ୍ତିଙ୍କର ଶ୍ୱାସକ୍ରିୟାକୁ ତନ୍ନ ତନ୍ନ କରି ପରୀକ୍ଷା ନିରୀକ୍ଷା କରିଥିଲେ। ଏହି ସମୟରେ ସେମାନେ ଶ୍ୱାସକ୍ରିୟାର ପାଞ୍ଚଟି ରାସାୟନିକ ତତ୍ତ୍ୱକୁ ଗୁରୁତ୍ୱ ଦେଇଥିଲେ। ଏଥିରୁ ସେମାନେ ଷ୍ଟୋମାକ କ୍ୟାନ୍‌ସରର ଲକ୍ଷଣ ସମ୍ପର୍କରେ କେତେକ ତଥ୍ୟ ଜାଣିବାକୁ ପାଇଥିଲେ।

## ସ୍ୱାସ୍ଥ୍ୟ ସୂଚନା

■ଦାନ୍ତ ପରିଷ୍କାର ନ ରହିଲେ ତାହା ଦାନ୍ତ ଏବଂ ମାଢ଼ିଜନିତ ରୋଗ ସୃଷ୍ଟି କରିଥାଏ। ତେଣୁ ଭଲ ଭାବରେ ଦାନ୍ତ ଘଷନ୍ତୁ। କେତେକେ ଏହି କାମକୁ ଚଟାପଟ ଶେଷ କରିଦେଇଥାଆନ୍ତି। ଅତିକମ୍‌ରେ ଦୁଇ ମିନିଟ୍ ଦାନ୍ତ ଘଷନ୍ତୁ।

■ସୁସ୍ଥ ରହିବା ପଛରେ ବିଶ୍ରାମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ପ୍ରତିଦିନ ଅତିକମ୍‌ରେ ୬-୭ଘଣ୍ଟା ଶୁଅନ୍ତୁ।

■ବୟସ ବଢ଼ିବା ସହ କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଦେଇଥାଏ। ଏହାକୁ କଦାପି ଅବହେଳା କରନ୍ତୁ ନାହିଁ। ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

■କାର୍ଯ୍ୟବ୍ୟସ୍ତତା ଭିତରେ ଅନେକେ ଖାଦ୍ୟପେୟ ପ୍ରତି ଠିକ୍ ଭାବରେ ନଜର ଦେଇପାରି ନ ଥାନ୍ତି। ଏହାଦ୍ୱାରା ଗ୍ୟାଷ୍ଟ୍ରିକ୍, ପାଚନକ୍ରିୟାଜନିତ ସମସ୍ୟା ଦେଖାଦେଇଥାଏ। ତେଣୁ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ କିଛି ଖାଆନ୍ତୁ।

■କୌଣସି ରୋଗ ଉପରେ କିମ୍ବା ଔଷଧ ଉପରେ ଯଦି ଆପଣ ଠିକ୍ ଭାବରେ ଜାଣିନାହାନ୍ତି ତେବେ ଅନ୍ୟମାନଙ୍କୁ ଏ ନେଇ ପରାମର୍ଶ ନ ଦେବା ଭଲ।





“ ବିଶ୍ୱ ବାଣିଜ୍ୟ ସଙ୍ଗଠନର ସଂସ୍କାର ପଦକ୍ଷେପ ଏହାର ମୂଳ ଉଦ୍ଦେଶ୍ୟକୁ ଗୌଣ୍ୟ କରିବା ଅନୁଚିତ।

– ପୀୟୁଷ ଗୋଏଲ, କେନ୍ଦ୍ର ରେଳ ମନ୍ତ୍ରୀ



“ ରାଜପଥ ନିର୍ମାଣରେ ନିଜର ଯୋଗଦାନ ଲାଗି ଘରୋଇ କ୍ଷେତ୍ରକୁ ସରକାର ଉତ୍ସାହିତ କରୁଛନ୍ତି।

– ନୀତିନ ଗଡକରି, କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ

## ସଂକ୍ଷେପରେ

### ଜୁନ୍ ୨୦ରେ ଜିଏସ୍‌ଟି ପରିଷଦ ବୈଠକ




**ନୂଆଦିଲ୍ଲୀ,୯-୬:** ଚଳିତ ମାସ ୨୦ତାରିଖରେ ଜିଏସ୍‌ଟି ପରିଷଦ ବୈଠକ ଅନୁଷ୍ଠିତ ହେବ। ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଅଧୀନରେ ୫୦ କୋଟି ଟଙ୍କାର କାରବାରକୁ ଇ-ଇନଭଏସ୍ ସୀମା ଭାବେ ଲାଗୁ କରିବା ଲାଗି ବୈଠକରେ ନିଷ୍ପତ୍ତି ହୋଇପାରେ। ଟିକସ ଠକେଇକୁ ରୋକିବା ଦିଗରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଉଥିବା ବେଳେ ବିଜ୍‌ନେସ-ଟୁ-ବିଜ୍‌ନେସ (ବିଟୁବି) କ୍ଷେତ୍ରରେ ଏହା ଲାଗୁ କରିବା ନେଇ ପ୍ରସ୍ତାବ ରହିଛି ବୋଲି ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ରାଜ୍ୟଗୁଡିକର ମତାମତ ଗ୍ରହଣ ପରେ ପରିଷଦ ଏହା ଉପରେ ନିଷ୍ପତ୍ତି ଗ୍ରହଣ କରିବ। ରିଟର୍ନ ଫାଇଲିଂ ତଥ୍ୟ ମୁତାବକ ୬୮,୦୪୧ ବାଣିଜ୍ୟ ସଂସ୍ଥା ସେମାନଙ୍କ କାରବାର ୫୦ କୋଟି ଟଙ୍କା ରହିଥିବା ଦର୍ଶାଇଛନ୍ତି। ଆଦାୟ ହୋଇଥିବା ମୋଟ ଜିଏସ୍‌ଟି କ୍ଷେତ୍ରରେ ଏହି ସଂସ୍ଥାଗୁଡିକର ଅଂଶ ୬୬.୬% ରହିଛି।

### ପାକିସ୍ତାନରୁ ଆମଦାନୀ ସାମଗ୍ରୀ ୯୨% ହ୍ରାସ



**ନୂଆଦିଲ୍ଲୀ,୯-୬:** ଚଳିତବର୍ଷ ମାର୍ଚ୍ଚ ମାସରେ ଦେଶ ମଧକୁ ପାକିସ୍ତାନରୁ ଆମଦାନୀ ୯୨% ହ୍ରାସ ଘଟି ୨.୮୪ ନିୟୁତ ରହିଛି। ପୁଲୱାମା ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପାକିସ୍ତାନରୁ ଆସୁଥିବା ସାମଗ୍ରୀ ଉପରେ ୨୦୦% ଟିକସ ଲାଗୁ କରିଥିଲା। ଏହା ପରେ ସେଠାରୁ ଭାରତକୁ ହେଉଥିବା ସାମଗ୍ରୀ ରପ୍ତାନି ଉପରେ ଏହାର ପ୍ରଭାବ ପରିଲକ୍ଷିତ ହୋଇଛି। ଭାରତ ଫେବୃୟାରୀ ୧୬ରେ ଏଭଳି କଠୋର ପଦକ୍ଷେପ ନେଇଥିଲା। ପାକିସ୍ତାନରୁ ଆସୁଥିବା କପା, ପନିପରିବା, ସିମେଣ୍ଟ, ପେଟ୍ରୋଲିୟମ ସାମଗ୍ରୀ ଏବଂ ଖଣିଜ ସମେତ ଅନ୍ୟ ସମସ୍ତ ସାମଗ୍ରୀ ଉପରେ ସରକାର ଆମଦାନୀ ଟିକସକୁ ବଢାଇବା ଲାଗି ନିଷ୍ପତ୍ତି ନେଇଥିଲେ। ବାଣିଜ୍ୟ ମନ୍ତ୍ରଣାଳୟ ତଥ୍ୟ ମୁତାବକ ଭାରତ ପାକିସ୍ତାନଠାରୁ ୨୦୧୮ ମାର୍ଚ୍ଚରେ ୩୪.୬୧ ନିୟୁତ ଡଲାରର ସାମଗ୍ରୀ ଆମଦାନୀ କରିଥିଲା। ଚଳିତ ବର୍ଷ ମାର୍ଚ୍ଚରେ ପାକିସ୍ତାନରୁ ଆସିଥିବା ମୋଟ ୨.୮୪ ନିୟୁତ ଡଲାର ସାମଗ୍ରୀ ମଧ୍ୟରୁ କପାର ଅଂଶ ୧.୧୯ ନିୟୁତ ଡଲାର ରହିଛି। ଭାରତ ଏହି ସମୟ ମଧ୍ୟରେ ପାକିସ୍ତାନରୁ ପ୍ଲାଷ୍ଟିକ, କପଡା, ପାପାରେଲ ସାମଗ୍ରୀ, କେମିକାଲ, ଓଲ୍ ଏବଂ ପାରମ୍ପରିକ ଫିଲାମେଣ୍ଟ ଭଳି ପ୍ରଡକ୍ଟ ଏବଂ ସାମଗ୍ରୀ ମଗାଇଛି। ୨୦୧୮-୧୯ ଜାନୁୟାରୀ-ମାର୍ଚ୍ଚ ସମୟ ମଧ୍ୟରେ ପାକିସ୍ତାନରୁ ଆମଦାନୀ ୪୭% ହ୍ରାସ ହୋଇ ୫୩.୬୫ ନିୟୁତ ଡଲାର ରହିଛି। ସେହିଭଳି ପାକିସ୍ତାନକୁ ଭାରତର ରପ୍ତାନି ୩୨% କମିବା ଫଳରେ ଏହା ୧୭୧.୩୪ ନିୟୁତ ଡଲାର ରହିଛି। ୨୦୧୮-୧୯ରେ ପାକିସ୍ତାନକୁ ମୋଟ ରପ୍ତାନି ୭.୪% ବଢି ୨ ବିଲିୟନ ଡଲାର ଛୁଇଁଛି।

## ଆଇଏଲ୍‌ଆଣ୍ଡଏଫ୍‌ଏସ୍ ମାମଲା

# ସାମ୍ନାକୁ ଆସିଲା ଅଡିଟରଙ୍କ କାରସାଦି

**ନୂଆଦିଲ୍ଲୀ,୯-୬**

- ୨୦୧୭ରେ ଜାଣିପାରିଥିଲେ ହ୍ୱିସିଲବ୍ଲୋୟର
- ଶୀର୍ଷ ମ୍ୟାନେଜମେଣ୍ଟ ଅଭିଯୋଗକୁ ଅଣଦେଖା କରିଥିଲା
- ଅଡିଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କୁହାଗଲା




ଋଣ ସଙ୍କଟରେ ଫସିଥିବା ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ରେ ନୂଆ ନୂଆ ଘଟଣା ସାମ୍ନାକୁ ଆସୁଛି। କମ୍ପାନୀକୁ ଗୋଷ୍ଠୀଗତ ଭାବେ ଲୁଟ କରାଯାଇଥିବା ବେଳେ ଏହି ଧାରାରେ ଅଡିଟରମାନେ ମଧ ସମ୍ପୃକ୍ତ ଥିବା ତଦନ୍ତରୁ ସାମ୍ନାକୁ ଆସିଛି। ଅଡିଟରମାନେ କେବଳ କମ୍ପାନୀର ଶୀର୍ଷ ପଦାଧିକାରୀଙ୍କ ସହ ମିଳିତ ହୋଇ ନ ଥିଲେ। ସେମାନଙ୍କ ନିଜ କମ୍ପାନୀର କେତେକ ଉତ୍ପାଦ ଏବଂ ସେବାକୁ ବିକ୍ରି କରିବାକୁ ଚେଷ୍ଟା କରିଥିବା ଏବେ ନଜରକୁ ଆସିଛି। ଜଘନ୍ୟ ଅପରାଧ ତଦନ୍ତ କାର୍ଯ୍ୟାଳୟ(ଏସ୍‌ଏଫ୍‌ଆଇଓ) ଆଇଏଲ୍‌ଏଫ୍‌ଏସ୍ ସମୂହ କମ୍ପାନୀ ଆଇଏଲ୍‌ଆଣ୍ଡଏଫ୍‌ଏସ୍ ଫାଇନାନ୍ସିଆଲ ସର୍ଭିସେସ ଲିମିଟେଡର ଯାଞ୍ଚ କରୁଛି। ଅଡିଟର, ଅଡିଟ ପରିଷଦ ଏବଂ ଶୀର୍ଷ ମ୍ୟାନେଜମେଣ୍ଟ ସ୍ତରରେ ବିଭିନ୍ନ ବେଆଇନ କାର୍ଯ୍ୟକଳାପ ସମ୍ପର୍କରେ ଏସ୍‌ଏଫ୍‌ଆଇଓ ଜାଣିବାକୁ ପାଇଛି। ବର୍ତ୍ତମାନ ସୁଦ୍ଧା ସରକାର ଆଇଏଲ୍‌ଆଣ୍ଡଏଫ୍‌ଏସ୍ ଗ୍ରୁପର ପୁନରୁଦ୍ଧାର ଲାଗି ନୂଆ ବୋର୍ଡ ନିଯୁକ୍ତ କରିଛନ୍ତି। ୨୦୧୭ରେ କମ୍ପାନୀରେ ହେଉଥିବା ବେଆଇନ କାର୍ଯ୍ୟକଳାପ ନେଇ ହ୍ୱିସିଲବ୍ଲୋୟର ଜାଣିବା ପରେ ଘଟଣା ଉପରୁ ପର୍ଦ୍ଦା ହଟାଇବା ଲାଗି କହିଥିଲେ। ଏହି ସମୟରେ ଅଡିଟ ବ୍ୟବସ୍ଥା ଉପରେ ଧ୍ୟାନ ଦେଇଥିଲେ ପ୍ରକୃତ ଘଟଣା ସାମ୍ନାକୁ ଆସିଥାନ୍ତା। ମାତ୍ର ଶୀର୍ଷ ମ୍ୟାନେଜମେଣ୍ଟ କଥାକୁ ଅଣଦେଖା କରିବା ସହ ଚପାଇ ରଖିଥିଲା। ଫଳରେ ଅଭିଯୋଗ ହୋଇଥିଲେ ଏହି ପ୍ରସଙ୍ଗ ଆଗକୁ ବଢି ନ ଥିଲା ବୋଲି ଏସ୍‌ଏଫ୍‌ଆଇଓ କହିଛି।

ଏହି ମାମଲାରେ ଏସ୍‌ଏଫ୍‌ଆଇଓ ପ୍ରାୟ ୪୦୦ ସଂସ୍ଥାର ତଥ୍ୟକୁ ତଦନ୍ତ ପରିସରଭୁକ୍ତ କରିଛି। କମ୍ପ୍ୟୁଟର ଏବଂ ଲ୍ୟାପଟପ ସମେତ ବିଭିନ୍ନ କ୍ଷେତ୍ରରୁ ତଦନ୍ତ ଏଜେନ୍ସି ପ୍ରମାଣ ସଂଗ୍ରହ କରିଛି। ଏହା ପରେ ଚାର୍ଜଶିଟ ଦାଏର କରାଯାଇଛି। ଅଡିଟ କରୁଥିବା ଡିଲଏଟ, ହାସକିନ୍ସ ଆଣ୍ଡ ସେଲ୍‌ସ ଭଳି ସଂସ୍ଥା ଋଣଦାତାଙ୍କ ସହ ହେଉଥିବା ଠକେଇ ସମ୍ପର୍କରେ ପୂର୍ବରୁ ଜାଣିଥିଲେ। ବିଶେଷ କରି ସୁଧବାବଦ ଅର୍ଥ ପ୍ରଦାନ ଏବଂ ମୂଳ ଟଙ୍କା ପୈଠ ବେଳେ ଖିଲାପ ଏବଂ ବେଆଇନ କାର୍ଯ୍ୟକଳାପ ସମ୍ପର୍କରେ ମଧ ଅଡିଟର ଜାଣିବାକୁ ପାଇଥିଲେ ମଧ ଏଥି ସମ୍ପର୍କରେ କିଛି କଥା ସାମ୍ନାକୁ ଆଣି ନ ଥିଲେ।

ଯାଞ୍ଚ ଏଜେନ୍ସି ଦେଇଥିବା ସୂଚନା ମୁତାବକ ଆସେଟ ବୁକ୍‌କୁ ଲଗାତର ଭାବେ ଅଣଦେଖା କରିବା, ବର୍ଷ ବର୍ଷ ଧରି ଋଣ ଅସୁଲ କରିବାରେ ବିଳମ୍ବ କରିବା ଭଳି ଘଟଣା ଘଟିଛି। ଏହା ସବୁ ଶୀର୍ଷ ମ୍ୟାନେଜମେଣ୍ଟର ଗୋଚରରେ ହେଉଥିଲା। ଡିଲଏଟ ଗ୍ରୁପ ଏହାର ଏକ କନସଲଟିଂ ଫାର୍ମ ଡିଲଏଟ ଟଚେ ତୋମାସ୍ତୁ ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ଏକ ପ୍ରଡକ୍ଟ କିଣିବାକୁ ଆଇଏଲ୍‌ଆଣ୍ଡଏଫ୍‌ଏସ୍‌କୁ କହିଥିଲା। ଜୁନ ୨୦୧୭ର ଏକ ଇମେଲରୁ ଏହା ଜଣା ଯାଇଛି। ଋଣ ଅର୍ଥ ଠିକ୍ ଭାବେ ଖର୍ଚ୍ଚ ହେଉଛି କି ନାହିଁ ଏହାକୁ ଠିକ୍ ଭାବେ ତର୍ଜମା ମଧ କରାଯାଉ ନ ଥିଲା। ଏହି ମାମଲାରେ ସମ୍ପୃକ୍ତ ଥିବା ଅଡିଟରଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଏସ୍‌ଏଫ୍‌ଆଇଓ କହିଛି। ଘଟଣା ଉପରୁ ପର୍ଦ୍ଦା ହଟାଇବା ଲାଗି କାହିଁକି ବିଳମ୍ବ ଘଟିଛି ସେ ନେଇ ରିଜର୍ଭ ବ୍ୟାଙ୍କ ଦ୍ୱାରା ତଦନ୍ତ କରାଇବାକୁ ପ୍ରସ୍ତାବ ଦିଆଯାଇଛି।

ଆଇଏଫ୍‌ଆଇଏନ୍ ମାମଲା ପଛରେ ୯ ସଦସ୍ୟ ବିଶିଷ୍ଟ ଏକ ଗୋଷ୍ଠୀ ସାମିଲ ରହିଥିବା ଏସ୍‌ଏଫ୍‌ଆଇଓ ଏହାର ପ୍ରଥମ ଚାର୍ଜଶିଟରେ ଦର୍ଶାଇଛି। ଷ୍ଟାଟୁଟୋରୀ ଅଡିଟରଙ୍କ ବାଦ ସ୍ୱାଧୀନ ନିର୍ଦ୍ଦେଶକମାନେ ମଧ ଗୋପନୀୟ ଭାବେ ବେଆଇନ କାର୍ଯ୍ୟକଳାପରେ ସାମିଲ ଥିଲେ। ଅଡିଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନ୍ୟାଶନାଲ ଫାଇନାନ୍ସିଆଲ ରିପୋର୍ଟିଂ ଅଥରିଟି(ଏନ୍‌ଏଫ୍‌ଆର୍‌ଏ) ଏବଂ ଇନଷ୍ଟିଚ୍ୟୁଟ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ ଅଫ୍ ଇଣ୍ଡିଆ(ଆଇସିଏଆଇ) କାର୍ଯ୍ୟାନୁଷ୍ଠାନ ନେଉ ବୋଲି କୁହାଯାଇଛି। ମାମଲାରେ ୩୦ ସଂସ୍ଥା ଏବଂ ବ୍ୟକ୍ତି ବିଶେଷଙ୍କ ବିରୋଧରେ ଚାର୍ଜଶିଟ ହୋଇଛି। ବର୍ତ୍ତମାନ ସୁଦ୍ଧା ଏଥିରେ ସମ୍ପୃକ୍ତ କିଛି ବ୍ୟକ୍ତି ବିଚାର ବିଭାଗୀୟ ହାଜତରେ ରହିଛନ୍ତି।

## ଗ୍ରାହକ ସମ୍ପର୍କ ବୃଦ୍ଧି ଲାଗି ଏଲ୍‌ଜିର ପଦକ୍ଷେପ

**ଭୁବନେଶ୍ୱର,୯-୬**




ପ୍ରମୁଖ କମ୍ପାନୀ ଏଲ୍‌ଜି ପକ୍ଷରୁ ଗ୍ରାହକ ସମ୍ପର୍କ ବୃଦ୍ଧି କରିବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥି ଲାଗି କମ୍ପାନୀ ଇନଫୋବିପ ସହ ମିଳିତ ହୋଇଛି। ବିକ୍ରି ପରବର୍ତ୍ତୀ ସେବା କ୍ଷେତ୍ରରେ ହ୍ୱାଟସ ଆପ୍ ବିଜନେସ ସଲ୍ୟୁଶନକୁ ବ୍ୟବହାର କରିବା ଦିଗରେ କମ୍ପାନୀ ଗୁରୁତ୍ୱ ଦେଇଛି। ଏହି ପଦକ୍ଷେପ ମୁତାବକ ଗ୍ରାହକମାନେ ଏଲ୍‌ଜିର କଷ୍ଟମର କେୟାରକୁ ଟୁଓ୍ୱେ ଡାଏଲଗ ଦ୍ୱାରା ମେସେଜ ପ୍ରେରଣ କରିବାକୁ ସକ୍ଷମ ହେବେ। ମେଟ୍ରୋ ସମେତ ଦେଶର ପ୍ରତି ସହରର ଗ୍ରାହକଙ୍କ ସହ ଯୋଡି ହେବାକୁ କମ୍ପାନୀ ଏହା ଦ୍ୱାରା ସକ୍ଷମ ହେବ ବୋଲି କହିଛି। ଗ୍ରାହକ ଅଭିଯୋଗ ଲାଗି ଲମ୍ବା ଲାଇନରେ ଛିଡା ହେବାକୁ ପଡିବ ନାହିଁ। ଦ୍ରୁତ ଭାବେ ଏଲଜି ସହ କଥା ହେବାକୁ ଏହା ସହାୟତା କରିବ। ଏହା ଛବି, ଲିଙ୍କ ଏବଂ ଡକ୍ୟୁମେଣ୍ଟ ଶେୟାର କରିବାକୁ ସୁବିଧା ଦେବ। ଏହା ସହ ଅନ୍ୟ ସେବା ଉପଲବ୍ଧ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## ବ୍ରାଣ୍ଡେଡ ପୋଷାକ ମେଳାରେ ରିହାତି



**ଭୁବନେଶ୍ୱର,୯-୬**

ସ୍ଥାନୀୟ ହୋଟେଲ ନିୟୁ ମ୍ୟାରିୟନଠାରେ ଆରମ୍ଭ ହୋଇଥିବା ବ୍ରାଣ୍ଡେଡ ପୋଷାକ ମେଳାରେ ଗ୍ରାହକଙ୍କ ଲାଗି ଆକର୍ଷଣୀୟ ରିହାତି ପ୍ରଦାନ କରାଯାଉଛି। କମ୍ପାନୀ ପକ୍ଷରୁ ଗ୍ରାହକଙ୍କ ଲାଗି ୩୫ ହଜାରରୁ ଊର୍ଦ୍ଧ୍ୱ ଷ୍ଟକ ବର୍ତ୍ତମାନ ସଂଯୋଗ କରାଯାଇଛି। ପାର୍ବଣ ଏବଂ ବିବାହ ସମୟକୁ ଧ୍ୟାନରେ ରଖି ନୂଆ କଲେକ୍ସନ ସଂଯୋଗ ହୋଇଛି। ପୁରୁଷ, ମହିଳା ଏବଂ ଶିଶୁଙ୍କ ବର୍ଗରେ କଲେକ୍ସନ ସାମିଲ ରହିଛି। ଷ୍ଟକଗୁଡିକ ଉପରେ ପ୍ରାୟ ୯୦% ପର୍ଯ୍ୟନ୍ତ ରିହାତି ଅଫର ରହିଛି। ପୁରୁଷଙ୍କ ବର୍ଗରେ ଶାର୍ଟ, ଟିଶାର୍ଟ, ଶର୍ଟସ, ଟ୍ରାଉଜର ଏବଂ ଜିନ୍ସ ରହିଛି। ସେହିଭଳି ମହିଳାଙ୍କ ବର୍ଗରେ କୁର୍ତ୍ତି, ଶୁଟ୍ସ, ଟପ୍ସ, ଜିନ୍ସ, ଅଫିସଓ୍ୱେର, ଶାର୍ଟ ଏବଂ ଟ୍ରାଉଜର ରହିଛି।

## ବ୍ୟାଙ୍କିଙ୍ଗ୍ ସଂସ୍କାର, ମିଶ୍ରଣ ନେଇ ହୋଇପାରେ ଘୋଷଣା

**ନୂଆଦିଲ୍ଲୀ,୯-୬**

ଆଗାମୀ ବଜେଟରେ ଦେଶର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ସଂସ୍କାର ଏବଂ ବ୍ୟାଙ୍କ ମିଶ୍ରଣ ନେଇ ବିଭିନ୍ନ ପଦକ୍ଷେପ ଉପରେ ସରକାର ଘୋଷଣା କରିପାରନ୍ତି। ଦେଶର ଅର୍ଥନୀତିକୁ ୫ ଟ୍ରିଲିୟନ ଡଲାର ଅର୍ଥନୀତି ଭାବେ ପରିବର୍ତ୍ତିତ କରିବା ଲାଗି ବ୍ୟାଙ୍କିଙ୍ଗ୍ ଶିଳ୍ପ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଥିବାରୁ ଉକ୍ତ କ୍ଷେତ୍ର ଉପରେ ସରକାର ଧ୍ୟାନ କେନ୍ଦ୍ରିତ କରିପାରନ୍ତି ବୋଲି ଅନୁମାନ କରାଯାଉଛି। ଏନ୍‌ଡିଏ ସରକାରଙ୍କ ଦ୍ୱିତୀୟ ପାଳିର ବଜେଟ ଜୁଲାଇ ୫ରେ ଆସିବାକୁ ଥିବା ବେଳେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଏହାକୁ ଉପସ୍ଥାପନ କରିବେ। ୨୦୧୮-୧୯ ଅଭିବୃଦ୍ଧି ଗତ ୫ ବର୍ଷର ସର୍ବନିମ୍ନ ସ୍ତର ୬.୮%କୁ ଖସିଥିବାରୁ ଉନ୍ନତ ଅଭିବୃଦ୍ଧି ଦିଗରେ ପଦକ୍ଷେପ ସରକାର ନେବେ ବୋଲି ଅନୁମାନ କରାଯାଉଛି। ବ୍ୟାଙ୍କ ଅଫ୍ ବରୋଦା, ବିଜୟା ଏବଂ ଦେନା ବ୍ୟାଙ୍କ ମିଶ୍ରଣ ହୋଇ ସାରିଥିବା ବେଳେ ଛୋଟଛୋଟ ବ୍ୟାଙ୍କଗୁଡିକର ମିଶ୍ରଣ ଧାରା ଜାରି ରହିବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ଛୋଟଛୋଟ ବ୍ୟାଙ୍କଗୁଡିକୁ ଅଧିଗ୍ରହଣ କରିବା ଲାଗି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, କାନାରା ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭଳି ବ୍ୟାଙ୍କ ଭଲ ସ୍ଥିତିରେ ରହିଥିବା ଅଧିକାରୀ ଜଣକ କହିଛନ୍ତି। ବଜେଟରେ ସରକାର ଲୋକମାନଙ୍କୁ ଟିକସ ରିହାତି ପ୍ରଦାନ କରିବା ସହ ନ୍ୟୁନତମ ବିକଳ୍ପ ଟିକସ(ମ୍ୟାଟ)କୁ ବାଦ ଦେବେ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଏପରି ସ୍ଥିତିରେ ଘରୋଇ ନିବେଶକୁ ପ୍ରୋତ୍ସାହନ କରିବା ଲାଗି ସରକାର ପଦକ୍ଷେପ ନିଅନ୍ତୁ ବୋଲି ଶିଳ୍ପ ସଂଘ ସିଆଇ ସରକାରଙ୍କୁ ନିବେଦନ କରିଛି। ଏହାବାଦ ଟିକସ ଛାଡ ସୀମା ୫ ଲକ୍ଷ ଟଙ୍କାକୁ ବଢାଇବା ଉପରେ ଆସୋଚାମ ଜୋର ଦେଇଛି। ସେହିଭଳି ଅର୍ଥମନ୍ତ୍ରୀ ମଙ୍ଗଳବାର ଦେଶର କୃଷକଙ୍କ ପ୍ରତିନିଧି ଦଳକୁ ଭେଟିବା ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ସେହିଭଳି ଚଳିତ ମାସ ୧୧-୧୩ ତାରିଖ ମଧ୍ୟରେ ଅର୍ଥନୀତିଜ୍ଞ, ଶିଳ୍ପ ଏବଂ ଉଦ୍ୟୋଗ ପ୍ରତିନିଧିଙ୍କୁ ଅର୍ଥମନ୍ତ୍ରୀ ଭେଟିବେ।

## ୟୁକ୍ରେନରେ ଡାକ୍ତରୀ ଶିକ୍ଷାର ସୁଯୋଗ

**ଭୁବନେଶ୍ୱର,୯-୬(ବ୍ୟୁରୋ)**




ଗ୍ଲୋବାଲ ଫୋକସ୍ ପକ୍ଷରୁ ସେମିନାର


ଗ୍ଲୋବାଲ ଫୋକସ୍ ଏଜୁକେଶନ ଗ୍ରୁପ ପକ୍ଷରୁ ୟୁକ୍ରେନରେ ଏମ୍‌ବିବିଏସ୍ ଶିକ୍ଷା ଶୀର୍ଷକ ଏକ ସେମିନାର ସ୍ଥାନୀୟ ଏକ ହୋଟେଲରେ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ମେଡିକାଲ କଲେଜଗୁଡିକରେ ସିଟ୍ କମ୍ ରହିବା ଏବଂ ବ୍ୟୟବହୁଳ ମେଡିକାଲ ଶିକ୍ଷା ଯୋଗୁ ଏହା ଅଭିଭାବକଙ୍କ ଚିନ୍ତାର କାରଣ ହୋଇଥାଏ। ଏପରି ସ୍ଥିତିରେ ୟୁକ୍ରେନରେ ନ୍ୟାଶନାଲ ମେଡିକାଲ ୟୁନିଭର୍ସିଟି ସମେତ ଅନ୍ୟାନ୍ୟ ଜାତୀୟ ସ୍ତରର ମେଡିକାଲ ପ୍ରତିଷ୍ଠାନଗୁଡିକରେ ଡାକ୍ତରୀ ପଢିବାର ସୁଯୋଗ ଗ୍ଲୋବାଲ ଫୋକସ୍ ପକ୍ଷରୁ ପ୍ରଦାନ କରାଯାଉଛି। ସେମିନାରରେ ବର୍ତ୍ତମାନ ୟୁକ୍ରେନରେ ଡାକ୍ତରୀ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ନିମନ୍ତ୍ରିତ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଛି। ୟୁକ୍ରେନରେ ଶିକ୍ଷା ଗ୍ରହଣ, ରହିବା, ଖାଦ୍ୟପେୟ ଏବଂ ସଂସ୍କୃତି ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇବା ଲାଗି ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ସେମିନାର ଆୟୋଜନ କରାଯାଉଛି।

ଏଥିରେ ଅଭିଭାବକ ଏବଂ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଗ୍ଲୋବାଲ ଫୋକସ୍‌ର କାଉନସେଲରମାନେ ରଖିଛନ୍ତି। ୟୁକ୍ରେନର ଏହି ପ୍ରତିଷ୍ଠାନଗୁଡିକ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏବଂ ମେଡିକାଲ କାଉନସିଲ ଅଫ୍ ଇଣ୍ଡିଆ ଦ୍ୱାରା ସ୍ୱୀକୃତିପ୍ରାପ୍ତ। ଛାତ୍ରୀଛାତ୍ର ନିଟ୍‌ରେ ସଫଳ ହୋଇଥିଲେ ନାମ ଲେଖାର ସୁଯୋଗ ପାଇପାରିବେ। ବର୍ତ୍ତମାନ ସାରା ଦେଶରେ ୬ ହଜାରରୁ ଊର୍ଦ୍ଧ୍ୱ ଏବଂ ଓଡ଼ିଶାରୁ ୧୦୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉକ୍ତ ସ୍ଥାନଗୁଡିକରେ ଡାକ୍ତରୀ ଶିକ୍ଷା ଗ୍ରହଣ କରୁଛନ୍ତି। ଏଥିରେ ଗ୍ଲୋବାଲ ଫୋକସ୍‌ର ଏମ୍‌ଡି ଅବଦୁଲ ଜାହିର କହିଛନ୍ତି ଯେ, ରାଜ୍ୟରେ ମାତ୍ର ୧୧୦୦ ମେଡିକାଲ ସିଟ୍ ରହିଥିବା ବେଳେ ୫୦,୦୦୦ ଛାତ୍ରୀଛାତ୍ର ମେଡିକାଲ ପଢିବା ଲାଗି ପ୍ରବେଶିକା ପରୀକ୍ଷା ଦେଉଛନ୍ତି। ଘରୋଇ ମେଡିକାଲ କଲେଜଗୁଡିକ ତୁଳନାରେ ୟୁକ୍ରେନରେ ଡାକ୍ତରୀ ପଢିବାର ଏକ ବିକଳ୍ପ ରହିଛି। ଚଳିତ ବର୍ଷ ଲାଗି ପ୍ରଥମ ପର୍ଯ୍ୟାୟ ଚୟନ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ଲାଗି ଏବେ ପ୍ରକ୍ରିୟା ଆରମ୍ଭ ହୋଇଛି।

## ଫୋଭର ପକ୍ଷରୁ କଳାକୃତି ପ୍ରଦର୍ଶନୀ

**କଲିକତା,୯-୬**





ମୋବେଲ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ପକ୍ଷରୁ କଲିକତା ସ୍ଥିତ ଏହାର ପ୍ରିମିୟମ ବ୍ରାଣ୍ଡ ଶୋ'ରୁମ 'ଫୋଭର'ରେ ଏକ ଆର୍ଟ ଏକ୍‌ଜିବିଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନ୍ତର୍ଜାତୀୟ ଫର୍ନିଚର, ଡେକର, କିଚେନ୍ସ, ଲାଇଟସ ଏବଂ ହ୍ୟାଣ୍ଡ କ୍ରାଫ୍ଟ ଫ୍ୟାନ ଉପଲବ୍ଧ ହେଉଛି। ଏଥିରେ କଲେକ୍ସନଗୁଡିକ ଆକର୍ଷଣୀୟ ହୋଇଥିବା ବେଳେ ଫୋଭରର ଟ୍ୟାଗ ଲାଇନ 'ଫର ଏଭର ଲଭ' ରହିଛି। ଭାରତୀୟ କଳାକାର ଅଭନୀଶ ତ୍ରିବେଦୀ, ଜୀବନ ବିଶ୍ୱାସଙ୍କ କାରୁକାର୍ଯ୍ୟ ଏବଂ ଡିଜାଇନକୁ ଏଥିରେ ସାମିଲ କରାଯାଇଛି। ସୁନ୍ଦର କାରୁକାର୍ଯ୍ୟପୂର୍ଣ୍ଣ ଆର୍ଟଓ୍ୱାର୍କ ଦ୍ୱାରା ଅଭନୀଶ ତ୍ରିବେଦୀ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ତାଙ୍କର କାର୍ଯ୍ୟରେ ନିର୍ଦ୍ଦିଷ୍ଟ ସମୟର ସୌନ୍ଦର୍ଯ୍ୟତାକୁ ସାମିଲ କରି ଏକ ସ୍ୱତନ୍ତ୍ରତା ପ୍ରଦାନ କରାଯାଇଥାଏ। ତାଙ୍କର ପ୍ରମୁଖ କଳାକୃତି ମଧ୍ୟରେ କଲିକତା ନଷ୍ଟାଲଜିଆ ଏବଂ ରିକ୍ସା ରହିଛି। ଜୀବନ ବିଶ୍ୱାସଙ୍କ କଳାକୃତିରେ ଆଧ୍ୟାତ୍ମିକତା,ବିଷ୍ଣୁ ଉପାସନା ଏବଂ ମାନବବାଦ ଭଳି ପ୍ରସଙ୍ଗ ସ୍ଥାନିତ ହୋଇଥାଏ।

## ଗରିବ ମେଧାବୀଙ୍କ ଡାକ୍ତର ହେବା ସ୍ୱପ୍ନକୁ କରୁଛି ସାକାର

### ଏ.ବି.ସିଂଙ୍କ 'ଜିନ୍ଦେଗୀ' ପଦକ୍ଷେପ

**ଭୁବନେଶ୍ୱର,୯-୬(ବ୍ୟୁରୋ)**




ଦିନେ ଡାକ୍ତର ହେବେ ବୋଲି ସେ ସ୍ୱପ୍ନ ଦେଖିଥିଲେ। ସେଥିଲାଗି ମେଡିକାଲ କୋଚିଂରେ ମଧ ନାମ ଲେଖାଇଥିଲେ। ହେଲେ ସମୟର ସୁଅରେ ତାଙ୍କର ସେ ସ୍ୱପ୍ନ ସ୍ୱପ୍ନରେ ରହିଗଲା। ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିବା ତାଙ୍କ ବାପା କିଡନୀ ରୋଗରେ ଆକ୍ରାନ୍ତ ହେବା ପରେ ଆକସ୍ମିକ ଭାବେ ପରିବାରର ସ୍ଥିତି ଖରାପ ହେଲା। ଆର୍ଥିକ ବୋଝ ଯୋଗୁ ଡାକ୍ତର ହେବା ସ୍ୱପ୍ନ ଅଧାରେ ରହିଗଲା। ପାଠ ପଢିବା ଲାଗି ବିବାହ ବେଳେ ଆଇସକ୍ରିମ ଯୋଗାଣ, ଚା,ସର୍ବତ ଷ୍ଟଲ ବସାଇ ରୋଜଗାର ସହ ଅନ୍ୟାନ୍ୟ କାର୍ଯ୍ୟ ମଧ କରିଛନ୍ତି। ହେଲେ ଜୀବନରେ ପଛକୁ ହଟି ନ ଯାଇ ସେହି ବ୍ୟକ୍ତି ଜଣକ ସବୁ ବେଳେ ଆଗକୁ ବଢିବାର ଉତ୍ସାହ ରଖିଛନ୍ତି। ବହୁ କଷ୍ଟରେ ଗ୍ରାଜୁଏଶନ ଯାଏ ପଢିବାର ସୁଯୋଗ ପାଇଥିବା ସେହି ବ୍ୟକ୍ତି ଜଣକ କିନ୍ତୁ ଏବେ ଅନ୍ୟମାନଙ୍କୁ ଜୀବନରେ ଆଗକୁ ବଢିବାର ରାସ୍ତା ଦେଖାଉଛନ୍ତି। ଜୀବନରେ ରହିଯାଇଥିବା ସେହି ଶୂନ୍ୟସ୍ଥାନ ଏବଂ ଲକ୍ଷ୍ୟ କିନ୍ତୁ ତାଙ୍କ ମନରୁ କେବେ ହଟି ନ ଥିଲା। ନିଜେ ସ୍ୱଚ୍ଛଳ ହେବା ପରେ ଏବେ ଗରିବ ମେଧାବୀଙ୍କ ଡାକ୍ତର ହେବାର ସ୍ୱପ୍ନକୁ ପୂରଣ କରିବା ଲାଗି ସେ ଆରମ୍ଭ କରିଛନ୍ତି ଜିନ୍ଦେଗୀ ଫାଉଣ୍ଡେଶନ। ଏହି ଅନୁଷ୍ଠାନ ଦ୍ୱାରା ଯେଉଁ ଆର୍ଥିକ ଦୁର୍ବଳ ବର୍ଗର ମେଧାବୀ ଛାତ୍ରୀଛାତ୍ର ମେଡିକାଲ ପ୍ରସ୍ତୁତି ଲାଗି ଅର୍ଥର ବାଧକ ସାମ୍ନା କରୁଛନ୍ତି ତାଙ୍କୁ ମାଗଣାରେ ରହିବା ଖାଇବା ବ୍ୟବସ୍ଥା କରିବା ସହ ପ୍ରସ୍ତୁତିରେ ସହଯୋଗ କରୁଛନ୍ତି। ସେ ହେଉଛନ୍ତି ଅଜୟ ବାହାଦୁର ସିଂ। ୧୯୭୨ରେ ଝାଡଖଣ୍ଡର ଦେଓଘର ବୈଦ୍ୟନାଥଧାମ ସହରରେ ଜନ୍ମିତ ଅଜୟ ବାହାଦୁର ଭୁବନେଶ୍ୱରକୁ ତାଙ୍କର କର୍ମଭୂମି ଭାବେ ବାଛି ନେଇଛନ୍ତି। ଏଠାରେ ସେ ଏବେ ଆକାଶ ଭୁବନେଶ୍ୱରର ସେଣ୍ଟରର ନିର୍ଦ୍ଦେଶକ ଥିବା ବେଳେ ଆଦ୍ୟାନ୍ତ ଉଚ୍ଚ ମାଧ୍ୟମିକ ସ୍କୁଲର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଛନ୍ତି।

ଧରିତ୍ରୀ ସହ ବାର୍ତ୍ତାଳାପ ଅବସରରେ ସେ ପୁରୁଣା ଦିନକୁ ମନେ ପକାଇ କହିଛନ୍ତି, ମୁଁ ଡାକ୍ତର ନ ହେଲି କ'ଣ ହେଲା ଆଜି ଗରିବ ମେଧାବୀଙ୍କୁ ଡାକ୍ତର କରିବା ଦିଗରେ ଯୋଗଦାନ ରଖୁଛି। ଚଳିତ ବର୍ଷ ଜିନ୍ଦେଗୀ ଫାଉଣ୍ଡେଶନରେ କୋଚିଂ ନେଉଥିବା ୧୪ରୁ ୧୪ ଛାତ୍ରୀଛାତ୍ର ମେଡିକାଲ ପ୍ରବେଶିକାରେ ସଫଳ ହୋଇଛନ୍ତି। ୨୦୧୮ରେ ଫାଉଣ୍ଡେଶନର ମୋଟ ୨୦ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୮ ସଫଳ ହେବା ସହ ୧୨ ଜଣ ସରକାରୀ ମେଡିକାଲ କଲେଜରେ ପଢିବାର ସୁଯୋଗ ପାଇଥିଲେ। ଏହି ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ଅବସରରେ ସେ ଖୁସି ବ୍ୟକ୍ତ କରି କହିଛନ୍ତି, ମେଧାବୀ ଛାତ୍ରୀଛାତ୍ର ଆଗକୁ ବଢିବା ଦିଗରେ ଅର୍ଥ ଯେଭଳି ବାଧକ ନ ସାଜୁ ତାକୁ ବିଚାର କରି ଜିନ୍ଦେଗୀ ଫାଉଣ୍ଡେଶନ ଗଠନ ହୋଇଛି। ଛାତ୍ରୀଛାତ୍ରଙ୍କ ମେଡିକାଲ କୋଚିଂ, ରହିବା, ଖାଦ୍ୟ ଏବଂ ପାଠ୍ୟପୁସ୍ତକ ପ୍ରଦାନ କରିବା ସହ ପ୍ରସ୍ତୁତିରେ ସମସ୍ତ ସହାୟତା ଯୋଗାଇ ଦିଆଯାଉଛି। ୨୦୦୭ରେ ସେ ଆରମ୍ଭ କରିଥିବା ଆଦ୍ୟାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦୁର୍ବଳ ଛାତ୍ରୀଛାତ୍ରଙ୍କ ଲାଗି ଆଟମ-୫୦ ନାମରେ ମାଗଣା ଶିକ୍ଷା, ରହିବା ବ୍ୟବସ୍ଥା କରିଛନ୍ତି। ବିହାରରେ ସୁପର-୩୦ର ପ୍ରତିଷ୍ଠାତା ଆନନ୍ଦ କୁମାରଙ୍କ ସହ ଭେଟ ହେବା ପରେ ଏହି ଧାରାକୁ ନୂଆ ଦିଶା ମିଳିଥିବା ସେ କହିଛନ୍ତି।

**CHIKITI MAHAVIDYALAYA, CHIKITI, GANJAM**

**SHORT QUOTATION CALL NOTICE**

**No.: 763/CM** **Date: 07.06.2019**

Chikiti Mahavidyalaya invites quotation from reputed authorized dealers for procurement of Interactive Board with Projector, Computer (Laptop), Copier Machine, Computer (all in one) with Touch Screen, AC 2 ton, Distemper and paint materials (Dulux/Asian), Plumbing and Sanitary Materials, Sports materials and Electrical goods etc. as per details with specification and terms & conditions available in the website: **www.cmvedu.in**. The quotation shall be submitted by Registered/Speed Post in person to Chikiti Mahavidyalaya. Last date of submission of quotation document is 17th June 2019 (2.00 P.M.) and Quotation will be opened at 3.00 P.M. on the same day.

**Sd./- Principal, Chikiti Mahavidyalaya, Chikiti**

**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଜୁନାଗଡ଼**

ପତ୍ର ସଂ.: ୧୭୩୭ ତା୦୭।୦୬।୨୦୧୯

**ବିଜ୍ଞାପନ**

ଜୁନାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ ଥିବା ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକର ଠିକା ପାଇଁ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି। ଇଚ୍ଛୁକ ବ୍ୟକ୍ତିମାନେ ଆସନ୍ତା ତା୧୮।୦୬।୨୦୧୯ରିଖ ଅପରାହ୍ନ ଘ୧.୦୦ଣ୍ଟା ପର୍ଯ୍ୟନ୍ତ ନିର୍ଦ୍ଧାରିତ ଅମାନତ ରାଶିର ବ୍ୟାଙ୍କ ଡ୍ରାଫ୍ଟ ସହ ଟେଣ୍ଡର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ରଖାଯାଇଥିବା ଟେଣ୍ଡର ବାକ୍ସରେ ଦାଖଲ କରିପାରିବେ। ଯେଉଁମାନଙ୍କ ଉପରେ ବିଜ୍ଞାପିତ ଅଞ୍ଚଳ ପରିଷଦର ଯେକୌଣସି ଦେୟ ବକେୟା ଥିଲେ ସେମାନେ ଟେଣ୍ଡର ପ୍ରକ୍ରିୟାରେ ଅଂଶ ଗ୍ରହଣ କରିପାରିବେ ନାହିଁ। ଠିକା ସର୍ବୋଚ୍ଚ ମୂଲ୍ୟ ଉଲ୍ଲେଖ କରିଥିବା ବ୍ୟକ୍ତିଙ୍କ ନାମରେ ସାବ୍ୟସ୍ତ କରାଯିବ। ଠିକା ସାବ୍ୟସ୍ତର ୩ଦିନ ମଧ୍ୟରେ ସମୁଦାୟ ଠିକା ମୂଲ୍ୟର ଶତକଡ଼ା ୫୦ଭାଗ ଅର୍ଥ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ଜମା ଦେବାକୁ ପଡ଼ିବ। ନଚେତ୍ ସାବ୍ୟସ୍ତ କରାଯାଇଥିବା ଠିକା ବାତିଲ କରାଯାଇ ସାନିଟେଣ୍ଡର କରାଯିବ। ନିର୍ଦ୍ଧାରିତ ସମୟ ସୀମା ପରେ କୌଣସି ଟେଣ୍ଡରକୁ ବିଚାରକୁ ନିଆଯିବ ନାହିଁ। ବିଜ୍ଞାପିତ ଅଞ୍ଚଳ ପରିଷଦ କର୍ତ୍ତୃପକ୍ଷ ଯେକୌଣସି ସମୟରେ ବିନା କାରଣରେ ଟେଣ୍ଡର ପ୍ରକ୍ରିୟାକୁ ରଦ୍ଦ କରିପାରିବେ। ଏହା ବିଜ୍ଞାପିତ ଅଞ୍ଚଳ ପରିଷଦର ନିଜସ୍ୱ ଓ୍ୱେବସାଇଟ୍ **www.junagarhnac.in**ରେ ମଧ ଉପଲବ୍ଧ ଅଟେ।

| କ୍ରମିକ ନଂ. | ସମ୍ପତ୍ତି ଗୁଡ଼ିକର ନାମ | ଠିକା ଅବଧି | ଅମାନତ ଟଙ୍କା | ସର୍ବନିମ୍ନ ଠିକା ମୂଲ୍ୟ |
|---|---|---|---|---|
| ୧. | ଶିବ ସାଗର ବନ୍ଧ | ୨୦୧୯-୨୦ ଠାରୁ ୨୦୨୧-୨୨ (୩ବର୍ଷ) (ଜୁନ୍ ୨୦୨୨ ପର୍ଯ୍ୟନ୍ତ) | ଟ.୩୦,୦୦୦/- | ଟ.୬,୬୦,୦୦୦.୦୦ |
| ୨. | ପୌର ବ୍ୟାୟାମଶାଳା | ୨୦୧୯-୨୦ ରୁ ୨୦୨୧-୨୨ | ଟ.୧୦,୦୦୦/- | ଟ.୯୦,୦୦୦.୦୦ |

**ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ**
**ବିଜ୍ଞାପିତ ଅଞ୍ଚଳ ପରିଷଦ, ଜୁନାଗଡ଼**

# ଭାରତର ଦମ୍‌ଦାର ବିଜୟ

**ଲଣ୍ଡନ, ୯।୬**

ଆଇସିସି ବିଶ୍ୱକପର ରବିବାର ଅନୁଷ୍ଠିତ ହାଇ ଭୋଲ୍‌ଟେଜ୍ ମ୍ୟାଚରେ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ୩୬ ରନରେ ପରାସ୍ତ କରିଛି ଟିମ୍ ଇଣ୍ଡିଆ। ଭାରତ ବିଜୟର ହିରୋ ସାଜିଛନ୍ତି ଶତକ ହାସଲକାରୀ ଶିଖର ଧାୱନ। ଧାୱନଙ୍କ ଶତକ, ଅଧିନାୟକ ବିରାଟ କୋହଲିଙ୍କ ଲଢୁଆ ବ୍ୟାଟିଂ ଓ ରୋହିତ ଶର୍ମାଙ୍କ ଅର୍ଦ୍ଧଶତକ ସହାୟତାରେ ଭାରତ ୫୦ ଓଭରରେ ୫ ଉଇକେଟ ହରାଇ ୩୫୨ ରନ କରିଥିଲା। ଜବାବରେ ଡେଭିଡ ୱାର୍ନର, ଷ୍ଟିଭେନ ସ୍ମିଥ ଓ ଆଲେକ୍ସ କାରେଙ୍କ ଅର୍ଦ୍ଧଶତକ ସହାୟତାରେ ଲଢ଼େଇ କରିଥିବା ଅଷ୍ଟ୍ରେଲିଆ ୫୦ ଓଭରରେ ୩୧୬ ରନ କରି ଅଲଆଉଟ ହୋଇ ଯାଇଥିଲା। ଚଳିତ ବିଶ୍ୱକପରେ କ୍ରମାଗତ ଦ୍ୱିତୀୟ ବିଜୟ ପରେ ଅଷ୍ଟ୍ରେଲିଆର ଏହା ପ୍ରଥମ ପରାଜୟ। ନିଜର ପ୍ରଥମ ୨ ମ୍ୟାଚରେ ଏହି ଦଳ ଆଫଗାନିସ୍ତାନକୁ ୭ ଉଇକେଟରେ ଓ ୱେଷ୍ଟଇଣ୍ଡିଜକୁ ୧୫ ରନରେ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ଚଳିତ ଟୁର୍ନାମେଣ୍ଟରେ ଭାରତର ଏହା କ୍ରମାଗତ ଦ୍ୱିତୀୟ ବିଜୟ। ପ୍ରଥମ ମ୍ୟାଚରେ କୋହଲିଙ୍କ ଦଳ ଦକ୍ଷିଣ ଆଫ୍ରିକାକୁ ୬ ଉଇକେଟରେ ହରାଇଥିଲା।

୩୫୩ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଅଷ୍ଟ୍ରେଲିଆ ଓପନିଂ ଯୋଡ଼ିରେ ୬୧ ରନ ସଂଗ୍ରହ ପରେ ଅଧିନାୟକ ଆରନ ଫିଞ୍ଚଙ୍କ ଉଇକେଟ ହରାଇଥିଲା। ହାଇ ସ୍କୋରିଂ ମ୍ୟାଚରେ ଆତ୍ମବିଶ୍ୱାସର ସହ ବ୍ୟାଟିଂ ଆରମ୍ଭ କରିଥିବା ଫିଞ୍ଚ୍ ୩୫ ବଲ୍‌ରୁ ୩୬(୩ ଚୌକା, ୧ ଛକା) ରନ କରିଥିବାବେଳେ ଦୁର୍ଭାଗ୍ୟଜନକଭାବେ ରନଆଉଟ ହୋଇ ଯାଇଥିଲେ। ଡେଭିଡ ୱାର୍ନରଙ୍କ ସହ ଷ୍ଟିଭେନ ସ୍ମିଥ କ୍ରିଜ୍‌ରେ ଯୋଗଦେବାପରେ ଅଷ୍ଟ୍ରେଲିଆ ଯୋଜନାବଦ୍ଧଭାବେ ଆଗକୁ ବଢ଼ିଥିଲା। ଦ୍ୱିତୀୟ ଉଇକେଟ ଭାଗୀଦାରିରେ ୭୨ ରନ ଯୋଗପରେ ଆଉଟ ହୋଇଥିଲେ ୱାର୍ନର। ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ୱାଭାବିକ ଆକ୍ରମଣାତ୍ମକ ବ୍ୟାଟିଂ ନ କରି ୱାର୍ନର ଏଠାରେ ୮୪ ବଲ୍‌ରୁ ୫ ଚୌକା ସହାୟତାରେ ୫୬ ରନ ସ୍କୋର କରିଥିଲେ। ଷ୍ଟିଭେନ୍ ସ୍ମିଥ ଓ ଉସମାନ ଖ୍ୱାଜାଙ୍କ ଯୋଡ଼ି ମଧ୍ୟ ବେଶ୍ ଜମିଥିଲା। ଦୁହେଁ ଦ୍ରୁତ ହାରରେ ରନ ସଂଗ୍ରହ କରି ନ ଥିଲେ ହେଁ ରଣନୀତି ଅନୁସାରେ ସ୍କୋରକୁ ଆଗେଇ ନେଇଥିଲେ। ବିଜୟ ପାଇଁ ଆବଶ୍ୟକ ରନ ହାର କ୍ରମେ ବଢ଼ି ଚାଲିଥିବାବେଳେ ଯଶପ୍ରୀତ୍ ବୁମ୍‌ରାଙ୍କ ଏକ ବଲ୍‌କୁ ଭିନ୍ନ ଢଙ୍ଗରେ ଉଇକେଟ କିପର ମହେନ୍ଦ୍ର ସିଂ ଧୋନୀଙ୍କ ମୁଣ୍ଡ ଉପରେ ମାରିବା ଚକ୍କରରେ କ୍ଲିନ୍ ବୋଲ୍ଡ ହୋଇଯାଇଥିଲେ ଖ୍ୱାଜା। ସେ ୩୯ ବଲ୍‌ରୁ ୪ ଚୌକା ଓ ୧ ଛକା ସହ ୪୨ ରନ ସ୍କୋର କରିଥିଲେ। ସ୍ମିଥ ଓ ଖ୍ୱାଜାଙ୍କ ୩ୟ ଉଇକେଟ ଯୋଡ଼ିରୁ ୬୯ ରନ ସଂଗୃହୀତ ହୋଇଥିଲା। ୫ମ ବ୍ୟାଟ୍ସମ୍ୟାନଭାବେ କ୍ରିଜ୍‌କୁ ଆସିଥିବା ଗ୍ଲେନ ମ୍ୟାକ୍ସୱେଲ ଦ୍ରୁତ ହାରରେ ରନ ସଂଗ୍ରହ କରିଥିଲେ। ତେବେ ୪୦ତମ ଓଭରର ଦ୍ୱିତୀୟ ବଲ୍‌ରେ ସ୍ମିଥଙ୍କ ପ୍ରାଇଜ୍ ଉଇକେଟ ହାସଲ କରି ଭୁବନେଶ୍ୱର କୁମାର ଭାରତର ବିଜୟ ସମ୍ଭାବନାକୁ ଦୃଢ଼ୀଭୂତ କରିଥିଲେ। ଅମ୍ପାୟର ପ୍ରଥମେ ଏଲବିଡବ୍ଲ୍ୟୁ ଦେଇ ନ ଥିଲେ ହେଁ ବିରାଟ କୋହଲି ରିଭ୍ୟୁ ମାଗିବାପରେ ରିପ୍ଲେରେ ବଲ୍ ସିଧା ଷ୍ଟମ୍ପ୍‌କୁ ହିଟ୍ କରୁଥିବା ପରିଲକ୍ଷିତ ହୋଇଥିଲା। ଫଳରେ ଅମ୍ପାୟର ନିଜ ନିଷ୍ପତ୍ତି ପରିବର୍ତ୍ତନ କରି ସ୍ମିଥଙ୍କୁ ଆଉଟ ଦେଇଥିଲେ। ୭୦ ବଲ୍ ଖେଳିଥିବା ସ୍ମିଥ ୫ ଚୌକା ଓ ୧ ଛକା ସହ ୬୯ ରନ ସ୍କୋର କରିଥିଲେ। ଗୋଟିଏ ବଲ୍ ବ୍ୟବଧାନରେ ମାର୍କୁସ ଷ୍ଟୋଇନ୍ସ ଭୁବନେଶ୍ୱରଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହେବାସହ ଅଷ୍ଟ୍ରେଲିଆ କ୍ରମେ ପରାଜୟ ମୁହାଁ ହୋଇଥିଲା। ଚାପ ପରିସ୍ଥିତିରେ ମ୍ୟାକ୍ସୱେଲ ୨୮(୧୪ ବଲ, ୫ ଚୌକା) କରି ଆଉଟ ହୋଇ ଯାଇଥିଲେ। ଶେଷଭାଗରେ ଆଲେକ୍ସ କାରେ କେତୋଟି ଦର୍ଶନୀୟ ଶଟ୍ ଖେଳିଥିଲେ ହେଁ ତାହା ଅଷ୍ଟ୍ରେଲିଆ ବିଜୟ ପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା। ସେ ୩୫ ବଲ୍ ଖେଳି ୫ ଚୌକା ଓ ୧ ଛକା ସହାୟତାରେ ୫୫ ରନକରି ଅପରାଜିତ ରହିଥିଲେ। ବ୍ୟାଟିଂ ସମୟରେ ଅଙ୍ଗୁଳିରେ ଆଘାତ ପାଇଥିବାରୁ ଶିଖର ଧାୱନ ଫିଲ୍ଡିଂ କରି ନ ଥିଲେ। ତାଙ୍କ ସ୍ଥାନରେ ରବୀନ୍ଦ୍ର ଜାଡେଜା ଫିଲ୍ଡିଂ କରିଥିଲେ। ଭାରତ ପକ୍ଷରୁ ଯଶପ୍ରୀତ୍ ବୁମ୍‌ରା ଓ ଭୁବନେଶ୍ୱର କୁମାର ୩ଟି ଲେଖାଏ ଏବଂ ଯୁଜବେନ୍ଦ୍ର ଚହଲ ୨ଟି ଉଇକେଟ ନେଇଥିଲେ।


ଶଟ୍ ଖେଳିବା ଅବସରରେ ଭାରତୀୟ ଅଧିନାୟକ ବିରାଟ କୋହଲି ।

## ଶିଖର ଧାୱନ ମ୍ୟାନ ଅଫ ଦି ମ୍ୟାଚ

କେନିଂଟନ ଓଭାଲ ପିଚ୍‌ର ପ୍ରକୃତିକୁ ଦେଖି ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି। ଅଧିନାୟକଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରିଥିଲେ ଦୁଇ ଓପ୍‌ନର ରୋହିତ ଶର୍ମା ଓ ଶିଖର ଧାୱନ। ବ୍ୟାଟିଂ ଫ୍ରେଣ୍ଡଲୀ ପିଚ୍‌ରେ ଦୁହେଁ ଅଷ୍ଟ୍ରେଲୀୟ ବୋଲରଙ୍କ ଉପରେ ପ୍ରାଧାନ୍ୟ ବିସ୍ତାର କରି ଶତକୀୟ ଭାଗୀଦାରି ଗଢ଼ିଥିଲେ। ୨୩ତମ ଓଭରର ୩ୟ ବଲ୍‌ରେ ଯାଇ ଅଷ୍ଟ୍ରେଲିଆକୁ ବ୍ରେକ୍ ଥ୍ରୁ ମିଳିଥିଲା। ୨୨.୩ ଓଭରରେ ରୋହିତ ଶର୍ମାଙ୍କୁ ଆଲେକ୍ସ କୋରେଙ୍କ ହାତରେ କ୍ୟାଚ୍ କରାଇ ଦଳକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ ନାଥାନ କୁଲ୍ଟର-ନାଇଲ। ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍‌ରେ ଶତକ ହାସଲ କରିଥିବା ରୋହିତ ଏଠାରେ ମଧ୍ୟ ଭଲ ଆରମ୍ଭ କରି ୭୦ ବଲ୍‌ରୁ ୩ ଚୌକା ଓ ୧ ଛକା ସହାୟତାରେ ୫୭ ରନ୍ ସ୍କୋର କରିଥିଲେ। ବିରାଟ କ୍ରିଜ୍‌ରେ ଯୋଗଦେବା ପରେ ଦଳୀୟ ସ୍କୋରକୁ ଆଗକୁ ବଢ଼ାଇଥିଲେ। ପିଚ୍‌ରୁ ବୋଲରଙ୍କୁ ବିଶେଷ ସହାୟତା ମିଳି ନ ଥିଲା। ଏଥିରୁ ଭାରତୀୟ ବ୍ୟାଟ୍ସମ୍ୟାନମାନେ ପୂରା ଫାଇଦା ଉଠାଇଥିବାବେଳେ କ୍ୟାରିୟରର ୧୭ତମ ଶତକ ହାସଲ କରିଥିଲେ ଧାୱନ। ୯୫ ବଲ୍‌ରୁ ୧୦୦ ରନ୍ ପୂରଣ କରିଥିବା ଏହି ବାମହାତୀ ବ୍ୟାଟ୍ସମ୍ୟାନ ୧୦୯ ବଲ୍‌ରୁ ୧୬ ଚୌକା ସହାୟତାରେ ୧୧୭ ରନ୍ କରି ମିଚେଲ ଷ୍ଟାର୍କଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଧାୱନ ଓ କୋହଲିଙ୍କ ଦ୍ୱିତୀୟ ଉଇକେଟ ଯୋଡ଼ିରେ ୯୩ ରନ୍ ସଂଗୃହୀତ ହୋଇଥିଲା। ୪ ନମ୍ବର ବ୍ୟାଟ୍ସମ୍ୟାନ ଭାବେ ପଡ଼ିଆକୁ ଓହ୍ଲାଇଥିବା ହାର୍ଦ୍ଦିକ ପାଣ୍ଡ୍ୟା ଦ୍ରୁତହାରରେ ରନ୍ ସଂଗ୍ରହ କରିଥିଲେ। ସେ ୨୭ଟି ବଲ୍‌ର ସମ୍ମୁଖୀନ ହୋଇ ୪ ଚୌକା ଓ ୩ ଛକା ସହାୟତାରେ ୪୮ ରନ୍ କରି ଆଉଟ ହେବାବେଳକୁ କୋହଲିଙ୍କ ସହ ୪ର୍ଥ ଉଇକେଟ ଭାଗୀଦାରିରେ ୮୧ ରନ୍ ଯୋଗକରିଥିଲେ। ଶେଷ ଓଭରରେ ଆଉଟ୍ ହୋଇଥିଲେ ମହେନ୍ଦ୍ର ସିଂ ଧୋନୀ ଓ ବିରାଟ। ଦ୍ରୁତହାରରେ ରନ୍ ସଂଗ୍ରହ ଚକ୍କରରେ ଧୋନୀ ୧୪ ବଲ୍‌ରୁ ୨୭(୩ ଚୌକା, ୧ ଛକା) ରନ୍ କରି ପ୍ୟାଭିଲିୟନ ଫେରିଥିଲେ। ସେହିପରି ବିରାଟ ୭୭ଟି ବଲ୍ ଖେଳି ୪ ଚୌକା ଓ ୨ ଛକା ସହାୟତାରେ ୮୨ ରନ କରିଥିବାବେଳେ ମାର୍କୁସ ଷ୍ଟୋଇନ୍ସଙ୍କ ବଲ୍‌କୁ ପଏଣ୍ଟ ଉପରେ ମାରିବାକୁ ଯାଇ ପ୍ୟାଟ୍ କୁମିନ୍ସଙ୍କ ହାତରେ ଧରାପଡ଼ିଥିଲେ। ଇନିଂସ୍‌ର ଅନ୍ତିମ ବଲ୍‌କୁ ଚୌକାରେ ପରିଣତ କରି ଲୋକେଶ ରାହୁଲ ଭାରତର ସ୍କୋରକୁ ୩୫୦ ଅତିକ୍ରମ କରାଇଥିଲେ। ଭାରତ ୫୦ ଓଭରରେ ୫ ଉଇକେଟ ହରାଇ ୩୫୨ ରନ୍ ସ୍କୋର କରିଥିଲା। ଶେଷ ୧୦ ଓଭରରେ ଭାରତ ୧୧୬ ରନ୍ ସଂଗ୍ରହ କରିଥିଲା। ଅଷ୍ଟ୍ରେଲିଆ ବୋଲରଙ୍କ ମଧ୍ୟରେ ଷ୍ଟୋଇନ୍ସ ୨ଟି ଏବଂ କୁମିନ୍ସ, ଷ୍ଟାର୍କ ଓ ନାଥାନ କୁଲ୍ଟର-ନାଇଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ଆଜିର ମ୍ୟାଚ୍**
**ଦକ୍ଷିଣ ଆଫ୍ରିକା**
**ବନାମ**
**ୱେଷ୍ଟଇଣ୍ଡିଜ**
ସ୍ଥାନ
ସାଉଥାମ୍ପଟନ
ସମୟ
ଅପରାହ୍ନ ୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ସ୍କୋର ବୋର୍ଡ

■ ଭାରତ ଇନିଂସ
ରୋହିତ-କ-କାରେ-ବୋ-କୁଲ୍‌ଟର ନାଇଲ-୫୭
ଧାୱନ-କ-ଲିୟନ (ବଦଳ)-ବୋ-ଷ୍ଟାର୍କ-୧୧୭
କୋହଲି-କ-କୁମିନ୍ସ-ବୋ-ଷ୍ଟୋଇନିସ-୮୨
ପାଣ୍ଡ୍ୟା-କ-ଫିଞ୍ଚ୍-ବୋ-କୁମିନ୍ସ-୪୮
ଧୋନୀ-କ ଆଣ୍ଡ୍ ବୋ-ଷ୍ଟୋଇନିସ-୨୭
ଲୋକେଶ-ନଟଆଉଟ-୧୧
କେଦାର-ନଟଆଉଟ-୦
ଅତିରିକ୍ତ-୧୦
ମୋଟ- (୫୦ ଓଭର, ୫ ଉଇକେଟ) ୩୫୨।
ଉଇକେଟ ପତନ: ୧/୧୨୭, ୨/୨୨୦, ୩/୩୦୧, ୪/୩୩୮, ୫/୩୪୮।
ବୋଲିଂ (ଅଷ୍ଟ୍ରେଲିଆ)
ପ୍ୟାଟ କୁମିନ୍ସ ୧୦-୦-୫୫-୧
ମିଚେଲ ଷ୍ଟାର୍କ ୧୦-୦-୭୪-୧
କୁଲଟର ନାଇଲ ୧୦-୧-୬୩-୧
ଗ୍ଲେନ ମାକ୍ସୱେଲ ୭-୦-୪୫-୦
ଆଡାମ ଜାମ୍ପା ୬-୦-୫୦-୦
ମାର୍କସ ଷ୍ଟୋଇନିସ ୭-୦-୬୨-୨।

■ ଅଷ୍ଟ୍ରେଲିଆ ଇନିଂସ
ୱାର୍ନର-କ-ଭୁବନେଶ୍ୱର-ବୋ-ଚହଲ-୫୬
ଫିଞ୍ଚ୍-ରନଆଉଟ (କେଦାର/ହାର୍ଦ୍ଦିକ)-୩୬
ସ୍ମିଥ୍-ଏଲବିଡବ୍ଲ୍ୟୁ-ଭୁବନେଶ୍ୱର-୬୯
ଖ୍ୱାଜା-ବୋ-ବୁମ୍‌ରା-୪୨
ମାକ୍ସୱେଲ-କ-ଜାଡେଜା(ବଦଳ)-ବୋ-ଚହଲ-୨୮
ଷ୍ଟୋଇନିସ୍-ବୋ-ଭୁବନେଶ୍ୱର-୦
କାରେ-ନଟଆଉଟ-୫୫
କୁଲ୍‌ଟର ନାଇଲ-କ-କୋହଲି-ବୋ-ବୁମ୍‌ରା-୪
କୁମିନ୍ସ-କ-ଧୋନୀ-ବୋ-ବୁମ୍‌ରା-୮
ଷ୍ଟାର୍କ-ରନଆଉଟ-୩
ଜାମ୍ପା-କ-ଜାଡେଜା-ବୋ-ଭୁବନେଶ୍ୱର-୧
ଅତିରିକ୍ତ-୧୪
ମୋଟ (୫୦ଓଭର, ଅଲଆଉଟ ) ୩୧୬।
ଉଇକେଟ ପତନ: ୧/୬୧, ୨/୧୩୩, ୩/୨୦୨, ୪/୨୩୮, ୫/୨୩୮, ୬/୨୪୪, ୭/୨୮୩, ୮/୩୦୦, ୯/୩୧୩, ୧୦/୩୧୬।
ବୋଲିଂ (ଭାରତ)
ଭୁବନେଶ୍ୱର କୁମାର ୧୦-୦-୫୦-୩
ଯଶପ୍ରୀତ ବୁମ୍‌ରା ୧୦-୧-୬୧-୩
ହାର୍ଦ୍ଦିକ ପାଣ୍ଡ୍ୟା ୧୦-୦-୬୮-୦
କୁଲଦୀପ ଯାଦବ ୯-୦-୫୫-୦
ଯୁଜବେନ୍ଦ୍ର ଚହଲ ୧୦-୦-୬୨-୨
କେଦାର ଯାଦବ ୧-୦-୧୪-୦

# ନ୍ୟୁଜିଲାଣ୍ଡ ୭ ଉଇକେଟରେ ବିଜୟୀ

**ଟଣ୍ଟନ, ୯।୬ (ଏଏଫ୍‌ପି):** ଚଳିତ ବିଶ୍ୱକପ୍‌ର ୧୩ତମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଶନିବାର ୧୦୭ଟି ବଲ ବାକିଥାଇ ୭ ଉଇକେଟରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ସ୍ଥାନୀୟ କାଉଣ୍ଟି ଗ୍ରାଉଣ୍ଡରେ ଟସ୍ ଜିତି ନ୍ୟୁଜିଲାଣ୍ଡ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଆଫାଗାନିସ୍ତାନ ୪୧.୧ ଓଭରରେ ୧୭୨ ରନ କରି ଅଲଆଉଟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ୩୨.୧ ଓଭରରେ ୩ ଉଇକେଟ ହରାଇ ୧୭୩ ରନ କରି ବିଜୟୀ ହୋଇଛି। ଦଳ ତରଫରୁ ଅଧିନାୟକ କେନ୍ ୱିଲିୟମସନ ଅପରାଜିତ ୭୯, ରସ ଟେଲର ୪୮, କଲିନ ମୁନରୋ ୨୨ରନ କରିଥିବାବେଳେ ଟମ ଲଥାମ ୧୩ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଆଫଗାନିସ୍ତାନ ତରଫରୁ ଅଫତାବ ଆଲମ ୩ଟି ଯାକ ଉଇକେଟ ଅକ୍ତିଆର କରିଥିଲେ।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଆଫଗାନିସ୍ତାନ ନିୟମିତ ଅନ୍ତରରେ ଉଇକେଟ ହରାଇଥିଲା ଓ ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲା। ଦଳର ୭ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ଓପନର ହଜରତୁଲ୍ଲା ଜାଜାଇ ୩୪, ନୁର ଅଲି ଜଦ୍ରାନ ୩୧, ଆଫତାବ ଆଲମ ୧୪ ରନ କରି ଆଉଟ ହୋଇଥିଲେ। ତେବେ ଦଳ ତରଫରୁ ହଶମାତୁଲ୍ଲା ଶାହିଦି ସର୍ବାଧିକ ୫୯ ରନ ସଂଗ୍ରହ କରିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ପକ୍ଷରୁ ଜେମ୍ସ ନିଶାମ ସର୍ବାଧିକ ୫, ଲୋକି ଫର୍ଗୁଶନ ୪ ଓ କଲିନ୍ ଡି ଗ୍ରାଣ୍ଡହୋମ ଗୋଟିଏ ଉଇକେଟ ହାସଲ କରିଥିଲେ।

### ସଂକ୍ଷିପ୍ତ ସ୍କୋର

ଆଫଗାନିସ୍ତାନ ୪୧.୧ ଓଭରରେ ୧୭୨ ଅଲଆଉଟ୍ (ଶାହିଦି- ୫୯, ଜାଜାଇ- ୩୪, ଜଦ୍ରାନ- ୩୧, ଆଲମ- ୧୪, ନିଶାମ- ୫/୩୧, ଫର୍ଗୁସନ- ୪/୩୭,। ନ୍ୟୁଜିଲାଣ୍ଡ ୩୨.୧ ଓଭରରେ ୧୭୩/୩ (ୱିଲିୟମସନ- ୭୯*, ଟେଲର- ୪୮, ଆଲମ- ୩/୪୪)


ଆଇସିସି ବିଶ୍ୱକପ୍‌ରେ ଆଫଗାନିସ୍ତାନ ବିପକ୍ଷରେ ୫ ଉଇକେଟ ଅକ୍ତିଆର କରିଥିବା ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର ଜେମ୍ସ ନିଶାମ।

# ଖେଳାଳି, ଅଫିସିଆଲ, ଅମ୍ପାୟରଙ୍କ ଲାଗି ଡେବିଟ୍ କାର୍ଡ

**ଲଣ୍ଡନ,୯।୬(ପି.ଟି.)**

ଚଳିତ ଆଇସିସି ବିଶ୍ୱକପ୍‌କୁ ଦୁର୍ନୀତିମୁକ୍ତ କରିବା ଲାଗି ଇସିବି (ଇଂଲଣ୍ଡ ଆଣ୍ଡ୍ ୱେଲ୍ସ କ୍ରିକେଟ ବୋର୍ଡ) ପକ୍ଷରୁ ସମସ୍ତ ଖେଳାଳି, ଅଫିସିଆଲ, ଅମ୍ପାୟର ଏବଂ ମ୍ୟାଚ ରେଫରିମାନଙ୍କୁ ସ୍ୱତନ୍ତ୍ର ଡେବିଟ୍ କାର୍ଡ ଇସୁ କରାଯାଇଛି। ଟୁର୍ନାମେଣ୍ଟ ବେଳେ ଯଥାସମ୍ଭବ ଅର୍ଥ କାରବାରକୁ ଏଡାଇ ଡେବିଟ୍ କାର୍ଡର ବ୍ୟବହାର ଉପରେ ଗୁରୁତ୍ୱାରୋପ କରାଯାଇଛି। ମିଡିଆ ରିପୋର୍ଟ ଅନୁସାରେ, ଇସିବି ଜୁନ୍ ୬ରେ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ ଶେଷ ପର୍ଯ୍ୟନ୍ତ ଖେଳାଳିମାନଙ୍କୁ ସମସ୍ତ ପ୍ରକାର ପାଉଣା/ଭତ୍ତା ନଗଦ ଅର୍ଥ ଅବା ଚେକ୍ ଆକାରରେ ନ ଦେଇ ଡେବିଟ୍ କାର୍ଡରେ ଜମା କରିଛି। କାର୍ଡଟିର ବୈଧତା ଅଗଷ୍ଟ ପର୍ଯ୍ୟନ୍ତ ରହିବ। ଡେବିଟ୍ କାର୍ଡଟିକୁ ଶପିଂ, ପେମେଣ୍ଟ ଏବଂ ରେସ୍ତୋରାଁରେ ବ୍ୟବହାର କରାଯାଇପାରିବ। ଏପର୍ଯ୍ୟନ୍ତ ଆୟୋଜକ ଦେଶ ଖେଳାଳି ଏବଂ ଟିମ୍ ଅଫିସିଆଲମାନଙ୍କୁ ସେମାନଙ୍କ ଦୈନିକ ଭତ୍ତା ଏବଂ ଅନ୍ୟାନ୍ୟ ପେମେଣ୍ଟ ବାବଦ ଅର୍ଥକୁ ଟିମ୍ ମ୍ୟାନେଜରଙ୍କ ଜରିଆରେ ବାଣ୍ଟି ଆସୁଥିଲା। ଇଭେଣ୍ଟକୁ ଦୁର୍ନୀତିମୁକ୍ତ କରିବା ସହ ଖେଳାଳିମାନଙ୍କୁ ଅନିଚ୍ଛାକୃତ ବାହ୍ୟ ପ୍ରଲୋଭନରୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ଲ' ଏନ୍‌ଫୋର୍ସିଂ ଏଜେନ୍ସିଗୁଡ଼ିକର ସହଯୋଗରେ କିଛି ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି ବୋଲି ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ (ଆଇସିସି) କହିଛି। ରିପୋର୍ଟରେ କୁହାଯାଇଛି, ଡେବିଟ୍ କାର୍ଡର ବ୍ୟବହାର ଦ୍ୱାରା ଟୁର୍ନାମେଣ୍ଟ ବେଳେ ଆଇସିସିର ଦୁର୍ନୀତି ନିରୋଧୀ ଗୋଇନ୍ଦାମାନେ ଖେଳାଳି, ଟିମ୍ ଏବଂ ମ୍ୟାଚ ଅଫିସିଆଲଙ୍କ ଆର୍ଥିକ କାରବାର ଉପରେ ନଜର ରଖିପାରିବେ। ଆଇସିସିର ସ୍ୱୀକୃତିପ୍ରାପ୍ତ କ୍ରିକେଟ ବୋର୍ଡଗୁଡ଼ିକ ଏହି ଉଦ୍ୟମ ପ୍ରତି ସମର୍ଥନ ଜଣାଇଛନ୍ତି।

# ଦକ୍ଷିଣ ଆଫ୍ରିକା ଦୃଢ଼ ପ୍ରତ୍ୟାବର୍ତ୍ତନ କରିବ

**ଜ୍ୟାକ୍ କାଲିସ୍**

ଦକ୍ଷିଣ ଆଫ୍ରିକାର ପ୍ରଦର୍ଶନ ନେଇ ସମସ୍ତେ ନିରାଶ ଥିବେ। ସତ କଥା କହିବାକୁ ଗଲେ ଏହା ଠିକ୍ ଓ ବୋଧଗମ୍ୟ ମଧ୍ୟ। ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକା ତା'ର ପ୍ରଥମ ୩ଟି ମ୍ୟାଚ୍‌ରେ ଆଶାଠାରୁ କମ୍ ପ୍ରଦର୍ଶନ କରିଛି। କେବଳ ସେତିକି ନୁହଁ ଦକ୍ଷିଣ ଆଫ୍ରିକା ପ୍ରତ୍ୟାବର୍ତ୍ତନ କରିବାର ଆଶା ମଧ୍ୟ କମ୍। ଏହା ଦଳର ପ୍ରଦର୍ଶନରୁ ନୁହଁ, ଖେଳାଳିଙ୍କ ହାବଭାବରୁ ସ୍ପଷ୍ଟଭାବେ ପ୍ରତୀୟମାନ ହେଉଛି। କିନ୍ତୁ ମୁଁ ଦକ୍ଷିଣ ଆଫ୍ରିକ ଦଳ ସହ ପ୍ରତ୍ୟକ୍ଷଭାବେ ପାଖାପାଖି ଦେଢ ଦଶନ୍ଧି ଧରି ଜଡିତ ରହିଆସିଛି ଓ ଏହି ଦଳ ପୁରା ଢଙ୍ଗରେ ଦମ୍‌ଦାର ପ୍ରଦ୍ୟାବର୍ତ୍ତନ କରିବ ବୋଲି ଭଲଭାବେ ଜାଣିଛି। ବିଶ୍ୱବ୍ୟାପୀ କ୍ରିକେଟ ପ୍ରଶଂସକ ଦକ୍ଷିଣ ଆଫ୍ରିକା ଉପରୁ ଆଶା ଛାଡିଛନ୍ତି। ଦୁର୍ଭାଗ୍ୟଜନକ ଭାବେ ଦକ୍ଷିଣ ଆଫ୍ରିକାର କେତେକ ସମର୍ଥକ ଦଳର ପ୍ରତ୍ୟାବର୍ତ୍ତନ କରିବ ସେ ଆଶା ଛାଡିଦେଇଛନ୍ତି। ତେବେ ଫାଫ୍ ଡୁପ୍ଲେସିଙ୍କ ଦଳ ଦୃଢ ପ୍ରତ୍ୟାବର୍ତ୍ତନ କରିବ ବୋଲି ମୁଁ ଜୋର ଦେଇ କହୁଛି। ପୂର୍ବରୁ ମଧ୍ୟ ଦକ୍ଷିଣ ଆଫ୍ରିକା ଏଭଳି ପରିସ୍ଥିତିରେ ନିଜର ଦକ୍ଷତା ପ୍ରମାଣିତ କରିଛି। ପୁଣିଥରେ ଦକ୍ଷିଣ ଆଫ୍ରିକା ନିଜର ଶକ୍ତି ତଥା ସାମର୍ଥ୍ୟ ପ୍ରମାଣ କରିବ ବୋଲି ଆଶା ରଖିଛି।

ଦକ୍ଷିଣ ଆଫ୍ରିକା ଏବେ ସେମିଫାଇନାଲରେ ପହଞ୍ଚିବ ବୋଲି କହୁନାହିଁ। ତେବେ ସେମିକୁ ଉଠିବାର ସମ୍ଭାବନାକୁ ମଧ୍ୟ ଏଡାଇ ଦେଉନାହିଁ। ତେବେ ଯଦି ଦକ୍ଷିଣ ଆଫ୍ରିକା ଖୁବ୍‌ଶୀଘ୍ର ପ୍ରତ୍ୟାବର୍ତ୍ତନ ନ କରି ଜିତିବା ଆରମ୍ଭ ନ କରେ ତାହେଲେ ଆଶ୍ଚର୍ଯ୍ୟ ହେବି।

ଇତିମଧ୍ୟରେ କେତେକ ଦଳ ବେଶ୍ ଦୃଢ ତଥା ଶକ୍ତିଶାଳୀ ମନେ ହେଉଛନ୍ତି। ବିଶ୍ୱକପ୍ ଆରମ୍ଭରୁ ବେଶ୍ ଆକର୍ଷଣୀୟ ହୋଇପାରିଛି। ସାରା ବ୍ରିଟେନରେ ପ୍ରଥମ ୧୦ ଦିନ ଭ୍ରମଣ କରିଛି। ବ୍ରିଟେନ ଜନସଂଖ୍ୟାର କସ୍‌ମୋପଲିଟାନ ଆଚରଣ ବିଶ୍ୱକପ୍ ପାଇଁ ଅତି ଉଚ୍ଚକୋଟୀର ଦର୍ଶକ ସୃଷ୍ଟି କରିପାରିଛି। ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ସବୁ ୧୦ଟି ଦେଶର ପ୍ରଶଂସକ ବ୍ରିଟେନରେ ଏକାଠି ହୋଇଛନ୍ତି। ଏହି ପ୍ରଶଂସକମାନେ ବେଶ୍ ଉତ୍ସାହି ଓ ଜ୍ଞାନୀ ସ୍ୱଭାବର। ତେବେ ଅନ୍ୟ ଦେଶମାନଙ୍କଠାରୁ ଭାରତର ପ୍ରଶଂସକ ଅଧିକ ବୋଲି କେହି ଭୁଲିବା ଉଚିତ୍ ନୁହଁ। ଏପରି ଆୟୋଜକ ତଥା ଘରୋଇ ଇଂଲଣ୍ଡଠାରୁ ଭାରତର ପ୍ରଶଂସକ ବିଶ୍ୱକପ୍‌ରେ ଅଧିକ ବୋଲି ମୁଁ ଦେଖିପାରୁଛି। ଓଭାଲରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରୁ ଏହା ସ୍ପଷ୍ଟ ହୋଇଛି। ଷ୍ଟାଡିୟମରେ ୨୫ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ନୀଳ ଶାର୍ଟ ପିନ୍ଧିଥିଲେ। ଅର୍ଥାତ୍ ଷ୍ଟାଡିୟମରେ ୯୦ ପ୍ରତିଶତରୁ ଊର୍ଦ୍ଧ ଦର୍ଶକ ଭାରତକୁ ସମର୍ଥନ କରୁଥିଲେ। ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲା। ତାରକା ଓପନର ରୋହିତ ଶର୍ମା ଯେପରି ବ୍ୟାଟିଂ କଲେ ତାହା ପ୍ରଶଂସନୀୟ। ଧୈର୍ଯ୍ୟର ସହ ବ୍ୟାଟିଂ କରି ସେ ଉପଯୋଗୀ ଶତକ ହାସଲ କରିଥିଲେ ଓ ଭାରତ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହି ବିଜୟ ସହ ଭାରତ ୨ ପଏଣ୍ଟ ମଧ୍ୟ ହାସଲ କରିଥିଲା। ନ୍ୟୁଜିଲାଣ୍ଡ ଓ ୱେଷ୍ଟଇଣ୍ଡିଜ୍ ଭଳି ଅଷ୍ଟ୍ରେଲିଆ ମଧ୍ୟ ଶକ୍ତିଶାଳୀ ମନେହେଉଛି। ପାକିସ୍ତାନକୁ ଆଦୌ ହେୟ ମନେ କରିହେବ ନାହିଁ କିମ୍ବା ଅଣଦେଖା କରିହେବ ନାହିଁ। ଇଂଲଣ୍ଡ ଓ ଭାରତ ଫେଭରାଇଟ୍ ବୋଲି ଟୁର୍ନାମେଣ୍ଟ ଆରମ୍ଭରୁ କହିଛି।

**(ଗେମ୍ ପ୍ଲାନ୍/ ଟିଭାକ୍ ସ୍ପୋର୍ଟ୍ସ)**







## ସଂକ୍ଷେପରେ

### ଫିଡେ ରେଟିଂ ଚେସ୍: ସତ୍ୟଜିତ ଆଗୁଆ

**କଟକ ଅଫିସ,୯।୬:** ରେଭେନ୍ସା ବିଶ୍ୱବିଦ୍ୟାଳୟର ସେଭେନ ପିଲାର ଅଫ ୱିଜଡମ ଠାରେ ଟ୍ରିପଲ ସି ଚେସ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଫିଡ଼େ ରେଟିଂ(୧୬୦୦ରୁ କମ୍) ଚେସ୍‌ରେ ରବିବାର ୬ ରାଉଣ୍ଡ ଖେଳ ଶେଷ ହୋଇଛି । ଏଥିରେ ପଶ୍ଚିମବଙ୍ଗର ସତ୍ୟଜିତ ସରକାର ୬ ପଏଣ୍ଟ ପାଇ ଅଗ୍ରଣୀ ରହିଛନ୍ତି । କେ.ଆର ପ୍ରସଥ ଓ ଧୃମନ ମିତ୍ର ସମାନ ପଏଣ୍ଟ ପାଇ ଯଥାକ୍ରମେ ଦ୍ୱିତୀୟ ଓ ୩ୟ ସ୍ଥାନରେ ଅଛନ୍ତି। ଓଡ଼ିଶାର ପି.ସାଇରୂପା ୫.୫ ପଏଣ୍ଟ ପାଇ ୬ଷ୍ଠ ସ୍ଥାନରେ ଅଛନ୍ତି । ୯ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହେବ ।

### ୨୦୩୨ ଅଲିମ୍ପିକ୍ସ ବିଡ୍ ଦାଖଲ କରିବ ଭାରତ

**ବେଙ୍ଗାଲୁରୁ,୯।୬:** ୨୦୩୨ ଅଲିମ୍ପିକ୍ସ ପାଇଁ ଭାରତ ବିଡ୍ ଦାଖଲ କରିବାକୁ ନିଷ୍ପତ୍ତି ନେଇଛି। କେବଳ ମୁମ୍ବାଇ ଓ ନୂଆଦିଲ୍ଲୀ ନୁହେଁ ବରଂ ବେଙ୍ଗାଲୁରୁ ମଧ ଏହି ମେଗା ଇଭେଣ୍ଟ ଆୟୋଜନ କରିବ ବୋଲି ଭାରତୀୟ ଅଲିମ୍ପିକ୍ସ ଆସୋସିଏଶନ (ଆଇଓଏ) ସଭାପତି ନରିନ୍ଦର ବାତ୍ରା କହିଛନ୍ତି। ଅଲିମ୍ପିକ୍ସ ଭଳି ଇଭେଣ୍ଟ ଆୟୋଜନ କରିବା ଲାଗି ସହରରେ ଗୋଟିଏ ଅନ୍ତର୍ଜାତୀୟ ବିମାନବନ୍ଦର ଦରକାର। ଦେଶର କ୍ରୀଡ଼ା ରାଜଧାନୀ କୁହାଯାଉଥିବା ଭୁବନେଶ୍ୱରକୁ ମଧ ଏଥିନେଇ ଗୁରୁତ୍ୱ ଦିଆଯାଉଛି। ହେଲେ ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ସମୟ ରହିଛି। ୨୦୨୬ ୟୁଥ ଅଲିମ୍ପିକ୍ସ ଗେମ୍ସ ଆୟୋଜନ ଅଧିକାର ପାଇଁ ମଧ ବିଡ୍ ଦାଖଲ କରିବୁ। ଏହାବାଦ୍ ୨୦୩୦ ଏସିଆନ୍ ଗେମ୍ସ ଆୟୋଜନ ନିମନ୍ତେ ମଧ ଇଚ୍ଛା ପ୍ରକାଶ କରିଛୁ। ଏଣୁ ଭିତ୍ତିଭୂମି କାର୍ଯ୍ୟ ଶୀଘ୍ର ଶେଷ ହେବା ଦରକାର ବୋଲି ସେ ଏଠାରେ ଫିବା ଏସିଆ କପ୍ ବାସ୍କେଟବଲ ୨୦୨୧ ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟରେ ଯୋଗଦେଇ କହିଛନ୍ତି।

### ହରିୟାଣାର ବୃହତ ବିଜୟ

**କଟକ ଅଫିସ,୯।୬:** ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ(ଏଆଇଏଫ୍ଏଫ) ଆନୁକୂଲ୍ୟରେ କଟକରେ ଚାଲିଥିବା ସବ୍‌ଜୁନିୟର ବାଳିକା ଜାତୀୟ ଫୁଟବଲ ଚାମ୍ପିୟନଶିପର ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ ହରିୟାଣା ୨୨ ଗୋଲ ବ୍ୟବଧାନରେ ତ୍ରିପୁରାକୁ ପରାସ୍ତ କରିଛି । ବାରବାଟୀ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ହରିୟାଣା ଫରୱାର୍ଡ ପୁଷ୍ପା ଦେବୀ ସର୍ବାଧିକ ୯ଟି ଗୋଲ ସ୍କୋର କରିଥିଲେ ।

# ପୋଲାଣ୍ଡକୁ ହରାଇଲା ରୁଷିଆ

**ଭୁବନେଶ୍ୱର, ୯।୬(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ଏକ ମ୍ୟାଚରେ ରୁଷିଆ ୩-୨ ଗୋଲରେ ପୋଲାଣ୍ଡକୁ ପରାସ୍ତ କରିଛି। ଫଳରେ ୩ ମ୍ୟାଚରୁ ୬ ପଏଣ୍ଟ ସହିତ ରୁଷିଆ ପୁଲ୍'ଏ'ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏହି ଗ୍ରୁପରେ ଭାରତ ୨ ମ୍ୟାଚରୁ ୬ ପଏଣ୍ଟ ପାଇଥିବାରୁ ଶୀର୍ଷସ୍ଥାନ ବଜାୟ ରଖିଛି। ସୋମବାର ଭାରତ ଏହାର ଅନ୍ତିମ ଲିଗ୍ ମ୍ୟାଚରେ ୪୩ତମ ର୍‍ୟାଙ୍କପ୍ରାପ୍ତ ଉଜ୍‌ବେକିସ୍ତାନକୁ ଭେଟିବ। ଏହି ମ୍ୟାଚରେ ଉଜ୍‌ବେକିସ୍ତାନ ଯଦି ସେମିତି ବଡ଼ ଧରଣର ବିପର୍ଯ୍ୟୟ ସୃଷ୍ଟି ନ କରେ ତେବେ ଭାରତ ସେମିଫାଇନାଲରେ ପ୍ରବେଶ କରିବ। ଏ କ୍ଷେତ୍ରରେ ରୁଷିଆ ଓ ପୋଲାଣ୍ଡ କ୍ରସ୍‌ଓଭର ମ୍ୟାଚ ଖେଳିବେ। ପରିସଂଖ୍ୟାନ ଦୃଷ୍ଟିରୁ ଭାରତର ସେମିଫାଇନାଲ ପ୍ରବେଶ ଏକପ୍ରକାର ନିଶ୍ଚିତ ହୋଇଛି। କାରଣ ୬ ପଏଣ୍ଟ ପାଇଥିବା ଭାରତର ଗୋଲ ବ୍ୟବଧାନ +୧୨ ରହିଛି। ଅନ୍ୟପକ୍ଷରେ ରୁଷିଆର ଗୋଲ ବ୍ୟବଧାନ +୨ ରହିଛି। ତେଣୁ ଶେଷ ଲିଗ୍ ମ୍ୟାଚରେ ଉଜ୍‌ବେକିସ୍ତାନଠାରୁ କମ୍ ଗୋଲ ବ୍ୟବଧାନରେ ହାରିଲେ ମଧ ଭାରତ ସେମିଫାଇନାଲରେ ପ୍ରବେଶ କରିବାରେ କୌଣସି ଅସୁବିଧା ହେବନାହିଁ।

ରୁଷିଆ-ପୋଲାଣ୍ଡ ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଫଳସ୍ୱରୂପ ପ୍ରଥମ କ୍ୱାର୍ଟରେ ଖେଳ ଗୋଲଶୂନ୍ୟ ରହିଥିଲା। ଉଭୟ ଦଳ ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ ହେଁ ତାହାକୁ ଗୋଲରେ କନ୍‌ଭର୍ଟ କରିପାରି ନ ଥିଲେ। ଦ୍ୱିତୀୟ କ୍ୱାର୍ଟରେ ଆରମ୍ଭରେ ଅର୍ଥାତ୍ ମ୍ୟାଚର ୧୭ତମ ମିନିଟରେ ପାଭେଲ ଗୋଲୁବେଭ୍ ଏକ ଫିଲ୍ଡ ଗୋଲ ଦେଇ ରୁଷିଆକୁ ଅଗ୍ରଣୀ କରାଇଥିଲେ। ଏହି କ୍ୱାର୍ଟର ଶେଷ ହେବା ପାଇଁ ମାତ୍ର ୨ ମିନିଟ ଥିବାବେଳେ ୨୮ତମ ମିନିଟରେ ପୋଲାଣ୍ଡର ମାଟେଉଜ୍ ହୁଲ୍‌ବୋଜ୍ ଗୋଲଟି ପରିଶୋଧ କରିଦେଇଥିଲେ। ଫଳରେ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ମ୍ୟାଚ ୧-୧ ସ୍ଥିତିରେ ରହିଥିଲା।



ପୋଲାଣ୍ଡ ଓ ରୁଷିଆ ମଧ୍ୟରେ ରବିବାର ଖେଳାଯାଇଥିବା ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ ।



ପରାଜୟ ଗ୍ଲାନିରେ ମ୍ରିୟମାଣ ପୋଲାଣ୍ଡ ଖେଳାଳି।




ମୁଖ୍ୟ ଅତିଥି ବିଶାଳ ଦେବ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି ।

### ପଏଣ୍ଟ ଟେବୁଲ

| ଟିମ୍ | ଖେଳିଛି | ଜିତିଛି | ଡ୍ର | ହାରିଛି | ଗୋଲ ସ୍କୋର | ଗୋଲ ବରଣ | ବ୍ୟବଧାନ | ପଏଣ୍ଟ |
|---|---|---|---|---|---|---|---|---|
| **ପୁଲ୍-ଏ** | | | | | | | | |
| ଭାରତ | ୨ | ୨ | ୦ | ୦ | ୧୩ | ୧ | +୧୨ | ୬ |
| ରୁଷିଆ | ୩ | ୨ | ୦ | ୧ | ୧୫ | ୧୩ | +୨ | ୬ |
| ପୋଲାଣ୍ଡ | ୩ | ୧ | ୦ | ୨ | ୭ | ୬ | +୧ | ୩ |
| ଉଜ୍‌ବେକିସ୍ତାନ | ୨ | ୦ | ୦ | ୨ | ୧ | ୧୬ | -୧୫ | ୦ |
| **ପୁଲ୍'ବି'** | | | | | | | | |
| ଆମେରିକା | ୨ | ୨ | ୦ | ୦ | ୧୧ | ୦ | +୧୧ | ୬ |
| ଜାପାନ | ୨ | ୨ | ୦ | ୦ | ୫ | ୧ | +୪ | ୬ |
| ଦକ୍ଷିଣ ଆଫ୍ରିକା | ୨ | ୦ | ୦ | ୨ | ୧ | ୧୨ | -୧୧ | ୦ |
| ମେକ୍ସିକୋ | ୨ | ୦ | ୦ | ୨ | ୧ | ୧୨ | -୧୧ | ୦ |

### ଏଫ୍ଆଇଏଚ୍ ସିରିଜ ଫାଇନାଲ୍ସ

**ଆଜିର ମ୍ୟାଚ**

- ଆମେରିକା ବନାମ ଜାପାନ
  ସକାଳ ୮ଟା ୪୫
- ଦକ୍ଷିଣ ଆଫ୍ରିକା ବନାମ ମେକ୍ସିକୋ
  ଅପରାହ୍ନ ୫ଟା
- ଭାରତ ବନାମ ଉଜ୍‌ବେକିସ୍ତାନ
  ରାତି ୭ଟା

ତୃତୀୟ କ୍ୱାର୍ଟରରେ ଅଗ୍ରଣୀ ନେବା ପାଇଁ ମୁକାବିଲା ଜୋରଦାର ହୋଇଥିଲା। ଏହି କ୍ୱାର୍ଟର ଶେଷ ହେବା ପାଇଁ ଅଳ୍ପକିଛି ସେକେଣ୍ଡ ଥିବାବେଳେ ରୁଷିଆ ଖେଳାଳିଙ୍କ ବିପଜ୍ଜନକ ଖେଳ ପାଇଁ ପୋଲାଣ୍ଡକୁ ପେନାଲ୍ଟି ଷ୍ଟ୍ରୋକ୍ ଅଫର ଦିଆ ଯାଇଥିଲା। ଅଧିନାୟକ ପାୱେଲ ବ୍ରାଟ୍‌କୋୱସ୍କି ଏହାକୁ ଗୋଲରେ ପରିଣତ କରି ପୋଲାଣ୍ଡକୁ ଅଗ୍ରଣୀ କରାଇଥିଲେ। ଅନ୍ତିମ କ୍ୱାର୍ଟର ଖେଳ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ରୁଷିଆ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲା। ୫୬ ମିନିଟ ପର୍ଯ୍ୟନ୍ତ ଅଗ୍ରଣୀ ରହିଥିବାରୁ ପୋଲାଣ୍ଡ ବିଜୟୀ ହେବା ଆଶା କରାଯାଉଥିଲା। ମାତ୍ର ରୁଷିଆ ସହଜରେ ଛାଡ଼ିବାକୁ ପ୍ରସ୍ତୁତ ନ ଥିଲା। ଶେଷ ପର୍ଯ୍ୟାୟରେ ଦଳ ବଲ୍‌କୁ ପୋଲାଣ୍ଡ ଡି ଏରିଆ ମଧ୍ୟରେ ରଖି ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି ପାଇଁ ଉଦ୍ୟମ କରିଥିଲା। ୫୭ତମ ମିନିଟରେ ଦଳକୁ ପେନାଲ୍ଟି କର୍ନର ମିଳିଥିଲା। ସେମେନ ମାଟ୍‌କୋଭସ୍କି ଏହାକୁ ଗୋଲରେ ପରିଣତ କରିବାରୁ ମ୍ୟାଚ ୨-୨ ସ୍ଥିତିକୁ ଚାଲି ଆସିଥିଲା। ଏହାର ୨ ମିନିଟ ପରେ ଅର୍ଥାତ୍ ୫୯ତମ ମିନିଟରେ ଦଳକୁ ମିଳିଥିବା ଆଉ ଏକ ପେନାଲ୍ଟି କର୍ନରକୁ ପାଭେଲ ଗୋଲରେ ପରିଣତ କରି ରୁଷିଆକୁ ବିଜୟୀ କରାଇଥିଲେ। ମ୍ୟାଚକୁ ପ୍ରତ୍ୟାବର୍ତ୍ତନ ପାଇଁ ପୋଲାଣ୍ଡ ହାତରେ ଆଉ ପର୍ଯ୍ୟାପ୍ତ ସମୟ ନ ଥିଲା। ଚଳିତ ମ୍ୟାଚରେ ପାଭେଲଙ୍କର ଏହାଥିଲା ଦ୍ୱିତୀୟ ଗୋଲ। କ୍ରୀଡ଼ା ସଚିବ ବିଶାଳ ଦେବ ଅତିଥିଭାବେ ଯୋଗଦେଇ ରୁଷିଆର ଡବଲ ଗୋଲ ସ୍କୋରର ପାଭେଲ ଗୋଲୁବେଭ୍‌ଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

# ସେମିଫାଇନାଲ ଲକ୍ଷ୍ୟରେ ଭାରତ

**ଭୁବନେଶ୍ୱର,୯।୬(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍ଆଇଏଚ୍) ସିରିଜ ଫାଇନାଲ୍ସରେ ଫେଭରାଇଟ୍ ବିବେଚିତ ହେଉଥିବା ଆୟୋଜକ ଭାରତ ସୋମବାର ତା'ର ଅନ୍ତିମ ପୁଲ୍ ମ୍ୟାଚ୍‌ରେ ଅପେକ୍ଷାକୃତ ଦୁର୍ବଳ ଉଜ୍‌ବେକିସ୍ତାନକୁ ଭେଟିବ। ଏହି ମ୍ୟାଚ୍‌ରେ ବିଜୟୀ ହୋଇ ଭାରତ ସେମିଫାଇନାଲକୁ ଉଠିବା ଲକ୍ଷ୍ୟରେ ରହିଛି।

ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ ରୁଷିଆକୁ ୧୦-୦ ଗୋଲରେ ପରାସ୍ତ କରି ଅଭିଯାନ ଆରମ୍ଭ କରିଥିଲା। ଏହାପରେ ଦ୍ୱିତୀୟ ମ୍ୟାଚ୍‌ରେ ବିଶ୍ୱର ୫ ନମ୍ବର ଦଳ ଭାରତ ୩-୧ ଗୋଲରେ ୨୧ ନମ୍ବର ଦଳ ପୋଲାଣ୍ଡକୁ ପରାସ୍ତ କରିଥିଲା। ଏହି ଦୁଇଟି ବିଜୟ ସହ ଭାରତ ସର୍ବାଧିକ ପଏଣ୍ଟ ପାଇ ପୁଲ୍ ଏ'ର ଶୀର୍ଷ ସ୍ଥାନରେ ରହିଛି। ତେଣୁ ଉନ୍ନତ ଗୋଲ ବ୍ୟବଧାନ ସହିତ ଭାରତ ସ୍ୱତଃ ସେମିଫାଇନାଲକୁ ଉଠିବ ବୋଲି କୁହାଯାଇପାରେ। ତେବେ ଏଫ୍ଆଇଏଚ୍ ବିଶ୍ୱ ର୍‍ୟାଙ୍କିଙ୍ଗରେ ୪୩ ନମ୍ବର ସ୍ଥାନରେ ରହିଥିବା ଉଜ୍‌ବେକିସ୍ତାନକୁ ଆଦୌ ହାଲ୍‌କା ଭାବେ ଭାରତ ନେବ ନାହିଁ। ଆସନ୍ତା ଅକ୍ଟୋବର-ନଭେମ୍ବରରେ ଖେଳାଯିବାକୁ ଥିବା ଏଫ୍ଆଇଏଚ୍ ଅଲିମ୍ପିକ୍ସ କ୍ୱାଲିଫାୟରରେ ସ୍ଥାନ ପାଇବାକୁ ହେଲେ ଭାରତକୁ ସବୁ ମ୍ୟାଚ୍‌ରେ ବିଜୟୀ ହେବା ଆବଶ୍ୟକ।

ଦୁଇ ଦଳ ମଧ୍ୟରେ ସେତେଟା ପାର୍ଥକ୍ୟ ନାହିଁ। ତେଣୁ ର୍‍ୟାଙ୍କିଙ୍ଗ ସେତେଟା ଗୁରୁତ୍ୱ ବହନ କରୁନାହିଁ। ଦଳଗୁଡ଼ିକୁ ଠିକ୍ ଢଙ୍ଗରେ ସଜାଇ ରଖିବା ପାଇଁ ଏଫ୍ଆଇଏଚ୍ ର୍‍ୟାଙ୍କିଙ୍ଗ୍ ବ୍ୟବସ୍ଥା ଲାଗୁ କରିଛି ବୋଲି ଭାରତୀୟ କୋଚ୍ ଗ୍ରାହମ ରିଡ କହିଛନ୍ତି। ରୁଷିଆ ବିପକ୍ଷରେ ଭାରତ ଦମ୍‌ଦାର ପ୍ରଦର୍ଶନ କରିଥିଲେ ମଧ ପୋଲାଣ୍ଡ ବିପକ୍ଷରେ ଚମକହୀନ ବିଜୟ ହାସଲ କରିଥିଲା। ଫଳରେ ଭାରତର ପ୍ରଦର୍ଶନରେ ସ୍ଥିରତା ନ ଥିବା ଏକପ୍ରକାର ସ୍ପଷ୍ଟ ହୋଇଛି। ତେଣୁ ଭାରତ ପ୍ରଦର୍ଶନରେ ସ୍ଥିରତା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ପୋଲାଣ୍ଡ ବିପକ୍ଷରେ ଭାରତ ଏକାଧିକ ଗୋଲ ସୁଯୋଗ ସୃଷ୍ଟି କରିଥିଲେ ମଧ ଫରୱାର୍ଡ- ଲାଇନ୍ ଫିନିଶ କରିବାରେ ବିଫଳ ହୋଇଥିଲା। ଫଳରେ ଭାରତ ବାଜି ମାରିଥିଲେ ମଧ ବଡ଼ ବ୍ୟବଧାନରେ ବିଜୟୀ ହୋଇପାରି ନ ଥିଲା। ତେଣୁ ପ୍ରଦର୍ଶନରେ ସ୍ଥିରତା ଆଣିବା ମୋର ମୁଖ୍ୟ ଲକ୍ଷ୍ୟ ବୋଲି ରିଡ କହିଛନ୍ତି।

ଶ୍ରେଷ୍ଠ ସ୍ତରରେ କିପରି ଖେଳିବାକୁ ହୁଏ ତାହା ଅବଶ୍ୟ ଶିକ୍ଷା କରିବା ଆବଶ୍ୟକ। ପୁଣି ବିଜୟୀ ହେବା ସହ ଏହିଧାରାକୁ ବଜାୟ ରଖିବା ମଧ ଜାଣିବା ଆବଶ୍ୟକ ହୋଇଥାଏ। କାରଣ ସବୁ ଟୁର୍ନାମେଣ୍ଟର ଫାଇନାଲରେ ଆମେ ଅଷ୍ଟ୍ରେଲିଆକୁ ହିଁ ଭେଟିବୁ ଓ ଏହା ଆମର ମଧ ଲକ୍ଷ୍ୟ ବୋଲି ରିଡ କହିଛନ୍ତି। ପ୍ରତିପକ୍ଷ ଦଳ ଶ୍ରେଷ୍ଠ ହୋଇ ନ ଥିଲେ ମଧ ଭାରତ ହାଲ୍‌କା ଭାବେ ପ୍ରଦର୍ଶନ କରିବ ନାହିଁ। ଗତ ଦୁଇଟି ମ୍ୟାଚ୍‌ରେ ରିଡ ଦୁଇ ଗୋଲକିପର ପି.ଆର. ଶ୍ରୀଜେଶ୍ ଓ କ୍ରିଷନ ବାହାଦୁର ପାଠକଙ୍କୁ ୪ଟି କ୍ୱାର୍ଟରରେ ଅଦଳବଦଳ କରି ଖେଳାଇଛନ୍ତି। ଫଳରେ ଦୁଇ ଗୋଲକିପରଙ୍କୁ ଖେଳିବାର ଅଧିକ ସୁଯୋଗ ମିଳିଛି। ତେବେ ଦୁଇଜଣ ଏପର୍ଯ୍ୟନ୍ତ ପ୍ରକୃତ ପରୀକ୍ଷାର ସମ୍ମୁଖୀନ ହୋଇପାରିନାହାନ୍ତି। ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ଅଧିନାୟକ ମନପ୍ରୀତ ସିଂ ଓ ନୀଳକାନ୍ତ ଶର୍ମା ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ମିଡଫିଲ୍ଡ ଦାୟିତ୍ୱରେ ରହିବା ସହ ଏମାନେ ଗୋଲ ସ୍କୋର କରିବାକୁ ସକ୍ଷମ ହୋଇଛନ୍ତି। ତେବେ ଭାରତୀୟ ଷ୍ଟ୍ରାଇକରମାନେ ଆଶାନୁରୂପ ପ୍ରଦର୍ଶନ କରିପାରି ନାହାନ୍ତି। ଏ ନେଇ କୋଚ୍ ରିଡ୍ ନିଶ୍ଚିତ ଭାବେ ଚିନ୍ତିତ ଥିବେ। ତେଣୁ ଆକାଶଦୀପ ସିଂ, ମନଦୀପ ସିଂ ଓ ଦୀର୍ଘଦିନରେ ଫିଟ୍ ହୋଇ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ରମନଦୀପ ସିଂଙ୍କୁ ଅଧିକ ଦାୟିତ୍ୱର ସହ ଖେଳିବାକୁ ହେବ। ତେଣୁ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିବାକୁ ହେଲେ ଖେଳାଳିମାନଙ୍କୁ ଅଧିକ ଦାୟିତ୍ୱର ସହ ପ୍ରଦର୍ଶନ କରିବାକୁ ହେବ।

ଟୁର୍ନାମେଣ୍ଟର ନିୟମ ଅନୁସାରେ ପ୍ରତ୍ୟେକ ପୁଲ୍‌ର ଦୁଇଟି ଶ୍ରେଷ୍ଠ ଦଳ ସେମିଫାଇନାଲକୁ ସିଧାସଳଖ ପ୍ରବେଶ କରିବେ। ତେବେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିବାକୁ ଥିବା ଦଳଗୁଡ଼ିକୁ ସେମିଫାଇନାଲରେ ସ୍ଥାନ ହାସଲ କରିବାକୁ ହେଲେ କ୍ରସ୍- ଓଭର ମ୍ୟାଚ୍ ଖେଳିବାକୁ ହେବ। ସୋମବାର ଖେଳାଯିବାକୁ ଥିବା ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଆମେରିକା ଏସିଆନ ଚାମ୍ପିୟନ ଜାପାନକୁ ପୁଲ୍ ବି'ରେ ଭେଟିବ।

### ଭାରତ-ବୁଲ୍‌ଗେରିଆ ମ୍ୟାଚ ଡ୍ର

**ନୂଆଦିଲ୍ଲୀ, ୯।୬ (ପି.ଟି.)**

ସେଣ୍ଟପିଟର୍ସବର୍ଗଠାରେ ଚାଲିଥିବା ଗ୍ରାନାଟକିନ୍ ମେମୋରିଆଲ ୧୯ ବର୍ଷରୁ କମ୍ ଫୁଟବଲ ଟୁର୍ନାମେଣ୍ଟରେ ଭାରତ ରବିବାର ଏହାର ଅନ୍ତିମ ଗ୍ରୁପ୍ ମ୍ୟାଚ ବୁଲଗେରିଆ ବିପକ୍ଷରେ ଖେଳିଥିଲା। ଆକାଶ ମିଶ୍ରଙ୍କ ହେଡର ଜରିଆରେ ଭାରତ ଏହି ମ୍ୟାଚକୁ ୧-୧ ଗୋଲ୍‌ରେ ଅମୀମାଂସିତ ରଖିଛି। ଗ୍ରୁପ୍ ପର୍ଯ୍ୟାୟରେ ଭାରତ ୩ ମ୍ୟାଚ ଖେଳି ମାତ୍ର ୧ ପଏଣ୍ଟ ଅର୍ଜନ କରିପାରିଛି।

### ବାର୍ଟିଙ୍କୁ ଆଇସିସିର ଶୁଭେଚ୍ଛା

**ଦୁବାଇ,୯।୬**

ଦୀର୍ଘ ୪୬ ବର୍ଷର ବ୍ୟବଧାନ ପରେ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ ଓପନ ଟାଇଟଲ ହାତେଇଥିବା ପ୍ରଥମ ଅଷ୍ଟ୍ରେଲିଆନ ଆସ୍‌ଲ ବାର୍ଟିଙ୍କୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ଶୁଭେଚ୍ଛା ଦିଆଯାଇଛି। ତୁମେ କ୍ରିକେଟରୁ ଆଥ୍‌ଲେଟଙ୍କୁ ନେଇପାରିବ। ହେଲେ ଉକ୍ତ ଆଥ୍‌ଲେଟଙ୍କଠାରୁ କ୍ରିକେଟ ଦୂରେଇ ପାରିବ ନାହିଁ। ଫ୍ରେଞ୍ଚ ଓପନ ଜିତିବା ପାଇଁ ବାର୍ଟିଙ୍କୁ ଅନେକ ଅନେକ ଶୁଭେଚ୍ଛା ବୋଲି ଆଇସିସି ପକ୍ଷରୁ ଟୁଇଟ୍ କରାଯାଇଛି। ଉଲ୍ଲେଖଥାଉ କି, ବାର୍ଟି ୨୦୧୪ରୁ ୨୦୧୬ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆର ମହିଳା ବିଗ୍ ବାଶ ଲିଗ୍ (ବିବିଏଲ)ରେ ଖେଳିଥିଲେ। ସେ ବ୍ରିସ ବେନ ହିଟ୍ ପାଇଁ ୯ ମ୍ୟାଚ୍ ଖେଳି ୬୮ ରନ୍ କରିଥିଲେ। ବିବିଏଲ ବ୍ୟତୀତ କୁଇନ୍ସଲାଣ୍ଡ ପାଇଁ ପ୍ରଥମ ଶ୍ରେଣୀ କ୍ରିକେଟ୍ ମଧ ଖେଳିଥିଲେ। କିନ୍ତୁ ୨୦୧୬ରେ ସେ ପୁଣି ଟେନିସକୁ ଫେରିବାକୁ ନିଷ୍ପତ୍ତି ନେଇଥିଲେ।

### ମ୍ଲାଡେନୋଭିଚ୍‌ଙ୍କୁ ଦ୍ୱିତୀୟ ଫ୍ରେଞ୍ଚ୍ ଓପନ ଟାଇଟଲ

**ପ୍ୟାରିସ, ୯।୬**

ଫ୍ରାନ୍ସର କ୍ରିଷ୍ଟିନା ମ୍ଲାଡେନୋଭିଚ୍ ଦ୍ୱିତୀୟ ଥର ଫ୍ରେଞ୍ଚ ଓପନ୍ ମହିଳା ଡବଲ୍ସ ଟାଇଟଲ ଜିତିଛନ୍ତି। ରବିବାର ଏଠାରେ ଅନୁଷ୍ଠିତ ଫାଇନାଲରେ ସେ ଏବଂ ହଙ୍ଗେରୀର ତାଙ୍କ ପାର୍ଟନର ଟିମିଆ ବାବୋସ ୬-୨, ୬-୩ ସେଟ୍‌ରେ ଚାଇନିଜ୍ ଅଣସିଡ୍ ଯୋଡ଼ି ଡୁଆନ୍ ୟିଙ୍ଗ୍‌ୟିଙ୍ଗ୍ ଏବଂ ଝେଙ୍ଗ ସାଇସାଇଙ୍କୁ ପରାସ୍ତ କରି ସେମାନଙ୍କ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ପୂର୍ବରୁ ଏହି ଯୋଡ଼ି ୨୦୧୮ରେ ଅଷ୍ଟ୍ରେଲିଆନ ଓପନ ଜିତିଥିଲେ। ଚଳିତ ବର୍ଷ ଆରମ୍ଭରେ ବାବୋସ ଏବଂ ମ୍ଲାଡେନୋଭିଚ୍ ମେଲବୋର୍ନଠାରେ ରନର୍ସଅପ୍ ହୋଇଥିଲେ। ମ୍ଲାଡେନୋଭିଚ୍ ୨୦୧୬ରେ କାରୋଲିନ୍ ଗାର୍ସିଆଙ୍କ ସହିତ ତାଙ୍କ ପ୍ରଥମ ଫ୍ରେଞ୍ଚ୍ ଓପନ ଟାଇଟଲ ଜିତିଥିଲେ। ଆସନ୍ତା ଡବଲ୍ସ ର୍‍ୟାଙ୍କିଙ୍ଗରେ ସେ ଶୀର୍ଷ ସ୍ଥାନରେ ରହିବେ। ସୂଚନାଯୋଗ୍ୟ, ମ୍ଲାଡେନୋଭିଚ୍‌ଙ୍କ ବୟ ଫ୍ରେଣ୍ଡ୍ ହେଉଛନ୍ତି ଟେନିସ ଖେଳାଳି ଡୋମିନିକ୍ ଥିମ୍।



ଫ୍ରେଞ୍ଚ ଓପନ୍ ମହିଳା ଡବଲ୍ସ ଟାଇଟଲ ବିଜୟିନୀ କ୍ରିଷ୍ଟିନା ମ୍ଲାଡେନୋଭିଚ୍ ଏବଂ ଟିମିଆ ବାବୋସ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ସୋମବାର, ଜୁନ୍ ୧୦ /୨୦୧୯ Rayagada, Monday, June 10/ 2019

## ଆଧାର କାର୍ଡ ପାଇଁ କଟିଥିବା ଭତ୍ତା ମିଳୁନି



ଚିତ୍ରକୋଣ୍ଡା,୯।୬ (ଡି.ଏନ.ଏ. )- ଚିତ୍ରକୋଣ୍ଡା ବ୍ଲକ ବଦପଡା ପଞ୍ଚାୟତର ବଡପୁଟ ଗ୍ରାମର ଗୁରୁ ଖରା (୬୯)। ବହୁ କଷ୍ଟରେ ଭଙ୍ଗା କୁଡିଆରେ ଚଳୁଛନ୍ତି। ସେ ପୂର୍ବରୁ ବାର୍ଦ୍ଧକ୍ୟ ଭତ୍ତା ପାଇ ଆସୁଥିଲେ ସେତେବେଳେ ତାଙ୍କର ଆଧାର କାର୍ଡ ନ ଥିଲା। ଆଧାର କାର୍ଡ ଲିଙ୍କ କରିବାକୁ କହି ପିଇଓ ଗୁରୁଙ୍କ ଭତ୍ତା କାଟି ଦେଇଥିଲେ। ଏବେ ଗୁରୁଙ୍କୁ ଗତ ୨ ବର୍ଷ ହେଲା ଆଧାର କାର୍ଡ ମିଳିଲାଣି। ମାତ୍ର ସେ ପାଇ ଆସୁଥିବା ଭତ୍ତା ଦେବା ଲାଗି ପିଇଓ ଆଉ ବ୍ୟବସ୍ଥା କରୁନାହାନ୍ତି। ୩ବର୍ଷ ବିତିଲାଣି। ବ୍ଲକ କର୍ତ୍ତୃପକ୍ଷଙ୍କ ଦୃଷ୍ଟି କରାଯାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଗ୍ରାମ୍ୟ ପାଇପ ଜଳ ଯୋଗାଣ ପ୍ରକଳ୍ପ ଫେଲ

- ଜଳକଷ୍ଟ ଭୋଗୁଛନ୍ତି ଲୋକେ
- ପାଇପ ଜଳ ଯୋଗାଣ ପ୍ରକଳ୍ପ ଅଚଳ
- ମାଟିବନ୍ଧ ପ୍ରକଳ୍ପ ଯୋଜନାରୁ ମିଳୁନି ସୁଫଳ

ଚିତ୍ରକୋଣ୍ଡା,୯।୬(ଡି.ଏନ.ଏ.

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ଚିତ୍ରକୋଣ୍ଡା ସହର ଏବଂ ଦୋରାଗୁଡା ପଞ୍ଚାୟତର ଦୋରଗୁଡା ଓ ଆରଏସସି-୬ ଗ୍ରାମ ସହ ଅନ୍ୟ କେତେକ ଗ୍ରାମରେ ପାଇପ ଯୋଗେ ହୋଇଥିବା ଜଳ ଯୋଗାଣ ବ୍ୟବସ୍ଥା ଫେଲ ମାରିଛି। ଫଳରେ ଲୋକେ ମୁନ୍ଦେ ପାନୀୟ ଜଳ ପାଇଁ ଜଳକଷ୍ଟ ଭୋଗୁଛନ୍ତି। ଗତ ୨୦୧୩-୨୦୧୪ରୁ ଉପରୋକ୍ତ ଅଞ୍ଚଳରେ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ଲାଗି ବ୍ୟବସ୍ଥା ହୋଇଥିଲା। ଗୋଟିଏ ପ୍ରକଳ୍ପ ପାଇଁ ୩୪ ଲକ୍ଷ ୨୭ ହଜାର ଟଙ୍କା ବ୍ୟୟ କରାଯିବାକୁ ସ୍ଥିର ହୋଇଥିଲା। ଏନେଇ ୩୦ହଜାର ହଜାର ଲିଟର ବିଶିଷ୍ଟ ପାଣି ଟାଙ୍କି କରାଯାଇ ଗ୍ରାମମାନଙ୍କରେ ଘର ଘରକୁ ପାଇପ ଯୋଗେ ଜଳ ଯୋଗାଣ ଯୋଜନା କରାଯାଇଥିଲା। ମାତ୍ର ଗୋଟେ ଦୁଇଟି ଗ୍ରାମ ବ୍ୟତୀତ ପ୍ରାୟ ଅଧିକାଂଶ ସ୍ଥାନରେ ପ୍ରସ୍ତାବିତ ପ୍ରକଳ୍ପ ଅଚଳ ହୋଇପଡିଛି। ଲୋକେ ଏଯାଏ ପାଇପ ଯୋଗେ ପାନୀୟ ଜଳ ପାଇପାରିନାହାନ୍ତି। ଏପରିକି ଚିତ୍ରକୋଣ୍ଡା ସହର ଏବଂ ବସ୍ତିବାସିନ୍ଦାଙ୍କ ପାଇଁ ଆରଡବ୍ଲ୍ୟୁଏସଏସ ଦ୍ୱାରା ୨ କୋଟି ୩୯ ଲକ୍ଷ ଟଙ୍କା ବ୍ୟୟରେ ଚିତ୍ରକୋଣ୍ଡା ନୀଳକଣ୍ଠେଶ୍ୱର ମନ୍ଦିର ନିକଟରେ ୨ଲକ୍ଷ ଲିଟର ବିଶିଷ୍ଟ ପାଣି ଟାଙ୍କି ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇନାହିଁ। କଲୋନୀ, ବସ୍ତି ଏବଂ ସହରରେ ୧୦ ଘର ପିଛା ପାଇପ ଯୋଗେ ଜଳ ଯୋଗାଣ ଲାଗି ଏକ ପଏଣ୍ଟ ରହିଛି। ଏହି ପଏଣ୍ଟରେ ସବୁଦିନ ପାଣି ଆସୁନାହିଁ। ୨/୪ଦିନ ପାଣି ଆସିଲେ ମାସମାସ ଧରି ବନ୍ଦ ରହୁଛି। ସେହିପରି ବଡପଦର ପଞ୍ଚାୟତ କମାରଗୁଡ଼ାଠାରେ ଏକ ପ୍ରକଳ୍ପ କରାଯାଇଛି। ତାହା ମଧ ଅଚଳ ହୋଇ ପଡିରହିଛି। ଅନ୍ୟପକ୍ଷରେ ଚିତ୍ରକୋଣ୍ଡା ସହରର କଲୋନୀ ବାସିନ୍ଦାଙ୍କୁ ଜଳ ଯୋଗାଣ ଲାଗି ମାଟିବନ୍ଧ ଯୋଜନା ହୋଇଥିଲା। ଏହା ମଧ ଲୋକଙ୍କ ଆବଶ୍ୟକତା ପୂରଣରେ ବିଫଳ ହେଉଛି । ବାଲିମେଳା-ଚିତ୍ରକୋଣ୍ଡା ମାଟିବନ୍ଧ ପ୍ରକଳ୍ପ ଯୋଜନାରେ ଚିତ୍ରକୋଣ୍ଡା ସହର ତଥା କଲୋନୀ ଅଞ୍ଚଳରେ ୨ ଦିନରେ ଥରେ ଜଳଯୋଗାଣ ହେଉଥିଲେ ମଧ ଦୁର୍ବଳ ପାଇପ ଲାଇନ ଯୋଗୁ କେବେ ଲୋକଙ୍କ ଘରକୁ ପାଣି ଆସୁଛି ତ କେବେ ନାହିଁ। ପ୍ରଶାସନ ଚିତ୍ରକୋଣ୍ଡା ଅଞ୍ଚଳକୁ ନିୟମିତ ଜଳ ଯୋଗାଣ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।



ଅଚଳ ହୋଇପଡିଥିବା ପାନୀୟଜଳ ପ୍ରକଳ୍ପ ।

## ନବ ନିର୍ବାଚିତ ନବରଙ୍ଗପୁର ଏମପିଙ୍କୁ ସମ୍ବର୍ଦ୍ଧନା

# ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେବି



ଏମପିଙ୍କୁ ସ୍ଥାନୀୟ ଲୋକେ ସମ୍ବର୍ଦ୍ଧିତ କରୁଛନ୍ତି।

ମାଲକାନଗିରି/ପଡିଆ/ କାଲିମେଳା, ୯।୬ (ଡି.ଏନ.ଏ.)

ନବରଙ୍ଗପୁର ଲୋକସଭା ନିର୍ବାଚନ ମଣ୍ଡଳୀର ନୂତନ ଭାବେ ନିର୍ବାଚିତ ହୋଇଥିବା ଏମପି ରମେଶ ଚନ୍ଦ୍ର ମାଝିଙ୍କୁ ମାଲକାନଗିରି ଜିଲାରେ ରବିବାର ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ରବିବାର ସେ ମାଲକାନଗିରିର ଜିଲା ଗସ୍ତରେ ଆସଥିବା ବେଳେ ବିଜେଡି ଜିଲା ସଭାପତି ମାନସ ମାଡ଼କାମି, ସମ୍ପାଦକ ପ୍ରୀତପାଲ ସିଂ, ପୂର୍ବତନ ବିଧାୟକ ମୁକୁନ୍ଦ ସୋଡ଼ି, ବରିଷ୍ଠ ନେତା ଶରତ ଚନ୍ଦ୍ର ବୁରୁଦା, ବ୍ଲକ ଅଧକ୍ଷ ଅକ୍ଷୟ ନାୟକଙ୍କ ସମେତ ବହୁ ଦଳୀୟ କର୍ମୀ ଓ ଜନସାଧାରଣ ତାଙ୍କୁ ସ୍ୱାଗତ ଜଣାଇଥିଲେ । ଏହି ଅବସରରେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲା । ସ୍ୱର୍ଦ୍ଧନା ଅବସରରେ ଏମପି ମାଝି କହିଛନ୍ତି ଯେ, ଲୋକେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କଂଗ୍ରେସ ଅଧକ୍ଷ ରହୁଲ ଗାନ୍ଧିଙ୍କୁ ଅଗ୍ରାହ୍ୟ କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବରଙ୍ଗପୁର ଜିଲା ସହ ଏହି ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ମାଲକାନଗିରି ଜିଲା ପାଇଁ ଅନେକ ଲୋକାଭିମୁଖୀ ଯୋଜନା କରିଛନ୍ତି। ଫଳରେ ଲୋକେ ପୁଣି ବିଜେଡି ଉପରେ ବିଶ୍ୱାସ କରି ଦଳକୁ କ୍ଷମତାସୀନ କରିଛନ୍ତି। ମାଲକାନଗିରି ଜିଲାର ବିକାଶ ପାଇଁ ସେ ଚେଷ୍ଟା କରିବା ସହ ଜିଲାରେ ଯେଉଁ ସମସ୍ତ ବିକାଶମୂଳକ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡ଼ିଛି ସେଗୁଡ଼ିକ କିଭଳି ଶେଷ କରାଯିବ ସେଥିପ୍ରତି ସେ ଗୁରୁତ୍ୱ ଦେବେ ବୋଲି ମାଝି କହିଛନ୍ତି । ଜିଲାର ଗ୍ରାମାଞ୍ଚଳର ସମସ୍ୟା ସମାଧାନ ଲୋକଙ୍କୁ ପାନୀୟ ଜଳ, ରାସ୍ତା ଘାଟ, ଶିକ୍ଷା ଓ ସ୍ୱାସ୍ଥ୍ୟସେବା କିପରି ମିଳିପାରିବ ସେଥିପ୍ରତି ସେ ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଛନ୍ତି। ପରେ ମାଝି ମାଲକାନଗିରିରୁ ବାହାରି କାଲିମେଳା ଏବଂ ପଡିଆ ବ୍ଲକ ଅଞ୍ଚଳ ଗସ୍ତ କରିଥିଲେ । ଏହି ସମୟରେ ରାସ୍ତାରେ ବିଭିନ୍ନ ଗ୍ରାମ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ପଡିଆ ବ୍ଲକରେ ଏମପି ମାଝି ପହଁଞ୍ଚିବା ପରେ ବ୍ଲକର ପୂର୍ବତନ ଏମପି ପ୍ରତିନିଧି ନାକାନୁକାଲ ରାଜୁ , ଜିନ୍ନାମ ରବି କୁମାର, ଏସ.କେ. କାଦର , ଏସ.ଶ୍ରୀନୁ , କେ.କେ. ସଫିକ୍, ଗୋପାଳ କୃଷ୍ଣ ପଣ୍ଡା ଏମପିଙ୍କୁ ପାଛୋଟି ନେଇ ସମ୍ବର୍ଦ୍ଧିତ କରିଥିଲେ ।

ମାଲକାନଗିରି ଗସ୍ତ ଅବସରରେ କାଲିମେଳାରେ ଏମପି ମାଝିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶତାଧିକ କର୍ମୀ ତାଙ୍କୁ ସ୍ଥାନୀୟ ହାଟପଦାଠାରୁ ଏକ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ। ଜିଲା ବିଜେଡି ସଭାପତି ମାନସ ମାଡକାମି, ସ୍ୱତନ୍ତ୍ର ପରିଷଦର ଅଧକ୍ଷ ଆଡମା ରାବା, ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି, କାମରାଜ କବାସୀ, ଜିଲା ସମ୍ପାଦକ ପ୍ରଭାକର ପ୍ରଧାନ, ଜିଲା କାର୍ଯ୍ୟକାରୀ ସଭାପତି ଗଣେଶ ମଣ୍ଡଳ, କାଲିମେଳା ବ୍ଲକ ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ବିଶ୍ୱାଳ, ଜିଲା ସମ୍ପାଦକ ଦିଲୀପ ବିଶ୍ୱାସ, ରୁଦ୍ର ପାତ୍ରଜିଲା ଯୁବ ସଭାପତି ଅନୁପ ମିସ୍ତ୍ରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଆଖି ବୁଜି ଦେଇଛି ପ୍ରଶାସନ

# ରାସ୍ତା କାର୍ଯ୍ୟରେ ନିୟୋଜିତ ହେଉଛନ୍ତି ଶିଶୁ ଶ୍ରମିକ

ମାଲକାନଗିରି, ୯।୬ (ଡି.ଏନ.ଏ.)- ଶିଶୁ ମାନଙ୍କ ସୁରକ୍ଷା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କୌଣସି ଶିଶୁ ଯେପରି ସମାଜରେ ଅବହେଳିତ ନ ହୁଅନ୍ତି ସେଥିପାଇଁ ଶ୍ରମ ବିଭାଗ, ଶିଶୁମଙ୍ଗଳ ସମିତି, ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଚାଇଲ୍ଡ ଲାଇନ କାର୍ଯ୍ୟ କରୁଛି। ଏହା ସତ୍ତ୍ୱେ ଶିଶୁ ଶ୍ରମିକ ରୂପେ କାର୍ଯ୍ୟ କରୁଛନ୍ତି। କେତେକ ଠିକାଦାର ଛାତ୍ରୀଛାତ୍ରଙ୍କୁ ରାସ୍ତା ତିଆରି ସହ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରୁଥିବା ଦେଖିବାକୁ ମିଳୁଛି। ମାଲକାନଗିରି ଜିଲାର ମାଥିଲି ଅଞ୍ଚଳରେ ଏଭଳି ଏକ ଘଟଣା ଏବେ ଦୃଷ୍ଟିକୁ ଆସୁଛି। ମାଥିଲି ବ୍ଲକର ଦଳପତିପୁଟଠାରୁ ମାଝିଗୁଡା ଗ୍ରାମକୁ ଏକ ରାସ୍ତା ନିର୍ମାଣ ଚାଲିଛି। ଏଥିରେ ୯ରୁ୧୨ ବର୍ଷର ଛାତ୍ରୀଛାତ୍ରଙ୍କୁ ନିୟୋଜିତ କରାଯାଉଥିବା ଅଭିଯୋଗ ହେଉଛି। ଏହି ଶିଶୁମାନେ କୁର୍ଟନିପାଲି ପଞ୍ଚାୟତ ମାଝିଗୁଡା ଗ୍ରାମର ବୋଲି ଜଣାପଡିଛି। ତେବେ ରାସ୍ତା କାମରେ ନିୟୋଜିତ ଏହି ଶିଶୁମାନଙ୍କୁ ପଚାରିବାରୁ ବିଦ୍ୟାଳୟ ଛୁଟି ହୋଇଛି। ଘରେ ବସି କ'ଣ କରିବୁ, କିଛି କାମ କରିଦେଲେ ଯାହା ଟଙ୍କା ମିଳିବ ସେଥିରେ ପୋଷାକ କିଣିବୁ ବୋଲି ପ୍ରକାଶ କରିଛନ୍ତି। ତେବେ ଜିଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଇ ପଦକ୍ଷେପ ନେବାକୁ ଦାବି ହେଉଛି। ଏ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏପରି ଅଭିଯୋଗ ତାଙ୍କ ନିକଟରେ କେହି କରିନାହାନ୍ତି। ତେବେ ଘଟଣା ନେଇ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ।



ଶିଶୁମାନେ ରାସ୍ତାକାମରେ ନିୟୋଜିତ ହୋଇଛନ୍ତି ।

# ଶିଳ୍ପ ତାଲିମ କେନ୍ଦ୍ରର ବାର୍ଷିକ ଉତ୍ସବ

ମାଲକାନଗିର,୯।୬(ଡି.ଏନ୍.ଏ.)

ମାଲକାନଗିରି ସଦର ମହକୁମାସ୍ଥିତ ସରକାରୀ ଶିଳ୍ପ ତାଲିମକେନ୍ଦ୍ରର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ତାଲିମକେନ୍ଦ୍ରର ଅଧକ୍ଷ ଇଂ. ରାଜେଶ ତ୍ରିପାଠୀଙ୍କ ଅଧକ୍ଷତାରେ ହୋଇଥିବା ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲିମେଳା ଜଳବିଦ୍ୟୁତ ପ୍ରକଳ୍ପର ସାଧାରଣ ପରିଚାଳକ ଶିବପ୍ରସାଦ ପଣ୍ଡା, ସମାଜସେବୀ ତପନ କୁମାର ସାନା, ପଲି ଟେକ୍ନିକ୍ ମହାବିଦ୍ୟାଳୟର ଅଧକ୍ଷ ଗଦାଧର ମହାରଣା, ମାଥିଲି ଶିଳ୍ପ ଅନୁଷ୍ଠାନର ଅଧକ୍ଷ ପ୍ରସନ ବେହେରା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ବର୍ତ୍ତମାନ ସମୟରେ ଶିଳ୍ପ ତାଲିମର ଗୁରୁତ୍ୱ ରହିଛି। ଏହି ତାଲିମ ନେଇ ଛାତ୍ରୀଛାତ୍ରମାନେ ଆତ୍ମନିର୍ଭରଶୀଳ ହୋଇ ପାରିବେ। ପୂର୍ବରୁ ଆଇଟିଆଇ କିମ୍ବା ଅନ୍ୟ ବୈଷୟିକ ଶିକ୍ଷା ପାଇଁ ଜିଲା ବାହାରକୁ ଯିବାକୁ ପଡୁଥିଲା। ବର୍ତ୍ତମାନ ସେ ସମୟ ନାହିଁ। ମାଲକାନଗିରି ଜିଲାରେ ୨ଟି ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ରହିଛି। ଛାତ୍ରୀଛାତ୍ରମାନେ ଏହି ଶିକ୍ଷା ପ୍ରତି ଆଗ୍ରହ ପ୍ରକାଶ କଲେ ସେମାନେ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି ଅବସରରେ ଚଳିତ ବର୍ଷ ସଫଳତା ହାସଲ କରଥିବା ଛାତ୍ରୀଛାତ୍ର ଏବଂ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ଉତ୍ସବକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ -ତଥାଗତ ସତପଥୀ